# ନିତିଦିନ NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • | ₹ 6/-

www.nitidin.com | twitter.com/nitidintoday | facebook.com/nitidintoday

FRIDAY 6 FEBRUARY 2026

ଶୁକ୍ରବାର ୬ ଫେବୃଆରୀ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 261 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୨୬୧ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର


## ନିଜକୁ ଗୁଳି ମାରିଲେ କନ୍‌ଷ୍ଟେବଲ

**ନୟାଗଡ଼, ୫।୨/ଏନ୍‌ଏନ୍‌ଏସ୍:**



ନୟାଗଡ଼ ରିଜର୍ଭ ପୁଲିସରେ କାର୍ଯ୍ୟ କରୁଥିବା ଏପିଆର କନଷ୍ଟେବଲ ସୁନୀଲ ସେଠୀ(୨୭) ନିଜ ସର୍ଭିସ ପିସ୍ତଲରୁ ଗୁଳି ଚଳାଇ ଆତ୍ମହତ୍ୟା କରିଛନ୍ତି। ୨୦୨୩ରେ ପୁଲିସ ବିଭାଗରେ ନିଯୁକ୍ତି ପାଇଥିଲେ ସୁନୀଲ। ତାଙ୍କ ଘର ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ବାହାଡ଼ାଖୋଲା ପଞ୍ଚାୟତ ଅନ୍ତର୍ଗତ ବେରୁଆବାରି ଗାଁରେ। ଆଜି ସକାଳେ ସୁନୀଲଙ୍କ ଗୁଳିବିଦ୍ଧ ମୃତଦେହ ପୁଲିସ ବାରାକର ଛାତ ଉପରେ ପଡ଼ିଥିଲା। ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ ନୟାଗଡ଼ ଏସ୍‌ପି ଏସ୍ ସୁଶ୍ରୀ ଓ ଅନ୍ୟ ପୁଲିସ ଅଧିକାରୀ। ଏନେଇ ନୟାଗଡ଼ ଏସ୍‌ପି କହିଛନ୍ତି ଏପିଆର କନଷ୍ଟେବଲ ସୁନୀଲ ସେଠୀ ତାଙ୍କ ସର୍ଭିସ ପିସ୍ତଲରୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି। ଘଟଣାସ୍ଥଳର ଯାଞ୍ଚ କରାଯାଇଛି। ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ▶▶ ୫

## ବଦଳିବ ୭ ଜିଲ୍ଲାର ଇଂରାଜୀ ନାମ

**ଭୁବନେଶ୍ୱର,୫।୨/ଏନ୍‌ଏନ୍‌ଏସ୍:**

ଖୁର୍ଦ୍ଧା ନୁହେଁ ଖୋରଧା। ଦେଓଗର ନୁହେଁ ଦେବଗଡ଼। ବାଲାଶୋର ନୁହେଁ ବାଲେଶ୍ୱର। ବଦଳିବ ୭ ଜିଲ୍ଲାର ଇଂରାଜୀ ବନାନ। ରାଜ୍ୟର ୨୪ ଟି ସ୍ଥାନର ଇଂରାଜୀ ନାମର ହେବ ସଂଶୋଧନ। ଏଥିପାଇଁ ପ୍ରକାଶ ପାଇଛି ରାଜସ୍ୱ ବିଭାଗର ବିଜ୍ଞପ୍ତି। ୧୧ଟି ଜିଲ୍ଲାର ୨୪ଟି ସ୍ଥାନରେ ନାମରେ ଓଡ଼ିଆ ଉଚ୍ଚାରଣ ଅନୁଯାୟୀ ଇଂରାଜୀରେ ବନାନ ସଂଶୋଧନ ପାଇଁ ନିଷ୍ପତ୍ତି ନିଆଯାଇଛି। ଯେମିତି ଖୁର୍ଦ୍ଧା ନୁହେଁ ଖୋରଧା, ଦେଓଗର ନୁହେଁ ଦେବଗଡ଼, ବାଲାଶୋର ନୁହେଁ ବାଲେଶ୍ୱର, କେଉଁଝର ନୁହେଁ କେନ୍ଦୁଝର, ନୟାଗର ନୁହେଁ ନୟାଗଡ଼ , କେନ୍ଦ୍ରାପରା ନୁହେଁ କେନ୍ଦ୍ରାପଡ଼ା । ସେହିପରି ଆଲ, ରେରାଖୋଲ, ଆଠଗରର ଇଂରାଜୀ ବନାନର ବି ସଂଶୋଧନ ହେବ। ୧୫ ଦିନ ମଧ୍ୟରେ ଏସବୁ ନାମର ସଂଶୋଧନ ନେଇ କୌଣସି ଆପତ୍ତି ଅଭିଯୋଗ ଥିଲେ ଜଣାଇବାକୁ କୁହାଯାଇଛି। ଅଭିଯୋଗ ଶୁଣାଣି ପରେ ଇଂରାଜୀ ନାମରେ ସଂଶୋଧନ ନେଇ ବିଧିବଦ୍ଧ ବିଜ୍ଞପ୍ତି ବାହାରିବ। ସରକାରଙ୍କ ଏହି ନିଷ୍ପତ୍ତି ପରେ ଇଂରାଜୀ ▶▶ ୫

### ମମତା ପୋଡିଆମିଙ୍କ ଆତ୍ମସମର୍ପଣ

## ନକ୍ସଲ୍‌ମୁକ୍ତ ହେଲା କୋରାପୁଟ ଜିଲ୍ଲା

**ଜୟପୁର, ୫।୨/ଏନ୍‌ଏନ୍‌ଏସ୍:**



କୋରାପୁଟ ପୁଲିସ ନିକଟରେ ଗୁରୁବାର ମହିଳା ନକ୍ସଲ ମମତା ପୋଡିଆମି ଓରଫ ମମିତା ଓରଫ ସୋନି ଆତ୍ମସମର୍ପଣ କରିଛନ୍ତି। ଏହା ସହିତ ଆଜିଠାରୁ କୋରାପୁଟ ଜିଲ୍ଲା ନକ୍ସଲ ମୁକ୍ତ ହୋଇଛି। ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କନୱର ବିଶାଳ ସିଂହ ଏହି ଘୋଷଣା କରିଛନ୍ତି। କୋରାପୁଟ ପୁଲିସ ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ରିଲିଜ୍‌ରେ କୁହାଯାଇଛି ଯେ କୋରାପୁଟରେ ଅବସ୍ଥାପିତ ଦକ୍ଷିଣପଶ୍ଚିମାଞ୍ଚଳ ▶▶ ୫

### କୋଇଲା ଖଣିରେ ବିସ୍ଫୋରଣ

# ୧୮ ଶ୍ରମିକ ମୃତ



**ଶିଲଂ, ୫।୨/ଏଜେନ୍ସି:**

ଗୁରୁବାର ମେଘାଳୟର ପୂର୍ବ ଜୈନ୍ତିଆ ହିଲ୍ସ ଜିଲ୍ଲାର ଥାଙ୍ଗସ୍କୋ ଅଞ୍ଚଳରେ ଏକ ଅବୈଧ ର୍ୟାଟ୍ ହୋଲ୍ କୋଇଲା ଖଣିରେ ଏକ ଭୟଙ୍କର ତଥା ପ୍ରଚଣ୍ଡ ବିସ୍ଫୋରଣ ହୋଇଛି। ଏଥିରେ ପ୍ରାୟ ୧୮ ଶ୍ରମିକ ପ୍ରାଣ ହରାଇଥିବା ଭଳି ଅତ୍ୟନ୍ତ ଦୁଃଖଦ ଖବର ସାମ୍ନାକୁ ଆସିଛି। ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ଆଇ. ନୋଙ୍ଗ୍‌ରାଙ୍ଗ୍‌ଙ୍କ ଅନୁଯାୟୀ, ଅନେକ ଶ୍ରମିକ ଏବେ ବି ଖଣି ଭିତରେ ଫସି ରହିଥିବା ଆଶଙ୍କା କରାଯାଉଛି। ସୁତରାଂ ଏମାନଙ୍କୁ ଉଦ୍ଧାର ପ୍ରକ୍ରିୟାକୁ ଜୋରଦାର କରାଯାଇଛି।

**ଅନେକ ଫସିଥିବା ଆଶଙ୍କା**

ଶ୍ରୀ ନୋଙ୍ଗରାଙ୍ଗ୍ କହିଛନ୍ତି, ଖଣି ଖନନ କାର୍ଯ୍ୟ ଚାଲିଥିବା ସମୟରେ ହିଁ ଏହି ବିସ୍ଫୋରଣ ଘଟିଥିବା ନେଇ ପୁଲିସ୍‌କୁ ସୂଚନା ମିଳିଥିଲା। ଘଟଣାସ୍ଥଳରେ ପହଞ୍ଚିବା ପରେ ପୁଲିସ୍ ଟିମ୍ ପ୍ରାଥମିକ ଛାନ୍‌ବିନ୍ କରିବା ପରେ ଏହି ଘଟଣାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ପ୍ରାଥମିକ ତଦନ୍ତରୁ ଏହା ଏକ ଅବୈଧ କୋଇଲା ଖଣି ବୋଲି ଜଣାପଡିଛି। ଏଠାରେ ବେଆଇନ୍ ▶▶ ୫

### ଆମ ସାଥୀ ହ୍ୱାଟ୍ସଆପ୍ ଚାଟ୍ ବଟ୍ ବ୍ୟବସ୍ଥାର ଲୋକାର୍ପଣ

# ସହଜ ହେଲା ରାଜସ୍ୱ ସେବା

**ଭୁବନେଶ୍ୱର,୫।୨/ଏନ୍‌ଏନ୍‌ଏସ୍:**



- ରେଜିଷ୍ଟ୍ରେସନ୍ ସେବା କ୍ଷେତ୍ରରେ ବ୍ୟାପକ ସଂସ୍କାର ଆସିଛି
- ୫୭ ନୂଆ ସବ୍-ରେଜିଷ୍ଟ୍ରେସନ୍ ଅଫିସ୍ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ
- ସବୁ ତହସିଲ୍‌ରେ ଖୋଲିଲା ସବ୍-ରେଜିଷ୍ଟ୍ରେସନ୍ କାର୍ଯ୍ୟାଳୟ
- ଭାଗଚାଷୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଉପରେ ନିଷ୍ପତ୍ତି ଖୁବ୍‌ଶୀଘ୍ର

ଏଣିକି ସହଜ ହେଲା ରାଜସ୍ୱ ସେବା। ଜମିଜମା ସଂକ୍ରାନ୍ତୀୟ କାମ ପାଇଁ ଆଉ ଲୋକଙ୍କୁ ଜିଲ୍ଲା ମୁଖ୍ୟାଳୟକୁ ଯିବାକୁ ପଡ଼ିବ ନାହିଁ। ସରକାରଙ୍କ ପାଖକୁ ଲୋକେ ବି ଆସିବେ ନାହିଁ। ସରକାର ଯିବେ ଲୋକଙ୍କ ପାଖକୁ। ତେଣୁ ସମସ୍ତ ତହସିଲ୍‌ରେ ସବ୍-ରେଜିଷ୍ଟ୍ରେସନ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ କରି ଆମେ ଏ କ୍ଷେତ୍ରରେ ଏକ ମାଇଲଷ୍ଟୋନ୍ ହାସଲ କରିଛୁ। ଉଭୟ ତହସିଲ୍ ଓ ରେଜିଷ୍ଟ୍ରେସନ କାର୍ଯ୍ୟାଳୟ ଉତ୍ତମ ସମନ୍ୱୟ ରଖି କାର୍ଯ୍ୟକରି ପାରିବେ। ରେଜିଷ୍ଟ୍ରେସନ ପରେ ମ୍ୟୁଟେସନ ପଟ୍ଟା ସହଜରେ ହେବା ସହିତ, ରେଜିଷ୍ଟ୍ରେସନ୍ କ୍ଷେତ୍ରରେ ପାରଦର୍ଶିତା ବଢ଼ିବ ଓ ମଧ୍ୟସ୍ଥଙ୍କ ହସ୍ତକ୍ଷେପ ଆଉ ରହିବ ନାହିଁ। ଗୁରୁବାର ରାଜ୍ୟର ୧୭ଟି ଜିଲ୍ଲାର ୫୬ଟି ତହସିଲ୍‌ରେ ୫୭ଟି ନୂଆ ସବ୍-ରେଜିଷ୍ଟ୍ରେସନ୍ କାର୍ଯ୍ୟାଳୟ ଉଦ୍‌ଘାଟନ କରି ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ସେ କହିଛନ୍ତି ଯେ, ଆଜିଠାରୁ ରାଜ୍ୟର ସମସ୍ତ ୩୧୭ଟି ତହସିଲ୍‌ରେ ସବ୍-ରେଜିଷ୍ଟ୍ରେସନ୍ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହୋଇଛି। ଏଥିରେ କଟକ ତହସିଲ୍ ଅଧିନରେ ଏକ ଅତିରିକ୍ତ ସବ୍‌ରେଜିଷ୍ଟ୍ରେସନ୍ କାର୍ଯ୍ୟାଳୟ ମଧ୍ୟ ରହିଛି। ରାଜସ୍ୱ ସେବା ପ୍ରଦାନ ପାଇଁ କାର୍ଯ୍ୟକ୍ଷମ ଥିବା ହ୍ୱାଟ୍ସଆପ୍ ଚାଟ୍ ବଟ୍‌ରେ ଆଉ ୧୧ଟି ପ୍ରମୁଖ ରାଜସ୍ୱ ସେବାକୁ ସାମିଲ୍ କରାଯାଇଛି। ଏଣିକି ଜନସାଧାରଣ ହ୍ୱାଟ୍ସଆପ୍ ନଂ-୯୪୩୭୨୯୨୦୦୦ ନମ୍ବର ଜରିଆରେ ମ୍ୟୁଟେସନ କେସ୍, କୃଷି ଜମି କିସମ ପରିବର୍ତ୍ତନ, ବାସିନ୍ଦା ପ୍ରମାଣ ପତ୍ର, ଜାତି ପ୍ରମାଣ ପତ୍ର, ଆୟ ପ୍ରମାଣ ପତ୍ର, ଜନଜାତି ପ୍ରମାଣ ପତ୍ର, ଓବିସି ପ୍ରମାଣପତ୍ର, ଏସ୍‌ଇବିସି ପ୍ରମାଣପତ୍ର, ଲିଗାଲ୍‌ହେୟାର ପ୍ରମାଣପତ୍ର, ଇନ୍‌କମ୍ ଆଣ୍ଡ ଆସେଟ୍ ପ୍ରମାଣପତ୍ର, ଗାଡିଆନ୍‌ସିପ୍ ପ୍ରମାଣପତ୍ର ଭଳି ୧୧ଟି ଗୁରୁତ୍ୱପୂର୍ଣ୍ଣ ସେବାକୁ ତହସିଲ୍ କାର୍ଯ୍ୟାଳୟକୁ ନଯାଇ ହ୍ୱାଟ୍ସଅପ ମାଧ୍ୟମରେ ଦରଖାସ୍ତ କରି ହ୍ୱାଟ୍ସଆପ୍ ନମ୍ବରରେ ପାଇପାରିବେ।

ରାଜସ୍ୱ ପ୍ରଶାସନ ସେବା କ୍ଷେତ୍ରରେ ସଂସ୍କାର ଆଣି ଏହାକୁ ସରଳ ଓ ବ୍ୟବସ୍ଥିତ କରିଥିବାରୁ ମୁଖ୍ୟମନ୍ତ୍ରୀ ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ▶▶ ୫

### ପ୍ରାକ୍ ବଜେଟ୍ ପରାମର୍ଶ ଗ୍ରହଣ କଲେ ମୁଖ୍ୟମନ୍ତ୍ରୀ

# ଏଥର ହେବ 'ଲୋକଙ୍କ ବଜେଟ୍'

**ଭୁବନେଶ୍ୱର,୫।୨/ଏନ୍‌ଏନ୍‌ଏସ୍:**



ଆମ ସରକାର ହେଉଛି ଲୋକଙ୍କ ସରକାର। ଆମ ପାଇଁ ଲୋକଙ୍କ ସ୍ୱର ହେଉଛି ଭଗବାନଙ୍କ ସ୍ୱର। ତେଣୁ ସରକାରଙ୍କ ବଜେଟ ପ୍ରସ୍ତୁତ ପ୍ରକ୍ରିୟା ଏବେ ସଚିବାଳୟରୁ ବାହାରି ଲୋକଙ୍କ ପାଖକୁ ଯାଇଛି।

**ଯୋଗଦେଲେ ବିଭିନ୍ନ କ୍ଷେତ୍ରର ୫୦ରୁ ଉର୍ଦ୍ଧ୍ୱ ବିଶେଷଜ୍ଞ**

ଜନସାଧାରଣଙ୍କ ଠାରୁ ସେମାନଙ୍କ ବହୁମୂଲ୍ୟ ମତାମତ ଆହ୍ୱାନ କରି ଅନୁଧ୍ୟାନ ଓ ତର୍ଜମା ପରେ ବଜେଟରେ ସ୍ଥାନିତ କରାଯାଉଛି। ଏହା ସବୁ ଦୃଷ୍ଟିରୁ ୨୦୨୬-୨୭ ବଜେଟ 'ଲୋକଙ୍କ ବଜେଟ' ହେବ। ଗୁରୁବାର ପ୍ରାକ୍ ବଜେଟ ପରାମର୍ଶ ସଭା ଅବସରରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଲୋକସେବା ଭବନ କନ୍‌ଭେନସନ୍ ହଲ ଠାରେ ଆୟୋଜିତ ପ୍ରାକ୍ ବଜେଟ ପରାମର୍ଶ ସଭା ବୈଠକରେ ମୁଖ୍ୟମନ୍ତ୍ରୀ ବିଶେଷଜ୍ଞ, ନାଗରିକ ସମାଜ ଓ ବିଭିନ୍ନ କ୍ଷେତ୍ରର ପ୍ରତିନିଧିମାନଙ୍କ ସହିତ ପ୍ରାକ୍ ବଜେଟ ପରାମର୍ଶ ଆଲୋଚନା କରିଛନ୍ତି। ନିକଟରେ ଆରମ୍ଭ ହୋଇଥିବା ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଜନମତରୁ ସଂଗ୍ରହ କରାଯାଇଥିଲା। ଆହୁରି ମଧ୍ୟ ଆଗକୁ କାର୍ଯ୍ୟକାରୀ ହେବାକୁ ଥିବା ଶ୍ରୀ ଜଗନ୍ନାଥ ଦର୍ଶନ କାର୍ଯ୍ୟକ୍ରମ, କଟକ-ଭୁବନେଶ୍ୱର-ପାରାଦୀପ-ପୁରୀ ଅର୍ଥନୈତିକ କରିଡର୍ ପରିକଳ୍ପନା ଜନମତରୁ ଆସିଛି। ଜନମତ ଆଧାରରେ ନୀତି, ଯୋଜନା କାର୍ଯ୍ୟକ୍ରମରେ ମଧ୍ୟ ଆବଶ୍ୟକୀୟ ପରିବର୍ତ୍ତନ ▶▶ ୫

### ଆଇଏଏସ୍‌ସ୍ତରରେ ଅଦଳବଦଳ

# ଦେଓରଞ୍ଜନଙ୍କୁ ଖଣି ଓ ଇସ୍ପାତ ବିଭାଗର ଅତିରିକ୍ତ ଦାୟିତ୍ୱ

**ଭୁବନେଶ୍ୱର,୫।୨/ଏନ୍‌ଏନ୍‌ଏସ୍:**





ବରିଷ୍ଠ ଆଇଏଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ ହୋଇଛି। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଥିବା ଦେଓ ରଞ୍ଜନ କୁମାର ସିଂଙ୍କୁ ଯୋଜନା ଓ ସଂଯୋଜନା ବିଭାଗ ସହ ଖଣି ଓ ଇସ୍ପାତ ବିଭାଗର ଅତିରିକ୍ତ ଦାୟିତ୍ୱ

**ଅରବିନ୍ଦଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ**

**ବିଷ୍ଣୁପଦ କେବିକେ ମୁଖ୍ୟ ପ୍ରଶାସକ**

ମିଳିଥିବାବେଳେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କୁ ସାଧାରଣ ପ୍ରଶାସନ ବିଭାଗ ସହ ସଂସଦୀୟ ବ୍ୟାପାର ବିଭାଗରେ ଅତିରିକ୍ତ ଦାୟିତ୍ୱ ମିଳିଛି। କୃଷି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ନୂଆ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେବେ। ସେ ପୂର୍ବପରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦାୟିତ୍ୱରେ ବି ରହିବେ। ଗୁରୁବାର ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପ୍ରକାଶ ବିଜ୍ଞପ୍ତି ପ୍ରକାଶ ପାଇଛି। ବରିଷ୍ଠ ଆଇଏଏସ୍ ବିଷ୍ଣୁପଦ ସେଠୀ ଓଡ଼ିଶା ବନ ଉନ୍ନୟନ ନିଗମ ଅଧ୍ୟକ୍ଷ ହୋଇଥିବାବେଳେ କେବିକେ ମୁଖ୍ୟ ପ୍ରଶାସକ ଭାବେ ସେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କୁ ନିଜ ବିଭାଗ ସହ ଇଡ୍‌କୋ ଅଧ୍ୟକ୍ଷା ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଅରୁମୁଗମଙ୍କୁ ଶ୍ରମ ଓ ନିୟୋଜନ ବିଭାଗ ସହ ଗୋପବନ୍ଧୁ ଏକାଡେମୀ ମହାନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ପ୍ରମୁଖ ଶାସନ ସଚିବ ସୁରେଶ କୁମାର ▶▶ ୫

### ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

## ଚଳଚ୍ଚିତ୍ର 'ଗୋଦାନ' ଟାକ୍ସ ଫ୍ରି

**ଭୁବନେଶ୍ୱର,୫।୨/ଏନ୍‌ଏନ୍‌ଏସ୍:**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱରସ୍ଥିତ ତାଙ୍କ ସରକାରୀ ବାସଭବନରେ ହିନ୍ଦୀ ଫିଚର ଫିଲ୍ମ 'ଗୋଦାନ'ର ପ୍ରିମିୟର୍ ଦେଖିବା ସହ ଏହି ଚଳଚ୍ଚିତ୍ରକୁ ସାରା ରାଜ୍ୟରେ 'ଟାକ୍ସ ଫ୍ରି' ବୋଲି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହା ମଧ୍ୟ ଘୋଷଣା କରିଥିଲେ ଯେ ଓଡ଼ିଶାରେ ଖୁବ ଶୀଘ୍ର ଗୋ-ଅନୁସନ୍ଧାନ କେନ୍ଦ୍ର ସ୍ଥାପନା କରାଯିବ।

ଚଳଚ୍ଚିତ୍ର ଦେଖିବା ସମୟରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ 'ଗୋଦାନ' ଏକ ସମ୍ପୂର୍ଣ୍ଣ ପାରିବାରିକ ଚଳଚ୍ଚିତ୍ର, ଯାହା ପିଲାମାନଙ୍କୁ ପିତାମାତାଙ୍କ ସହ ଯୋଡ଼ି ରଖିବା ସହ ସନାତନ ଧର୍ମର ମୂଲ୍ୟବୋଧ ବୁଝାଇବାର ଏକ ଦୃଢ଼ ବାର୍ତ୍ତା ଦେଉଛି। ମୁଖ୍ୟମନ୍ତ୍ରୀ ଚଳଚ୍ଚିତ୍ରର ବିଷୟବସ୍ତୁ ଏବଂ ସାମାଜିକ ମୂଲ୍ୟବୋଧ, ସାଂସ୍କୃତିକ ପରମ୍ପରା ଏବଂ ପାରିବାରିକ ନୀତିକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ଗୋଦାନ ଭଳି ପ୍ରାସଙ୍ଗିକ ସିନେମା ସାମାଜିକ ସଚେତନତା ସୃଷ୍ଟି ଏବଂ ସାଂସ୍କୃତିକ ବୁଝାମଣାକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ୬ ଫେବୃଆରୀରେ ▶▶ ୫

### ରାଜ୍ୟସଭାରେ ବିରୋଧୀଙ୍କ ଉପରେ ବର୍ଷିଲେ ପ୍ରଧାନମନ୍ତ୍ରୀ

# କଂଗ୍ରେସ କେବଳ 'ମୋଦୀ କବର'ର ସ୍ୱପ୍ନ ଦେଖୁଛି



**ନୂଆଦିଲ୍ଲୀ, ୫।୨/ଏଜେନ୍ସି:**

ବଜେଟ୍ ଅଧିବେଶନର ସପ୍ତମ ଦିନରେ ମଧ୍ୟ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଓ ହୋହଲ୍ଲା ମଧ୍ୟରେ ଲୋକସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ପାରିତ ହୋଇଛି। ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି ଲୋକସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜ ଭାଷଣ ରଖିବା ବିନା ହିଁ ଧନ୍ୟବାଦ ପ୍ରସ୍ତାବ ପାରିତ ହୋଇଛି। ଫଳରେ ୨୦୦୪ ପରେ ପ୍ରଧାନମନ୍ତ୍ରୀଙ୍କ ଭାଷଣ ବିନା ହିଁ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ପ୍ରସ୍ତାବ ସଂସଦରେ ଗୃହୀତ ହେବା ପ୍ରଥମ ଥର ପାଇଁ ଦେଖିବାକୁ ମିଳିଛି। ପୂର୍ବରୁ, ଜୁନ୍ ୧୦, ୨୦୦୪ରେ

**ହଟ୍ଟଗୋଳ ସତ୍ତ୍ୱେ ଲୋକସଭାରେ ଧନ୍ୟବାଦ ପ୍ରସ୍ତାବ ଗୃହୀତ**

ବିରୋଧୀ ଦଳ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କୁ ଧନ୍ୟବାଦ ପ୍ରସ୍ତାବ ଉପରେ କହିବାରୁ ବାରଣ କରିଥିଲେ। ଏହାସତ୍ତ୍ୱେ ଏହି ପ୍ରସ୍ତାବ ପାରିତ ହୋଇଥିଲା। ଆଜି ଉକ୍ତ ଘଟଣାର ପୁନରାବୃତ୍ତି ହୋଇଛି। ତେବେ ଲୋକସଭାରେ ନିଜ ଭାଷଣ ରଖିପାରିନଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ରାଜ୍ୟସଭାରେ କିନ୍ତୁ ଧନ୍ୟବାଦ ପ୍ରସ୍ତାବ ଉପରେ ନିଜ ଅଭିଭାଷଣ ରଖିଥିଲେ। ଗୁରୁବାର ରାଜ୍ୟସଭାରେ ଧନ୍ୟବାଦ ପ୍ରସ୍ତାବ ଉପରେ ପ୍ରାୟ ୯୭ ମିନିଟ୍ ଭାଷଣ ଦେଇଥିଲେ। ବିରୋଧୀ ସାଂସଦମାନେ ଭାଷଣ ଆରମ୍ଭରେ ହଟ୍ଟଗୋଳ କରିଥିଲେ କିନ୍ତୁ ପ୍ରଧାନମନ୍ତ୍ରୀ ନିଜ ଭାଷଣ ଜାରି ରଖିବାରୁ ସେମାନେ ଗୃହ ପରିତ୍ୟାଗ କରି ଚାଲିଯାଇଥିଲେ।

ମୋଦୀ ନିଜ ଭାଷଣରେ ବିରୋଧୀ ବିଶେଷକରି କଂଗ୍ରେସକୁ ତୀବ୍ର ସମାଲୋଚନା କରିଛନ୍ତି। ମୋଦୀ କହିଛନ୍ତି, ସଂସଦରେ ଏପ୍ରକାର ହଟ୍ଟଗୋଳ କରିବା, ଗୃହକାର୍ଯ୍ୟକୁ ବାଧାପ୍ରାପ୍ତ କରାଇବା ବିରୋଧୀଙ୍କ ପାଇଁ ଏକ ସ୍ୱଭାବଗତ ଆଚରଣ ପାଲଟିଛି। କିନ୍ତୁ ଏପରି କରି ସେମାନେ ଦେଶବାସୀଙ୍କ ପାଖରେ ନିଜକୁ ଉପହାସର ପାତ୍ର ସଜାଉଛନ୍ତି। ସେମାନେ ଏପରି କରିବା ଦ୍ୱାରା କେବଳ ରାଷ୍ଟ୍ରପତିଙ୍କୁ ଅପମାନିତ କରୁଛନ୍ତି ତାହାନୁହେଁ ବରଂ ଦେଶବାସୀଙ୍କ କଷ୍ଟ ଉପାର୍ଜିତ ଅର୍ଥକୁ ମଧ୍ୟ ନଷ୍ଟ କରୁଛନ୍ତି। ବିରୋଧୀଙ୍କ ପାଖରେ କୌଣସି ଭିଜନ୍ ବା ଦୂରଦୃଷ୍ଟି ନାହିଁ, କୌଣସି ଦେଶ ହିତ ଉଦ୍ଦେଶ୍ୟ ସାଧିତ ଯୋଜନା ନାହିଁ। କଂଗ୍ରେସ କେବଳ ମୋଦୀ କବର ପାଇଁ ହିଁ ସ୍ୱପ୍ନ ଦେଖୁଛି। କିନ୍ତୁ ଏହା କଦାପି ଫଳବତୀ ହେବ ନାହିଁ। କାରଣ ମୋଦୀ ସହ ଦେଶବାସୀଙ୍କ ଆଶୀର୍ବାଦ ରହିଛି। କଂଗ୍ରେସ କେବଳ ଯୋଜନା ଘୋଷଣା କରିଥିଲା, କୌଣସି ଯୋଜନାକୁ ଶେଷ କରିନଥିଲା। କିନ୍ତୁ ୨୦୧୪ ପରଠାରୁ ଦେଶରେ ଯୋଜନା ପ୍ରଣୀତ ହେବା ସହ ଏସବୁ କାର୍ଯ୍ୟକାରୀ ମଧ୍ୟ ହେଉଛି। ବିରୋଧୀ ଗୃହରେ କେବଳ ସ୍ଲୋଗାନବାଜି କରିପାରିବେ କିନ୍ତୁ ସେମାନେ ମୋଦୀ ପ୍ରତି ଥିବା ଦେଶବାସୀଙ୍କ ଭଲପାଇବାକୁ କିପରି ପ୍ରତିହତ କରିବେ। ▶▶ ୫

### ଲୋକସଭାରେ ପ୍ରଧାନମନ୍ତ୍ରୀଙ୍କ ପ୍ରତି ଆକ୍ରମଣ ଆଶଙ୍କା ଥିଲା: ବାଚସ୍ପତି



ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ସମ୍ପର୍କରେ ଲୋକସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭାଷଣକୁ ବାତିଲ୍ କରାଯାଇଥିଲା। ବିରୋଧୀଙ୍କ ହଟ୍ଟଗୋଳ ଏବଂ ନାରାବାଜି ଯୋଗୁ ଏପରି ହୋଇଥିବା ଅନୁମାନ କରାଯାଉଥିଲେ ମଧ୍ୟ ବାଚସ୍ପତି ଓମ୍ ବିର୍ଲା କିନ୍ତୁ ଏସମ୍ପର୍କରେ ଏକ ବଡ଼ ସୂଚନା ଦେଇଛନ୍ତି। ଶ୍ରୀ ବିର୍ଲା କହିଛନ୍ତି, ଦିନକ ପୂର୍ବେ କଂଗ୍ରେସ ସାଂସଦମାନେ ପ୍ରଧାନମନ୍ତ୍ରୀଙ୍କ ଚୌକିକୁ ଘେରି ରହିଥିଲେ। ଏହାକୁ ଦେଖି ସେ ଗୁରୁବାର ଲୋକସଭାକୁ ▶▶ ୫

## ୯ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

### ଆଜିଠୁ ପଞ୍ଜିକରଣ

**ଭୁବନେଶ୍ୱର,୫।୨/ଏନ୍‌ଏନ୍‌ଏସ୍:**

ଆସନ୍ତା ସୋମବାର ଫେବୃଆରୀ ୯ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ସେଦିନ ପୂର୍ବାହ୍ଣ ୧୦ ଘଟିକାରୁ ଭୁବନେଶ୍ୱର ୟୁନିଟ-୨, ଅଶୋକ ନଗର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଗୁରୁବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ଦିଆଯାଇଛି ଯେ, ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ୍ ପଞ୍ଜୀକରଣ ଫେବୃଆରୀ ୬ ତାରିଖ ଦିବା ୧୧ ଘଟିକା ଠାରୁ ଆରମ୍ଭ ହୋଇ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିବା ପର୍ଯ୍ୟନ୍ତ ଖୋଲା ରହିବ। ଏଥି ନିମନ୍ତେ ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ।

# ଯୁବକଙ୍କୁ ହତ୍ୟା ପରେ ପୋଡ଼ିବା ଘଟଣା, ୪ ଗିରଫ

## ଗଞ୍ଜେଇ କାରବାର ଓ ପୂର୍ବ ଶତ୍ରୁତାରୁ ହତ୍ୟାକାଣ୍ଡ

**ଶେରଗଡ,୫।୨/ଏନ୍‌ଏନ୍‌ଏସ୍:** ଶେରଗଡ଼ ଥାନା ବାଦଗଡ଼ ନିକଟ ବାଉରିପଲ୍ଲୀ ପଦର ନିକଟରୁ ଜଣେ ଯୁବକର ଦର ପୋଡା ଶବ ଉଦ୍ଧାର ମାମଲାରେ ଶେରଗଡ଼ ପୁଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗଞ୍ଜେଇ କାରବାର ଶତ୍ରୁତାରୁ ତେଲେଙ୍ଗାନା ରାଜ୍ୟର ଗୌରୀ ନାଥଙ୍କୁ ହତ୍ୟା କରାଯାଇଥିଲା । ଏହି ମାମଲାରେ ଆସିକା ଥାନା ଅନ୍ତର୍ଗତ ନଳବଣ୍ଟା ଗ୍ରାମର ବଳରାମ ପାହାନ, ଲେମନ ପରିଡା, ଶେରଗଡ଼ ଥାନା ଅନ୍ତର୍ଗତ ବନ୍ଧାଗୁଡା ଗ୍ରାମର ସମ୍ପିତ ଗୌଡ଼ ଏବଂ ଷଡଙ୍ଗୀପଲ୍ଲୀ ଗ୍ରାମର ଅଜିତ ଗୌଡ଼ଙ୍କୁ ଗିରଫ କରାଯାଇଥିବା ନେଇ ଏଏସ୍‌ପି ସୀମା ସ୍ୱାଇଁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ମିଳିଥିବା ସୂଚନା ପ୍ରକାରେ ଗୌରୀନାଥଙ୍କ ସହ ଲେମନ ପରିଡା ଏବଂ ବଳରାମ ପାହାନ ଗଂଜେଇ କାରବାର କରୁଥିବା ବେଳେ ବଳରାମ ଏବଂ ଗୌରୀନାଥଙ୍କ ସମେତ ଅନ୍ୟ କିଛି ଯୁବକ ଗଞ୍ଜେଇ ମାମଲାରେ ତିରଚନୁର ଥାନାରେ ଗିରଫ ହୋଇ ଜେଲ ଯାଇଥିଲେ । ଜେଲରୁ ବେଲରେ ଆସିବା ପରେ ଉଭୟଙ୍କ ମଧ୍ୟରେ ଶତ୍ରୁତା ବଢିଥିଲା । ଏହା ପରେ ଗୌରୀନାଥକୁ ଯୋଜନା କରି ଲେମନ ଏବଂ ବଳରାମ ଡାକିଥିଲେ । ଗୌରୀନାଥ ୨୯ ତାରିଖ ଦିନ ସକାଳୁ ଆସିଥିଲେ । ଏହା ପରେ ଘଟଣା ସ୍ଥଳରେ ଲେମନ ଏବଂ ବଳରାମଙ୍କ ସହ ସମ୍ପିତ ଏବଂ ଅଜିତ ମଦ ପିଇବା ପରେ ବେକ କାଟି ହତ୍ୟା କରିବା ପରେ ପେଟ୍ରୋଲ ଢାଳି ନିଆ ଲଗାଇ ଦେଇଥିଲେ । ବଳରାମ ଏବଂ ଲେମନକୁ ସ୍ଥାନୀୟ ସମ୍ପିତ ଏବଂ ଅଜିତ ସହଯୋଗ କରିଥିଲେ । ଏହି ଘଟଣାର ମାଷ୍ଟର ମାଇଣ୍ଡ ଲେମନ ଏବଂ ବଳରାମ ବୋଲି ପୁଲିସ ସୂଚନା ଦେଇଛି । ଶେରଗଡ଼ ଥାନା କେସ୍ ନଂ ୪୦/୨୬ରେ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ସାମ୍ବାଦିକ ସମ୍ମିଳନୀରେ ଆସିକା ଏସଡିପିଓ ସନ୍ତୋଷ କୁମାର ଜେନା, ଶେରଗଡ଼ ଥାନା ଅଧିକାରୀ ବରେନ୍ଦ୍ର ଶିଆଳ ଉପସ୍ଥିତ ଥିଲେ ।

# ଭାବ ବିନିମୟ କାର୍ଯ୍ୟକ୍ରମ ପାଇଁ କନ୍ଧମାଳ ଦଳର ଜାମ୍ମୁ କାଶ୍ମୀର ଯାତ୍ରା

**ଫୁଲବାଣୀ,୫।୨/ଏନ୍‌ଏନ୍‌ଏସ୍:** କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଭାରତ ସରକାର ଶାଖା ମାଇଁ ଭାରତ ଫୁଲବାଣୀ ଓ ୧୧୬ ବିଏସଏଫ ଫୁଲବାଣୀର ମିଳିତ ଆନୁକୂଲ୍ୟରେ ୧୭ତମ ଆଦିବାସୀ ଯୁବ ଭାବ ବିନିମୟ କାର୍ଯ୍ୟକ୍ରମ ପାଇଁ କନ୍ଧମାଳ ଦଳ ଜାମ୍ମୁ କାଶ୍ମୀର ଯାତ୍ରା କରିଛି । ଏହି ଅବସରରେ ଜିଲ୍ଲା ନିଯୋଜନ କାର୍ଯ୍ୟାଳୟ ସଭାଗୃହ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ପ୍ରକଳ୍ପ ପ୍ରଶାସକ ପ୍ରବୀଣ କୁମାର ବାଣୁଆ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ନିଯୋଜନ ଅଧିକାରୀ ପୁରୁଷୋତ୍ତମ ମହାପାତ୍ର , ଆଇନଜୀବୀ ଦୀପକ ରଥ, ୧୧୬ ବିଏସଏଫର ଦେବବ୍ରତ ପାଣ୍ଡେ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପାଇଁ ଫିରିଙ୍ଗିଆ ବ୍ଲକର ୩୦ ଜଣ ଯାତ୍ରା କରିଥିବା ବେଳେ ଏସକଟ ଭାବରେ ବିଏସଏଫ ଫୁଲବାଣୀର ପରମଭୀର ସିଂ, ଦୀପିକା କୁମାରୀ, ଆରତୀ ଯାଇ ଯାତ୍ରା କରୁଛନ୍ତି । ଏହି କାର୍ଯ୍ୟକ୍ରମଟି ଜାମ୍ମୁ କାଶ୍ମୀର ଠାରେ ଅନୁଷ୍ଠିତ ହେଉଅଛି ଏବଂ ଏଥିରେ ଓଡିଶା, ଛତିଶଗଡ଼, ଝାଡ଼ଖଣ୍ଡ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଜାମ୍ମୁ କାଶ୍ମୀରର ଆଦିବାସୀ ଭାଇ ଓ ଭଉଣୀମାନେ ଅଂଶ ଗ୍ରହଣ କରିବେ । ବୈଠକରେ ମାଇଁ ଭାରତ ଫୁଲବାଣୀର ସହକର୍ମୀ ସତ୍ୟବାନ ଦଳବେହେରା ସ୍ୱାଗତ କରିଥିବା ବେଳେ ଦେବବ୍ରତ ପାଣ୍ଡେ ଧନ୍ୟବାଦ ଦେଇଥିଲେ ।

# ପଢ଼ାଉଥିବା ବେଳେ ହୃଦ୍‌ଘାତରେ ଶିକ୍ଷକଙ୍କ ପରଲୋକ

**କନ୍ଧମାଳ,ଫିରିଙ୍ଗିଆ,୫।୨/ଏନ୍‌ଏନ୍‌ଏସ୍:** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍‌ର ଗୋଛାପଡା ଥାନା ପକାରୀ ପଞ୍ଚାୟତ ଅଧୀନରେ ଥିବା ଗଞ୍ଜୁ ପ୍ରାଥମିକ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ରଙ୍କର ପାଠ ପଢ଼ାଉଥିବାବେଳେ ହୃଦଘାତରେ ପରଲୋକ ହୋଇଯାଇଛି ।



ସୂଚନା ଅନୁସାରେ ଶିକ୍ଷକ ଜଣକ ଗୁରୁବାର ବିଦ୍ୟାଳୟକୁ ଆସି ସକାଳ ଦଶଟା ସମୟରେ ଛାତ୍ରଛାତ୍ରୀଙ୍କୁ ଡ୍ରିଲ କରାଇଥିଲେ । ଡ୍ରିଲ ସରିବା ପରେ ଶ୍ରେଣୀ କୋଠରୀରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ପକାଇ ପାଠ ପଢା ଆରମ୍ଭ କରିବା ସମୟରେ ହଠାତ ଚେତାଶୂନ୍ୟ ହୋଇ ଶ୍ରେଣୀ କୋଠରୀରେ ପଡିଯାଇଥିଲେ । କ୍ଲାସ ରୁମରେ ପାଠ ପଢୁଥିବା ଛାତ୍ରଛାତ୍ରୀ ସ୍ଥାନୀୟ ଗ୍ରାମବାସୀଙ୍କୁ ଖବର ଦେଇଥିଲେ । ଆମ୍ବୁଲାନ୍ସ ନମିଳିକିବାରୁ ଗ୍ରାମବାସୀ ତାଙ୍କୁ ଏକ ଅଟୋରେ ବାଲନ୍ଦାପଡା ପ୍ରାଥମିକ ଚିକିତ୍ସାଳୟକୁ ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଗୋଛାପଡା ଥାନା ପୋଲିସ ମେଡିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠେଇ ଦେଇଛ । ତାଙ୍କ ନିଜ ଘର ନୟାଗଡ଼ ଜିଲ୍ଲା ନୟାଗଡ଼ ଥାନା ମାଳିସାହି ବଳଭଦ୍ରପୁର ଗାଁରେ ବୋଲି ଜଣା ପଡ଼ିଥିବା ବେଳେ ସେ ୨୦୦୪ ରୁ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ସହକାରୀ ଶିକ୍ଷକ ଭାବରେ କାର୍ଯ୍ୟରତ ଥିଲେ । ଗତ ଚାରିବର୍ଷ ହେଲା ଗଞ୍ଜୁ ପ୍ରାଥମିକ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟରତ ଥିଲେ । ସେ ଜଣେ ମେଳାପୀ ଓ ଜଣେ ଉତ୍ତମ ଶିକ୍ଷକ ଭାବରେ ଫିରିଙ୍ଗିଆ ବ୍ଲକ୍‌ରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାର ହେବା ପରେ ଶିକ୍ଷକ ମାନଙ୍କ ମହଲରେ ଶୋକର ଛାୟା ଖେଳି ଯାଇଥିବା ବେଳେ ଗୋଷ୍ଠି ଶିକ୍ଷା ଅଧିକାରୀ ଆଲୋକ ପ୍ରଧାନଙ୍କ ସହ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀ ମେଡିକାଲରେ ପହଞ୍ଚି ମୃତ ଶିକ୍ଷକଙ୍କ ଶୋକ ସନ୍ତପ୍ତ ପରିବାର ଲୋକଙ୍କୁ ସାନ୍ତ୍ୱନା ଦେଇଛନ୍ତି । ତାଙ୍କର ସାଥି ଶିକ୍ଷକମାନଙ୍କ ସହ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ସଞ୍ଜୟ କୁମାର ବେହେରା, ମୁଖ୍ୟ କିରାଣୀ ଭାଗବତ ନାଏକ, ଗୋଛାପଡା ଅଞ୍ଚଳର ଯୁବ ମୋର୍ଚ୍ଚା ସଭାପତି ବାବୁଲା କହଁର, ପୂର୍ବତନ ଫୁଲବାଣୀ ବିଧାୟକ ଅଙ୍ଗଦ କହଁରଙ୍କ ସହ ଅଞ୍ଚଳର ବହୁ ବ୍ୟକ୍ତିବିଶେଷ ଶୋକ ବ୍ୟକ୍ତ କରିଛନ୍ତି ।

# ଆମ୍ବ ତୋଟାରୁ ଝୁଲନ୍ତା ମୃତଦେହ ଉଦ୍ଧାର

**ବୁଗୁଡ଼ା, ୫।୨/ଏନ୍‌ଏନ୍‌ଏସ୍:** ବୁଗୁଡ଼ା ଥାନା ଅନ୍ତର୍ଗତ ଗୌଡ଼ିଆବୋରଦା ଗ୍ରାମ ନିକଟସ୍ଥ ଏକ ଆମ୍ବ ତୋଟାରୁ ଗୋଟିଏ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିବା ଜଣାଯାଇଛି । ମୃତ ଯୁବକ ଜଣକ ବେଲଗୁଣ୍ଠା ଥାନା ଅଧିନସ୍ଥ ଇନ୍ଦ୍ରଗଡ ଗ୍ରାମର ଶ୍ରୀକାନ୍ତ କୁମାର ସ୍ୱାଇଁ । ଏ ନେଇ କେସ୍ ନଂ ୬/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ଶ୍ରୀକାନ୍ତ ପିଲାବେଳୁ ଗୌଡିଆବୋରଦା ମାମୁଁ ଘରେ ରହୁଥିବା ବେଳେ ସେ କିଡ଼ନି ରୋଗରେ ଆକ୍ରାନ୍ତ ହୋଇଥିଲେ । ରୋଗକୁ ନେଇ ସେ ମାନସିକ ଚିନ୍ତାରେ ରହିଥିବା ବେଳେ ଗତ ମାସ ୧୬ ତାରିଖରୁ ନିଖୋଜ ଥିଲେ । ଆଜି ସକାଳୁ ଗ୍ରାମର କିଛି ଲୋକ ଆମ୍ବ ତୋଟାକୁ ଯାଇଥିବା ସମୟରେ ଦୁର୍ଗନ୍ଧ ଆସିବାରୁ ଖୋଜାଖୋଜି ପରେ ଗଛରେ ମୃତଦେହ ଝୁଲୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ । ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ମାନସିକ ଅବସାଦରେ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ପରିବାର ସନ୍ଦେହ କରୁଥିବା ବେଳେ ବୁଗୁଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଚଳାଇଥିବା ଜଣାଯାଇଛି ।

## ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ପଞ୍ଚାୟତିରାଜ ମନ୍ତ୍ରୀ

# ଆବାସ ଯୋଜନା, ପାନୀୟଜଳ ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା

**ଛତ୍ରପୁର,୫।୨/ଏନ୍‌ଏନ୍‌ଏସ୍:** ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବିଭାଗୀୟ ସମୀକ୍ଷା ବୈଠକ ସ୍ଥାନୀୟ ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଗଂଜାମ

## ୧୫୦ ଜନସଂଖ୍ୟା ବିଶିଷ୍ଟ ୧୬ଟି ଗାଁରେ ହେବ ପକ୍କା ରାସ୍ତା

ଜିଲ୍ଲାରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ), ଅନ୍ତୋଦୟ ଗୃହ ଯୋଜନା, ବିକଶିତ ଗାଁ ବିକଶିତ ଓଡିଶା, ପ୍ରଧାନମନ୍ତ୍ରୀ ଜନମନ, ସ୍ୱଚ୍ଛ ଭାରତ ମିଶନ- ଗ୍ରାମୀଣ (ଏସ୍‌ବିଏମ୍-ଜି) ଅନ୍ତର୍ଗତ ବାହ୍ୟ ମଳମୁକ୍ତ ଗ୍ରାମ, ରାସ୍ତା, ପୋଲ, ପାନୀୟ ଜଳ ପ୍ରକଳ୍ପ ଓ ଅନ୍ୟାନ୍ୟ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀ ଶ୍ରୀ ନାଏକ ସମୀକ୍ଷା କରିଥିଲେ । ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସଂକଳ୍ପବଦ୍ଧ । ଗଂଜାମ ଜିଲ୍ଲାରେ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଯୋଜନା ଓ ପ୍ରକଳ୍ପର ଅଗ୍ରଗତି ନେଇ ମନ୍ତ୍ରୀ ଶ୍ରୀ ନାଏକ ସନ୍ତୋଷ ପ୍ରକାଶ କରିଥିଲେ । ଲବଣାକ୍ତ ଜଳ ଯୋଗୁଁ ଜିଲ୍ଲାରେ ପାନୀୟ ଜଳ ଏକ ପ୍ରମୁଖ ସମସ୍ୟା ହୋଇଥିବାରୁ ସୁବଳ, ସୁନାପୁର ଠାରୁ ଆରମ୍ଭ କରି ଅନ୍ୟ ସମସ୍ତ ପାନୀୟ ଜଳ ପ୍ରକଳ୍ପଗୁଡିକୁ ୨/୩ ମାସ ମଧ୍ୟରେ ଯୁଦ୍ଧକାଳୀନ ଭିତ୍ତିରେ ସାରିବା ପାଇଁ ସମ୍ପୃକ୍ତ ଏଜେନ୍ସି ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏଥିରେ ବ୍ୟତିକ୍ରମ ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସମ୍ପୃକ୍ତ ଏଜେନ୍ସି ମାନଙ୍କୁ ପଞ୍ଚାୟତିରାଜ ମନ୍ତ୍ରୀ ଚେତାବନୀ ଦେଇଛନ୍ତି । ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ ବାହ୍ୟ ମଳମୁକ୍ତ ଗ୍ରାମ ସମ୍ପର୍କରେ ସମୀକ୍ଷା କରି ମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ । ଗାଁ ଗୁଡିକୁ କିପରି ପଲିଥିନ ମୁକ୍ତ କରାଯାଇପାରିବ ସେ ନେଇ ସୁନ୍ଦରଗଡ ଜିଲ୍ଲା ପ୍ରଶାସନ ଭଳି ପ୍ରୟାସ ଆରମ୍ଭ କରିବାକୁ ପରାମର୍ଶ ଦେଇଥିଲେ । ଖୁବ୍‌ଶୀଘ୍ର ଏକ ଦଳ ସୁନ୍ଦରଗଡ ଜିଲ୍ଲା ଗସ୍ତ କରି ସେ ସମ୍ପର୍କିତ ପଦକ୍ଷେପ ବିଷୟରେ ଅବଗତ ହେବେ ବୋଲି ଜଣାପଡିଛି ।




ସେହିପରି ଗ୍ରାମୀଣ ଆବାସ ଯୋଜନା ଉପରେ ସମୀକ୍ଷା କରି ମନ୍ତ୍ରୀ କହିଛନ୍ତି ଯେ, ସମସ୍ତ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ପକ୍କା ଘର ଯୋଗାଇଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ । ଗଞ୍ଜାମ ଜିଲ୍ଲାର ୧୫୦ ଜନସଂଖ୍ୟା ବିଶିଷ୍ଟ ୧୬ଟି ଦୂରବର୍ତ୍ତୀ ଗାଁକୁ ଆସନ୍ତା ବର୍ଷ ସୁଦ୍ଧା ରାସ୍ତା ପହଞ୍ଚିବ । ଏହାର ଡିପିଆର ପ୍ରସ୍ତୁତ ଚାଲିଛି । ଖୁବ୍‌ଶୀଘ୍ର ରାସ୍ତା ନିର୍ମାଣ ହେବ ଏବଂ ଜନସାଧାରଣ ଉପକୃତ ହେବେ ବୋଲି ମନ୍ତ୍ରୀ ଶ୍ରୀ ନାଏକ କହିଥିଲେ । ବୈଠକରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଜିଲ୍ଲାପାଳ ଭି କୀର୍ତ୍ତି ଭାସନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ କୁମାର ବେହେରା, ବରିଷ୍ଠ ବିଭାଗୀୟ ଅଧିକାରୀ ଓ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ଯୋଗ ଦେଇଥିଲେ ।

# ଭିବି-ଜୀ ରାମ ଜୀ ସମ୍ପର୍କିତ କର୍ମଶାଳା

**ଛତ୍ରପୁର,୫।୨/ଏନ୍‌ଏନ୍‌ଏସ୍:** ବିକଶିତ ଭାରତ ୨୦୪୭ର ଦୀର୍ଘକାଳୀନ ଲକ୍ଷ୍ୟ ପୂରଣ କରିବାକୁ ହେଲେ ସମସ୍ତ ସ୍ତରରେ ଉତ୍ତରଦାୟିତ୍ୱ, ପର୍ଯ୍ୟାପ୍ତ ଭିତ୍ତିଭୂମି ସୃଷ୍ଟି ଏବଂ ଶ୍ରମିକମାନଙ୍କର ରୋଜଗାରକୁ ସୁନିଶ୍ଚିତ କରିବାର ଆବଶ୍ୟକତା ରହିଛି । ଏ ସମସ୍ତ ବିଷୟରେ ଜିଲ୍ଲାର କ୍ଷେତ୍ରସ୍ତରରେ କାର୍ଯ୍ୟ କରୁଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଅନ୍ୟାନ୍ୟ ସଂଯୁକ୍ତ ଅଧିକାରୀମାନଙ୍କୁ ଅବଗତ କରିବା ଉଦ୍ଦେଶ୍ୟ ନେଇ ଆଜି ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଋଷିକୁଲ୍ୟା ସମ୍ମିଳନୀ କକ୍ଷଠାରେ ପଞ୍ଚାୟତିରାଜ ଏବଂ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ନିର୍ଦ୍ଦେଶ ଏବଂ ଜିଲ୍ଲାପାଳ ଭି. କୀର୍ତ୍ତି ଓ୍ୱାସନ୍‌ଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ବିକଶିତ ଭାରତ ଜୀ ରାମ ଜୀ ଅଧିନିୟମ ୨୦୨୫ ବିଷୟରେ ବ୍ଲକ୍ ଉନ୍ନୟନ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲା । ବିକଶିତ ଭାରତ ଜୀ ରାମ ଜୀ ଅଧିନିୟମ ୨୦୨୫, ମନରେଗାର ଏକ ବ୍ୟାପକ ବୈଧାନିକ ସଂସ୍କାର । ଏଥିରେ ବର୍ଷରେ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ୧୦୦ ଦିନ ବଦଳରେ ୧୨୫ ଦିନ ଗ୍ରାମୀଣ ରୋଜଗାରର ନୂଆ ଗ୍ୟାରେଣ୍ଟି ଦିଆଯାଇଛି । ବିକଶିକ ଭାରତ ୨୦୪୭କୁ ଲକ୍ଷ୍ୟରେ ରଖି ଗ୍ରାମୀଣ ବିକାଶ ଢାଞ୍ଚା ଆଧାରରେ ନିଜସ୍ୱ ଯୋଜନା ପ୍ରସ୍ତୁତ କରାଯିବ ଏବଂ ସଶକ୍ତିକରଣ, ଏକାଭିମୁଖୀକରଣ, ଗ୍ରାମୀଣ ବିକାଶ ଏବଂ ପରିପୂର୍ଣ୍ଣତା ଉପରେ ଗୁରୁତ୍ୱ ଦିଆଯିବ । ବିକାଶ ପରିମାପକ ଓ ସହର ଠାରୁ ଦୂରତା ଆଧାରରେ ପଞ୍ଚାୟତ ଗୁଡିକୁ କ, ଖ ଓ ଗ ବର୍ଗରେ ବିଭକ୍ତ କରାଯିବ । ଯୋଜନା ଏବଂ ନିଷ୍ପତ୍ତି ଗ୍ରହଣରେ ପଞ୍ଚାୟତର ସଶକ୍ତ ଭୂମିକା, ଯାହା ତୃଣମୂଳ ସ୍ତରରେ ସଂଘୀୟ ବ୍ୟବସ୍ଥାକୁ ସୁଦୃଢ କରିପାରିବ । ବିକଶିତ ଭାରତ ଜୀ ରାମ ଜୀ ପ୍ରମୁଖ ଚାରୋଟି କ୍ଷେତ୍ର ଉପରେ ଯଥା- ଜଳ ସୁରକ୍ଷା ଏବଂ ତତ୍ ସମ୍ପର୍କିତ କାର୍ଯ୍ୟ, ଗ୍ରାମୀଣ ମୌଳିକ ଭିତ୍ତି ଭୂମିର ସୁଦୃଢୀକରଣ, ଜୀବିକା ସମ୍ବନ୍ଧୀୟ ଭିତ୍ତିଭୂମି ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟ ମାଧ୍ୟମରେ ନିଯୁକ୍ତି ସୃଷ୍ଟି କରିବା ସହ ପଞ୍ଚାୟତ ଗୁଡିକୁ ଅର୍ଥନୈତିକ ଅଭିବୃଦ୍ଧିରେ ସହଭାଗୀ କରିବା ଉପରେ କେନ୍ଦ୍ରୀଭୂତ ରହିବ । ପ୍ରଯୁକ୍ତି ବିଦ୍ୟା ବ୍ୟବହାର କରି ପ୍ରଧାନମନ୍ତ୍ରୀ ଗତିଶକ୍ତି ଅଧୀନରେ ବିକଶିତ ଗ୍ରାମ ପଞ୍ଚାୟତ ଯୋଜନା ଗ୍ରାମ ସଭା ମାଧ୍ୟମରେ ପ୍ରସ୍ତୁତ କରାଯିବ ବୋଲି ଜଣାପଡିଛି । ଏହି କର୍ମଶାଳାରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ କୁମାର ବେହେରା, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ କୁମାର ପଣ୍ଡା, ଜିଲ୍ଲା ଯୋଜନା ଅଧିକାରୀ ଏ.କେ.ଦାଶ, ମନରେଗାର ସଂଯୋଜିକା ରୀନା ପାଢୀ, ସନ୍ଧ୍ୟାରାଣୀ ପଟ୍ଟନାୟକ ଓ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସଞ୍ଜୟ ସ୍ମୃତି ସରକାରୀ ମହିଳା ମହାବିଦ୍ୟାଳୟ ଛାତ୍ରୀଙ୍କ ଶୈକ୍ଷିକ ପରିଭ୍ରମଣ ଓ କ୍ଷେତ୍ର ପରିଦର୍ଶନ



**ଫୁଲବାଣୀ,୫।୨/ଏନ୍‌ଏନ୍‌ଏସ୍:** ସଞ୍ଜୟ ସ୍ମୃତି ସରକାରୀ ମହିଳା ମହାବିଦ୍ୟାଳୟର ଅଧକ୍ଷା ଡ. ତନୁଜା ସିଂହଙ୍କ ଅନୁମୋଦନ କ୍ରମେ ଇଂରାଜୀ ଓ ସ୍ନାତକୋତ୍ତର ଅର୍ଥନୀତି ବିଭାଗର ଛାତ୍ରୀ ଗଜପତି ଜିଲ୍ଲାର ଚନ୍ଦ୍ରଗିରି ଠାରେ ତିବତୀୟ ଶରଣାର୍ଥୀ କ୍ଷେତ୍ର ପରିଦର୍ଶନ କରିଥିଲେ । ଅର୍ଥନୀତି ବିଭାଗର ଛାତ୍ରୀ ମାନେ ସେଠାରେ ଉପସ୍ଥିତ ରହି ତିବତୀୟମାନଙ୍କ ଅର୍ଥନୈତିକ ସ୍ଥିତି, ରୋଜଗାର ପନ୍ଥା, ବାଣିଜ୍ୟ ବ୍ୟବସାୟ ସମ୍ପର୍କରେ ଶିକ୍ଷା ଗ୍ରହଣ କରିଥିବା ବେଳେ ସେଠାରେ ଅର୍ଥନୀତି ବିଭାଗର ମୁଖ୍ୟ କୁଶ ନାୟକ ଏବଂ ଅଧାପିକା ଯଶୋଦା ଜେନା ତଥା ବିଭାଗର ଅନ୍ୟାନ୍ୟ ଅଧାପକ ଏବଂ ଅଧାପିକା ମାନେ ରହି ଛାତ୍ରୀଙ୍କ ମନରେ ଆସୁଥିବା ସମସ୍ତ ପ୍ରଶ୍ନ ମୋଚନ କରିଥିଲେ । ଅନୁରୂପ ଭାବରେ ଇଂରାଜୀ ବିଭାଗର ଛାତ୍ରୀ ମାନେ ସେଠାରେ ଉପସ୍ଥିତ ରହି ବୌଦ୍ଧ ସାହିତ୍ୟ, ବୌଦ୍ଧ ଦର୍ଶନ ଏବଂ ବୌଦ୍ଧ ସାହିତ୍ୟ ଓ ଇଂରାଜୀ ସାହିତ୍ୟର ସମ୍ପର୍କ ବାବଦରେ ଶିକ୍ଷା ଗ୍ରହଣ କରିଥିଲେ । ସେଠାରେ ଇଂରାଜୀ ବିଭାଗର ମୁଖ୍ୟ ଧନଞ୍ଜୟ ପ୍ରଧାନ ଏବଂ ଅନ୍ୟାନ୍ୟ ଅଧାପକ ଅଧାପିକା ମାନେ ଉପସ୍ଥିତ ରହି ଇଂରାଜୀ ସାହିତ୍ୟ ପ୍ରତି ବୌଦ୍ଧ ଧର୍ମର ଅବଦାନ ସମ୍ପର୍କରେ ଅବତାରଣା କରିଥିଲେ । ମହାବିଦ୍ୟାଳୟର ସ୍ନାତକୋତ୍ତର ରାଜନୀତି ବିଭାଗର ଛାତ୍ରୀମାନେ ଉକ୍ତ ତାରିଖରେ ଗଞ୍ଜାମ ଜିଲ୍ଲାର ଭଂଜନଗର ପରିଦର୍ଶନ କରିଥିଲେ । ରାଜନୀତି ବିଭାଗର ମୁଖ୍ୟ ଡ. ତନୁଶ୍ରୀ ପ୍ରଧାନ ଯୋଗ ଦେଇ ଭଞ୍ଜବଂଶର ରାଜନୀତି, ଉତ୍କଳକୁ ପୁରାତନ ଘୁମୁସରର ଅବଦାନ ସମ୍ପର୍କରେ ଧାରଣା ଦେଇଥିଲେ । ଏଥିସହ ବିଭାଗର ଅନ୍ୟାନ୍ୟ ଅଧାପକ ଏବଂ ଅଧାପିକା ମାନେ ସେଠାରେ ଉପସ୍ଥିତ ରହି ଶୈକ୍ଷିକ ପରିଭ୍ରମଣ ସଫଳ ହେବାରେ ସହାୟତା କରିଥିଲେ । ଶୈକ୍ଷିକ ପରିଭ୍ରମଣ ବା କ୍ଷେତ୍ର ପରିଦର୍ଶନ ହେବା ଦ୍ୱାରା ଛାତ୍ରୀମାନଙ୍କ ମନରେ ଶିକ୍ଷା ପ୍ରତି ନୂତନ ଆଶା, ଉଦ୍ଦୀପନା ଓ ସମ୍ଭାବନା ଜାଗ୍ରତ ହୋଇପାରିଛି ।

# ସପ୍ତମ ଶ୍ରାଦ୍ଧବାର୍ଷିକୀରେ ପୂର୍ବତନ ସାଂସଦ ଲଡୁକିଶୋର ସ୍ୱାଇଁଙ୍କୁ ଶ୍ରଦ୍ଧାଞ୍ଜଳି



**ଆସିକା,୫।୨/ଏନ୍‌ଏନ୍‌ଏସ୍:** ଆସିକା ଲୋକସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ସାଂସଦ ତଥା ବର୍ତ୍ତମାନ ବିଜେଡି ନେତା ସ୍ୱର୍ଗତ ଲଡୁକିଶୋର ସ୍ୱାଇଁଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ ଗୁରବାର ସମ୍ପନ୍ନ ହୋଇଛି । ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ କବିସୂର୍ଯ୍ୟନଗର ବ୍ଲକର ପଥରା ଗ୍ରାମରେ ପୂର୍ବତନ ସାଂସଦ ସ୍ୱର୍ଗତ ଲଡୁକିଶୋର ସ୍ୱାଇଁଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଏକ ଶ୍ରଦ୍ଧାଞ୍ଜଳୀ ସଭାର ଆୟୋଜନ ହୋଇଥିଲା । କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ସ୍ୱର୍ଗତ ଲଡୁକିଶୋର ସ୍ୱାଇଁଙ୍କ ପତ୍ନୀ ତଥା ଆସିକାର ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ସମେତ ତାଙ୍କ ସୁପୁତ୍ର ବିଜେଡି ନେତା ନଚିକେତା ସ୍ୱାଇଁ ଓ ଅଶ୍ୱିନୀ ସ୍ୱାଇଁ ଏବଂ କନ୍ୟା ମମତା ସ୍ୱାଇଁଙ୍କ ସମେତ ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ସ୍ମୃତିଚାରଣ ସଭାରେ ପୂର୍ବତନ ସାଂସଦ ପ୍ରମିଳା ବିଷୋୟୀ ଓ ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଶ୍ରୀକାନ୍ତ ସାହୁ, ବ୍ରହ୍ମପୁର ମହାନଗର ନିଗମର ମେୟର୍ ସଂଘମିତ୍ରା ଦଳେଇ ଓ ଡେପୁଟି ମେୟର୍ ଇ.ବିବେକ ରେଡି, ବରିଷ୍ଠ ବିଜେଡି ନେତା ପ୍ରସନ୍ନ କୁମାର ତ୍ରିପାଠୀ, ସୁବାସ ଚନ୍ଦ୍ର ମହାରଣା, ସୁରଥ ପ୍ରଧାନ, ଭଗବାନ ଗନ୍ତାୟତ, ଭବାନୀ ଶଙ୍କର ମଲିକ, ଜିଲ୍ଲା ପରିଷଦ ସଦସ୍ୟ ବି.ମନୋଜ କୁମାର ଦୋରା, ବିଜେଡି ନେତା ବିଦ୍ୟାନ୍ତ କୁମାର ଚର୍ଚ୍ଚୀ, ରବିନ୍ଦ୍ର ପଣ୍ଡା, ମଙ୍ଗୁଲୁଧର ସାହୁ, ଜ୍ୟୋତିର୍ମୟୀ ସ୍ୱାଇଁ, ସଙ୍ଗୀତା ସ୍ୱାଇଁ, ଏମ୍.ତାରିଣୀ ସେନାପତି, ଏମ୍.ରଶ୍ମିତା ସେନାପତି, ଜଗନ୍ନାଥ ସାବତ, କାର୍ତ୍ତିକେଶ୍ୱର ପରିଡା, ଅନିଲ୍ କୁମାର ନାୟକ, ରବିନ୍ଦ୍ର କୁମାର ସାମଲ, ଜିତେନ୍ଦ୍ର କୁମାର ବିଷୋୟୀ, ଅନିଲ୍ କୁମାର ସାହୁ, ଯୋଗେନ୍ଦ୍ର ସ୍ୱାଇଁ, ପ୍ରଶାନ୍ତ କୁମାର ପଣ୍ଡା, ଭଗବାନ ପଣ୍ଡା, ମମତା ବିଷୋୟୀ, ଇଂ ସଚ୍ଚିଦାନନ୍ଦ ରାଉତ, ସନ୍ତୋଷ କୁମାର ପାଢୀ, ସୁଜାତା ପାତ୍ର ପ୍ରମୁଖ ଉଦ୍‌ବୋଧନ ଦେଇ ପୂର୍ବତନ ସାଂସଦ ସ୍ୱର୍ଗତ ଶ୍ରୀ ସ୍ୱାଇଁଙ୍କ କର୍ମମୟ ଜୀବନ ଉପରେ ସ୍ମୃତି ଚାରଣ କରିଥିଲେ । ସ୍ୱର୍ଗତ ସ୍ୱାଇଁ ତାଙ୍କର ରାଜନୈତିକ ଜୀବନ ମଧ୍ୟରେ ବିଭିନ୍ନ ସମୟରେ ଅନେକ ସମ୍ମାନ ଜନକ ତଥା ମର୍ଯ୍ୟାଦା ପୂର୍ଣ୍ଣ ପଦପଦବୀରେ ଅସୀନ ହୋଇଥିଲେ ମଧ୍ୟ ତାଙ୍କ ନିକଟରେ ଅହଂଭାବ ନଥିଲା ବୋଲି ନେତାମାନେ କହିଥିଲେ । ପୂର୍ବତନ ସାଂସଦ ସ୍ୱର୍ଗତ ଶ୍ରୀ ସ୍ୱାଇଁ ନିଜ ଗ୍ରାମ ପଥରାରେ ପ୍ରାଥମିକ ଶିକ୍ଷା ଶେଷ ପରେ କବିସୂର୍ଯ୍ୟନଗର ମର୍ଦ୍ଦରାଜ ଉଚ୍ଚବିଦ୍ୟାଳୟରେ ସେ ଅଧ୍ୟୟନ କରିଥିଲେ । ପରେ ବ୍ରହ୍ମପୁର ଖଲ୍ଲିକୋଟ ମହାବିଦ୍ୟାଳୟରୁ ସ୍ନାତକରେ ଉତ୍ତୀର୍ଣ୍ଣ ହୋଇଥିଲେ । ସୋରଡା ନିକଟସ୍ଥ ସୁରମଣି ନୂଆଗଡ ଉଚ୍ଚବିଦ୍ୟାଳୟରେ ଶିକ୍ଷକତା ଓ ପରେ କବିସୂର୍ଯ୍ୟନଗର ଚନ୍ଦ୍ରଶେଖର ଉଚ୍ଚବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ସେ ଦାୟିତ୍ୱ ତୁଲାଇଥିଲେ । ପରେ ୧୯୭୭ ମସିହାରେ ସେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜନୀତିରେ ପାଦ ଥାପି ଥିଲେ । ସ୍ମୃତିଚାରଣ ସଭାରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା ଜୟସେନ ସ୍ୱାଇଁ, ମାନସ ରଂଜନ ଗୌଡ, ନିଗମାନନ୍ଦ ରାଉତ, ଜିତେନ୍ଦ୍ର କୁମାର ମହାରଣା, ପ୍ରତାପ ଚନ୍ଦ୍ର ପ୍ରଧାନ, କେଶବ ଦାଶ, କେ.ରବିନ୍ କୁମାର ପାତ୍ର, କାହ୍ନୁଚରଣ ଦଳେଇ, ବିମଳ ପ୍ରଧାନ, ନିଳାଞ୍ଚଳ ମଣ୍ଡଳ, ଅମୀୟ ମାହୁନ୍ତ, ଅମିତ୍ କୁମାର ନାହାକ, ରବିନ୍ଦ୍ର ନାଥ ପୋଲାଇ, କୈଳାଶ ଚନ୍ଦ୍ର ପ୍ରଧାନ, ସଂଜୀବ କୁମାର ପାତ୍ର, ଜୟନ୍ତୀ ବେହେରା, ବିଦେଶୀ ନାହାକ ପ୍ରମୁଖ ଯୋଗ ଦେଇଥିଲେ ।

# କଂଗ୍ରେସର ମନରେଗା ବଞ୍ଚାଓ ସଂଗ୍ରାମ ପଦଯାତ୍ରା

**ଶେରଗଡ଼,୫।୨/ଏନ୍‌ଏନ୍‌ଏସ୍:** ମା ଦକ୍ଷିଣକାଳୀ ପୀଠ ରେ ଆଜି ଶେରଗଡ଼ ବ୍ଲକ କଂଗ୍ରେସ ପକ୍ଷରୁ ମନରେଗା ବଞ୍ଚାଓ ସଂଗ୍ରାମ ପଦଯାତ୍ରା ଓ ପଥପ୍ରାନ୍ତ ସଭା ବ୍ଲକ କଂଗ୍ରେସ ସଭାପତି କୁନା ବିଷୋୟୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଆସିକା ଲୋକସଭା ପ୍ରାର୍ଥୀ ଦେବକାନ୍ତ ଶର୍ମା, କିଷାନ କଂଗ୍ରେସ ଉପାଧକ୍ଷ ଶିବରାମ ପ୍ରଧାନ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ସରକାର ଉଦ୍ଦେଶ୍ୟ ମୂଳକ ଭାବେ ଉପା ସରକାର ସମୟରେ



ଆରମ୍ଭ ହୋଇଥିବା ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ନାମ ପରିବର୍ତ୍ତନ କରିଥିବା ଯୋଗୁଁ ଉଦ୍‌ବେଗ ପ୍ରକାଶ କରାଯିବା ସହ ଭିବି ଜି ରାମ ଜି ହଟାଇ ମନରେଗା ନାମ ପୁଣି ରଖିବା ପାଇଁ ରାଜ୍ୟସାରା ସଚେତନତା କରିବା ପାଇଁ ଆଲୋଚନା ହୋଇଥିଲା । ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ କିପରି ସଫଳତା ହାସଲ କରିବ ସେ ନେଇ ରଣନୀତି ପ୍ରସ୍ତୁତି ହୋଇଥିଲା । ବୈଠକରେ ପୀତବାସ ଜେନା, ସୁବାଷ ଚନ୍ଦ୍ର ପଶୁପାଳକ, ପ୍ରଭାକର ପାଣିଗ୍ରାହୀ, ଶ୍ୟାମ ସୁନ୍ଦର ପ୍ରଧାନ, ପ୍ରକାଶ ଚନ୍ଦ୍ର ବିଷୋୟୀ, ସଞ୍ଜୟ କୁମାର ପାତ୍ର, ବଳରାମ ସାହୁ, ଇ. ଚିନ୍ମୟ ପାତ୍ର, କେ. ନରସିଂହ ରାଓ, ସିମାଞ୍ଚଳ ଗୌଡ଼, ଅଳୟ ନାହାକ, ସୁବାଷ ଆଚାରୀ, କୁନା ବିଷୋୟୀ, ରଜନୀକାନ୍ତ ବିଷୋୟୀଙ୍କ ସମେତ ଶେରଗଡ ବ୍ଲକ ବିଭିନ୍ନ ପଞ୍ଚାୟତର କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

# ବାଲିସିରାରେ ପଞ୍ଚଦିବସୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଆସିକା,୫।୨/ଏନ୍‌ଏନ୍‌ଏସ୍:** ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବାଲିସିରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାଲିଥିବା ପଞ୍ଚଦିବସୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ଆସନ୍ତା ଶିକ୍ଷାବର୍ଷ ୨୦୨୬-୨୭ରୁ ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପାଠ୍ୟକ୍ରମ ବଦଳିବା ସାଙ୍ଗକୁ ସିଲାବସ୍ ଅନୁସାରେ ନୂତନ ପାଠ୍ୟପୁସ୍ତକ ପ୍ରକାଶିତ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ ମୁନ୍‌ରାଣୀ ମହାନ୍ତି ଓ



ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୁନନ୍ଦନ ପଣ୍ଡା ଏବଂ ଭଂଜ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୧୩ଟି କ୍ଲଷ୍ଟର ଅଧୀନସ୍ଥ ସମସ୍ତ ସରକାରୀ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକମାନଙ୍କୁ ପର୍ଯ୍ୟାୟକ୍ରମେ ତାଲିମ୍ ପ୍ରଦାନ କରାଯାଉଛି । ପଞ୍ଚଦିବସୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୁନନ୍ଦନ ପଣ୍ଡା ଓ ଭଂଜ ବେହେରା ଯୋଗଦେଇ ଶିବିର ଆୟୋଜନର ଲକ୍ଷ୍ୟ ସମ୍ପର୍କରେ କହିଥିଲେ । ପ୍ରଶିକ୍ଷକ ରୂପେ ଶୁଭେନ୍ଦୁ ଶେଖର ଜେନା, ରଂଜିତା ପାତ୍ର, ମନୋଜ କୁମାର ତ୍ରିପାଠୀ, ଶିବଶଙ୍କର ସ୍ୱାଇଁ ଯୋଗଦେଇ ଶିକ୍ଷକମାନଙ୍କୁ ତାଲିମ୍ ପ୍ରଦାନ କରିଥିଲେ । ଉଦ୍‌ଯାପନୀ ଦିବସରେ ତାଲିମପ୍ରାପ୍ତ ଶିକ୍ଷକମାନଙ୍କୁ ମାନପତ୍ର ବଣ୍ଟନ କରାଯାଇଥିଲା । ଆଗାମୀ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ପ୍ରଥମ ଶ୍ରେଣୀ ଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୫୫ଟି ପାଠ୍ୟପୁସ୍ତକକୁ ପରିବର୍ତ୍ତନ କରାଯାଇଥିବା ଜଣାପଡିଛି । ପୂର୍ବରୁ ଛାତ୍ରଛାତ୍ରୀମାନେ ୬ ପ୍ରକାର ପାଠ୍ୟକ୍ରମକୁ ଆଧାର କରି ପାଠ ପଢୁଥିଲେ । ଆଗାମୀ ଶିକ୍ଷାବର୍ଷରୁ ୯ ପ୍ରକାର ପାଠ୍ୟକ୍ରମ ବିଷୟ ଉପରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ବିଦ୍ୟାର୍ଥୀମାନେ ପାଠ ପଢିବେ ବୋଲି ଜଣାପଡିଛି । ଜାତୀୟ ଶିକ୍ଷାନୀତି-୨୦୨୦ ଏବଂ ଭାରତୀୟ ଜ୍ଞାନ ପରମ୍ପରା, ବିଷୟ ଭିତ୍ତିକ ଭାଷାର ପଠନ, ବୃତ୍ତିଗତ ଓ ଶାରୀରିକ ଶିକ୍ଷା ଏବଂ ସ୍ୱଚ୍ଛତା ସମେତ ବିଭିନ୍ନ ଶିକ୍ଷା କଲ୍ୟାଣକାରୀ କାର୍ଯ୍ୟକ୍ରମ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିବା ଲକ୍ଷ୍ୟ କରାଯାଇଥିଲା

# ଚମାଖଣ୍ଡି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

**ବ୍ରହ୍ମପୁର,୫।୨/ଏନ୍‌ଏନ୍‌ଏସ୍:** ଚମାଖଣ୍ଡି ସରକାରୀ ଉଚ୍ଚ ବିଦ୍ୟାଳୟର ୪୯ତମ ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ମୁଖ୍ୟ ବକ୍ତା ଭାବେ ସାମ୍ବାଦିକ ବିଘ୍ନେଶ୍ୱର ସାହୁ, ସମ୍ମାନୀତ ଅତିଥି ଭାବେ ଛତ୍ରପୁର ଉପ ଜିଲ୍ଲାପାଳ ଡ. ଶିବାଶିଷ ବରାଳ, ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି, ଗୋଷ୍ଠୀ ଶିକ୍ଷାଧିକାରୀ ସୁଜିତ କୁମାର ପାଢୀ, ଚମାଖଣ୍ଡି ସରପଞ୍ଚ ସିଏଚ୍ ମନୋଜ କୁମାର ରେଡି, ବରିଷ୍ଠ ଶିକ୍ଷାବିତ୍ ରମାକାନ୍ତ ପାଣିଗ୍ରାହୀ, ବରିଷ୍ଠ ଶିକ୍ଷାବିତ୍ ଆର୍. ପାପେୟା ରେଡି, ସମାଜସେବୀ ଏନ୍. ଦୁର୍ଯ୍ୟୋଧନ ରେଡି, ସାଂସଦ ପ୍ରତିନିଧି ସନ୍ତୋଷ ରେଡି, ସମାଜସେବୀ ସିଏଚ୍ ଡମ୍ବରୁ ରେଡି, ଏସ୍‌ଏମ୍‌ସି ସଭାପତି ଅନନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ବୁଦ୍ଧିଜୀବୀ, ଏସ୍‌ଏମ୍‌ସି ସଭ୍ୟ, ଅଭିଭାବକ ପ୍ରମୁଖ ଯୋଗ ଦେଇଥିଲେ । ସଭାରେ ଶିକ୍ଷକ ରମଣୀରଞ୍ଜନ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ବିଦ୍ୟାର୍ଥୀଙ୍କ ଦ୍ୱାରା ବିଚିତ୍ରା କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା । ବିଭିନ୍ନ ପ୍ରତିଯୋଗିତାର କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା ।




### ଶ୍ୱଶୁର ଘର ପାହାଡ଼ପୁର ଗ୍ରାମରେ ରାଷ୍ଟ୍ରପତି

# 'ମୋ ମାଟିକୁ ପାଖରେ ପାଇ ମୁଁ ଆନନ୍ଦିତ'

### ଉଦ୍ୟୋଗୀ ହେବାକୁ ଛାତ୍ରଛାତ୍ରୀଙ୍କୁ ଦେଲେ ପରାମର୍ଶ

### ନିଜ ଭିତରେ ଦକ୍ଷତା ବୃଦ୍ଧି କରିବାକୁ ଆହ୍ୱାନ



**ବାରିପଦା,୫।୨/ଏନ୍ଏନ୍ଏସ୍:** ମୟୂରଭଞ୍ଜ ଜିଲ୍ଲା ଗସ୍ତର ଦ୍ୱିତୀୟ ଦିନରେ ଗୁରୁବାର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତା'ଙ୍କ ଶ୍ୱଶୁର ଘର ଗାଁ ପାହାଡ଼ପୁରକୁ ଗସ୍ତ କରିଥିଲେ। ପ୍ରଥମେ ଏସ୍ଏଲ୍ଏସ୍ ଟ୍ରଷ୍ଟ ପରିସରସ୍ଥିତ ସ୍ୱର୍ଗତଃ ସ୍ୱାମୀ ଶ୍ୟାମ ଚରଣ ମୁର୍ମୁ, ପୁତ୍ର ଲକ୍ଷ୍ମଣ ମୁର୍ମୁ ଓ ସିପୁନ ମୁର୍ମୁଙ୍କ ସମାଧି ସ୍ଥଳ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହା ପରେ ମୁର୍ମୁ ଛକ ଠାରେ ତା'ଙ୍କ ସ୍ୱାମୀ ସ୍ୱର୍ଗତଃ ଶ୍ୟାମ ଚରଣ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଗୋଶାଣି ସ୍ଥଳରେ ଭକ୍ତିପୂତ ପ୍ରଣାମ ଜଣାଇ ଜାହିରା ପୀଠକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ପରବର୍ତ୍ତୀ ସମୟରେ ଏଲ.ଆଣ୍ଡ.ଟି ଦକ୍ଷତା ବିକାଶ କେନ୍ଦ୍ରକୁ ଯାଇ ପ୍ରଶିକ୍ଷାର୍ଥୀଙ୍କ ସହ ଭାବବିନିମୟ କରିଥିଲେ। ଏହି ଅବସରରେ ସେ ଶ୍ୟାମଚରଣ ମୁର୍ମୁ ପ୍ରାଥମିକ ଚକ୍ଷୁ ଚିକିତ୍ସାଳୟ ପରିଦର୍ଶନ କରିବା ସହ ଗ୍ରାମ ପରିଦର୍ଶନ କରି ଗ୍ରାମବାସୀ ତଥା ବନ୍ଧୁ ପରିଜନଙ୍କୁ ଭେଟିଥିଲେ।

ଏସ.ଏଲ.ଏସ ଟ୍ରଷ୍ଟରେ ପହଞ୍ଚି ଛାତ୍ରଛାତ୍ରୀଙ୍କ ସହ ଅଧ୍ୟୟନ ସମ୍ବନ୍ଧୀୟ ସ୍ନେହପୂର୍ଣ୍ଣ ଭାବବିନିମୟ କରିଥିଲେ। ବିଦ୍ୟାର୍ଥୀମାନେ ରାଷ୍ଟ୍ରପତିଙ୍କୁ ନିକଟରେ ପାଇ ଏବଂ ତାଙ୍କ ସହିତ କଥୋପକଥନ କରିବା ସୁଯୋଗ ପାଇ ଖୁବ ଆନନ୍ଦ ଅନୁଭବ କରିଥିଲେ। ଏହାପରେ ସେଠାରେ ଏଲ.ଆଣ୍ଡ.ଟିର ଦକ୍ଷତା ବିକାଶ କେନ୍ଦ୍ରରେ ବିଭିନ୍ନ ଟ୍ରେଡ୍‌ରେ ପ୍ରଶିକ୍ଷଣ ନେଉଥିବା ପ୍ରଶିକ୍ଷାର୍ଥୀ ଏବଂ ଏହି କେନ୍ଦ୍ରରୁ ପ୍ରଶିକ୍ଷିତ ହୋଇ ନିଯୁକ୍ତି ପାଇଥିବା ଯୁବକ ଯୁବକମାନଙ୍କ ସହ ଭାବ ବିନିମୟ ଜରିଆରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ପିଲାମାନେ ମଧ୍ୟ ରାଷ୍ଟ୍ରପତିଙ୍କ ଆଗରେ ସେମାନଙ୍କ ଅନୁଭୂତି ବଖାଣିବା ସହ ଆବଶ୍ୟକତା ବିଷୟରେ କହିଥିଲେ।

ଏହି ଅବସରରେ ରାଷ୍ଟ୍ରପତି କହିଥିଲେ ଯେ ଆଜି ସେ ଭାଷଣ ଦେବାପାଇଁ ଆସିନାହାନ୍ତି ବରଂ ପିଲାମାନେ କେମିତି ଅଛନ୍ତି ଜାଣିବା ପାଇଁ ଆସିଛନ୍ତି। ଆଜି ମୋ ମାଟିକୁ ପାଖରେ ପାଇବାର ମୋତେ ସୁଯୋଗ ମିଳିଛି। ସେଥିପାଇଁ ମୁଁ ଖୁବ ଆନନ୍ଦିତ। ମୁଁ ଆଜି ଯେଉଁ ମାର୍ଗର ପଥିକ ସାଜିଛି ତାହା ମୋର ଅଭିଳାଷ ନଥିଲା, ମାତ୍ର ମୋର ବର୍ତ୍ତମାନ ସ୍ଥିତିର ଶ୍ରେୟ କେବଳ ଏ ମାଟିର। ଏ ମାଟିର ଭାଇ ଭଉଣୀମାନଙ୍କ ସହଯୋଗର ଓ ଏ ମାଟିର ଜନତାଙ୍କର। ଆଜିର ଯୁବବର୍ଗ ଆଗାମୀ କାଲିର ଭବିଷ୍ୟତ। ଯୁବବର୍ଗମାନଙ୍କୁ ଆତ୍ମନିର୍ଭର କରିବା ପାଇଁ ସରକାର ବିଭିନ୍ନ ଯୋଜନା କରୁଛନ୍ତି ମାତ୍ର ଏହା ଗାଁକୁ ପହଞ୍ଚୁଛି କି ନାହିଁ, ଯଦି ପହଞ୍ଚିଛି ତେବେ କେତେଦୂର ଏହା କାର୍ଯ୍ୟକାରି ହେଉଛି ଏବଂ ଏ ଗାଁର ଉନ୍ନତି ପାଇଁ କଣ ଅବଶ୍ୟକତା ଅଛି ସେ ବିଷୟରେ ପିଲାମାନଙ୍କ ଠାରୁ ଜାଣିବା ପାଇଁ ଚାହିଁ ଥିଲେ। ଏହି ଅବସରରେ କହିଥିଲେ ଯେ ସେ ବହୁ କଷ୍ଟ ସାଧ କରି ପାହାଡପୁର ଭଳି ଗ୍ରାମରେ ଦିନେ ଛୋଟ ଚାରାଟିଏ ରୋପଣ କରିଥିଲେ, ଯାହାକି ଆଜି ମହାଦ୍ରୁମରେ ପରିଣତ ହେବା ସହ ଏହାର ଛାଇ ବହୁ ଜଣଙ୍କୁ ଆଶ୍ରୟ ଦେଉଛି। ସମସ୍ତ ବିଦ୍ୟାର୍ଥୀଙ୍କୁ ଭଲ ପାଠ ପଢି ବଡ଼ ମଣିଷ ହେବା ପାଇଁ ଉପଦେଶ ଦେବା ସହ ପାଠ ସହିତ ଅନ୍ୟାନ୍ୟ କ୍ଷେତ୍ରରେ ନିଜର ଅନ୍ତର୍ନିହିତ ଦକ୍ଷତାକୁ ପ୍ରତିପାଦନ କରି ଆତ୍ମନିର୍ଭର ହେବା ପାଇଁ ଉତ୍ସାହିତ କରିଥିଲେ। ବର୍ତ୍ତମାନ ସମୟରେ ସମସ୍ତଙ୍କୁ ଚାକିରି ମିଳିବା ସହଜ ନୁହେଁ, ତେଣୁ ଚାକିରି ଅନ୍ୱେଷଣ ନକରି ଚାକିରି ଦେବା ପାଇଁ ନିଜ ଭିତରେ ଦକ୍ଷତା ବୃଦ୍ଧି କରିବା ନିମନ୍ତେ ଯୁବ ବର୍ଗଙ୍କୁ ଆହ୍ୱାନ ଜଣାଇଥିଲେ। ଯୁବ ବର୍ଗ ଆତ୍ମ ନିର୍ଭର ହେଲେ ଆତ୍ମ ନିର୍ଭର ଭାରତ ଏବଂ ବିକଶିତ ଭାରତ ସମ୍ଭବ ବୋଲି ରାଷ୍ଟ୍ରପତି କହିଥିଲେ।







ତତ୍‌ସହିତ ଯେଉଁ ମାନଙ୍କ ଉଚ୍ଚ ଅଭିଳାଷ ଅଛି ମାତ୍ର ଆର୍ଥିକ ସ୍ୱଚ୍ଛଳତା ଅଭାବରୁ ଅଧାରୁ ପାଠ ପଢ଼ା ଛାଡ଼ି ରହିଛନ୍ତି ଏବଂ ଆଗକୁ ବଢ଼ିପାରୁ ନାହାନ୍ତି, ସେମାନଙ୍କୁ ନିଜର ଅଭିଳାଷ ପୂରଣ ପାଇଁ ଏଲ୍ଏନ୍‌ଟି ଦକ୍ଷତା ବିକାଶ କେନ୍ଦ୍ରରେ ପ୍ରଶିକ୍ଷଣ ନେବା ପାଇଁ ପରାମର୍ଶ ଦେଇଥିଲେ।

ଏହାପରେ ରାଇରଙ୍ଗପୁର ଜଗନ୍ନାଥ ମନ୍ଦିର ଆସି ମହାପ୍ରଭୁଙ୍କୁ ଦର୍ଶନ ସହ ଆଳତୀ,ପୂଜାର୍ଚ୍ଚନା କରିବା ସହ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ ଏବଂ ପ୍ରସାଦ ସେବନ କରିବା ସହ ଲୋକମାନଙ୍କ ସହିତ ଆଲୋଚନା କରିଥିଲେ। ପରେ ପରେ ରାଷ୍ଟ୍ରପତି ରାଇରଙ୍ଗପୁର ବାସ ଭବନକୁ ଫେରି ବିଶ୍ରାମ ନେବା ପରେ ପୁଣି ଅପରାହ୍ଣରେ ଦାଣ୍ଡବୋଷ ଆସି ହେଲିକ୍ୟାପ୍ଟର ଯୋଗେ ଯଶିପୁର ଗସ୍ତ କରିଥିଲେ। ଅସ୍ଥାୟୀ ହେଲିପ୍ୟାଡରେ ଅବତରଣ କରି ସ୍ୱତନ୍ତ୍ର ଗାଡିରେ ସଡ଼କ ପଥରେ ଶିମିଳିପାଳ ଅଭୟାରଣ୍ୟ ଭିତରକୁ ପ୍ରବେଶ କରିଥିଲେ। ଆଜି ଶିମିଳିପାଳ ବୁଲିବା ସହ ରାତ୍ରଭୋଜନ କରି ଶିମିଳିପାଳ ଭିତରେ ଗୁରୁଗୁଡ଼ିଆ ଠାରେ ରାତ୍ରିଯାପନ କରିଛନ୍ତି। ଶୁକ୍ରବାର ସକାଳୁ କାର୍ଯ୍ୟକ୍ରମ କାର୍ଯ୍ୟକ୍ରମ ଶେଷ କରି ଯଶିପୁର ହେଲିପ୍ୟାଡ୍‌କୁ ଆସି ଦିବା ୧୧ଟା ୨୫ ମିନିଟରେ ରାଷ୍ଟ୍ରପତି ସ୍ୱତନ୍ତ୍ର ଆଇଏଏଫ ଏମଆଇ-୧୭ ହେଲିକେପ୍ଟର ଯୋଗେ ପଶ୍ଚିମବଙ୍ଗର କୋଲେଇକୁଣ୍ଡା ବିମାନଘାଟି ଯାତ୍ରା କରି ସେଠାରୁ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱରକୁ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି। ତେବେ ରାଷ୍ଟ୍ରପ୍ତିଙ୍କ ଗସ୍ତ ପାଇଁ ମୟୂରଭଞ୍ଜ ଜିଲ୍ଲା ରେ ମୋଟ ୪୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇ ସୁରକ୍ଷା ବ୍ୟବସ୍ଥା ଉପରେ କଡାକଡି ନଜର ରଖଯାଇଛି।

# ଚେନ୍ନାଇ ସେଣ୍ଟ୍ରାଲ୍-ନ୍ୟୁ ଜଲପାଇଗୁଡ଼ି ଏକ୍ସପ୍ରେସ୍ ଲାଇନ୍‌ଚ୍ୟୁତ

### ବଡ଼ ଦୁର୍ଘଟଣାରୁ ବର୍ତ୍ତିଲେ ଯାତ୍ରୀ



**ଯାଜପୁରରୋଡ଼,୫।୨/ଏନ୍ଏନ୍ଏସ୍:** ଯାଜପୁର ଜିଲ୍ଲା ଯଖପୁରା ଷ୍ଟେସନ ନିକଟରେ ଗୁରୁବାର ସକାଳେ ଚେନ୍ନାଇ ସେଣ୍ଟ୍ରାଲ୍-ନ୍ୟୁ ଜଲପାଇଗୁଡ଼ି ଏକ୍ସପ୍ରେସ୍ ଲାଇନଚ୍ୟୁତ ହୋଇଥିଲା। ୨୨ଟି ବଗି ମଧ୍ୟରୁ ଟ୍ରାକ୍‌ରୁ ଖସିଯାଇଥିଲା ୩ଟି ବଗି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ଲାଇନଚ୍ୟୁତ ହେବା ପରେ ଚେନ୍ନାଇ ସେଣ୍ଟ୍ରାଲ୍-ନ୍ୟୁ ଜଲପାଇଗୁଡ଼ି ଏକ୍ସପ୍ରେସ୍ ଯଖପୁରା ଷ୍ଟେସନ ନିକଟରେ ଅଟକି ରହିଥିଲା। ଦିନ ପ୍ରାୟ ୧୧ଟା ବେଳକୁ ଟ୍ରେନ୍‌ଟି ପୁଣି ଥରେ ଗନ୍ତବ୍ୟସ୍ଥଳ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ଦୁର୍ଘଟଣାଗ୍ରସ୍ତ ୩ ବଗିକୁ ଛାଡ଼ି ଟ୍ରେନ୍‌ଟି ଗଡ଼ିଥିଲା। ପୂର୍ବତଟ ରେଳବାଇ ପକ୍ଷରୁ କୁହାଯାଇଛି ଯେ ସକାଳ ୮ଟା ୫୧ରେ ଟ୍ରେନ୍‌ଟି ଲାଇନଚ୍ୟୁତ ହୋଇଥିଲା। ଗୋଟିଏ ଏସି କୋଚ୍ ଓ ଦୁଇଟି ଜେନେରାଲ କୋଚ୍ ଲାଇନଚ୍ୟୁତ ହୋଇଥିଲା। ଏହି ଘଟଣା ଘଟିବା ସମୟରେ ଟ୍ରେନ୍‌ଟି ଧୀର ଗତିରେ ଯାଉଥିଲା। ଟ୍ରେନ୍ ଲାଇନଚ୍ୟୁତ ହେବା ଯୋଗୁ କୌଣସି ଯାତ୍ରୀଙ୍କ ମୃତ୍ୟୁ ହୋଇନାହିଁ କି କେହି ଆହତ ମଧ୍ୟ ହୋଇନାହାନ୍ତି। ରେଳବାଇର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଦୁର୍ଘଟଣାଗ୍ରସ୍ତ ବଗିଗୁଡ଼ିକୁ ଅଲଗା କରାଯାଇ ପ୍ରାୟ ଅବଶିଷ୍ଟ ୧୯ଟି ବଗିରେ ଯାତ୍ରୀମାନଙ୍କୁ ସେହି ଟ୍ରେନ ଯୋଗେ ସ୍ଥାନାନ୍ତର କରାଯାଇଥିଲା।

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ 'ନ୍ୟାସନାଲ୍ ଡିଫେନ୍ସ କଲେଜ୍' ପ୍ରଶିକ୍ଷାର୍ଥୀ ଅଧିକାରୀ

# ଆମପାଇଁ 'ଦେଶ'ର ଅର୍ଥ କେବଳ 'ଜାତୀୟ ସେବା'

**ଭୁବନେଶ୍ୱର,୫।୨/ଏନ୍ଏନ୍ଏସ୍:** ଆମ ପାଇଁ 'ଦେଶ'ର ଅର୍ଥ ହେଉଛି କେବଳ ଜାତୀୟ ସେବା। ଏହା ଆମର ପ୍ରତିବଦ୍ଧତା। ପ୍ରତ୍ୟେକ ସାମରିକ ଅଧିକାରୀଙ୍କ ଭାବାବେଗ ସହିତ ଆମର ଏହି ମନୋଭାବ ଗଭୀର ଭାବରେ ଜଡ଼ିତ ବୋଲି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କହିଛନ୍ତି। ଶୁକ୍ରବାର ଲୋକସେବା ଭବନରେ ଦିଲ୍ଲୀ ସ୍ଥିତ ନ୍ୟାସନାଲ୍ ଡିଫେନ୍ସ କଲେଜ୍‌ର ପ୍ରଶିକ୍ଷାର୍ଥୀ ଅଧିକାରୀଗଣ ତାଙ୍କୁ ସାକ୍ଷାତ କରିବା ଅବସରରେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ଅଧ୍ୟୟନ ପରିଦର୍ଶନ କାର୍ଯ୍ୟକ୍ରମରେ ଓଡ଼ିଶା ଆସିଥିବା ଏହି ପ୍ରଶିକ୍ଷାର୍ଥୀଗଣଙ୍କ ସହ ଭାରତୀୟ ସଶସ୍ତ୍ର ବାହିନୀର ଅଧିକାରୀ, ଆର୍ମେନିଆ, ଭୁଟାନ, ଶ୍ରୀଲଙ୍କା, ମଙ୍ଗୋଲିଆ ଓ ନେପାଳର ସେନାବାହିନୀ ଅଧିକାରୀମାନେ ମଧ୍ୟ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, 'ଅପରେସନ ସିନ୍ଦୁର' ସମୟରେ ଆମର ବାହିନୀ ଦ୍ୱାରା ଦେଖାଯାଇଥିବା ସାହସ ଏବଂ ସାହସିକତାକୁ ମୁଁ ସଲାମ କରୁଛି। ଏହି ଅପରେସନ୍ ଆପଣଙ୍କ ଶୃଙ୍ଖଳା, ଦୃଢ଼ ପ୍ରତିବଦ୍ଧତା ଏବଂ ନିଃସ୍ୱାର୍ଥପର ସେବାର ପ୍ରମାଣ। ଏଥିସହିତ ପ୍ରାଚୀନ ଓଡ଼ିଶାର ବୀରତ୍ୱ ଏବଂ ପରାକ୍ରମ ଉପରେ ଆଲୋକପାତ କରିବା ସହିତ ମୁଖ୍ୟମନ୍ତ୍ରୀ ଶିଳ୍ପ, ଭିତ୍ତିଭୂମି, ଶିକ୍ଷା, କ୍ରୀଡା ଏବଂ ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ଆଜି ସମଗ୍ର ଭାରତରେ କିଭଳି ଏକ ନୂତନ ପରିଚୟ ସୃଷ୍ଟି କରିଛି ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ବିଭିନ୍ନ ଦେଶରୁ ଆସିଥିବା ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ ଏବଂ ସବୁକ୍ଷେତ୍ରରେ ଓଡ଼ିଶାର ଦ୍ରୁତ ବିକାଶ ଦେଖି ପ୍ରଶଂସା କରିଥିଲେ। ଏଥିରେ ଭାରତୀୟ ସଶସ୍ତ୍ର ବାହିନୀର ବରିଷ୍ଠ ଅଧିକାରୀ ଏବଂ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଥିବା ଦେଶର ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନାରେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏୟାର ମାର୍ଶାଲ ମନୀଷ କୁମାର ଗୁପ୍ତା, ମେଜର ଜେନେରାଲ ସିପି ସାଙ୍ଗରା, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଭାରତୀୟ ସଶସ୍ତ୍ର ବାହିନୀର ଅଧିକାରୀଗଣ ପ୍ରମୁଖ ଉପସ୍ଥିତ ଥିଲେ।



### ଉଦ୍‌ଯାପିତ ହେଲା ଆଦିବାସୀ ମେଳା

# ଜନଜାତିଙ୍କ ବିକାଶକୁ ପ୍ରାଧାନ୍ୟ ଦେଇଛନ୍ତି ରାଜ୍ୟ ସରକାର: ମନ୍ତ୍ରୀ

**ଭୁବନେଶ୍ୱର,୫।୨/ଏନ୍ଏନ୍ଏସ୍:** ଉଦଯାପିତ ହୋଇଛି ରାଜ୍ୟସ୍ତରୀୟ ଆଦିବାସୀ ମେଳା। ଭୁବେନଶ୍ୱରର ୟୁନିଟ-୧ସ୍ଥିତ ଆଦିବାସୀ ପଡ଼ିଆଠାରେ ଗତ ୧୧ ଦିନ ଧରି ଚାଲିଥିବା ମେଳା ସଫଳତାର ସହ ଶେଷ ହୋଇଛି। ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଅନୁସୂଚିତ ଜନଜାତି କଲ୍ୟାଣ ଏବଂ ସଂଖ୍ୟାଲଘୁ ଓ ପଛୁଆ ବର୍ଗ ବିକାଶ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ମେଳାର ସଫଳତା ବିଷୟରେ ସୂଚନା ଦେଇଛନ୍ତି।ସେ କହିଛନ୍ତି ଯେ ଚଳିତ ବର୍ଷ ଆଦିବାସୀ ମେଳାରେ ୧୦ ଲକ୍ଷରୁ ଅଧିକ ଜନସମାଗମ ହୋଇଥିବା ବେଳେ ୪ କୋଟି ୨୨ ଲକ୍ଷ ବ୍ୟବସାୟ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଭୋକାଲ୍ ଫର୍ ଲୋକାଲ୍ ସ୍ଲୋଗାନକୁ ଆଦିବାସୀ ମେଳା ପ୍ରତିଫଳିତ କରିଛି। ଆଦିବାସୀଙ୍କ ଭାଷା, ସଂସ୍କୃତି ଓ ପରମ୍ପରାକୁ ସୁରକ୍ଷିତ ଓ ପ୍ରୋତ୍ସାହିତ କରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଉଦ୍‌ଯାପନୀ ସମାରୋହରରେ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ବା.ପରମେଶ୍ୱରନ୍, ଅନୁସୂଚିତ ଜାତି ନିର୍ଦ୍ଦେଶକ ଲକ୍ଷ୍ମଣ କୁମାର ମଲ୍ଲିକ୍, ଅନୁସୂଚିତ ଜନଜାତି ନିର୍ଦ୍ଦେଶକ ପ୍ରେମଜିତ୍ ନାୟକ, ଅତିରିକ୍ତ ଶାସନ ସଚିବ ସୁରେନ୍ଦ୍ର କୁମାର ମୀନା, ବିତ୍ତ ପରାମର୍ଶଦାତା ବନିତା ଦାଶ, ସ୍ୱତନ୍ତ୍ର ଶାସନ ସଚିବ ସୁଜାତା ମିଶ୍ର, ଅତିରିକ୍ତ ଶାସନ ସଚିବ ଦେବେନ୍ଦ୍ର ନନ୍ଦ, ମେମ୍ବର ସେକ୍ରେଟାରୀ ସୁଧାକର ଶବର ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗର ଅତିରିକ୍ତ ଶାସନ ସଚିବ ସୁରେନ୍ଦ୍ର କୁମାର ମୀନା କହିଛନ୍ତି ଆଜିର ପ୍ରତିଯୋଗିତାମୂଳକ ସମୟରେ ଆଦିବାସୀମାନଙ୍କୁ ମୁଖ୍ୟସ୍ରୋତର ସାମିଲ କରିବାର ଆବଶ୍ୟକତା ରହିଛି। ଆଦିବାସୀ ମେଳା କେବଳ ଐତିହ୍ୟର ପରିଚୟ ନୁହେଁ ବରଂ ଆଦିବାସୀ ସାମଗ୍ରୀକୁ ଏକ ବଜାର ଦେବାର ଏକ ପ୍ରୟାସ। ଏହା ମାଧ୍ୟମରେ ଆମେ ଆଦିବାସୀ ଭାଇ ଭଉଣୀମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିପାରୁଛୁ। ତେବେ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସ୍ୱତନ୍ତ୍ର ଶାସନ ସଚିବ ସୁଜାତା ମିଶ୍ର ଧନ୍ୟବାଦ ଦେଇଥିଲେ। ଉଦଯାପନୀ ସନ୍ଧ୍ୟାରେ ଗବେଷଣା ପତ୍ରିକା 'ବନଜା' ର ଶୁଭ ଉନ୍ମୋଚିତ ହୋଇଥିବା ବେଳେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ସାଂସ୍କୃତିକ ପରିଷଦର ବାର୍ଷିକ ସ୍ମରଣିକା 'ପାହାଚ ୨୦୨୬' କୁ ମୁଖ୍ୟ ଅତିଥି ଅନାବରଣ କରିଛନ୍ତି। ୧୦ ଜଣ ସଫଳ ଜନଜାତି ଚାଷୀ, କୁଶଳୀ କାରିଗରଙ୍କୁ ସମ୍ମାନିତ କରାଯାଇଥିବା ବେଳେ ୩ ଗୋଟି ଶ୍ରେଷ୍ଠ କୁଡ଼ିଆ- କୁଟିଆ କନ୍ଧ ଘର, ଜୁଆଙ୍ଗ ମଣ୍ଡ ଘର, ପାହାଡିଆ ଖରିଆ ଘର ଓ ୩ ଜଣ ଜନଜାତି କ୍ଷୁଦ୍ର ବ୍ୟବସାୟୀ- ସୁନୟନା ସ୍ୱୟଂ ସହାୟକ ଗୋଷ୍ଠୀ, ସୁକନ୍ୟା ସ୍ୱୟଂ ସହାୟକ ଗୋଷ୍ଠୀ, ମହାଲକ୍ଷ୍ମୀ ମହିଳା ସଞ୍ଚୟ ସମିତିଙ୍କୁ ପୁରସ୍କୃତ କରାଯାଇଛି।

### ୧୧ ଦିନରେ ୪ କୋଟିରୁ ଅଧିକ ବ୍ୟବସାୟ

### ୨୦ତମ ତୋଷାଳି ସ୍ୱଦେଶୀ ମେଳା

# ଏକାମ୍ର ହାଟରୁ ଗଡ଼ିଲା ପ୍ରଚାର ରଥ



**ଭୁବନେଶ୍ୱର,୫।୨/ଏନ୍ଏନ୍ଏସ୍:** ୨୦ତମ ତୋଷାଳି ସ୍ୱଦେଶୀ ମେଳା ଉପଲକ୍ଷେ ଆଜି ସ୍ଥାନୀୟ ଏକାମ୍ର ହାଟ ଠାରୁ ପ୍ରଚାର ରଥ ଗଡ଼ିଛି। ଏହି କାର୍ଯ୍ୟକ୍ରମରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଜନତା ମଇଦାନଠାରେ ଫେବୃଆରୀ ୧୪ ରୁ ୨୬ ତାରିଖ ତୋଷାଳି ସ୍ୱଦେଶୀ ମେଳା ଆୟୋଜନ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପ୍ରଭାକର ମହାରଣା, ପଦ୍ମଶ୍ରୀ ଇଲିଆନା ସିତାରିଷ୍ଟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ ପ୍ରେମ ଚନ୍ଦ୍ର ଚୌଧରୀ, ହସ୍ତଶିଳ୍ପ ନିର୍ଦ୍ଦେଶିକା ନିବେଦିତା ପୃଷ୍ଟି, ଅତିରିକ୍ତ ଶାସନ ସଚିବ ପ୍ରତାପ ଚନ୍ଦ୍ର ହୋତା, ସେରିଫେଡର ପରିଚାଳନା ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ସିଡାକର ସଦସ୍ୟ ସଚିବ ଚିନ୍ମୟୀ ବିଶ୍ୱାଳ, ଉପ ଶାସନ ସଚିବ ସୁବ୍ରତ କୁମାର ବେହେରା ଉପସ୍ଥିତ ଥିଲେ।

### ଜନଗଣନା ସମ୍ବନ୍ଧୀୟ ସମୀକ୍ଷା ଆଲୋଚନା ତଥା ତାଲିମ କାର୍ଯ୍ୟକ୍ରମ ବୈଠକ

# ‘୨୦୨୭ ଜନଗଣନା ହେବ ଐତିହାସିକ’

**ଖୋର୍ଦ୍ଧା,୫।୨/ଏନ୍‌ଏନ୍‌ଏସ୍:** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଓଡ଼ିଶା ଜନଗଣନା କାର୍ଯ୍ୟ ଏବଂ ନାଗରିକ ପଞ୍ଜୀକରଣ ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ଜନଗଣନା ଅଧିକାରୀ ଓ କର୍ମଚାରୀ ମାନଙ୍କ ନିମନ୍ତେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ଖୋର୍ଦ୍ଧା, ପ୍ରତାପ ଚନ୍ଦ୍ର ବେଉରା, ଉପଜିଲ୍ଲାପାଳ, ଖୋର୍ଦ୍ଧା, ସଂକଳ୍ପ ସ୍ୱସ୍ତିକ ସାହୁ, ଉପଜିଲ୍ଲାପାଳ, ଭୁବନେଶ୍ୱର ଡ଼ଃ ମନୋରଞ୍ଜନ ସାହୁ, ଓଡ଼ିଶା ଜନଗଣନା କାର୍ଯ୍ୟ ଏବଂ ନାଗରିକ ପଞ୍ଜୀକରଣ ବିଭାଗ ସହକାରୀ ନିର୍ଦ୍ଦେଶକ ଚନ୍ଦ୍ର ମୋହନ ମହନ୍ତ ମଞ୍ଚାସୀନ ରହି ଜନଗଣନା କାର୍ଯ୍ୟ ସମ୍ପାଦନ ବିଷୟ ବସ୍ତୁ ଉପରେ ଆଲୋଚନା କରିଥିଲେ। ଆସନ୍ତା ୨୦୨୭ ମସିହାରେ ଅନୁଷ୍ଠିତ ହେବାକୁ ଯାଉଥିବା ଜନଗଣନା ଏକ ଐତିହାସିକ କାର୍ଯ୍ୟକ୍ରମ ବୋଲି, ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣ ଉତ୍ଥାପନ କରି ଏହି ମହତ୍ କାର୍ଯ୍ୟକ୍ରମକୁ ନିଷ୍ପାପର ଭାବେ ସମସ୍ତ ଅଧିକାରୀ ଏବଂ କର୍ମଚାରୀ ସମ୍ପାଦନ କରି ରାଷ୍ଟ୍ରର ଗୌରବକୁ ବୃଦ୍ଧି କରିବାକୁ ପ୍ରକାଶ କରିଥିଲେ। ଏହି ଅବସରରେ ନିର୍ଦ୍ଦେଶକ ଶ୍ରୀ କଲ୍ୟାଣ ପ୍ରତ୍ୟେକ ଅଧିକାରୀ ଏବଂ କର୍ମଚାରୀମାନଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ପାଦନ ଦିଗରେ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ୧୬ଶ ଦଶବାର୍ଷିକ ଜନଗଣନା ୨୦୨୭କୁ ଜିଲ୍ଲାସ୍ତରରେ ପରିଚାଳନା ନିମନ୍ତେ ନିର୍ଦ୍ଦେଶକ ବିସ୍ତୃତ ଭାବେ ସମସ୍ତ ସୂଚନା ଉପରେ ପାୱାର୍ ପଏଣ୍ଟ୍‌ରେ ତାଲିମ ପ୍ରଦାନ କରିଥିଲେ। ଆସନ୍ତା ୧୬ ଏପ୍ରିଲ ୨୦୨୬ରୁ ୧୫ ମଇ ୨୦୨୬ ପ୍ରଥମ ପର୍ଯ୍ୟାୟରେ ଘର ଗଣନା କାର୍ଯ୍ୟ ଅନୁଷ୍ଠିତ ହେବ। ଏହି ସମୟରେ ଏପ୍ରିଲ ୧ ତାରିଖରୁ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଅନଲାଇନ୍ ମାଧ୍ୟମରେ ନିଜେ ନିଜର ଜନଗଣନା ତଥ୍ୟ ପୂରଣ କରିପାରିବେ। ପରିବାର ଲୋକ ସଂଖ୍ୟା ଦ୍ୱିତୀୟ ପର୍ଯ୍ୟାୟରେ ଫେବୃୟାରୀ ୯ ତାରିଖରୁ ୨୮ ଫେବୃୟାରୀ ପର୍ଯ୍ୟନ୍ତ ଗଣନା କାର୍ଯ୍ୟ ସମ୍ପାଦିତ ହେବ। ଏହି ସମୟରେ ପ୍ରତ୍ୟେକ ଘରର ମୁଖ୍ୟମାନେ ନିଜ ଗୃହର ସଠିକ୍ ତଥ୍ୟ ଦେଇ ୨୦୨୭ ଜନଗଣନା କାର୍ଯ୍ୟକୁ ସ୍ୱଚ୍ଛତା ଦିଗରେ ସହଭାଗିତା ହୋଇ ରାଷ୍ଟ୍ର ନିର୍ମାଣରେ ସହଯୋଗ କରିବାକୁ ଜନଗଣନା ନିର୍ଦ୍ଦେଶକ ଜିଲ୍ଲାବାସୀଙ୍କ ସହଯୋଗ ଲୋଡିଛନ୍ତି। ଏହି ମହତ କାର୍ଯ୍ୟରେ ମୁଖ୍ୟତଃ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ଗଣନାକାରୀ ଭାବେ କାର୍ଯ୍ୟ କରିବେ। ସେହିପରି ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ସୁପରଭାଇଜର ଭାବେ କାର୍ଯ୍ୟ କରିବେ। ତହସିଲଦାରମାନେ ଚାର୍ଜ ଅଫିସର ଭାବେ କାର୍ଯ୍ୟ କରିବେ। ପ୍ରାକ୍ ପ୍ରସ୍ତୁତି ଜନଗଣନା ତାଲିମ ପ୍ରତ୍ୟେକ ତହସିଲ, ବ୍ଲକ୍, ପୌର ପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦ ଆଦିରେ ପ୍ରଦାନ କରାଯିବ।



ସେହିପରି ଜନଗଣନା ମ୍ୟାପ୍ ପ୍ରସ୍ତୁତ କରାଯାଇ ପ୍ରତ୍ୟେକ ଜନଗଣନାକାରୀଙ୍କୁ ପ୍ରଦାନ କରାଯିବ ଯାହାକି ସେମାନେ ନିଜର ପରିସୀମା ମଧ୍ୟରେ ସୁଚାରୁ ରୂପେ ଜନଗଣନା କାର୍ଯ୍ୟ ସମ୍ପାଦନ କରିପାରିବେ। ଶେଷରେ ଉପଜିଲ୍ଲାପାଳ ଭୁବନେଶ୍ୱର ଡ଼ଃ ମନୋରଞ୍ଜନ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ବୈଠକରେ ଡେପୁଟୀ କଲେକ୍ଟର ଶ୍ରୀତପା ମିଶ୍ର, ଉପନିର୍ଦ୍ଦେଶକ, ଯୋଜନା ଓ ପରିସଂଖ୍ୟାନ ଅଶୋକ କୁମାର ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ସମସ୍ତ ସମସ୍ତ ତହସିଲଦାର, ବିଡିଓ, ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ, ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।

## ଉତ୍କଳ ସମ୍ମିଳନୀ ପକ୍ଷରୁ ସଚେତନତା ଶୋଭାଯାତ୍ରା

**ଦଶପଲ୍ଲା,୫।୨/ଏନ୍‌ଏନ୍‌ଏସ୍:** ଉତ୍କଳ ସମ୍ମିଳନୀ ଦଶପଲ୍ଲା ଶାଖା ପକ୍ଷରୁ ଓଡ଼ିଆ ଭାଷାର ବହୁଳ ବ୍ୟବହାର ଓ ସାଂସ୍କୃତିକ ଜାଗରଣ ପାଇଁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରାକୁ କୃଷ୍ଣପ୍ରିୟା ଦେବୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ପତାକା ଧରି ଉଦ୍ଘାଟନ କରିଥିଲେ। ପରେ ଏହି ଶୋଭାଯାତ୍ରା ସେଠାରୁ ବାହାରି ଦଶପଲ୍ଲାର ବିଭିନ୍ନ ବଜାର ପରିକ୍ରମା କରି ଗଣେଶ ବଜ଼ାର ଠାରେ ପହଞ୍ଚିଥିଲା। ଦୁଇକିଲୋମିଟର ବ୍ୟାପି ଏହି ଶୋଭାଯାତ୍ରାରେ କୃଷ୍ଣପ୍ରିୟଦେବୀ ମହିଳା ମହାବିଦ୍ୟାଳୟ, ପିଏମଶ୍ରୀ ରାଧାମୋହନ ଜୀଉ ଉଚ୍ଚ ବିଦ୍ୟାଳୟ, ଦଶପଲ୍ଲା ଉଚ୍ଚ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନେ ସାମିଲ ହୋଇଥିଲେ। ଶୋଭାଯାତ୍ରା ସମୟରେ ବିଭିନ୍ନ ସ୍ଥାନରେ ସାହିତ୍ୟିକ ହାଡ଼ିବନ୍ଧୁ ମହାଖୁଡ଼, ପ୍ରଧାନ ଶିକ୍ଷକ ଦିଲ୍ଲୀପ ନାୟକ, ପ୍ରଫୁଲ୍ଲ ମିଶ୍ର, ପ୍ରଫୁଲ ଦାସ ଏବଂ ସୁବାସ ପ୍ରଧାନ ଉତ୍କଳ ସମ୍ମିଳନୀ ଓ ଓଡ଼ିଆ ଭାଷା ସମ୍ପର୍କ ର ନିଜର ବକ୍ତବ୍ୟ ରଖିଥିଲେ। ଉତ୍କଳ ସମ୍ମିଳନୀ ଦଶପଲ୍ଲା ଶାଖା ସଭାପତି ଡ଼ଃ ବୈଦ୍ୟନାଥ ପ୍ରଧାନ ଓ କେନ୍ଦ୍ରୀୟ କମିଟି ସଦସ୍ୟ ପ୍ରଶାନ୍ତ କୁମାର ସାହୁ ଙ୍କ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ଏହି ଶୋଭାଯାତ୍ରାକୁ ଅଧ୍ୟାପକ ଧୀରେନ୍ଦ୍ର ମହାରଣା ପରିଚାଳନା କରିଥିଲେ। ବିଶେଷ ଭାବେ ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା ତଥା ଓଡ଼ିଆ ଜାତିର ସ୍ୱାଭିମାନ ସ୍ୱର୍ଗତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ତିରୋଧାନ ଦିବସ ହୋଇଥିବାରୁ ଉତ୍କଳ ସମ୍ମିଳନୀ ଦଶପଲ୍ଲା ଶାଖା ପକ୍ଷରୁ ସ୍ୱର୍ଗତ ମଧୁସୁଦାନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିତାରାମ ଯୁଥକ୍ଲବ, ବିବେକାନନ୍ଦ ପଠନ କେନ୍ଦ୍ର ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ର କର୍ମକର୍ତ୍ତା ମନେ ସହଯୋଗ କରିଥିଲେ। ବିଶେଷ ଭାବେ ଆସନ୍ତା ତାରିଖ ରେ ଦଶପଲ୍ଲା ରେ ଉତ୍କଳ ସମ୍ମିଳନୀ ର ୪୯ ତମ ଅଧିବେଶନ, ପରିଷଦ ସଭା,ଓ କେନ୍ଦ୍ରୀୟ ନିର୍ବାଚନ ଦଶପଲ୍ଲା ରେ ହେବାକୁ ଯାଉଥିବା ବେଳେ ଏହାର ଅବ୍ୟବହିତ ପୂର୍ବରୁ ଏହି ସଚେତନ ଶୋଭାଯାତ୍ରା ଲୋକ ଙ୍କ ମଧ୍ୟରେ ଓଡ଼ିଆ ଭାଷା ପ୍ରତି ସଚେତନ ସୃଷ୍ଟି କରିବ ବୋଲି ବୁଦ୍ଧିଜିବିମାନେ ମତପୋଷଣ କରିଛନ୍ତି ।



## ଜନ୍ମପୀଠରେ ଉତ୍କଳ ଗୌରବଙ୍କ ଶ୍ରାଦ୍ଧଉତ୍ସବ



**ସାଲେପୁର,୫।୨/ଏନ୍‌ଏନ୍‌ଏସ୍:** ଉତ୍କଳ ଗୌରବ କୁଳବୃଦ୍ଧ ମଧୁସୂଦନ ଦାସଙ୍କ ୯୨ତମ ଶ୍ରାଦ୍ଧଉତ୍ସବ ମଧୁବାବୁଙ୍କ ଜନ୍ମପୀଠ ସାଲେପୁର ବ୍ଲକ ଅନ୍ତର୍ଗତ ସତ୍ୟଭାମାପୁର ଠାରେ ମଧୁସୂଦନ ସାଂସ୍କୃତିକ ପରିଷଦ ପକ୍ଷରୁ ମହା ସମାରୋହରେ ପାଳିତ ହୋଇଯାଇଛି। ପ୍ରତ୍ୟୁଷରେ ମଧୁସୂଦନ ସାଂସ୍କୃତିକ ପରିଷଦ ତରଫରୁ ଆୟୋଜିତ ମଧୁଜ୍ୟୋତି ଗଣଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ପାଗା ଛକ ଠାରୁ ଏକ ବିଶାଳ ଗଣଦୌଡ ଶୋଭାଯାତ୍ରା ବାହାରି ଲକ୍ଷ୍ମୀନାରାୟଣପୁର ଗୋପୀନାଥ ପୁର ହୋଇ ସତ୍ୟଭାମାପୁରଠାରେ ପହଞ୍ଚି ଥିଲା। ଅଞ୍ଚଳର ଶତାଧିକ ମଧୁ ପ୍ରେମୀ ଯୋଗ ଦେଇଥିଲେ। ଗଣଦୌଡ କାର୍ଯ୍ୟକ୍ରମକୁ ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂହ ଉଦ୍ଘାଟନ କରିଥିଲେ।ସେହିପରି ସଂଧ୍ୟାରେ ମଧୁସୂଦନ ସାଂସ୍କୃତିକ ପରିଷଦ ପକ୍ଷରୁ ମଧୁବାବୁଙ୍କ ଜନ୍ମପୀଠରେ ମଧୁବାବୁଙ୍କ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା। ମଧୁସୂଦନ ସାଂସ୍କୃତିକ ପରିଷଦର ସଭାପତି ପ୍ରଶାନ୍ତ କୁମାର ରାଉତ କାର୍ଯ୍ୟକ୍ରମରେ ସ୍ୱଭାପତିତ୍ୱ କରିଥିଲେ।ମୁଖ୍ୟ ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟମୂର୍ତ୍ତି ବିରଜା ପ୍ରସନ୍ନ ଶତପଥୀ ଯୋଗଦେଇ ମଧୁବାବୁଙ୍କ ନିଷ୍ଠା, ତ୍ୟାଗ ଓ ସାଧନ କ୍ଷେତ୍ରରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଆୟକର ବିଭାଗର ପ୍ରାକ୍ତନ ମୁଖ୍ୟ ଆୟୋଗ ମନୋରଞ୍ଜନ ପାଣିଗ୍ରାହୀ,ସମ୍ମାନିତ ଅତିଥି ରାଜସ୍ୱ ବିଭାଗର ପ୍ରାକ୍ତନ ସଚିବ ଅଭୟ କୁମାର ନାୟକ, କଟକ ଏଡିଏମ କମଲଜିତ ଦାସ, ବୁର୍ଲା ସ୍କୁଲ୍ ଅଫ୍ ଲ’ର ଡିନ୍ ଡ. ସୁକାନ୍ତ କୁମାର ନନ୍ଦ ପ୍ରମୁଖ ଯୋଗଦେଇ ମଧୁବାବୁଙ୍କର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମଧୁବାବୁଙ୍କ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କ୍ରୀଡାବିତ୍ ଶ୍ରେୟାନ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଧୁସୂଦନ ସାଂସ୍କୃତିକ ପରିଷଦର ସମ୍ପାଦକ ଦିଲ୍ଲୀପ କୁମାର ସାମଲ ବିବରଣୀ ପାଠ କରିଥିବା ବେଳେ ପରିଷଦ ସଭାପତି ଶ୍ରୀ ରାଉତ ଧନ୍ୟବାଦ ଦେଇଥିଲେ। ପରେ କସ୍ତୁରବା ଗାନ୍ଧୀ ସ୍ମାରକୀ ଟ୍ରଷ୍ଟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ମଧୁସୂଦନ ସାଂସ୍କୃତିକ ପରିଷଦର କର୍ମକର୍ତ୍ତା ଓ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରଶିକ୍ଷଣରେ ଘୋଟାଲା ନେଇ ଶିକ୍ଷକସଂଘର ପ୍ରତିବାଦ

**ନୟାଗଡ଼,୫।୨/ଏନ୍‌ଏନ୍‌ଏସ୍:** ଆସନ୍ତା ଶିକ୍ଷାବର୍ଷରୁ ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାଇ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ବିଷୟ ବଦଳି ସିଲାବସ ଅନୁସାରେ ନୂତନ ପାଠ୍ୟପୁସ୍ତକ ପ୍ରକାଶିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାର ସମସ୍ତ ଶିକ୍ଷକ ମାନେ ପର୍ଯ୍ୟାୟ କ୍ରମେ ୫ ଦିନିଆ ଓସିଏଫ ପ୍ରଶିକ୍ଷଣ ନେଉଛନ୍ତି। ତେବେ ଏହି ପ୍ରଶିକ୍ଷଣ ପାଇଁ ଉଦ୍ଦିଷ୍ଟ ଅର୍ଥ ରାଶିକୁ ଶିକ୍ଷା ବିଭାଗର କିଛି କର୍ମଚାରୀ ମାନଙ୍କ ଦ୍ୱାରା ହଡ଼ପ କରାଯାଉ ଥିବା ଅଭିଯୋଗ ହେଉଛି। ଓସେପା ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ମଧ୍ୟାହ୍ନ ଭୋଜନ ପାଇଁ ୧ଶହ ଟଙ୍କା, ଚାହା ବିସ୍କୁଟ ପାଇଁ ୨୦ଟଙ୍କା, ଖାତା କଲମ ପାଇଁ ୩୦ ଟଙ୍କା, କଣ୍ଟିଜେନ୍ସି ପାଇଁ ପାଇଁ ୨୦ ଟଙ୍କା,ଟିଏଲଏମ ପାଇଁ ୩୦ ଟଙ୍କା, ପ୍ରଶିକ୍ଷକ ମାନଙ୍କ ପାଇଁ ଦୈନିକ ୩ ଶହ ଟଙ୍କା ଏବଂ ପ୍ରଶିକ୍ଷାର୍ଥୀ ମାନଙ୍କ ପାଇଁ ଦିନକୁ ୭୦ ଟଙ୍କା ହିସାବରେ ଅନୁଦାନର ବ୍ୟବସ୍ଥା ରହିଛି। ତେବେ ଜିଲ୍ଲାର ଅନ୍ୟାନ୍ୟ ବ୍ଲକ ସମେତ ନୟାଗଡ଼ ବ୍ଲକରେ ଏହି ଅର୍ଥକୁ ବାଟମାରଣା କରାଯାଉଥିବା ଅଭିଯୋଗ ହେଉଛି। ଅଭିଯୋଗ ଅନୁସାରେ ମଧ୍ୟାହ୍ନ ଭୋଜନ ବାବଦ ଅର୍ଥ ଶିକ୍ଷକ ମାନଙ୍କୁ ନଦେଇ ବ୍ଲକ ଶିକ୍ଷା ବିଭାଗର କିଛି ଅଧିକାରୀ ସ୍ଥାନୀୟ ହୋଟେଲ ସହିତ ଯୋଗାଯୋଗ କରି ୫୦/୬୦ ଟଙ୍କାରେ ଅତିନିମ୍ନ ମାନର ଖାଦ୍ୟ ପ୍ରଶିକ୍ଷଣ କେନ୍ଦ୍ରରେ ଶିକ୍ଷକ ମାନଙ୍କୁ ଦେଉଛନ୍ତି। ସେହିପରି ଚା ବିସ୍କୁଟ ଦିନକୁ ଦୁଇଥର ଦେବାର ବ୍ୟବସ୍ଥା ଥିବାବେଳେ ମାତ୍ର ଥରୁଟିଏ ଅତି ନିମ୍ନ ମାନର ଚାହା ଏବଂ ୫ ଟଙ୍କିଆ ବିସ୍କୁଟ ଦିଆ ଯାଉଛି। ସେହିପରି ଶିକ୍ଷକ ମାନଙ୍କ ପାଇଁ ଉଦ୍ଦିଷ୍ଟ ଟିଏଲଏମ ଏବଂ କଣ୍ଟିଜେନ୍ସି ବାବଦ ଅର୍ଥକୁ ସମ୍ପୂର୍ଣ୍ଣ ହଡ଼ପ କରାଯାଉଛି। ଏନେଇ ଜିଲ୍ଲାର ବିଭିନ୍ନ ଶିକ୍ଷକ ସଂଗଠନ ପକ୍ଷରୁ ଏହାର ଘୋର ପ୍ରତିବାଦ କରାଯିବା ସହିତ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରାଯାଇଛି। ସୂଚନା ଯୋଗ୍ୟ ଯେ ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରୁଥିବା ବେଳେ ଏହି ବିଭାଗର କିଛି କର୍ମଚାରୀ ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗ ହେଉଛି। ଶିକ୍ଷକ ସଂଗଠନ ପକ୍ଷରୁ ଶିକ୍ଷକ ନେତା ଶେଖ ଅବଦୁଲ ଖାଲିକ, ଭକ୍ତବଲ୍ଲଭ ବାଟକୃଷ୍ଣ ମିଶ୍ର, ବିପିନ ଦାସ,ପୀତବାସ ପ୍ରଧାନ, ଉମେଶ ସ୍ୱାଇଁ,ରବୀନ୍ଦ୍ର କୁମାର ସାହୁ,ଲକ୍ଷ୍ମୀଧର ସାହୁ ପ୍ରମୁଖ ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣ୍ଡେଙ୍କୁ ଭେଟି ଅଭିଯୋଗ ପତ୍ର ପ୍ରଦାନ କରିଥିବା ବେଳେ ଶିକ୍ଷାଧିକାରୀ ଏ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଛନ୍ତି।



## ପୋଡ଼ି ହୋଇ ଗୁରୁତର ଆହତ ବୃଦ୍ଧାଙ୍କ ମୃତ୍ୟୁ

**ମୁଣ୍ଡମୁହାଣ,୫।୨/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱର ଉପକଣ୍ଠ ଜଟଣୀ ବ୍ଲକ୍ ଯାଁଳା ପଞ୍ଚାୟତରେ ରହୁଥିବା ସ୍ୱର୍ଗତ କାଶୀନାଥ ସେଠିଙ୍କ ସ୍ତ୍ରୀ ସୁବାସିନୀ ସେଠି(୭୦) ଗତ ଜାନୁଆରୀ ୭ ତାରିଖ ରାତ୍ର ୧୦ଟା ସମୟରେ ଶୀତ ଯୋଗୁ ଘରର ବାହାରେ ନିଆଁ ପୁଆଁଉଥିବା ବେଳେ ହଠାତ୍ ଅସାବଧାନତା ଯୋଗୁ ତାଙ୍କ ଶାଢ଼ିରେ ନିଆଁଲାଗିଯାଇଥିଲା। ନିଜକୁ ରକ୍ଷା କରିବାକୁ ଯାଇ ସେ ଶାଢିଟିକୁ ତୁରନ୍ତ ଖୋଲି ଫୋପାଡି ଦେଇଥିଲେ କିନ୍ତୁ ଦୁର୍ଭାଗ୍ୟବଶତଃ ପିନ୍ଧିଥିବା ଅନ୍ୟ ବସ୍ତ୍ରରେ ମଧ ନିଆଁ ଲାଗିଯାଇଥିଲା। ଫଳରେ ତାଙ୍କ ଗୋଡ଼ରୁ ପେଟ ପର୍ଯ୍ୟନ୍ତ ପୋଡି ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ଏମ୍ସ ହସ୍‌ପିଟାଲ ନେଇଯାଇଥିଲେ। ସେଠାରେ ଚିକିତ୍ସା ହେଲା ପରେ ବୃଦ୍ଧାଙ୍କ ଦେହ ଅଧିକ ଅସୁସ୍ଥ ହେବାରୁ ତାଙ୍କୁ ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ମଧ ବୃଦ୍ଧାଙ୍କର ଦେହ ଅଧିକ ଅସୁସ୍ଥ ହେବାରୁ ପୁଣି ଅନ୍ୟ ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରି ଚିକିତ୍ସା ଚାଲିଥିଲା। ଗତକାଲି ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି।

## ଗୋପବନ୍ଧୁ ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର

**ନିମାପଡ଼ା,୫।୨/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଅଞ୍ଚଳରେ ବେଶ ଜଣାଶୁଣା ଗୋପବନ୍ଧୁ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପ୍ରତିବର୍ଷ ପରି ଏହି ବର୍ଷ ମଧ ଜାତୀୟ ରେଡ଼କ୍ରସ୍ କଟକ ସହାୟତାରେ ମିଟେଇପୁର ଗ୍ରାମ ପଂଚାୟତର ବନ୍ଧୁଗ୍ରାମ ମେଳନ ପଡ଼ିଆ ଠାରେ ଏକ ବିଶାଳ ରକ୍ତଦାନ ଶିବିର ଆୟୋଜିତ କରାଯାଇଥିଲା। ଶିବିରରେ ମୋଟ ୮୩ ୟୁନିଟ୍ ରକ୍ତ ସଂଗୃହିତ ହୋଇଅଛି। ଶିବିରରେ ଗୋପବନ୍ଧୁ ଚାରିଟେବୁଲ୍ ଟ୍ରଷ୍ଟର ସଭାପତି ଡ଼ାକ୍ତର ତରୁଣ କୁମାର ପଣ୍ଡା, ସଂପାଦକ ପ୍ରତାପ କୁମାର ଜେନା, ଟ୍ରଷ୍ଟର ସଭ୍ୟ ମାଧବ ମୁଦୁଲି, ନବଘନ ଭୋଇ, ଅରବିନ୍ଦ ପରିଜା, ବଳରାମ ମେକାପ, ବସନ୍ତ ଦାସ, ବିକାଶ ନାୟକ ଏବଂ ବନ୍ଧୁଗ୍ରାମର ଗ୍ରାମବାସୀ ବଜେନ୍ଦ୍ର କୁମାର ବିଶ୍ୱାଳ, ଶତ୍ରୁଘ୍ନ ବିଶ୍ୱାଳ, ନରେନ୍ଦ୍ର ଦାସ, ପ୍ରଶାନ୍ତ ଦାସ, ସନ୍ତୋଷ କୁମାର ପାଢ଼ୀ, ଦିପ୍ତି ରଂଜନ, ଅନ୍ତର୍ଯ୍ୟାମି ବିଶ୍ୱାଳ ଏବଂ ଅନ୍ୟମାନେ ଉପସ୍ଥିତ ରହି ଶିବିରଟିକୁ ସଫଳ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।



## ନାଚୁଣୀ ମହାବିଦ୍ୟାଳୟ ଓଡ଼ିଆ ସାହିତ୍ୟ ସଂସଦର ବାର୍ଷିକୋତ୍ସବ



**ଚିଲିକା,୫।୨/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲା ନାଚୁଣୀ ମହାବିଦ୍ୟାଳୟ ଓଡ଼ିଆ ସାହିତ୍ୟ ସଂସଦର ବାର୍ଷିକୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ସାହିତ୍ୟ ସଂସଦର ସଭାପତି ଡଃ ସୁନୀଲ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସାରସ୍ୱତ ଉତ୍ସବର ପ୍ରାରମ୍ଭରେ ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ବିଗ୍ରହରେ ଧୂପପୁଷ୍ପ ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍ଘାଟନ କରିଥିଲେ। ଏହି ସାହିତ୍ୟ ସଂସଦର ସାରସ୍ୱତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ରାମଚନ୍ଦ୍ରମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟର ଓଡ଼ିଆଭାଷାତତ୍ତ୍ୱ ବିଭାଗର ପ୍ରାକ୍ତନ ମୁଖ୍ୟ ପ୍ରାଧ୍ୟାପକ ଡଃ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ମୁଖ୍ୟବକ୍ତା ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା ପ୍ରବଚକ ଓ କଣାସ ମହାବିଦ୍ୟାଳୟର ଇଂରାଜୀ ବିଭାଗର ଅଧ୍ୟାପକ ଡଃ ଗୁରୁପ୍ରସାଦ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ଚିଲିକା ସାହିତ୍ୟ ସମାଜର ସଭାପତି କବି ବାଳମୁକୁନ୍ଦଦାସ, ଯୋଗଦେଇ ମାତୃଭାଷା ଓଡ଼ିଆ ଭାଷା ସାହିତ୍ୟର ବର୍ତ୍ତମାନ ଉତ୍ତରଣରେ ପୁଣି ଭାଷା ସାହିତ୍ୟ ଉନ୍ନତି ସାଧନ ସହିତ ଓଡ଼ିଆ ଅସ୍ମିତାର ପରିଚୟ ଓଡ଼ିଆ ଭାଷା ଓ କୋଟି ଓଡ଼ିଆର ପ୍ରାଣ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସମନ୍ୱୟ କରି କିପରି ବର୍ତ୍ତମାନ ଆଗକୁ ବଢ଼ିବାକୁ ହେବ ଏବଂ ଯୁବପୀଢ଼ିଙ୍କ ମନରେ ଓଡ଼ିଆଭାଷା ସାହିତ୍ୟପ୍ରତି କିପରି ଆଗ୍ରହ ସୃଷ୍ଟି ହେବ ସେଥିପ୍ରତି ଧ୍ୟାନ ଦେବାକୁ, ବ୍ୟକ୍ତବ୍ୟ ରଖିଥିଲେ। ଡିଜିଟାଲ ଯୁଗରେ ଯୁବବର୍ଗକିପରି ଓଡ଼ିଆ କବିତା, ଗଳ୍ପ, ନାଟକ ଉପନ୍ୟାସ ପଠନ ମନସ୍କ ହୋଇ ରଚନା କରିବାର ଦକ୍ଷତା ଅର୍ଜନ କରିବେ ସେଥିପ୍ରତି ସୁଯୋଗ ସୃଷ୍ଟି କରିପାରିଲେ ମାତୃଭାଷା ଓଡ଼ିଆଭାଷା ସାହିତ୍ୟର ଉନ୍ନତି ସାଧନ ହୋଇ ପାରିବ ବୋଲି ବ୍ୟକ୍ତବ୍ୟ ରଖି ବାଣୀକ୍ଷେତ୍ର ବାଣପୁରର ସାରସ୍ୱତ ସାଧକମାନଙ୍କ ଓଡ଼ିଆସାହିତ୍ୟ ଭଣ୍ଡାରକୁ ଅବଦାନ ସଂପର୍କରେ ଦିକ୍ଷାନ୍ତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଦୁଇଜଣ ସାରସ୍ୱତ ସାଧକ ପଣ୍ଡିତ ମହେଶ୍ୱର ଦାଶଶର୍ମା ଓ କବି ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କୁ ଯଥାକ୍ରମେ କବି ଲକ୍ଷ୍ମୀଧର ଭୋଳ ସ୍ମୃତି ସମ୍ମାନ ଏବଂ ଆଞ୍ଚଳିକ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଂସଦର ଉପସଭାପତି ଓଡ଼ିଆ ଭାଷାତତ୍ତ୍ୱ ବିଭାଗର ମୁଖ୍ୟ ଅଧ୍ୟାପକ ପ୍ରଦୀପ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ରାଜଲକ୍ଷ୍ମୀ ବେହେରା ମାନପତ୍ର ପାଠ କରିଥିଲେ। ଅଧ୍ୟାପିକା ଲୀନା ନନ୍ଦୀଜା ଏହି ଉତ୍ସବକୁ ସଂଯୋଜନା କରିଥିବାବେଳେ ଅଧ୍ୟାପିକା ସୁଭଦ୍ରାଭୋଳ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ଉଦ୍‌ବୋଧନୀ ସଂଗୀତ ଗାନ କରାଯାଇଥିବା ବେଳେ ଉତ୍ସବ ଶେଷରେ ମନସ୍ତତ୍ତ୍ୱ ବିଭାଗର ଡେମୋନ୍ ଷ୍ଟେଟର ସଂଗ୍ରାମ ହରିଚନ୍ଦନଙ୍କ ରଚନା ଓ ନିର୍ଦ୍ଦେଶନାରେ ନାଟକ ‘ପ୍ରତିଶ୍ରୁତି’ ମଞ୍ଚସ୍ଥ ହୋଇଥିଲା।

## ପ୍ରତୀକ୍ଷାର ଅନ୍ତ: ଖୋଲିଲା ନୂତନ ଉପ-ନିବନ୍ଧନଙ୍କ କାର୍ଯ୍ୟାଳୟ

**କଣ୍ଟାପଡ଼ା,୫।୨/ଏନ୍‌ଏନ୍‌ଏସ୍:** ଆଜି କଣ୍ଟାପଡ଼ାବାସୀଙ୍କ ସ୍ୱପ୍ନ ସାକାର ହେଲା ବହୁ ପ୍ରତୀକ୍ଷାର ଅନ୍ତ ଘଟିଲା। କଣ୍ଟାପଡ଼ା ତହସିଲ କାର୍ଯ୍ୟାଳୟ ପରିସରରେ ନୂତନ ଭାବେ ଉପ-ନିବନ୍ଧନଙ୍କ କାର୍ଯ୍ୟାଳୟ ଖୋଲାଯାଇଛି। ଆଜି ଆନୁଷ୍ଠାନିକ ଭାବରେ ଆଭାସୀ ଜରିଆରେ ମୁଖ୍ୟମନ୍ତ୍ରୀ ରାଜ୍ୟର ୫୭ଟି ତହସିଲ ପରିସରରେ ନୂତନ ଭାବେ ଉପ-ନିବନ୍ଧନଙ୍କ କାର୍ଯ୍ୟାଳୟକୁ ଉଦଘାଟନ କରିଥିଲେ। ସେହିକ୍ରମରେ କଣ୍ଟାପଡ଼ା ତହସିଲରେ ମଧ ନୂତନ ଉପ-ନିବନ୍ଧନଙ୍କ କାର୍ଯ୍ୟାଳୟକୁ ନିଆଳୀ ବିଧାୟକ ଛବି ମଲିକ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଣ୍ଟାପଡ଼ା ତହସିଲଦାର ତଥା ନୂତନ ଉପ-ନିବନ୍ଧନଙ୍କ କାର୍ଯ୍ୟାଳୟର ଅତିରିକ୍ତ ଦାୟିତ୍ୱରେ ଥିବା ସବ-ରେଜିଷ୍ଟ୍ରାର ପ୍ରସନ୍ନ କୁମାର ସାମନ୍ତରାୟ, କଣ୍ଟାପଡ଼ା ବିଡିଓ ସୁସ୍ମିତା ନାୟକ, ନିଆଳୀ ସବ-ରେଜିଷ୍ଟ୍ରାର ପ୍ରିୟଙ୍କା ଗୋୟଙ୍କା, ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସଂପାଦକ ଅଶୋକ କୁମାର ରଥ କଣ୍ଟାପଡ଼ା ସରପଞ୍ଚ ନିର୍ମଳ କୁମାର ସାହୁ, ସମିତିସଭ୍ୟ ପବିତ୍ର ମୋହନ ସ୍ୱାଇଁ, ଡିମିରି ସରପଞ୍ଚ ଅଭିଷେକ ମହାପାତ୍ର, ଆମ୍ବ ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ପାତ୍ର ସାଂସଦଙ୍କ ପ୍ରତିନିଧିସଂଗ୍ରାମ ପଟ୍ଟନାୟକ ଗୋବିନ୍ଦପୁର ମଣ୍ଡଳ ସଭାପତି ଲଲାଟେନ୍ଦୁପାତ୍ର, ବାଗଲପୁର ଗ୍ରାମପଞ୍ଚାୟତ ପ୍ରମୁଖ କୈଳାସ ପ୍ରସାଦ ଦାସ, ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଅଶ୍ୱିନୀ କୁମାର ମହାନ୍ତି, ବଦ୍ରିନାରାୟଣ ମିଶ୍ର, କଣ୍ଟାପଡ଼ା ବ୍ଲକ ପ୍ରାକ୍ତନ ଆଇନ ପରାମର୍ଶଦାତା ବିଶ୍ୱଭୂଷଣ ମହାପାତ୍ର, କଣ୍ଟାପଡ଼ା ତହସିଲର ସରକାରୀ ଆଇନଜୀବୀ ଆର୍ତ୍ତତ୍ରାଣ ରାୟ, ମନୋରଞ୍ଜନ ବିଶ୍ୱାଳ, ବିଜୟ କୁମାର ମହାନ୍ତି, ଯୁବ ସଂଗଠକ ରଞ୍ଜନ କୁମାର ଦାସ, ମୋହରିଅର ଧୀରେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ବାରିକ, ଭଜମନ ବେହେରା ଷ୍ଟାମ୍ପ ଭେଣ୍ଡର ସନ୍ତୋଷ କୁମାର ସାହୁଙ୍କ ସମେତ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସମସ୍ତ ରାଜସ୍ୱ ନିରୀକ୍ଷକମାନେ ଉପସ୍ଥିତ ରହି କଣ୍ଟାପଡ଼ା ତହସିଲ ଅଞ୍ଚଳର ୬ଜଣ ଅତ୍ୟନ୍ତ ଗରିବ ଭୂମିହୀନଙ୍କୁ ୪ ଡିସିମିଲ ଲେଖାଁଏ ସ୍ଥାୟୀ ଜମିପଟ୍ଟା ବଣ୍ଟନ କରିଥିଲେ।



## ଶିଶୁ ବିଦ୍ୟାମନ୍ଦିରର ତ୍ରୟୋଦଶତମ ବାର୍ଷିକ ଉତ୍ସବ

**କଣ୍ଟିଲୋ,୫।୨/ଏନ୍‌ଏନ୍‌ଏସ୍:** ପ୍ରତ୍ୟେକ ପୂର୍ବ ବର୍ଷ ଭଳି ଚଳିତବର୍ଷ କଣ୍ଟିଲୋ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ତ୍ରୟୋଦଶତମ ବାର୍ଷିକ ଉତ୍ସବ ଆଜି ଗୁରୁବାର ମହାଆଡମ୍ବର ପୂର୍ଣ୍ଣ ଭାବେ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ କାଶୀନାଥ ମହାରଣାଙ୍କ ପରାମର୍ଶ କ୍ରମେ ସମସ୍ତ ଗୁରୁଜୀ ଓ ଗୁରୁମା ମାନଙ୍କ ତତ୍ତ୍ୱାବଧାନରେ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀମାନେ ଗ୍ରାମ ପରିକ୍ରମାକରି ପ୍ରଭୁ ଶ୍ରୀନୀଳମାଧବଙ୍କୁ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଥିଲେ। ଶ୍ରୀ ଜିଉଙ୍କ ଦର୍ଶନ ଶେଷକରି ବିଦ୍ୟାମନ୍ଦିରରେ ପହଞ୍ଚିବା ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ଆକର୍ଷଣୀୟ ସଂସ୍କୃତିକ କାର୍ଯ୍ୟକ୍ରମ ଓ ଡ୍ୟାନସ ଡ୍ୟାନସ ପ୍ରୋଗ୍ରାମ ପ୍ରଦର୍ଶନ ହୋଇଥିଲା। ଛାତ୍ରଛାତ୍ରୀମାନଙ୍କର ନିପୁଣ କଳା ପ୍ରଦର୍ଶନରେ ପ୍ରତ୍ୟେକ ଅଭିଭାବକମାନଙ୍କ ସହିତ ହଜାର ହଜାର ଦର୍ଶକ ବିମୋହିତ ହୋଇ ସେହି ଦୃଶ୍ୟଗୁଡ଼ିକୁ ଉପଭୋଗ କରୁଥିଲେ। ପୂର୍ବରୁ ଶେଷ ହୋଇଥିବା ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବଣ୍ଟନ ହୋଇଥିଲା। ପରେ ସନ୍ଧ୍ୟା ସମୟେ ଅନୁଷ୍ଠାନର ସଭାପତି ପ୍ରଦୀପ କୁମାର କରଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥିଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ କଟକ ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ, ବିଜେପି ମଣ୍ଡଳ ସଭାପତି ଟିଟନ ସାହୁ, ବିଜେପି ଦଳର ବରିଷ୍ଠ ସଦସ୍ୟ ତଥା ସମାଜସେବୀ ଅଖିଳ କୁମାର ମହାରଣା ଓ ଅନ୍ୟ ମାନ୍ୟଗଣ୍ୟ ମଞ୍ଚାସିନ ଅତିଥି ମାନଙ୍କ ଗହଣରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାପତିଙ୍କ ପରାମର୍ଶ କ୍ରମେ ସଂପାଦକୀୟ ବିବରଣୀ ପ୍ରଧାନ ଆଚାର୍ଯ୍ୟ କାଶୀନାଥ ମହାରଣା ପାଠ କରିଥିଲା ବେଳେ ସଂଯୋଜନା କରିଥିଲେ ବରିଷ୍ଠ କଳାକାର ପବିତ୍ର କୁମାର ମହାରଣା।



## ଝାଙ୍ଗିରାମ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ

**ଓଡ଼ଗାଁ,୫।୨/ଏନ୍‌ଏନ୍‌ଏସ୍:** ଜୀବନରେ ଜଣେ ଭଲ ନାଗରିକ ହେବାକୁ ହେଲେ ଛାତ୍ରଛାତ୍ରୀ ମାନେ ଉତ୍ତମ ଶିକ୍ଷାଗ୍ରହଣ ସହ ଚତୁଃପାର୍ଶ୍ୱରେ ଘଟୁଥିବା ଘଟଣା ସମ୍ପର୍କରେ ଅଧିକ ଜ୍ଞାନ ଆହରଣ କରିବା ଦରକାର ବୋଲି ଝାଙ୍ଗିରାମ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। ପ୍ରଧାନଶିକ୍ଷକ ଫକିର ମୋହନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ନୟାଗଡ ବିଧାୟକ ଡ. ଅରୁଣ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରାଜକିଶୋର ସାହୁ ଓ ନିମନ୍ତ୍ରିତ ଅତିଥିଭାବେ ଆମ୍ବ ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନ, ସରପଞ୍ଚ ତ୍ରିନାଥ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଆନନ୍ଦ ଚନ୍ଦ୍ର ବାରିକ, ପଞ୍ଚସଖା ଶିକ୍ଷାସେତୁ କମିଟି ସଭାପତି ସୁରଥ ପ୍ରଧାନ,ନେତାଜୀ ଯୁବକସଂଘ ସଭାପତି ଦିଲ୍ଲୀପ କୁମାର ମାର୍ଥା ଏବଂ ସିଆରସିସି ଶ୍ରୀଧର ପରିଡ଼ା ପ୍ରମୁଖ ଯୋଗଦେଇ ସମୟାନୁବର୍ତ୍ତିତା, ଉତ୍ତମ ଚରିତ୍ର ଗଠନ ଓ ଶିକ୍ଷାର ମହତ୍ତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ଡି. ସରୋଜ କୁମାର ଦୋରା ବାର୍ଷିକ ବିବରଣୀ ପଠନ କରିଥିବାବେଳେ ବିଭିନ୍ନ ବିଷୟରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ଦର୍ଶକ ବେଶ୍ ମନଭରି ଉପଭୋଗ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଲେଙ୍କା, ଲତିକା ପ୍ରଧାନ, ରୀନାରାଣୀ ସାହୁ, ଶୈଳବାଳା ସେଠୀ, ତାପସ ରଂଜନ ପୃଷ୍ଟିଙ୍କ ସମେତ ସମସ୍ତ କର୍ମଚାରୀ, ଅଭିଭାବକ ଓ ପରିଚାଳନା କମିଟିର ସଭ୍ୟସଭ୍ୟାମାନେ ସହଯୋଗ କରିଥିବା ଜଣାପଡ଼ିଛି।



ନିତିଦିନ NITIDIN

ଆମ ଜିଲ୍ଲା

# ସେବାରେ ସମର୍ପିତ ଯୁବ ଭେଷଜ ବିଜ୍ଞାନୀ



**ଫୁଲନଖରା,୫।୨/ଏନ୍‌ଏନ୍‌ଏସ୍:** ମାନବ ସେବା ହିଁ ମାଧବ ସେବା। କଲୟନପୁର ପଞ୍ଚାୟତ ଉପକଣ୍ଠ ଗଣ୍ଡରପୁର ଗ୍ରାମରେ ସମ୍ପ୍ରତି ଏକ ଅସାଧାରଣ ଦୃଶ୍ୟ ସାକ୍ଷୀ ହୋଇଥିଲା ଯାହାକି ଲୋକଂକ ସ୍ୱାସ୍ଥ୍ୟସେବା ସହ ନବ ଜାଗରଣ ସୃଷ୍ଟି କରିଛି । ଯୁବ ଥେରାପିଷ୍ଟ ବର୍ଗ, ଯେଉଁମାନେ ଯୁବ ପିଢ଼ିର ଉଦାହରଣ, ସମାଜସେବାରେ ସ୍ୱୟଂ ସମର୍ପିତ କରିଛନ୍ତି । ସିନାପ୍ସି ମଲ୍ଟିଡିସିପ୍ଲିନାରୀ ରିହାବ ସେଣ୍ଟର୍ ପଟିଆର ଡ଼ାକ୍ତର ହେଲେ ଡାକ୍ତର ରାକେଶ କୁମାର ସାହୁ, ଡାକ୍ତର ଆଶିଷ ସେଠୀ,ଡାକ୍ତର ଆକାଶ ସ୍ୱାଇଁ ଓ ଡାକ୍ତର କାଜଲ ସିଂହ ପ୍ରମୁଖ । ଗ୍ରାମରେ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଏବଂ ସଚେତନତା ଶିବିର ଆୟୋଜନ କରି ଫିଜିଓ ଥେରାପି, ହିୟରିଂ ଏଡ୍ ସେବା ଏବଂ ଟ୍ରାୟାଲ୍, ଶ୍ରବଣ ଯାଞ୍ଚ ଏବଂ ଅଟିଜମ୍ ସଚେତନତା ପ୍ରଦାନ କରାଯାଇଥିଲା । ଏହି ଥେରାପିଷ୍ଟ ମାନଙ୍କୁ ଆରାଧା ଚାରିଟେବୁଲ ଟ୍ରଷ୍ଟ ଫୁଲନଖରା ପକ୍ଷରୁ ସାଧୁବାଦ ଜଣାଯାଇଛି ।

# ବିଦ୍ୟାଳୟରୁ ଗଛ କଟା, ପ୍ରଧାନଶିକ୍ଷକଙ୍କ ନାମରେ ଗ୍ରାମବାସୀଙ୍କ ଅଭିଯୋଗ

**ଅସ୍ତରଙ୍ଗ,୫।୨/ଏନ୍‌ଏନ୍‌ଏସ୍:** କାକଟପୁର ଥାନା ଅନ୍ତର୍ଗତ ପାଟପୁର ବରୁଣେଇ ହାଇସ୍କୁଲ ପରିସରରୁ ଗଛ କାଟିବା ଅଭିଯୋଗରେ ଗ୍ରାମବାସୀ ଓ ପରିଚାଳନା କମିଟି ସଭାପତି ଯୁଧିଷ୍ଠିର ମୁଦୁଲି, ପୂର୍ବତନ ସରପଞ୍ଚ ଶୁଭ୍ରଜିତ ମଲ୍ଲ, ପୂର୍ଣ୍ଣଚନ୍ଦ୍ର ଭୂୟାଁ,ସମୀର ସ୍ୱାଇଁ, ବିଦ୍ୟାଧର ପାତ୍ର, ବିଷ୍ଣୁ ଚରଣ ମହାପାତ୍ର, ଇନ୍ଦ୍ରଜିତ ମହାନ୍ତି, ସୁଶାନ୍ତ ରଥ, ଜ୍ଞାନ ପାଇଟାଳ, ଅନନ୍ତ ନାରାୟଣ ହୋତା ପ୍ରମୁଖ ଗ୍ରାମବାସୀମାନେ ପ୍ରଧାନଶିକ୍ଷକଙ୍କ ବିରୁଦ୍ଧରେ କାକଟପୁର ଥାନା, ପୁରୀ ଜିଲ୍ଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ, ସ୍ଥାନୀୟ ତହସିଲଦାର ଓ ବନବିଭାଗ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗଛ କଟା ବନ୍ଦ କରିବା ସହ କଟାଯାଇଥିବା କାଠ ଜବତକରି ଘଟଣାର ତଦନ୍ତ କରୁଛି । ଏ ସଂକ୍ରାନ୍ତରେ ପ୍ରଧାନଶିକ୍ଷକ ବିଚିତ୍ରା ନନ୍ଦ ରଥଙ୍କୁ ପଚାରିବାରେ ସେ କହିଥିଲେ ବିଦ୍ୟାଳୟ ପରିସରରେ ଗଛ ରହିଛି । ଗଛ କଟା ଯାଇନାହିଁ । ରାସ୍ତା ଉପରେ ଗଛର ଶାଖା ଡାଳ ଓହଳି ରାସ୍ତା ଅବରୋଧ କରିଥିବା ଏବଂ କେତେଜଣଙ୍କ ଘର ଉପରେ ଓହଳି ରହିବା ସହିତ ଡାଳ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିବା ଯୋଗୁଁ ବିଦ୍ୟାଳୟର ପିଲାମାନଙ୍କ ଖେଳକୁଦରେ ବିପଦ ସୃଷ୍ଟି କରିବା ନେଇ ଏବଂ ଆଗାମୀ ଦିନରେ ମାଟ୍ରିକ ପରୀକ୍ଷା ଯୋଗୁଁ ସେ ଏ ସମ୍ପର୍କରେ ବିଦ୍ୟୁତ ବିଭାଗ, ବନବିଭାଗ ଓ ତହସିଲଦାରଙ୍କୁ ଜଣାଇଥିଲେ । କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ସାଧାରଣ ଲୋକମାନଙ୍କର ଅସୁବିଧା ହେତୁ ଗଛର ଡାଳ ଓ ଶାଖାକୁ କାଟିଥିବା ଶ୍ରୀ ରଥ ଥାନାରେ ଜଣାଇଛନ୍ତି ।

# ସାମ୍ବାଦିକ ସଂଘ ପକ୍ଷରୁ ମଧୁବାବୁଙ୍କ ପୁଣ୍ୟତିଥି



**ସାଲେପୁର,୫।୨/ଏନ୍‌ଏନ୍‌ଏସ୍:** ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୯୨ତମ ପୁଣ୍ୟ ତିଥିରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି । ସାଲେପୁର ବଜାରରେ କୁଆଁପାଳ ରୋଡ଼ ଛକ ରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ସଂଘର ସଭାପତି ଅକ୍ଷୟ କୁମାର ଦାଶଙ୍କ ନେତୃତ୍ୱରେ ବିଶିଷ୍ଟ ସମବାୟବିତ ପ୍ରମୋଦ କୁମାର ସାହୁ,ଆଡ଼ଭୋକେଟ ଗୌତମ ରାୟ ଚୌଧୁରୀ, ସଂଘର ସମ୍ପାଦକ ହୃଷିକେଶ ମଲ୍ଲିକ, ସାମ୍ବାଦିକ ହେମନ୍ତ କୁମାର ଭୂୟାଁ, କଟକ ଜିଲ୍ଲା ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ଶିଶିର କୁମାର ଦାଶ, ସାମ୍ବାଦିକ ପ୍ରତ୍ୟୁଷ କୁମାର ମହାନ୍ତି, ମହେଶ୍ୱର ବେହେରା, ପ୍ରବୀର କୁମାର ଦାସ, ବାରିଗୋଳ ସରପଞ୍ଚ ଶିବୁ ବେହେରା, ରାଇସୁଙ୍ଗୁଡା ସରପଞ୍ଚଙ୍କ ପ୍ରତିନିଧି ବେଣୁଧର ପ୍ରଧାନଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇ ମଧୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ସ୍ତୁତିଚାରଣ କରିଥିଲେ ।

# ମା' ବେଲେଶ୍ୱରୀଙ୍କ ପୀଠରେ ନାମଯଜ୍ଞ

**ଚାରିଛକ,୫।୨/ଏନ୍‌ଏନ୍‌ଏସ୍:** ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକ ନିକଟସ୍ଥ ଛଣିଜଙ୍ଗ ପଂଚାୟତ ଖୋରଡ ଗ୍ରାମର ମା' ବେଲେଶ୍ୱରୀଙ୍କ ପୀଠରେ ପ୍ରତିବର୍ଷ ଭଳି ଚଳିତବର୍ଷ ୩ଦିନ ଧରି ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ୨୦ରୁ ଉର୍ଦ୍ଧ୍ୱ କଳସଧାରୀ ନିକଟସ୍ଥ ପୁଷ୍କରଣୀରୁ ଜଳ କଳସ ଆଣି ପୂଜାମଣ୍ଡପରେ ସ୍ଥାପନ କରିଥିଲେ । ମାଙ୍କ ପୀଠରେ ୩ଦିନ ଧରି ଆଖପାଖ ଅଂଚଳର ୮ଟି ସୁନାମଧନ୍ୟ ସଂର୍କୀତନ ମଣ୍ଡଳୀଙ୍କ ଦ୍ୱରା ନାମ ସଂର୍କୀତନ ପରିବେଷଣ କରାଯାଇଥିଲା । ଶେଷଦିନ ନଗର କିର୍ତ୍ତନ ମଣ୍ଡଳୀ ଗ୍ରାମ ପରିକ୍ରମା କରିଥିଲେ । ପୂଜକ ନିନୁ ପାଢୀ ଓ ସାଥି ଯଥା ରୀତିନୀତି ଅନୁଯାଇ ପୂଜାକାର୍ଯ୍ୟ କରିଥିଲେ । ମୁଖ୍ୟକର୍ତ୍ତାଭାବେ ସଦାଶିବ ମହାପାତ୍ର ପୂଜାରେ ଯୋଗଦେଇଥିଲେ । ଆଖପାଖ ଅଞ୍ଚଳର ହଜାର ହଜାର ହଜାର ସଂଖ୍ୟାର ଶ୍ରଦ୍ଧାଳୁ ଉପସ୍ଥିତ ରହିଥିଲେ । ସମସ୍ତ ଗ୍ରାମବାସୀଙ୍କ ମିଳିତ ସହଯୋଗରେ କାର୍ଯ୍ୟ ସଂପନ୍ନ ହୋଇଥିଲା । ସାରା ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା ।

## ସର୍ଭେ ପରେ ପାଇପ୍ ଓ ଟ୍ୟାପ୍ ସଂଯୋଗ ସରିଛି

# ମିଳୁନି ପାନୀୟ ଜଳ, ଅଧିବାସୀ ହନ୍ତସନ୍ତ



**କଣ୍ଟିଲୋ,୫।୨/ଏନ୍‌ଏନ୍‌ଏସ୍:** ରାଜ୍ୟର ସମସ୍ତ ଜିଲ୍ଲାଗୁଡିକର ପ୍ରତ୍ୟେକ ପଞ୍ଚାୟତର ଅଧିବାସୀ ମାନଙ୍କୁ ସ୍ୱଚ୍ଛ ପାନୀୟ ଜଳ ନିଶ୍ଚିତ ଭାବେ ଯୋଗାଇ ଦେବା ପାଇଁ ମାନ୍ୟବର ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟରେ ବିଭିନ୍ନ ପ୍ରକାର ପ୍ରକଳ୍ପ ନିର୍ମାଣ କରୁଥିବା ନଜିର ଅଛି । କିନ୍ତୁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ବେଣା ଗାଡିଆ ପଞ୍ଚାୟତର ଗୋପୀନାଥପୁର ଗ୍ରାମରେ । ସୂଚନାଯୋଗ୍ୟ ଯେ, ଏହି ଗୋପୀନାଥପୁର ଗ୍ରାମବାସି ମାନେ ଦୀର୍ଘ ବର୍ଷ ହେବ ସ୍ୱଚ୍ଛ ପାନୀୟ ଜଳରୁ ବଞ୍ଚିତ ହେଉଥିବାରୁ ଗରୀବର ସାଥୀ ସ୍ଥାନୀୟ ଯୁବ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କୁ ଅବଗତ କରି ଥିଲେ । କିପରି ସୁବିଧାରେ ଗ୍ରାମବାସୀମାନେ ସ୍ୱଚ୍ଛ ପାନୀୟ ଜଳ ପାଇ ପାରିବେ ସେଥିପାଇଁ, ବିଧାୟକ ମହାଶୟ ବିଭାଗୀୟ ଯନ୍ତ୍ରୀ ମାନଙ୍କ ଦ୍ୱାରା ଗତ ୨୦୨୫ ଅକ୍ଟୋବର ମାସରେ ସର୍ଭେ କରାଇବା ପରେ ନିଜେ ପରିଦର୍ଶନ କରି ଥିଲେ । ଗ୍ରାମରେ ଥିବା ୮ ଗୋଟି ନଳକୂପରୁ ବାହାରୁଥିବା ଜଳ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ଯୋଗୁ, ଗ୍ରାମର ମହିଳାମାନେ ପ୍ରାୟ ଗୋଟେ କିଲୋମିଟର ଦୂରରେ ଥିବା ଶୁଳିଆଛକ ନିକଟସ୍ଥ କୂଅରୁ ପାନୀୟଜଳ ମୁଣ୍ଡରେ ବୋହି ଆଣୁଥିବା ନଜରକୁ ଆସିଛି । ଆଶ୍ଚର୍ଯ୍ୟ ବିଷୟ ହେଉଛି ସର୍ଭେ ପରେ ନିକଟସ୍ଥ ଏଲ୍ଆଇ ପଏଣ୍ଟରୁ ସ୍ୱଚ୍ଛ ପାନୀୟ ଜଳ ଆଣିବା ପାଇଁ ଆବଶ୍ୟକୀୟ ପାଇପ ଲାଇନ ଓ ପାଣି ଟ୍ୟାପ୍ ସଂଯୋଗ ହୋଇ ରହିଥିଲେ ମଧ ଆଜକୁ ତିନି ମାସରୁ ଉର୍ଦ୍ଧ୍ୱ ସମୟ ଅତିବାହିତ ହୋଇଥିଲେ ହେଁ, ଗୋପୀନାଥପୁର ଗ୍ରାମବାସୀ ସ୍ୱଚ୍ଛ ପାନୀୟଜଳ ପାଇବାରୁ ବଞ୍ଚିତ । ନୟାଗଡ଼ ଜିଲ୍ଲା ସଦର ମହକୁମା ଓ ଓଡ଼ଗାଁ ଏନ୍‌ଏସି ଅଧିବାସୀମାନଙ୍କୁ ସ୍ୱଚ୍ଛ ପାନୀୟ ଜଳ ସପ୍ଲାଏ ହେଉଥିବା ବେଳେ ଗୋପୀନାଥପୁର ବାସୀ ଏଥିରୁ ବଞ୍ଚିତ କାହିଁକି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସ୍ୱଚ୍ଛ ପାନୀୟଜଳ ପାଇଁ ଗ୍ରାମବାସୀ ମାନେ ଆଉ ହନ୍ତସନ୍ତ ନ ହେବା ପାଇଁ ଯଥାଶୀଘ୍ର ବିଭାଗୀୟ ଯନ୍ତ୍ରୀ, ଅଧିକ୍ଷଣ ଯନ୍ତ୍ରୀ ତତ୍ପର ହେବା ପାଇଁ ଜିଲ୍ଲାପାଳ ନୟାଗଡ଼ ଓ ଖଣ୍ଡପଡ଼ା ବିଧାୟକଙ୍କ ନିକଟରେ ରାଜ ସାମଲଙ୍କ ନେତୃତ୍ୱରେ ଗ୍ରାମବାସୀମାନେ ଦାବି କରିଛନ୍ତି ।

# ଜିଲ୍ଲା ଦାବି ନେଇ ଆଠଗଡ଼ ବନ୍ଦକୁ ଅପୂର୍ବ ସଫଳତା

## ସମର୍ଥନ ଦେଲେ ବିଜେପି ଓ କଂଗ୍ରେସ ନେତା



**ଆଠଗଡ଼,୫।୨/ଏନ୍‌ଏନ୍‌ଏସ୍:** ଆଠଗଡ ଉପଖଣ୍ଡକୁ ଜିଲ୍ଲା ଦାବି ନେଇ ଆଠଗଡ ଜିଲା କ୍ରୀୟା ଅନୁଷ୍ଠାନ କମିଟି ପକ୍ଷରୁ ଦିଆଯାଇଥିବା ଆଠଗଡ ବନ୍ଦ ଡାକରାକୁ ଅପୂର୍ବ ସଫଳତା ମିଳିଥିବା ଦେଖିବାକୁ ମିଳିଛି । ବନ୍ଦକୁ ସମର୍ଥନ କରି ସହରର ସମସ୍ତ ଦୋକାନ ବଜାର ସମେତ ବ୍ୟବସାୟୀକ ପ୍ରତିଷ୍ଠାନ ମାନ ବନ୍ଦ ଥିବାର ଦେଖିବାକୁ ମିଳିଥିଲା । ଏହାସହିତ ସମସ୍ତ ସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ ମଧ ଏକ ପ୍ରକାର ବନ୍ଦ ରହିଥିଲା କେବଳ ଜରୁରୀ କାଳୀନ ସେବାକୁ ଏହି ବନ୍ଦରୁ ଅବ୍ୟାହତ ଦିଆଯାଇଥିଲା । ବନ୍ଦକୁ ସମର୍ଥନ କରି କୌଣଷି ବ୍ୟକ୍ତି ବିଶେଷ ସରକାରୀ କାର୍ଯ୍ୟରେ ସରକାରୀ ଦପ୍ତରକୁ ଆସିନଥିଲେ । ସେହିଭଳି ବିଦ୍ୟାଳୟ ମାନକୁ ଛାତ୍ରାଛାତ୍ରୀ ମାନେ ମଧ ଆସି ନଥିଲେ । ଏହାସହିତ ସମସ୍ତ ଗାଡି ଚାଳାଚଳ ମଧ ସ୍ବପୂର୍ଣ୍ଣ ଭାବରେ ବନ୍ଦ ରହିଥିଲା । ଜିଲା କ୍ରିୟାନୁଷ୍ଠାନ କମିଟି ସଭାପତି ବରିଷ୍ଠ ଅଧିବକ୍ତା ଫଣି ଭୂଷଣ ରଥ, ଗଡଜାତ ପରିକ୍ରମାର ସଭାପତି ତଥା କମିଟି ଉପଦେଷ୍ଟା ବରିଷ୍ଠ ଅଧିବକ୍ତା ପ୍ରାଣକୃଷ୍ଣ ଦାଶଙ୍କ ନେତୃତ୍ୱରେ ବହୁ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଏବଂ ଅବସରପ୍ରାପ୍ତ ସେନା, ବ୍ୟବସାୟୀ ମାନେ ଚାନ୍ଦବାଲି ଛକ ନିକଟରେ ୬୫ ନଂ ଜାତୀୟ ରାଜପଥକୁ ଅବରୋଧ କରି ବସି ରହିଥିଲେ । ଏହି ବନ୍ଦକୁ ସମର୍ଥନ ଜଣାଇ ବରିଷ୍ଠ କଂଗ୍ରେସ ନେତା ବିଭୁତି ଭୁଷଣ ମିଶ୍ର ଘଟଣା ସ୍ଥଳରେ ପହଁଚି ବନ୍ଦକୁ ସମର୍ଥନ ଦେଇ ଆଠଗଡ ଜିଲ୍ଲା ହେବାର ଆବଶ୍ୟକତା ପାଇଁ ତଥ୍ୟ ରଖିଛନ୍ତି । ସେହିଭଳି ଭାଜପା ନେତା ଅଭୟ କୁମାର ବାରିକ ବନ୍ଦକୁ ସମର୍ଥନ ଦେବା ଏକ ପ୍ରେସ ବାର୍ତ୍ତା ଦେଇଥିବା ବେଳେ ସାଂସଦ ପ୍ରତିନିଧି ସରୋଜ ଦାସଙ୍କୁ ବନ୍ଦ ସ୍ଥଳିକୁ ପଠାଇଥିଲେ । ପ୍ରକାଶ ଯୋଗ୍ୟ ଆଠଗଡ ଜିଲା ପାଇଁ ବିଗତ ୧୦୦ଦିନରୁ ଉର୍ଦ୍ଧ୍ୱ କ୍ରିୟାନୁଷ୍ଠାନ କମିଟି ଏବଂ ଗଡ଼ଜାତ ପରିକ୍ରମା ପକ୍ଷରୁ ମହୋତ୍ସବ ପଡ଼ିଆ ସମ୍ମୁଖରେ ପ୍ରତିକ ଧାରଣା ଜାରିରହିଥିଲା । ଆଠଗଡ଼ କଟକ ଜିଲାର ଏକ ବୃହତ ଉପଖଣ୍ଡ ହେବା ସହିତ ଏଠାରେ ୪ ଗୋଟି ବ୍ଲକ, ତହସିଲ ରହିଛି । ଜିଲ୍ଲାର ଆବଶ୍ୟକତା ନେଇ କମିଟି ପକ୍ଷରୁ ୯ଥର ଦାବି ପତ୍ର ଉପଜିଲ୍ଲାପାଳଙ୍କ ଜରିଆରେ ସରକାରଙ୍କୁ ଅବଗତ କରାଗଲେ ମଧ କୌଣସି ସୁଫଳ ମିଳୁ ନଥିବାରୁ କମିଟି ପକ୍ଷରୁ ବନ୍ଦର ଡାକରା ଦିଆଯାଇଥିଲା । ବନ୍ଦକୁ ବୁଦ୍ଧିଜୀବୀ ସଂଘ, ଅବସରପ୍ରାପ୍ତ ସୈନିକ ସଂଘ, ସାହିତ୍ୟ ସମାଜ ସମେତ ବହୁ ଅନୁଷ୍ଠାନ ପକ୍ଷରୁ ସହଯୋଗ ଦେଇଥିଲେ । ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା ବନ୍ଦ ସ୍ଥଳକୁ ଯାଇ ସେଠାରେ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରି ବନ୍ଦ ପ୍ରଭାବରେ ଜିଭଳି ସାଧାରଣ ଜନତାଙ୍କ କୌଣସି ଅସୁବିଧା ନହୁଏ ତା ଉପରେ କଡ଼ା ନଜର ପ୍ରଶାସନ ରଖିଥିଲା । ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଏବଂ ଆଠଗଡ ଥାନା ଅଧିକାରୀ ସୁମତି ମହାନ୍ତିଙ୍କ ନେତୃତ୍ୱରେ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା ।

# ଆର୍‌ଏମ୍ ସ୍କୁଲ୍‌ରେ କର୍କଟ ସଚେତନତା

**ବୟାଳିଶମୌଜା,୫।୨/ଏନ୍‌ଏନ୍‌ଏସ୍:** କଟକ ସଦର ବ୍ଲକ୍ ଅନ୍ତର୍ଗତ ୪୨ ମୌଜା କୁଳସରିଚୁଆଁ ସ୍ଥିତ ଆର ଏମ ସ୍କୁଲ ରେ କୁନି କୁନି ପିଲାମାନଙ୍କ ଦ୍ୱାରା ବିଶ୍ୱ କର୍କଟ ଦିବସ ରେ କର୍କଟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ପୂଜ୍ୟଗୁରୁ ଶ୍ରିସନ୍ଥ ଙ୍କ ମାର୍ଗଦର୍ଶନ ରେ ଓ ଉପଦ୍ଧକ୍ଷା ସରସ୍ୱତୀ ସାମନ୍ତରାୟ ଙ୍କ ଅଧକ୍ଷତାରେ ପିଲାମାନେ ସ୍କୁଲରେ କର୍କଟ ସଚେତନତା ଉପରେ ଫଟୋଚିତ୍ର ପ୍ରଦର୍ଶନ କରେଇବା ସହ, ଅନେଗ ସ୍ଲୋଗାନ ମାନ ଦେଇ ଅତିଥି ଓ ଅଭିଭାବକ ମାନଙ୍କୁ ସଚେତନ ପ୍ରଦର୍ଶନ କରେଇଥିଲେ । ଛୋଟ ଛୋଟ ପିଲାମାନେ ଉପସ୍ଥିତ ଶିକ୍ଷକ ଶିକ୍ଷୟତ୍ରୀ ଓ ଅଭିଭାବକ ମାନଙ୍କୁ ଫଟୋଚିତ୍ର ଜରିଆରେ କର୍କଟ ରୋଗରୁ ଦୂରେଇ ରହିବାର ମାର୍ଗ ଅତି ଚିତ୍ତାକର୍ଷକ ଥିଲା । ଏହି କାର୍ଯ୍ୟକ୍ରମ ରେ ସ୍କୁଲ ର ପ୍ରିୟତମା ସ୍ୱାଇଁ, ଅଲିଭା ଦଳାଇ, ବର୍ଷା ମୂଳିଆ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ତୃପ୍ତିମୟି ନାୟକ, ସ୍ମୃତିପଜ୍ଞା ମହାପାତ୍ର, ଓ ସୁଜାତା ନାୟକ ଉପସ୍ଥିତ ରହି ସହଯୋଗ କରିଥିବା ବେଳେ ସଂଯୋଜକ ଭାରତ ଭୁଷଣ ରାୟ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଦୁଇ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଗୋପ,୫।୨/ଏନ୍‌ଏନ୍‌ଏସ୍:** ହେଉଛନ୍ତି ସମାଜର ମାର୍ଗଦର୍ଶକ ଶିକ୍ଷାଦାନ କରୁଥିବା ଶିକ୍ଷକ ମାନଙ୍କ ଦ୍ୱାରା ବିକଶିତ ସମାଜ ଗଠନ ହୋଇପାରିଛି ଶିକ୍ଷକ ଆମ ମାନଙ୍କ ପିଲାଙ୍କ ଭବିଷ୍ୟତ ଗଢୁଥିବା ବେଳେ ଶିକ୍ଷାର ଅବସର ନଥାଏ ବୋଲି ବୁଧବାର ପଞ୍ଚସଖା ଭକ୍ତ ବଳରାମ ବିଦ୍ୟାପୀଠର ଶିକ୍ଷକ ଜଗବନ୍ଧୁ ସାହୁ ଓ ସନ୍ତୋଷ କୁମାର ହାଜରାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଓ ସ୍କୁଲର ୩୪ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୋପ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ ମତବ୍ୟକ୍ତ କରିଥିଲେ । ପ୍ରଧାନଶିକ୍ଷକ ମହେନ୍ଦ୍ର କୁମାର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାକାରିଣୀ ଅମିତା ସେନାପତି, ପ୍ରାକ୍ତନ ପ୍ରଧାନଶିକ୍ଷକ ଦାମୋଦର ପାଢ଼ୀ, ଗୋପ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ, ଶିକ୍ଷାବିତ୍ ବସନ୍ତ କୁମାର ପାଢ଼ୀ, ବିଭୁଦତ୍ତ ନାୟକ, ସରପଞ୍ଚ ଜୟନ୍ତୀ ଜେନା, ଯୁବନେତା ସୁଶାନ୍ତ କୁମାର ସ୍ୱାଇଁ, ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ବରିଷ୍ଠ ଶିକ୍ଷକ ରାମକୃଷ୍ଣ ମହାନ୍ତି ସରପଞ୍ଚ ଜୟନ୍ତୀ ଜେନା,ସମିତିସଭ୍ୟ ଲିପିକା ସେନାପତି, ସ୍କୁଲ ପରିଚାଳନା କମିଟି ସଭାପତି ମାନଗୋବିନ୍ଦ ପରିଡା,ପୁରାତନ ଛାତ୍ର ସଂସଦ ସଭାପତି ରଶ୍ମିରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ଶିକ୍ଷା ଓ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଅବସର ଗ୍ରହଣ କରିଥିବା ଶିକ୍ଷକ ଜଗବନ୍ଧୁ ସାହୁ, ସନ୍ତୋଷ କୁମାର ହାଜରାଙ୍କୁ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଶିକ୍ଷକ ସୁରେନ୍ଦ୍ର କୁମାର ମୁଦୁଲି, ତପନ କୁମାର ବୋଷ, ଦୀପକ କୁମାର ସିହ୍ନା, ଶିକ୍ଷୟିତ୍ରୀ ଗୀତାଞ୍ଜଳି ମିଶ୍ର, ପ୍ରମିଳା ବେହେରା ପ୍ରମୁଖ ଉପସ୍ଥିତ ଥିବାବେଳେ କାର୍ଯ୍ୟକ୍ରମକୁ ଛାତ୍ରଛାତ୍ରୀ ମାନେ ପରିଚାଳନା କରିଥିଲେ । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥବା ବେଳେ ବିଦ୍ୟାଳୟ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ପ୍ରଥମ ଚଣାହଟ୍ଟା ପ୍ରିମିୟର୍ ଲିଗ୍ କ୍ରିକେଟ୍ ଉଦ୍‌ଘାଟିତ



**ବାଲିପାଟଣା,୫।୨/ଏନ୍‌ଏନ୍‌ଏସ୍:** ବାଲିପାଟଣା ବ୍ଲକ ପମ୍ପାଲୋ ପଞ୍ଚାୟତ ଚଣାହଟ୍ଟା ପିପୁଲ୍ସ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ପ୍ରଥମ ଚଣାହ । ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଘାଟିତ ହୋଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲିପାଟଣା ବ୍ଲକ ବିଡ଼ିଓ ଶୁଭ୍ରାଂଶୁ ଶେଖର ପାଢ଼ୀ ଓ ଯୁବ ସମାଜସେବୀ ସତ୍ୟନାରାୟଣ ଛାଟୋଇ ଯୋଗଦେଇ ଫିତାକାଟି ଉଦ୍‌ଘାଟନ କରିଥିଲେ ଅନ୍ୟମାନଙ୍କ ମଧରେ ଚଣାହଟ୍ଟା ହାଇସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ଜ୍ୟୋତ୍ସ୍ନାରାଣୀ ଦାଶ, ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା, ଅଜିତ କୁମାର ପାଇକରାୟ, ସରପଞ୍ଚ ବାହାନ ଭୋଇ, ମାନସ ପଣ୍ଡା, ସତ୍ୟଜିତ ରାୟ, ପୂର୍ବତନ ସମିତି ସଭ୍ୟ ରମେଶ ଚନ୍ଦ୍ର ସାହାଣୀ, ଅମୂଲ୍ୟ ପ୍ରଧାନ, ବସନ୍ତ କୁମାର ଦାଶ, ଆଶୁତୋଷ ଚୌଧୁରୀ, ବିଦ୍ୟାଭୂଷଣ ଭୋଳ ପ୍ରମୁଖ ଯୋଗଦେଇଥିଲେ । ଅଂଶଗ୍ରହଣ କରିଥିବା ୫ଟି ଦଳ ମଧ୍ୟରେ ଭୁବାସିନୀ ବ୍ଲାଷ୍ଟରସ୍, ଏସ୍‌ଏମ୍ ଜାଗୁଆର୍ସ(ସାଇ ମହାବୀର ଜାଗୁଆର୍ସ), ବାବା ସିଦ୍ଧେଶ୍ୱର ସ୍କାଏ ହିଟରସ୍, ନୀଳକଣ୍ଠ ବୁଲସ୍, ତାରିଣୀ ୱାରୀୟର୍ସ । ପ୍ରଥମ ଦିନରେ ୧୦ ଓଭର ବିଶିଷ୍ଟ ୩ଟି ଲିଗ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏସ୍‌ଏମ୍ ଜାଗୁଆର୍ସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର ରେ ୬ ଉଇକେଟ ହରାଇ ୧୫୪ରନର ବିଶାଳ ସ୍କୋର କରିଥିଲା । ବ୍ୟାଟ୍ସମ୍ୟାନ ବାବା ୧୩ ବଲରେ ଅପରାଜିତ ୫୧ରନ କରିଥିବା ବେଳେ ଶେଷ ଓଭର ରେ ୬ ଟି ବଲରେ ୬ ଛକା ମାରିଥିଲେ । ଏହାରି ଜବାବ ରେ ଭୁବାସିନୀ ବ୍ଲାଷ୍ଟର ୨ ଉଇକେଟ ହରାଇ ୧୩୮ ରନ ପଛ ରେ ପଡି ପରାଜିତ ହୋଇଥିଲା । ଦ୍ୱିତୀୟ ମ୍ୟାଚ ରେ ନୀଳକଣ୍ଠ ବୁଲସ୍ ୧୦ ଓଭରରେ ୧୧୮ ଜବାବ ରେ ସିଧେଶ୍ୱର ସ୍କାଏ ହିଟସ କୌଣସି ଉଇକେଟ ନ ହରାଇ ୧୨୧ ରନ କରି ବିଜୟ ହୋଇଥିଲା । ସେହିପରି ତୃତୀୟ ଲିଗ ମ୍ୟାଚ ରେ ତାରିଣୀ ୱାରୀୟର୍ସ ୫ ଉଇକେଟରେ ୧୨୪ ରନ ଜବାବରେ ଭୁବସିନୀ ବ୍ଲାଷ୍ଟର୍ସ ୧୨୭ କରି ବିଜୟ ଲାଭ କରିଛି । ସୁକାନ୍ତ କୁମାର ଦାଶ, ପ୍ରିୟଞ୍ଜନ ସ୍ୱାଇଁ, ଧୀରେନ୍ଦ୍ର କୁମାର ସାହାଣୀ, ସନମୁନ ରାଉତରାୟ, ସୌମ୍ୟରଞ୍ଜନ ମହାନ୍ତି ଅଂଶଗ୍ରହଣ କରିଥିବା ଦଳ ଗୁଡିକର ନେତୃତ୍ୱ ନେଇଛନ୍ତି । ନବକିଶୋର ବେହେରା ଏବଂ ସୌଭାଗ୍ୟ ବସ୍ତିଆ ଖେଳ ପରିଚାଳନା କରିଥିଲେ । ଜଗନ୍ନାଥ ପଣ୍ଡା, ଯତିନ୍ଦ୍ର କୁମାର ଭୋଳ, ସୁବାସ ବାରିକ, ଦିଲ୍ଲୀପ ବସ୍ତିଆ, ନିରଞ୍ଜନ ଭୋଇ, ବିଶ୍ୱରଞ୍ଜନ ଭୋଇ, ଦୀପକ କୁମାର ଦଳେଇ ପ୍ରମୁଖ ସହଯୋଗ କରିଥିଲେ । ଆସନ୍ତା ୮ ତାରିଖ ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଜଣାପଡିଛି ।

# ସରୁନି ରାସ୍ତା କାର୍ଯ୍ୟ, ଯାତାୟାତରେ ବାଧା

**ଚାରିଛକ,୫।୨/ଏନ୍‌ଏନ୍‌ଏସ୍:** ନିଆଳୀ ପ୍ରାଚୀ ଡିଭିଜନ କୁଣ୍ଡେଇ ବାମପଟ କେନାଲ ବନ୍ଧର ପୁରୁଣା ଫାଣ୍ଡି ଛକ ବ୍ରହ୍ମକୁଣ୍ଡି-ଶ୍ରୀ କୋଇଲି ପର୍ଯ୍ୟନ୍ତ ୩ କି.ମି କେନାଲ ବନ୍ଧ ରାସ୍ତାର ଉନ୍ନତୀ କରଣ ପାଇଁ ଦୀର୍ଘଦିନରୁ ଦାବୀ ହୋଇ ଆସୁଥିଲା । ଗତ ୨୦୨୩ ମସିହାରେ ରାସ୍ତାକାର୍ଯ୍ୟ ପାଇଁ ଟେଣ୍ଡର କରାଯାଇଥିଲା । ଦୁଇବର୍ଷ ପରେ ଅର୍ଥାତ ଅବଧି ସରିବାପରେ ୨୦୨୫ ଜାନୁୟାରୀ ୭ ତାରିଖରେ ଚାରିଛକ ଠାରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଉକ୍ତ ରାସ୍ତା କାର୍ଯ୍ୟ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଶିଳାନ୍ୟାସର ୬ ମାସ ପରେ ଠିକାଦାର ରାସ୍ତା କାର୍ଯ୍ୟ ଆରମ୍ଭ କରିଥିଲେ ମାତ୍ର କିଛି କାର୍ଯ୍ୟକରି କାମ ଅଧାରୁ ବନ୍ଦ କରି ପଳାଇଥିବା ଜଣାପଡିଛି । ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ନିମନ୍ତେ ରାସ୍ତା ପାର୍ଶ୍ୱରେ ଥିବା ୩ ଶହରୁ ଉର୍ଦ୍ଧ୍ୱ ଫଳନ୍ତି ନଡିଆ ଗଛକୁ କଟାଯାଇଥିବା ବେଳେ ରାସ୍ତା କଡରେ ଗଛ ମୂଳସବୁ ଅଧା ଖୋଳା ହୋଇ ରାସ୍ତା ସାରା ଖାଲ ଖମା ହୋଇ ପଡିରହିଛି ।

ଏହି ରାସ୍ତା ଦେଇ ଯାତାୟତ କରୁଥିବା ବିଭିନ୍ନ ଗ୍ରାମ ବ୍ରହ୍ମକୁଣ୍ଡି ଦଣ୍ଡିକିରା, ଶ୍ରୀକୋଇଲି, ଜଳଛତ୍ର, ସଇଦାବାଦ, ତେନ୍ତୁଳିଗୁଆଁ, କଦଳୀବାରି ଆଦି ଗ୍ରାମର ଜନସାଧାରଣ, ଛାତ୍ରଛାତ୍ରୀ, ଯାନ ବାହାନ, ଆମ୍ବୁଲାନ୍ସ ଯାତାୟତରେ ଘୋର ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗପରେ ବିଭାଗୀୟ ଅଧିକାରୀ ତରବରିଆ ଭାବେ କେବଳ ଲୋକମାନଙ୍କ ମନ ବୁଝିବାକୁ ବାଲି ମୋହରମ ପକାଇ ରାସ୍ତା ମରାମତି କରିଥିଲେ । ତେବେ ରାସ୍ତା ଉପରେ ପକାଯାଇଥିବା ବାଲିଗୋଡି ଉଠି ପୁଣି ପାଲଟିଛି ମରଣଯନ୍ତା । ବର୍ଷାଦିନ ପୂର୍ବରୁ ତୁରନ୍ତ ରାସ୍ତାକାର୍ଯ୍ୟ ଶେଷ କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି ।

# ବୟାଳିଶମୌଜାର ମୌଳିକ ସମସ୍ୟାକୁ ନେଇ କଟକ ସାଂସଦଙ୍କୁ ସାକ୍ଷାତ



**ବୟାଳିଶମୌଜା,୫।୨/ଏନ୍‌ଏନ୍‌ଏସ୍:** ଅଭିନବ ୪୨ମୌଜା ସଂଗଠନ ପକ୍ଷରୁ ଗତକାଲି ଏକ ପ୍ରତିନିଧି ମଣ୍ଡଳୀ କଟକ ସାଂସଦ ରତ୍ନ ଭର୍ତୃହରି ମହତାବ ଙ୍କୁ ଭେଟି ୪୨ମୌଜା ର ମୌଳିକ ସମସ୍ୟାକୁ ନେଇ ୧୦ସୁତ୍ରି ପ୍ରସ୍ତାବ ପତ୍ର ପ୍ରଦାନ କରିଥିଲେ । ଉକ୍ତ ସମସ୍ୟା ମଧରେ ମୁଖ୍ୟ ସମସ୍ୟା ଗୁଡ଼ିକ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ । ତନ୍ମଧରେ ୪୨ମୌଜାକୁ ୨ୟ ସେତୁ, ୪୨ମୌଜାର ବନ୍ଦ୍ ହୋଇପଡ଼ିଥିବା ୨ୟ ବିଦ୍ୟୁତ୍ ଗ୍ରିଡ କାର୍ଯ୍ୟକୁ ତ୍ୱରାନିତ କରିବା, ୪୨ମୌଜା ବେଣ୍ଟକାରରୁ ଦହିଗାଁ ଛକ ପର୍ଯ୍ୟନ୍ତ ନୂତନ ରାସ୍ତା କାର୍ଯ୍ୟକୁ ଆରମ୍ଭକରି ତ୍ୱରାନିତ ସାରିବା, ୨ୟ ଆଇଟିଆଇ କ୍ୟାମ୍ପସ, ୪୨ମୌଜା ମୁକ୍ଷରାସ୍ତା ର ଆଲୋକିକରଣ ବ୍ୟବସ୍ଥା ଭଳି ଜରୁରୀକାଳୀନ ସମସ୍ୟାଗୁଡ଼ିକ ଆଲୋଚନା କରିଥିଲେ ଏବଂ ଉକ୍ତ ପ୍ରସ୍ତାବଗୁଡ଼ିକୁ ସାଂସଦ ରତ୍ନ ଭର୍ତ୍ତୃହରି ମହତାବ ସଦୟ ପୂର୍ବକ ଏହି କାର୍ଯ୍ୟଗୁଡ଼ିକୁ ସରକାରଙ୍କ ପାଖରେ ପହଞ୍ଚାଇବା ସହିତ କିଭଳି ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକାରୀ ହୋଇପାରିବ ସେଥିପ୍ରତି ଦୃଷ୍ଟି ଗୋଚର କରିବେ ବୋଲି ପ୍ରତିନିଧିମଣ୍ଡଳୀକୁ ଆଶ୍ୱାସନା ଦେଇଥିଲେ । ୪୨ମୌଜାକୁ ନେଇ ସ୍ୱପ୍ନ ଦେଖିଥିବା ଏହି ସଂଗଠନକୁ ପ୍ରଶଂସା କରିବା ସହିତ ସାମାଜରେ ଏଭଳି ଜନକଲ୍ୟାଣ କାର୍ଯ୍ୟ ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ ।

# ନୋଡାଲ୍ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ



**ବୋଲଗଡ଼,୫।୨/ଏନ୍‌ଏନ୍‌ଏସ୍:** ବୋଲଗଡ ଶିକ୍ଷା ବ୍ଲକ ଫାସିଓଦା ପଞ୍ଚାୟତ ଅନ୍ତର୍ଗତ ଟାଙ୍ଗିସାହିସ୍ଥିତ ରଘୁନାଥ ମଧୁସୂଦନ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟର ୪୫ତମ ବାର୍ଷିକ ଉତ୍ସବ ମହା ଆଡ଼ମ୍ବର ସହକାରେ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗଦେଇ ଥିଲେ । ସେହିପରି ମୁଖ୍ୟବକ୍ତା ଭାବେ କବି ଗୋଦାବରୀଶ ମିଶ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ବୋଲଗଡ ଅତିରିକ୍ତ ଶିକ୍ଷା ଅଧିକାରିଣୀ ଅମିତା ମିଶ୍ର, ସରପଞ୍ଚ ପୁଷ୍ପଲତା ଭଞ୍ଜ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ବାସୁଦେବ ବେହେରା,ପ୍ରାକ୍ତନ ବ୍ଲକ ଅଧକ୍ଷ ବାନାମ୍ବର ମାଝୀ, ସ୍କୁଲ ପରିଚାଳନା କମିଟି ସଭାପତି ଶେଷଦେବ ସ୍ୱାଇଁ, ବୋଲଗଡ ଏକ୍ସପ୍ରେସ ବ୍ରଜ ବିହାରୀ ସୁବୁଦ୍ଧି, ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ସଭାପତି ବାସୁଦେବ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଅତିଥି ମାନେ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ କୁ ଶୁଭ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରାକ୍ତନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ମହାପାତ୍ର ବେଦ ପାଠ କରିଥିବା ବେଳେ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁ ସ୍ୱାଗତ ଭାଷଣ ଦେଇ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ ମୁନା ଖଟୁଆ ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ । ବୋଲଗଡ ବ୍ଲକ ସ୍ତରରେ ଗତ ବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ଼ରେ ଟପ୍ପର ହୋଇଥିବା ଛାତ୍ର ଅଂଶୁମାନ ବେହେରା, ଛାତ୍ରୀ ଶୁଭ୍ରତା ବଳିୟାରସିଂହ ଏବଂ କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ, ପ୍ରମାଣ ପତ୍ର, ଟ୍ରଫି,ଉତ୍ତରୀୟ ଓ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ । ପ୍ରତ୍ୟେକ ଶ୍ରେଣୀର ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ଡାକ୍ତର ଜଗଦାନନ୍ଦ ହୋତା ଟ୍ରଫି ପ୍ରଦାନ କରିଥିଲେ ।

ଶିକ୍ଷୟିତ୍ରୀ ପ୍ରତିଭା ରଣସିଂହ ମାନପତ୍ର ପଠନ କରିଥିଲେ । କୈଳାସ ଚନ୍ଦ୍ର ପରିଡ଼ା ଓ ଅଶ୍ଲେଷା ସ୍ୱାଇଁ ପ୍ରମୁଖଙ୍କ ମିଳିତ ନୃତ୍ୟ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀମାନେ ମନୋରଞ୍ଜନ ପୂର୍ବକ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରିଥିଲେ । ଶିକ୍ଷା ବିନା ଜୀବନ ନିରର୍ଥକ, ତେଣୁ ଅଭିଭାବକ ଓ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ମିଳିତ ପ୍ରଚେଷ୍ଟାରେ ଛାତ୍ର ଛାତ୍ରୀମାନଙ୍କର ଶିକ୍ଷାର ବିକାଶ ହୋଇଥାଏ ବୋଲି ମୁଖ୍ୟ ଅତିଥି ବିଧାୟକ ଶ୍ରୀ ସାହୁ ପରାମର୍ଶ ଦେଇଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସହଯୋଗ କରି ପରିଚାଳନା କରିଥିଲେ । ପରିଶେଷରେ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ନିତି ଭାରତୀ
କାମ ବାସନା, କ୍ରୋଧ ଏବଂ ଲୋଭ ନର୍କର ଦ୍ୱାର ଉନ୍ମୁକ୍ତ କରିଥାଏ। - ଭଗବତ୍ ଗୀତା



ନିତିଦିନ NITIDIN
ଶୁକ୍ରବାର, ୬ ଫେବୃଆରୀ ୨୦୨୬

# ଭୀମ ଆର୍ମିର ସାମାଜିକ ଦୃଷ୍ଟିଭଙ୍ଗୀ



ଅଧ୍ୟାପକ ଗୋପବନ୍ଧୁ

'ଭୀମ ଆର୍ମି' ଏକ ବହୁଚର୍ଚ୍ଚିତ ରାଷ୍ଟ୍ରୀୟ ସଂଗଠନ। କ୍ରମେ ଏହି ସଂଗଠନ ଉପରେ ଏକ ବିଶାଳ ସମୁଦାୟର ଆଶା ଓ ଭରସା ବଢ଼ିବାରେ ଲାଗିଛି। ଏ ସଂଗଠନ ତାଙ୍କ ସୁରକ୍ଷା କବଚ ଭାବେ ଉଭା ହୋଇଛି। ପ୍ରତ୍ୟେକ ରାଜ୍ୟରେ ସଂଗଠନର ଶାଖା ଖୋଲା ହେଉଛି। କେତେକ ସ୍ଥାନରେ ଏହାର ପ୍ରସାରଣ ଗ୍ରାମ ପର୍ଯ୍ୟନ୍ତ ପହଞ୍ଚି ଯାଇଛି। ଯୁବକ ଓ ଛାତ୍ରମାନେ ବିଶେଷ ଭାବେ ଏହି ସଂଗଠନ ପ୍ରତି ଆକୃଷ୍ଟ ହେଉଛନ୍ତି। ଏତେ ଅଳ୍ପ ସମୟ ମଧ୍ୟରେ ସଂଗଠନର କାୟା ବିସ୍ତାର ସାମାଜିକ ସଂଗ୍ରାମର ସମ୍ଭାବିତ ରୂପରେଖକୁ ସୂଚୀତ କରୁଛି। ଅନେକଙ୍କ ଧାରଣା ଥିଲା ଯେ ଉତ୍ତରପ୍ରଦେଶର ଦଳିତ ସମାଜର ସ୍ୱାର୍ଥ ସାଧନ ପାଇଁ ଏ ସଂଗଠନ ଗଠିତ ହୋଇଛି। କିନ୍ତୁ ଏବେ ଏହା ଆଉ ଉତ୍ତର ପ୍ରଦେଶରେ ସୀମିତ ହୋଇ ରହି ନାହିଁ। ଏହାର ସଂଗଠନ ସମସ୍ତ ରାଜ୍ୟକୁ ବିସ୍ତାରିତ ହୋଇଛି। ପୁଣି ଏହା ଆଉ ଦଳିତମାନଙ୍କ ମଧ୍ୟରେ ସୀମିତ ରହି ନାହିଁ। ତାଙ୍କ ସହିତ ଆଦିବାସୀ, ଅନ୍ୟାନ୍ୟ ପଛୁଆ ବର୍ଗ ଓ ସଂଖ୍ୟାଲଘୁମାନେ ବହୁ ସଂଖ୍ୟାରେ ଏଥିରେ ଯୋଗ ଦେବାର ଦେଖା ଯାଉଛି।

ଭୀମ ଆର୍ମି ସମ୍ବନ୍ଧରେ ଆଲୋଚନା କଲା ବେଳେ ଏହାର ପ୍ରତିଷ୍ଠାତା ଚନ୍ଦ୍ରଶେଖର ଆଜାଦ (ସାଂସଦ)ଙ୍କ ସମ୍ବନ୍ଧରେ ଆଲୋଚନା ବିନା ଏହା ସ୍ୱୟଂସମ୍ପୂର୍ଣ୍ଣ ହେବ ନାହିଁ। ସେ ଜଣେ କଟ୍ଟର ଆମ୍ବେଦକରବାଦୀ ଓ କାଂଶୀରାମଙ୍କ ରାଜନୈତିକ ସଂଘର୍ଷର ଅନୁଗାମୀ। ତାଙ୍କ ବିଚାରରେ ଅନବରତ ସଂଘର୍ଷ ଦ୍ୱାରା ସମ୍ମାନ ଓ ଅଧିକାର ପ୍ରାପ୍ତ ହେବ। ସେ ଜାତିବାଦୀ ସାମାଜିକ ବ୍ୟବସ୍ଥାର ସମର୍ଥକ ନୁହନ୍ତି। ସମତା ଓ ଭାଇଚାରା ଉପରେ ପ୍ରତିଷ୍ଠିତ ଏକ ନ୍ୟାୟପୂର୍ଣ୍ଣ ସମାଜର ସେ ପରିକଳ୍ପନା କରନ୍ତି। ତାଙ୍କ ବିଶ୍ୱାସ ଯେ ଦଳିତ, ଆଦିବାସୀ, ପଛୁଆ ବର୍ଗ ଓ ମହିଳାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ପାତର-ଅନ୍ତରକୁ ରୋକିବା ପାଇଁ ହେଲେ ଏକ ଯୁବ ଓ ଲଢୁଆ ସଂଗଠନର ଆବଶ୍ୟକତା ରହିଛି। ଯେଉଁମାନେ ପୁଲିସର ଲାଠି ଓ ଗୁଳିକୁ ଭୟ ନକରି ସଂଘର୍ଷ କରିବେ। ଆବଶ୍ୟକ ହେଲେ ଜେଲ୍ ମଧ୍ୟ ଯିବେ। ପଛଘୁଞ୍ଚା ଦେବେ ନାହିଁ। ଅଧିକାର, ନ୍ୟାୟ ଓ ଆତ୍ମସମ୍ମାନ ହାସଲ ପାଇଁ ଅନବରତ ଲଢ଼ିବେ। ଆମ୍ବେଦକରଙ୍କ ମିଶନକୁ ଆଗକୁ ନେବେ।

ଏ ସମସ୍ତ ପାଇଁ ରାଜନୈତିକ ଶକ୍ତିର ମଧ୍ୟ ଆବଶ୍ୟକତା ରହିଛି। ରାଜନୈତିକ କ୍ଷମତା ଦଖଲ ଜରିଆରେ ସମତାଭିତ୍ତିକ ସମାଜ ଗଠନ ସମ୍ଭବପର। ତେଣୁ ଏପରି ସାମାଜିକ ଆନ୍ଦୋଳନ ରାଜନୀତି ସହିତ ଜଡ଼ିତ ହେବା ଅନିବାର୍ଯ୍ୟ। ଦଳିତ, ନିଷ୍ପେଷିତ ଓ ଅନଗ୍ରସର ସମାଜକୁ ଆଗକୁ ନେବା ପାଇଁ ହେଲେ ଜାଗୃତି ଓ ପ୍ରୟାସ ଜରୁରୀ। ଏଥିପାଇଁ ଶିକ୍ଷାର ବିକାଶ, ନିଶା ନିବାରଣ, ଆର୍ଥିକ ବିକାଶ ଓ ପରିଷ୍କାର ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦେବାକୁ ହେବ। ସାମାଜିକ ପରିବର୍ତ୍ତନ ପାଇଁ ସମ୍ପୂର୍ଣ୍ଣ କ୍ରାନ୍ତିର ଆବଶ୍ୟକତା ରହିଛି। ଦୃଢ଼ ସଂଗଠନ ଓ ପାରଦର୍ଶୀ ନେତୃତ୍ୱ ଜରିଆରେ ସଫଳତା ହାସଲ କରାଯାଇ ପାରିବ। ସାମାଜିକ ପରିବର୍ତ୍ତନ ଜରିଆରେ ଏକ ସମତାଭିତ୍ତିକ ସମାଜ ଗଠନ ତାଙ୍କ ସଂଘର୍ଷର ମୂଳ ଲକ୍ଷ୍ୟ। ରାଜନୀତି କେବଳ ଏକ ମାଧ୍ୟମ ମାତ୍ର। ତେଣୁ ଦୃଢ଼ ସାମାଜିକ ସଂଗଠନ ସହିତ ଦୃଢ଼ ରାଜନୈତିକ ମଞ୍ଚର ଆବଶ୍ୟକତା ରହିଛି। ଏ ଦିଗରେ ବାବା ସାହେବ ଦେଇଥିବା ତିନୋଟି ମନ୍ତ୍ରର ସଫଳ ରୂପାୟନ ଜରୁରୀ। ତାହା ହେଉଛି ଶିକ୍ଷିତ ହେବା, ସଂଘର୍ଷ କରିବା ଓ ସଂଗଠିତ ହେବା। ଭୀମ ଆର୍ମି ଏହାକୁ ସଫଳ କରିବାକୁ ଚାହେଁ।

ସମସ୍ତ ରାଜନୈତିକ ଦଳଠାରୁ ଦୂରେଇ ନିଜ ସହଯୋଗୀଙ୍କ ସହିତ ମିଶି ୨୦୧୫ ମସିହାରେ ଚନ୍ଦ୍ରଶେଖର ଏକ ଯୁବ ଓ ଲଢୁଆ ସଂଗଠନ ଗଠନ କରନ୍ତି, ଯାହାର ନାମ ରଖନ୍ତି 'ଭୀମ ଆର୍ମି'। ଡକ୍ଟର ଭୀମ ରାଓ ଆମ୍ବେଦକରଙ୍କ ନାମ ଅନୁସାରେ ଏହା ଭୀମ ଆର୍ମି। ଏହାର ଲକ୍ଷ୍ୟ ହେଉଛି ଡକ୍ଟର ଆମ୍ବେଦକରଙ୍କ ସାମାଜିକ ସଂଗ୍ରାମକୁ ଆଗେଇ ନେବା ସହିତ ଜାତିଗତ ଅତ୍ୟାଚାରକୁ ପ୍ରତିରୋଧ କରିବା। ଏହା ସହିତ ଗାଁ ଗାଁରେ ସ୍କୁଲ ଖୋଲି ପିଲାମାନଙ୍କୁ ବିନା ପାରିଶ୍ରମିକରେ ପାଠ ପଢ଼ାଇବା, ଗରିବ ପିଲାଙ୍କୁ ଖାତା-ବହି ଯୋଗାଇ ଦେବା, ନିଶା ନିବାରଣ ପାଇଁ ସଚେତନତା ସୃଷ୍ଟି କରିବା, ଛୋଟ ଛୋଟ ବ୍ୟବସାୟ କରିବା ପାଇଁ ପ୍ରୋତ୍ସାହିତ କରିବା ଓ ରାଜନୈତିକ ଭାବେ ସଚେତନ କରିବା। ଭୀମ ଆର୍ମିର ଆଦର୍ଶରେ ଅନୁପ୍ରାଣିତ ହୋଇ ଉତ୍ତରପ୍ରଦେଶର ଅନେକ ଛାତ୍ର ଓ ଯୁବକ ଏହି ସଂଗଠନ ସହିତ ଜଡ଼ିତ ହୁଅନ୍ତି। କ୍ରମେ ଏହା ଏକ ବଳିଷ୍ଠ ସଂଗଠନରେ ପରିଣତ ହୁଏ। ରାଜ୍ୟରେ ଚନ୍ଦ୍ରଶେଖରଙ୍କ ସ୍ୱତନ୍ତ୍ର ପରିଚୟ ତିଆରି ହୁଏ। ୨୦୨୦ ମସିହାରେ ସେ ଗଠନ କରନ୍ତି ଏକ ନୂତନ ରାଜନୈତିକ ଦଳ ଆଜାଦ୍ ସମାଜ ପାର୍ଟି (ଏଏସ୍‌ପି)। ଏହା ଭୀମ ଆର୍ମିର ଛାମୁଆ ରାଜନୈତିକ ଦଳ। ୨୦୨୪ ମସିହାରେ ସେ ନାଗିନା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରି ବିପୁଳ ଭୋଟରେ ବିଜୟୀ ହୁଅନ୍ତି।

ଭୀମ ଆର୍ମିର ଜନାଧାର ବଢୁଛି। ଭୀମ ଆର୍ମି ଉତ୍ତରପ୍ରଦେଶର ଗାଁ ଗଣ୍ଡାରେ ପହଞ୍ଚି ସାରିଛି। ସାଧାରଣ ଜନତା ଏହି ସଂଗଠନକୁ ବିଶ୍ୱାସ କରିବାକୁ ଆରମ୍ଭ କରିଛନ୍ତି। ତାଙ୍କ ସଂଗଠନ କେବଳ ଉତ୍ତରପ୍ରଦେଶରେ ସୀମିତ ନାହିଁ। ଅନ୍ୟାନ୍ୟ ରାଜ୍ୟମାନଙ୍କରେ ମଧ୍ୟ ବିସ୍ତାରିତ ହେଉଛି। ଅନେକ ପ୍ରବାସୀ ଭାରତୀୟ ତାଙ୍କ ଅନୁଗାମୀ ଅଟନ୍ତି। ନେପାଳରେ ମଧ୍ୟ ସଂଗଠନ ପରିବ୍ୟାପ୍ତ ହେଉଛି। ନିକଟରେ ସେ ଆମେରିକା ଓ ଦୁବାଇ ଯାଇ ପ୍ରବାସୀ ଭାରତୀୟଙ୍କୁ ଭେଟି ଆସିଛନ୍ତି। କେବଳ ଦଳିତ ଭୋଟ୍ ଉପରେ ନିର୍ଭର କରି ବେଶୀ ଆଗକୁ ଯାଇ ହେବ ନାହିଁ ବୋଲି ସେ ଜାଣିଛନ୍ତି।




ଏଥିପାଇଁ ତାଙ୍କୁ ଅନ୍ୟ ବର୍ଗ ଉପରେ ନିର୍ଭର କରିବାକୁ ପଡ଼ିବ। ସେ ସଂଖ୍ୟାଲଘୁମାନଙ୍କ ସହିତ ସମ୍ପର୍କକୁ ଦୃଢ଼ କରିବାରେ ଲାଗିଛନ୍ତି। ସାମାଜିକ ନ୍ୟାୟ କଥା କହି ଓ ସମାନ ଭାଗିଦାରୀ କଥା ଉଠାଇ ଓବିସିମାନଙ୍କୁ ନିଜ ଆଡ଼କୁ ଟାଣିବାକୁ ଚେଷ୍ଟା କରୁଛନ୍ତି। ଏହା ସହିତ ନାରୀମାନଙ୍କ ସମସ୍ୟା, କୃଷକ-ଶ୍ରମିକ ସମସ୍ୟା ତଥା ରାଷ୍ଟ୍ରୀୟ ପ୍ରସଙ୍ଗମାନ ଉଠାଇ ସମସ୍ତଙ୍କ ବିଶ୍ୱାସଭାଜନ ହେବା ପାଇଁ ଚାହୁଁଛନ୍ତି। ସମସ୍ତଙ୍କୁ ନେଇ ବ୍ୟବସ୍ଥା ପରିବର୍ତ୍ତନ ପାଇଁ ଏକ ବ୍ୟାପକ ଜନ ଆନ୍ଦୋଳନ ତିଆରି କରିବା ଲକ୍ଷ୍ୟରେ ସେ ଅଛନ୍ତି। ଏ ଦିଗରେ ସେ କାମ ଆରମ୍ଭ କରିଛନ୍ତି। ସମସ୍ତ ବର୍ଗର ଲୋକଙ୍କ ଅଧିକାର ଓ ସ୍ୱାର୍ଥକୁ ଗୁରୁତ୍ୱ ଦେଉଛନ୍ତି। ସମସ୍ତଙ୍କ ମଧ୍ୟରେ ଭାଇଚାରା ସ୍ଥାପନ ପାଇଁ ଉଦ୍ୟମ କରୁଛନ୍ତି। ଏ ଦିଗରେ ଲକ୍ଷାଧିକ ଭୀମ ସୈନିକ କାମରେ ଲାଗିଛନ୍ତି।

ଭୀମ ଆର୍ମି ଏବେ ଦଳିତ, ନିଷ୍ପେଷିତ ଓ ଅନଗ୍ରସର ସମାଜର ରକ୍ଷା କବଚ ବୋଲି ଅନେକେ ଅନୁଭବ କରୁଛନ୍ତି। ଯେଉଁଠାରେ ବି ଧାର୍ମିକ ଓ ଜାତିଗତ କାରଣରୁ ଏମାନଙ୍କ ଉପରେ ଅତ୍ୟାଚାର ହୋଇଛି, ସେଠାରେ ଭୀମ ଆର୍ମି ସାମ୍ନାରେ ଛିଡ଼ା ହୋଇଛି। ପ୍ରତିବାଦ ଓ ପ୍ରତିରୋଧ କରିଛି, ଆନ୍ଦୋଳନକୁ ଓହ୍ଲାଇଛି। ପୀଡ଼ିତ ପରିବାର ଓ ସମାଜକୁ ନ୍ୟାୟ ପ୍ରଦାନ ପାଇଁ ଲଢ଼ିଛି। ଏହା ସହିତ ସାମାଜିକ ଓ ରାଷ୍ଟ୍ରୀୟ ସମସ୍ୟାଗୁଡ଼ିକର ସାମ୍ବିଧାନିକ ସମାଧନ ପାଇଁ ଜନମତ ତିଆରି କରିଛି। ଶିକ୍ଷା ଓ ଆର୍ଥିକ ବିକାଶ ସହିତ ନିଶା ନିବାରଣ, ଅନ୍ଧବିଶ୍ୱାସ ଓ କୁସଂସ୍କାରର ଦୂରୀକରଣ ଉପରେ କାର୍ଯ୍ୟକ୍ରମ ଜାରି ରଖି ଲୋକଙ୍କ ସୁଖ ଦୁଃଖର ସାଥୀ ବନିଛି। ଓଡ଼ିଶାରେ ମଧ୍ୟ ଭୀମ ଆର୍ମି ତାର ଉପସ୍ଥିତିକୁ ଜାହିର କରିଛି। ପ୍ରତି ଜିଲ୍ଲାରେ ଏହାର ସଦସ୍ୟମାନେ କାମରେ ଲାଗିଛନ୍ତି। ଯେଉଁଠାରେ ଅତ୍ୟାଚାର ହେଉଛି, ସେଠାରେ ଭୀମ ଆର୍ମି ହାଜିର ହୋଇ ଲୋକଙ୍କୁ ସୁରକ୍ଷା ପ୍ରଦାନ କରୁଛି। ସବୁଠାରୁ ବଡ଼କଥା, ତାଙ୍କ ମନରେ ନିଜେ ପ୍ରତିରୋଧ କରିବାର ଶକ୍ତିକୁ ଭୀମ ଆର୍ମି ଜାଗ୍ରତ କରୁଛି।

ଅନ୍ୟାୟ ଓ ଅତ୍ୟାଚାରକୁ ରୋକିବା ପାଇଁ ସର୍ବଦା ସରକାର ଓ ପ୍ରଶାସନ ଉପରେ ନିର୍ଭର କଲେ ଚଳିବ ନାହିଁ। କାରଣ ଏପରି କରିବା ଲୋକ ସରକାର ଓ ପ୍ରଶାସନରେ ମଧ୍ୟ ଥାଆନ୍ତି। ତେଣୁ ନିଜର ସୁରକ୍ଷା ଓ ମୌଳିକ ଅଧିକାର ପାଇଁ ଲଢ଼ିବା ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ। ଭୀମ ଆର୍ମି ଦେଶରେ ଏ ସମାଜିକ କର୍ତ୍ତବ୍ୟବୋଧକୁ ବଳିଷ୍ଠ ଓ ସଂଗଠିତ କରୁଛି। ଫଳରେ ଅସଂଖ୍ୟ ବଞ୍ଚିତ, ଶୋଷିତ ଓ ଅତ୍ୟାଚାରିତ ଲୋକଙ୍କ ହୃଦୟକୁ ଛୁଇଁ ପାରିଛି ଓ ବିକଳ୍ପର ସମ୍ଭାବନାକୁ ଉଜ୍ଜିବୀତ କରିଛି।■

ବାରିପଦା, ମୟୂରଭଞ୍ଜ
ମୋ: ୭୦୦୮୯୭୬୧୮୦

# ମଣିପୁର: ନୂତନ ଆରମ୍ଭ

ରାଷ୍ଟ୍ରପତି ଶାସନର ପ୍ରତ୍ୟାହାର, ଏକ ଲୋକପ୍ରିୟ ସରକାରର ପ୍ରତିଷ୍ଠା ଏବଂ ବିଜେପି ନେତା ୟୁମ୍‌ନାମ୍ ଖେମ୍‌ଚାନ୍ଦ ସିଂହଙ୍କୁ ମୁଖ୍ୟମନ୍ତ୍ରୀ ତଥା କୁକି ଏବଂ ନାଗା ସମ୍ପ୍ରଦାୟରୁ ଜଣେ ଲେଖାଏଁ ଉପମୁଖ୍ୟମନ୍ତ୍ରୀ ଭାବରେ ପଦାନସୀନ ହେବା ହେଉଛି ମଣିପୁରରେ ଗତ ତିନି ବର୍ଷ ମଧ୍ୟରେ ଘଟିଥିବା ସର୍ବୋତ୍କୃଷ୍ଟ କାର୍ଯ୍ୟ। ପ୍ରତ୍ୟେକଟି ହିତାଧିକାରୀ, ସେ ରାଜ୍ୟରେ ଥାଆନ୍ତୁ ବା ବାହାରେ ରାଜ୍ୟକୁ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବା ଏବଂ ତା' ପରେ ଏହାକୁ ପ୍ରଗତି ଓ ସମୃଦ୍ଧିର ପଥରେ ଆଗେଇ ନେବା ପାଇଁ ନୂତନ ପ୍ରଶାସନକୁ ସହାୟତାର ହାତ ବଢ଼ାଇବା ଉଚିତ। ଫେବ୍ରୁଆରୀ ୧୩,୨୦୨୫ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏନ୍ ବୀରେନ୍ଦ୍ର ସିଂହ ଇସ୍ତଫା ପ୍ରଦାନ କରିବା ପରେ ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଥିଲା। ଶ୍ରୀଯୁକ୍ତ ସିଂହ ପ୍ରଶାସନିକ କାର୍ଯ୍ୟ ସମ୍ଭାଳୁ ଥିବା ବେଳେ ଏହି ସୀମାନ୍ତବର୍ତ୍ତୀ ରାଜ୍ୟରେ ମେ' ୩, ୨୦୨୩ରେ ଆରମ୍ଭ ହୋଇଥିଲା ଦଙ୍ଗା ଏବଂ ସମଗ୍ର ରାଜ୍ୟକୁ ଏହା ଖୁବ୍ ଶୀଘ୍ର ବ୍ୟାପି ଯାଇଥିଲା, ଯାହା ଫଳରେ ଆଇନ ଶୃଙ୍ଖଳା ପରିସ୍ଥିତି ଅତ୍ୟନ୍ତ କଦର୍ଯ୍ୟ ଅବସ୍ଥାକୁ ଚାଲି ଯାଇଥିଲା। ଏହି ହିଂସାକାଣ୍ଡ ଓ ଦଙ୍ଗା ପଛର କାରଣ ଥିଲା ରାଜ୍ୟରେ ଅନୁସୂଚୀତ ଜନଜାତି ତାଲିକାରେ ମୈତେଇ ସମ୍ପ୍ରଦାୟଙ୍କୁ ଅନ୍ତର୍ଭୁକ୍ତ କରାଯିବା। ତତ୍କାଳୀନ ସରକାରଙ୍କର ଏହି ପଦକ୍ଷେପକୁ କୁକି-ଜୋ ଜନଜାତି ସମ୍ପ୍ରଦାୟ ବିରୋଧ କରିଥିଲେ। ଏହା ଧୀରେ ଧୀରେ ହିଂସାର ରୂପ ନେଇଥିଲା ସେତିକି ବେଳେ, ଯେତେବେଳେ ମୈତେଇ ସମ୍ପ୍ରଦାୟର ଲୋକମାନେ ଜନଜାତିର ଲୋକମାନଙ୍କ ଉପରେ ଆକ୍ରମଣ କରିବା ଆରମ୍ଭ କରିଦେଲେ ଏବଂ ପ୍ରଶାସନ ଗଣ୍ଡଗୋଳକୁ ଦମନ କରିବା ନିମନ୍ତେ ଭିନ୍ନ ଉପାୟ ବାଛି ନେଲେ। ହିଂସାକାଣ୍ଡରେ ୨୫୦ରୁ ଅଧିକ ସଂଖ୍ୟକ ଲୋକ ପ୍ରାଣ ହରାଇ ଥିଲେ ଏବଂ ଶହ ଶହ ସଂଖ୍ୟକ ବାସଗୃହ, ସ୍କୁଲ ଏବଂ ଧାର୍ମିକ ଉପାସନା ପୀଠଗୁଡ଼ିକରେ ନିଆଁ ଲଗାଇ ସେଗୁଡ଼ିକୁ ଧ୍ୱଂସ କରି ଦିଆଯାଇଥିଲା। ସେବେଠାରୁ ନିଜର ବାସସ୍ଥାନ ହରାଇ ହଜାର ହଜାର ସଂଖ୍ୟକ ଲୋକ ଆଶ୍ରୟସ୍ଥଳୀମାନଙ୍କରେ ଜୀବନ ନିର୍ବାହ କରି ଆସୁଛନ୍ତି।

ଶ୍ରୀଯୁକ୍ତ ବୀରେନ୍ଦ୍ର ସିଂହ, ଯିଏକି ଜଣେ ବିଜେପି ନେତା, ତାଙ୍କ ବିରୋଧରେ ଅଭିଯୋଗ ଉଠିଥିଲା ଯେ ହିଂସାକାଣ୍ଡକୁ ରୋକିବା ନିମନ୍ତେ ସେ କୌଣସି ପଦକ୍ଷେପ ନେଇ ନଥିଲେ; ବସ୍ତୁତଃ, ସେ ଅସଦୁଦ୍ଦେଶ୍ୟ ରଖି ଦଙ୍ଗାକାରୀମାନଙ୍କୁ ସହାୟତା ଓ ସମର୍ଥନ ଯୋଗାଇ ଥିବାର ମଧ୍ୟ ଅଭିଯୋଗ ହୋଇଥିଲା। ଆଉ ଏହା ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମ୍‌କୋର୍ଟଙ୍କୁ ବାଧ୍ୟ କରିଥିଲା ମନ୍ତବ୍ୟ ଦେବାକୁ ଯେ ମଣିପୁରରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। କେନ୍ଦ୍ରରେ ଥିବା ବିଜେପି ନେତୃତ୍ୱ ଏବଂ ଏହା ନେତୃତ୍ୱ ନେଉଥିବା କେନ୍ଦ୍ର ସରକାର ଘଟଣାରେ ହସ୍ତକ୍ଷେପ କରିବାକୁ ମନା କରିଦେଲେ, ଯାହା ଫଳରେ ପକ୍ଷପାତିତା ପ୍ରଦର୍ଶନ କରୁଥିବା ଶ୍ରୀଯୁକ୍ତ ବୀରେନ୍ ସିଂହଙ୍କ ପ୍ରଶାସନ ଶାସନ କ୍ଷମତାରେ ରହି ସେମାନଙ୍କ କାର୍ଯ୍ୟ ଚାଲୁ ରଖିଲେ। ଏଭଳି ଅବସ୍ଥାରେ ପ୍ରାୟ ଦୁଇ ବର୍ଷ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ମଧ୍ୟ ଅବସ୍ଥାର ଆକଳନ କରିବାକୁ ସେହି ରାଜ୍ୟକୁ ଗସ୍ତ କରି ନଥିଲେ ଯାହା ସୂଚାଇ ଦେଇଥିଲା ଯେ ଏହି ରାଜ୍ୟ ପ୍ରତି କେନ୍ଦ୍ର ସରକାରଙ୍କର କେତେ ପରିମାଣର ଅବହେଳା ରହିଥିଲା।

ଗତ ଏକ ବର୍ଷ ମଧ୍ୟରେ ରାଜ୍ୟପାଳ ଅଜୟ କୁମାର ଭାଲ୍ଲା ଏବଂ ତାଙ୍କ ଦଳ ସୁରକ୍ଷା ବଳଙ୍କ ସହାୟତାରେ ଏକ ରକ୍ତପାତପୂର୍ଣ୍ଣ ସମୟକୁ ପରିଲକ୍ଷିତ କରିଥିବା ରାଜ୍ୟରେ ଏହାର ପରବର୍ତ୍ତୀ ଅବସ୍ଥାରେ ସ୍ଥିରତା ଫେରାଇ ଆଣିବାରେ ସକ୍ଷମ ହୋଇଛନ୍ତି। ଯଦିଓ ଏହି ରାଜ୍ୟରେ ଏବେ ସୁଦ୍ଧା ସମ୍ପୂର୍ଣ୍ଣ ସ୍ୱାଭାବିକତା ଫେରିନାହିଁ, ତେବେ ସାମ୍ପ୍ରତିକ ପ୍ରଶାସନ ଉପରେ ଲୋକମାନଙ୍କର ଭରସା କେତେକାଂଶରେ ଉଦ୍ଧାର କରାଯାଇ ପାରିଛି। ତେବେ ସେମାନଙ୍କ ମନର କ୍ଷତ ଉପଶମ ହେବାକୁ ଆହୁରି କିଛି ଦିନ ଲାଗିବ। ଶୀଘ୍ରାତିଶୀଘ୍ର ସର୍ବୋତ୍କୃଷ୍ଟ ଫଳାଫଳ ପାଇବାର ଏକ ଶ୍ରେଷ୍ଠ ଉପାୟ ହେଉଛି ପ୍ରଶାସନର ଭାରକୁ ଜଣେ ମୁଖ୍ୟମନ୍ତ୍ରୀଙ୍କ ହାତରେ ନ୍ୟସ୍ତ କରିବା ଉଚିତ, ଯିଏକି ଲୋକମାନଙ୍କ ମନର ଯନ୍ତ୍ରଣାକୁ ବୁଝି ସେହି ଅନୁସାରେ କାର୍ଯ୍ୟ କରି ପାରିବେ। ଶ୍ରୀଯୁକ୍ତ ଖେମ୍‌ଚାନ୍ଦ ସିଂହ, ଯିଏକି ନିଜେ ମଧ୍ୟ ପୁଣିଥରେ ମୈତେଇ ସମ୍ପ୍ରଦାୟର ଜଣେ ବ୍ୟକ୍ତି, ତାଙ୍କୁ ଏହି କାର୍ଯ୍ୟ ପାଇଁ ସର୍ବୋତ୍କୃଷ୍ଟ ବ୍ୟକ୍ତି ଭାବରେ ଧରି ନିଆଯାଇଛି। ଜାଣିବାକୁ ମିଳିଛି ଯେ ଅସନ୍ତୁଷ୍ଟ କୁକି-ଜୋ ସମ୍ପ୍ରଦାୟଙ୍କ ସହିତ ମିଶି ଘଟଣାର ସମାଧାନ କରିବାକୁ ସେ ଆଗରୁ ନିଜ ତରଫରୁ ଉଦ୍ୟମ କରିଛନ୍ତି ଏବଂ ଏଥିପାଇଁ ପ୍ରକ୍ରିୟା ମଧ୍ୟ ଆରମ୍ଭ କରି ସାରିଛନ୍ତି। ବର୍ତ୍ତମାନ ସେ ନିଜର ଦୁଇ ସହାୟକ ଉପମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ପ୍ରଶାସନ ତଥା ଏହାର ସମ୍ବଳଗୁଡ଼ିକର ସାହାଯ୍ୟ ନେଇ ଏହି କାର୍ଯ୍ୟକୁ ଚାଲୁ ରଖି ପାରିବେ। ତେବେ, ଦଙ୍ଗା ଏବଂ ହିଂସାକାଣ୍ଡରେ ହସ୍ତକ୍ଷେପ କରିବାକୁ ମନା କରି ଦେଇଥିବା କେନ୍ଦ୍ର ସରକାର ମଧ୍ୟ ପୁନରୁଦ୍ଧାର କାର୍ଯ୍ୟରୁ ସମ୍ପୂର୍ଣ୍ଣ ଭାବରେ ନିଜକୁ ଓହରାଇ ନେବା ଉଚିତ ନୁହେଁ। ଅନୁସୂଚୀତ ଜନଜାତିର ଲୋକମାନଙ୍କର ଏକ ନ୍ୟାୟୋଚିତ ଅଭିଯୋଗ ରହିଛି ଯେ ରାଜ୍ୟରେ ସେମାନେ ପାତରଅନ୍ତର ନୀତିର ଶିକାର ହେଉଛନ୍ତି। ସେମାନେ ବାସ କରୁଥିବା ପାହାଡ଼ିଆ ଅଞ୍ଚଳଗୁଡ଼ିକରେ ପରିଚାଳିତ ହେବା ନିମନ୍ତେ ଏକ ପୃଥକ୍ ବ୍ୟବସ୍ଥା ଦାବି କରି ଆସୁଛନ୍ତି। ସେମାନେ କିପରି ପକ୍ଷପାତିତାର ଶିକାର ନହେବେ, ସେଥିପାଇଁ ନୂଆ ସରକାର ଯାହା କରିବା ଉଚିତ, ତାହା କରିବାର ଆବଶ୍ୟକତା ରହିଛି, ଏମିତକି ସେଭଳି ଏକ ପଦକ୍ଷେପ ନେବାକୁ ପଡ଼ିଲେ ମଧ୍ୟ ତାହା କରିବା ଉଚିତ। ଶାନ୍ତି ଏବଂ ସହାବସ୍ଥାନର ଏକ ପ୍ରକ୍ରିୟା ଆଗେଇ ଚାଲିବା ଉଚିତ, ଯଦ୍ୱାରା ଏହି ରାଜ୍ୟର ଲୋକମାନେ ଯୁକ୍ତିଯୁକ୍ତ ସ୍ୱଚ୍ଛତା ସହିତ ସେମାନଙ୍କର ଭବିଷ୍ୟତର ଯୋଜନା ପ୍ରସ୍ତୁତ କରି ପାରିବେ। ପ୍ରକୃତ ସ୍ଥିରତା ସେତିକି ବେଳେ ଆସିବ, ଯେତେବେଳେ ସବୁ ରାଜନୀତିକ ଦଳ ଏବଂ ନାଗରିକ ସମାଜର ହିତଧାରକମାନେ ବିଶ୍ୱାସର ମୂଳଦୁଆକୁ ପୁନଃନିର୍ମାଣ କରିବା ପାଇଁ ଏକ ସମାବେଶୀ ଆଲୋଚନା କରି ତଦନୁଯାୟୀ ଆବଶ୍ୟକୀୟ ପଦକ୍ଷେପମାନ ନେବେ।■

# ସଫଳତାର ସୂକ୍ଷ୍ମ ସୂତ୍ର



ପ୍ରମୋଦ କୁମାର ପଣ୍ଡା

'ଉଦ୍ୟମେନହି ସିଧ୍ୟନ୍ତି କାର୍ଯ୍ୟାଣୀ ନ ମନୋରଥୈ ନ ହି ସୁପ୍ତସ୍ୟ ସିଂହସ୍ୟ ପ୍ରବିଶନ୍ତି ମୁଖେ ମୃଗା।' ହିତୋପଦେଶର ଏହା ଏକ ପ୍ରସିଦ୍ଧ ସଂସ୍କୃତ ଶ୍ଳୋକ। ଯେମିତି ଶୋଇଥିବା ସିଂହ ମୁହଁରେ ମୃଗ ସ୍ୱତଃ ପ୍ରବେଶ କରି ନଥାନ୍ତି, ଠିକ୍ ସେମିତି କେବଳ କଳ୍ପନା କଲେ କୌଣସି କାର୍ଯ୍ୟ ହୋଇ ନଥାଏ। ତା' ପାଇଁ ସକ୍ରିୟ ପ୍ରୟାସ କରିବାକୁ ପଡ଼ିଥାଏ। କେବଳ ଯୋଜନା ନୁହେଁ, ଯୋଜନାର କାର୍ଯ୍ୟାନ୍ୱୟନ ଲକ୍ଷ୍ୟ ପୂର୍ତ୍ତି କରେ। କଷ୍ଟ କଲେ କୃଷ୍ଣ ମିଳେ ଏହାର ଏକ ବୈକଳ୍ପିକ ଉକ୍ତି। ଆମ ଭାଷାରେ, ଆମେ ଏହାକୁ ଶୋଇଲା ପୁଅର ଭାଗ ନାହିଁ ମଧ୍ୟ କହିଥାଉ। Sleeping lion catches no deer କିମ୍ବା No pain, no gain ଏହାର ଇଂରାଜୀ ଅନୁବାଦ। ତେଣୁ ସଫଳତା ପାଇଁ ପରିଶ୍ରମ ଓ ସିଦ୍ଧି ପାଇଁ ସାଧନା ଅପରିହାର୍ଯ୍ୟ ଅଟେ।

ସଫଳତା ଏକ ଆପେକ୍ଷିକ ଶବ୍ଦ। ତୁଳନାତ୍ମକ ତତ୍ତ୍ୱ। ସମସ୍ତଙ୍କ ପାଇଁ ଏହା ସମାନ ନୁହେଁ। ସ୍ଥାନ, କାଳ, ପାତ୍ର ଆଧାରରେ ବଦଳୁ ଥାଏ। ପରିଭାଷା ପରିବର୍ତ୍ତିତ ହେଉଥାଏ। ଆକାଂକ୍ଷୀ ଲକ୍ଷ୍ୟର ସକାରାତ୍ମକ ପରିଣାମ ହେଉଛି ସଫଳତା। ତାହା ଛୋଟ ହେଉ କିମ୍ବା ବଡ଼, ବୃହତ୍ ହେଉ ଅବା କ୍ଷୁଦ୍ର, ବ୍ୟକ୍ତିଗତ ହେଉ ଅଥବା ସାମୂହିକ।

ଅନେକେ କୁହନ୍ତି, ସଫଳତା ପାଇଁ ତିନି ଗୋଟି ଜିନିଷର ଆବଶ୍ୟକତା ରହିଛି। ଧୀଶକ୍ତି, ଭାଗ୍ୟ ଓ କଠିନ ପରିଶ୍ରମ। ଭାଗ୍ୟ ଏକ ଅମୂର୍ତ୍ତ ତତ୍ତ୍ୱ। ଏହାର ଭୌତିକ ଅସ୍ତିତ୍ୱ ନଥାଏ। ଏହାର ରୂପ, ରସ, ଗନ୍ଧ, ଆକାର, ପ୍ରକାର ସମ୍ବନ୍ଧରେ ଆମେ ଅନଭିଜ୍ଞ। ଆମକୁ ଜଣା ନାହିଁ। ଆମେ ଅଜଣା। ଧୀଶକ୍ତି ଈଶ୍ୱରଦତ୍ତ। ଅନ୍ତର୍ନିହିତ। ସମସ୍ତଙ୍କ ଭିତରେ ଥାଏ। ଆବଶ୍ୟକ କେବଳ ବିକାଶ କରିବା। ବାହାରକୁ ଆଣିବା। ଉତ୍ଥାନ କରିବା। ଏହା କିନ୍ତୁ ଆପେ ଆପେ ଉତ୍ଥିତ ହୋଇ ନଥାଏ। ସ୍ୱତଃ ବିକଶିତ ହୁଏନି। ଯେମିତି କୂଅରେ ପାଣି ଥାଏ, କିନ୍ତୁ ଆପେ ଆପେ ପଦାକୁ ଆସି ନଥାଏ। ଦଉଡ଼ି ଓ ବାଲ୍ଟି ସହାୟତାରେ ଟାଣିବାକୁ ପଡ଼ିଥାଏ- ଠିକ୍ ସେହିପରି। ଭାଗ୍ୟ ଓ ଧୀଶକ୍ତି, ଯାହା ଆମ ଅଧୀନରେ ନାହିଁ, ସେ ନେଇ ବ୍ୟସ୍ତ ବିବ୍ରତ ହୋଇ ଲାଭ କ'ଣ ? ପରିଶ୍ରମ କିନ୍ତୁ ଆମ ହାତରେ। ଆମ ନିୟନ୍ତ୍ରଣରେ, ଯାହା ଆମେ ନିଜେ କରି ପାରିବା। କଠୋର ପରିଶ୍ରମ ସଫଳତାର କାରକ। ତେଣୁ କୁହାଯାଏ, There is no substitute to hard work. କଠୋର ପରିଶ୍ରମର ବିକଳ୍ପ ନାହିଁ।

ସଫଳତା ସମସ୍ତଙ୍କୁ ଭଲ ଲାଗେ। ସମସ୍ତେ ସଫଳତା ଚାହାନ୍ତି। ସଫଳ ହେବାର ଇଚ୍ଛା ରଖନ୍ତି। ପ୍ରୟାସ ଓ ପରିଶ୍ରମ କରିଥାନ୍ତି। ପରନ୍ତୁ, ସମସ୍ତଙ୍କୁ ସାଙ୍ଗେ ସାଙ୍ଗେ ନିଜ ଇଚ୍ଛା ମୁତାବକ ସଫଳତା ମିଳି ନଥାଏ। କେତେକ କୃତକାର୍ଯ୍ୟ ହୁଅନ୍ତି। ଅନ୍ୟ କିଛି ଫେଲ୍ ମାରନ୍ତି। ଅସଫଳ ହୁଅନ୍ତି। ଦୁର୍ବଳ ବ୍ୟକ୍ତି ଭାଗ୍ୟକୁ କୋଷେ। ଦୃଢ଼ମନା ଆଗକୁ ମାଡ଼ି ଚାଲେ। ପୁନର୍ବାର ପ୍ରୟାସ କରେ। ନିରନ୍ତର ପରିଶ୍ରମ ଜାରି ରଖେ। ବିଫଳତାକୁ ଅବସର ଭାବେ। ସେଥିରୁ ଶିଖେ। ଶେଷରେ ସଫଳ ହୁଏ। ସେଥିପାଇଁ କୁହାଯାଏ, ଅସଫଳତା ସଫଳତାର ଆଧାରଶୀଳା। Failure is the pillar of success. ବିଶ୍ୱପ୍ରସିଦ୍ଧ ବୈଜ୍ଞାନିକ ଥୋମାସ୍ ଆଲ୍‌ଭା ଏଡିସନଙ୍କ ଭଳି ଯିଏ ତାଙ୍କ ୯୯୯ ଥର ଅସଫଳ ପ୍ରୟାସରେ ମଧ୍ୟ ହାର୍ ନ ମାନି ହଜାରେ ପ୍ରଚେଷ୍ଟାରେ ସଫଳତା ଅର୍ଜନ କରିଥିଲେ। ଇଲେକ୍ଟ୍ରିକ୍ ବଲ୍‌ବ ଉଦ୍ଭାବନ କରିବାରେ ସକ୍ଷମ ହୋଇଥିଲେ।

ନିରନ୍ତର ଅଭ୍ୟାସ ଏବଂ ବଳିଷ୍ଠ ମାର୍ଗଦର୍ଶନ ସତ୍ତ୍ୱେ ଆମେରିକାର ଫିଲ ନାଇଟ ଜଣେ ପ୍ରତିଷ୍ଠିତ ଧାବକ ହେବାରେ ଅସଫଳ ହେବାରୁ ନିଜ କୋଚ୍ ବିଲବାଓ ରମେନଙ୍କ ସହାୟତାରେ ବିଶ୍ୱପ୍ରସିଦ୍ଧ ନାଇକ୍ ଜୋତା ତିଆରି କଲେ, ଯାହାକୁ ବ୍ୟବହାର କରି ସିଫାନ ହାସନ, ଇଲିଉଡ କିପ୍‌ଚୋଗେ, ବ୍ରିଗିଡ କୋଶଗେଇ, ମାଇକେଲ ଜେଫରୀ, ଜନ ମ୍ୟାକେନ୍‌ରୋ, ଶୁଭମନ ଗିଲ, ଅଂଶୁ ମଲ୍ଲିକ, ପ୍ରିୟା ମେନନ୍‌ଙ୍କ ଭଳି ଖେଳାଳି କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ସଫଳତା ଅର୍ଜନ କରିଛନ୍ତି। ଦୌଡ଼ରେ ବିଫଳ ହେଲେ ମଧ୍ୟ ନାଇକ୍ କମ୍ପାନୀର ସଂସ୍ଥାପକ ନିଜ ନିର୍ମିତ ଜୋତା ମାଧ୍ୟମରେ ଅନ୍ୟର ସଫଳତାରେ ନିଜର ସଫଳତା ଦେଖିଛନ୍ତି। କେବଳ ନିଜସ୍ୱ ବ୍ୟକ୍ତିଗତ ସଫଳତା ସଫଳତା ନୁହେଁ। ଅନ୍ୟକୁ ସଫଳ ହେବାରେ ସହାୟତା କରି ତାଙ୍କ ସଫଳତାରେ ନିଜେ ସଫଳତାର ସ୍ୱପ୍ନ ଦେଖିବା ମଧ୍ୟ ସଫଳତାର ପରିଚାୟକ।

ସଫଳତା ପାଇଁ କେବଳ କଠିନ ପରିଶ୍ରମ ଯଥେଷ୍ଟ ନୁହେଁ। ସେଭଳି ହେଉଥିଲେ କୌଣସି ଚାଷୀ ଗରିବ ରୁହନ୍ତେ ନାହିଁ। ପରୀକ୍ଷାରେ କେହି ଫେଲ୍ ହୁଅନ୍ତେ ନାହିଁ। ସମସ୍ତେ ପାସ୍ କରନ୍ତେ। ନିଶ୍ଚିତ ସଫଳତା ପ୍ରାପ୍ତି ପାଇଁ ସମ୍ପୃକ୍ତ କ୍ଷେତ୍ରରେ ରୁଚି ଥିବା ଜରୁରୀ। ଜୋର ଜବରଦସ୍ତି କଲେ କିମ୍ବା ଅନାବଶ୍ୟକ ଚାପ ପ୍ରୟୋଗ କଲେ କୌଣସି କାମ ସଫଳ ହୁଏନି। ଯେମିତି ଆମେ ଘୋଡ଼ାକୁ ପାଣି ପର୍ଯ୍ୟନ୍ତ ବଳପୂର୍ବକ ଟାଣି ନେଇ ପାରିବା। କିନ୍ତୁ ତାକୁ ଶୋଷ ନହେବା ଯାଏଁ ପାଣି ପିଆଇ ପାରିବା ନାହିଁ। We can bring a horse to water, but we can not make it drink. ସଫଳ ହେବାକୁ ହେଲେ ବ୍ୟକ୍ତିର ସମ୍ପୃକ୍ତ କାର୍ଯ୍ୟରେ ସ୍ପୃହା ଥିବା ଦରକାର। ଇଚ୍ଛା, ଆକାଂକ୍ଷା, ଅଭିଳାଷ, ଆଗ୍ରହ, ରୁଚି ଇତ୍ୟାଦି ବଳବତୀ ହେଲେ ଇପ୍‌ସିତ ଲକ୍ଷ୍ୟ ସହଜ ସୁବିଧାରେ ହାସଲ କରିହୁଏ। ସମର୍ପଣ, ସଂଯମତା, ତ୍ୟାଗ, ଆତ୍ମବିଶ୍ୱାସ, ନିରନ୍ତରତା, ଅନୁଶାସନ ଇତ୍ୟାଦି ମଧ୍ୟ ସଫଳତାର ଗୁରୁତ୍ୱପୂର୍ଣ୍ଣ ଦିଗ, ଉତ୍‌ପ୍ରେରକ। ଅଭିପ୍ରେରଣାର ସ୍ରୋତ।




ମଣିଷ ବୈଚିତ୍ର୍ୟମୟ ଦୁନିଆର ବିଚିତ୍ର ପ୍ରାଣୀ। ଅନ୍ୟର ଶିରୀ ସେ ସହ୍ୟ କରିପାରି ନଥାଏ। ସବୁବେଳେ ତା'ର ଗୋଡ଼ଟଣା ନୀତି। ସହ ବ୍ୟକ୍ତିର ବିକାଶ ତା' ମନ ମସ୍ତିଷ୍କରେ ବିଷାଦ ସୃଷ୍ଟି କରେ। ଜାଣତରେ ହେଉ ଅବା ଅଜାଣତରେ, ଲୁଚିକି ହେଉ କିମ୍ବା ଦେଖେଇକି, ପ୍ରତିବାଦ ଓ ପ୍ରତିରୋଧ କରିବାର ଅପଚେଷ୍ଟା କରେ। ବାଜ ଦୁନିଆର ସବୁଠାରୁ ବଳଶାଳୀ ପକ୍ଷୀ। ତଥାପି କୁଆ ତା' ପିଠିରେ ବସି ଖୁମ୍ପି ଚାଲେ। କିନ୍ତୁ ସେ କୁଆ ପ୍ରତି ନଜର ଦିଏନି। ନଜର ଅନ୍ଦାଜ କରେ। ଉଚ୍ଚରୁ ଉଚ୍ଚକୁ ଉଡ଼ି ଚାଲେ। ସେ ଏତେ ଉଚ୍ଚତାକୁ ଉଡ଼ିଯାଏ ଯେ କୁଆକୁ ନିଃଶ୍ୱାସ ପ୍ରଶ୍ୱାସ ନେବା ଆଣିବାରେ ଅସୁବିଧା ହୁଏ ଏବଂ ସ୍ୱତଃ ସେ ତଳକୁ ଖସି ପଡ଼େ। ବାଜ କୁଆକୁ କାହିଁକି ଜବାବ ଦିଏନି ଜାଣନ୍ତି ? କାରଣ, କୁଆକୁ ଜବାବ ଦେଇ ସେ ତା'ର ଶକ୍ତି ଅପଚୟ କରିବାକୁ ଚାହେଁ ନାହିଁ। ସେ ଜାଣେ ଯେ ଏତେ ଉଚ୍ଚକୁ ଯିବାର କ୍ଷମତା କୁଆର ନାହିଁ। ଦୁନିଆରେ ମଧ୍ୟ କୁଆ ଭଳି ଅନେକ ଲୋକ ଅଛନ୍ତି, ଯେଉଁମାନେ ଛାତିରେ ନୁହେଁ, ପିଠିରେ ଚୋଟ ମାରନ୍ତି। କ୍ଷତି କରିଥାନ୍ତି। ପରୋକ୍ଷେ କାର୍ଯ୍ୟ ହନ୍ତାରଂ ପ୍ରତ୍ୟକ୍ଷେ ପ୍ରିୟବାଦିନଂ ବର୍ଜୟେତାଦୃଶଂ ମିତ୍ରଂ ବିଷକୁମ୍ଭଂ ପୟୋମୁଖମ୍। ସେଭଳି ଲୋକଙ୍କୁ ଅଣଦେଖା କରି ଯିଏ ବା ଯେଉଁମାନେ ଆଗକୁ ଆଗକୁ ମାଡ଼ି ଚାଲିବେ, ଉଚ୍ଚରୁ ଉଚ୍ଚକୁ ଉଡ଼ି ଚାଲିବେ, ସେମାନେ ସଫଳ ହେବା ନିଶ୍ଚିତ। ଏସବୁ ସଫଳତାର ସୂକ୍ଷ୍ମ ସୂତ୍ର।■

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର
ମୋ: ୭୯୬୮୨୮୩୧୯୦

# ଅନନ୍ୟ ପ୍ରେମ



ଶ୍ରୀବତ୍ସ ନାୟକ

ଯେତେବେଳେ ଭଗବାନ ଶ୍ରୀକୃଷ୍ଣ ଇହଲୀଳା ସମ୍ବରଣ କରିବା ପୂର୍ବରୁ ସମଗ୍ର ବ୍ରଜବାସୀଙ୍କୁ ପ୍ରଭାସ ତୀର୍ଥ କ୍ଷେତ୍ରକୁ ଡାକିଥିଲେ, ସେହି ସମୟରେ ରାଧାଙ୍କ ସହିତ କୃଷ୍ଣଙ୍କର ଦେଖା ସକ୍ଷାତ ହୋଇଥିଲା। ଦୀର୍ଘଦିନ ଅନ୍ତରାଳେ ଦେଖା ହେବା କ୍ଷଣି ରାଧା କହିଥିଲେ, 'କୃଷ୍ଣ କିପରି ଅଛ ?' ଏହା ଶୁଣି କୃଷ୍ଣ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, 'ରାଧେ ମୁଁ ତୁମ ପାଇଁ କାହ୍ନାରୁ କୃଷ୍ଣ କେବେଠାରୁ ହୋଇଗଲି ?' ରାଧା କହିଲେ, 'ନା, ତୁମେ ଏବେ ବହୁତ ବଦଳି ଯାଇଛ କୃଷ୍ଣ । ମାନେ...।' କୃଷ୍ଣଙ୍କ କଥାରେ ରାଧା କହିଥିଲେ,'ଯଦି ତୁମେ ଶ୍ୟାମ ହେଇଥାନ୍ତ, ସୁଦାମା ତୁମ ନିକଟକୁ ନୁହେଁ, ତୁମେ ସୁଦାମାଙ୍କ ପାଖକୁ ଯାଇଥାନ୍ତ। ତୁମେ ବନମାଳୀ ଥିଲ,



ତୁମ ଗଳାରେ ବନ ମାଳ ଶୋଭା ଦିଶୁଥିଲା। ଏବେ କିନ୍ତୁ ହୀରା, ଲୀଳା ମୋତି ମାଣିକ୍ୟର ମାଳ ଲମ୍ବିଛି। ମସ୍ତକରେ ମୟୂର ଚୂଳ ପରିବର୍ତ୍ତେ ସୁବର୍ଣ୍ଣର ମୁକୁଟ। ଯୋଉ ହାତରେ ମୂରଲୀ ଶୋଭା ପାଉ ଥିଲା, ସେ ହାତରେ ଆଜି ସୁଦର୍ଶନ ଚକ୍ର ଅଛି। ମୂରଲୀ ଦ୍ୱାରା ତୁମେ ସମସ୍ତଙ୍କୁ ନିଜର କରୁଥିଲ, ପ୍ରେମରେ ବାନ୍ଧି ରଖୁ ଥିଲ। ଏବେ କିନ୍ତୁ ସୁଦର୍ଶନ ଚକ୍ର ଦ୍ୱାରା ନରସଂହାର କରୁଛ। ସେତେବେଳେ ତୁମେ ଲବଣୀ ଚୋର ଥିଲ, ଆଜି ଲୋକେ କୁହନ୍ତି ତୁମେ ଈଶ୍ୱର। ଏକଥା କୁରୁକ୍ଷେତ୍ରରେ ତୁମେ ସ୍ୱୟଂ ଅର୍ଜୁନଙ୍କୁ କହିଛ କି ତୁମେ ହିଁ ସର୍ବେସର୍ବା। କିନ୍ତୁ ମୁଁ ତ କେବେ ବି ତୁମକୁ ଭଗବାନ ମାନି ନାହିଁ। ତୁମେ ଏବେ ବି ମୋ ପାଇଁ ନନ୍ଦକିଶୋର, ଲବଣୀ ଚୋର। ଖାଲି ସେତିକି ନୁହେଁ, ତୁମେ ମୋ ପାଇଁ ଆଜି ବି ମୂରଲୀଧର, ଜଣେ ସାଧାରଣ ଗୋପାଳ।' ଏହା ଶୁଣି କୃଷ୍ଣ କହିଥିଲେ, 'ଶୁଣ ରାଧେ ! ଆଜି ମଧ୍ୟ ମୁଁ ତୁମକୁ ସ୍ମରଣ କରୁଛି। ତୁମ କଥା ମନେ ପଡ଼ିଲେ ମୋ ଆଖିରୁ ଲୁହ ଧାର ଧାର ବୋହି ଯାଉଛି।' ରାଧା କହିଥିଲେ, 'ହେ କୃଷ୍ଣ, ମୁଁ କିନ୍ତୁ ତୁମକୁ ଦିନେ ହେଲେ ମଧ୍ୟ ମନେ ପକାଏ ନାହିଁ, କାରଣ ମନେ ସେଇ ଲୋକକୁ ପକାନ୍ତି, ଯିଏ ନିଜଠାରୁ ଦୂରକୁ ଚାଲି ଯାଇଥାଏ। ତୁମେ ସର୍ବଦା ମୋ ହୃଦୟରେ ଅଛ। ତା' ପରେ ମୁଁ ନ କାନ୍ଦିବାର କାରଣ,ତୁମେ ଲୁହ ହୋଇ ମୋ ହୃଦୟରୁ ଆଖି ବାଟେ ବାହାରି ନ ଯାଅ।'

ରାଧାଙ୍କ ଭକ୍ତି ଆଗରେ ଭଗବାନ ଭାବ ବିହ୍ୱଳ ହୋଇ କହିଥିଲେ, 'ରାଧେ, ତୁମେ ଜିତିଗଲ, ମୁଁ ହାରିଗଲି।' ରାଧା କହିଲେ, 'ମନେରଖ ଚକ୍ରଧାରୀ, ମୋ ବିନା ତୁମେ ଅଧୁରା ରହିବ। ସଂସାରରେ ଯେଉଁଠି ତୁମ ପୂଜା ହେବ, ମୁଁ ସାଥୀରେ ଥିବି। କେବଳ ପୁରୀ ଜଗନ୍ନାଥଙ୍କ ମନ୍ଦିରକୁ ଛାଡ଼ିଦେଲେ ଏମିତି ଅନ୍ୟ କୌଣସି ମନ୍ଦିର ରହିବ ନାହିଁ, ଯେଉଁଠି ମୁଁ ତୁମ ସହିତ ନଥିବି। ଲୋକମାନେ ସବୁବେଳେ ତୁମ ନାମ ପୂର୍ବରୁ ମୋ ନାମ ନେଉଥିବେ, ଯଥା 'ରାଧେକୃଷ୍ଣ'। ଶ୍ରୀକୃଷ୍ଣ ରାଧାଙ୍କୁ ତଥାସ୍ତୁ କହିଥିଲେ ଏବଂ କହିଥିଲେ, 'ରାଧେ ଏ ଜନ୍ମରେ ଆମର ଆଉ ମିଳନ ହେବ ନାହିଁ। ଆଜିର ମିଳନ ଆମର ଅନ୍ତିମ ମିଳନ, କିନ୍ତୁ ମୁଁ ତୁମକୁ କିଛି ଦେବାକୁ ଚାହୁଁଛି। ଯାହା ଇଚ୍ଛା, ତାହା ମାଗ। ମୁଁ ଦେବି।' ଏହା ଶୁଣି ରାଧା କହିଥିଲେ, 'ହେ କହ୍ନେଇ, ମୁଁ ସବୁ କିଛି ପାଇ ସାରିଛି, ମୋର କିଛି ଲୋଡ଼ା ନାହିଁ। ପାରୁଛ ତ ଶେଷ ଥର ପାଇଁ ମୋତେ ଟିକେ ବଂଶୀ ସ୍ୱର ଶୁଣାଇ ଦିଅ।' ଏହାର ପରିଣାମ କୃଷ୍ଣ ଜାଣିଥିଲେ, କିନ୍ତୁ ରାଧାଙ୍କ କଥା ରଖି ବଂଶୀ ବଜାଇ ଥିଲେ। ବଂଶୀସ୍ୱନ ଶୁଣୁଥିବା ସମୟରେ ଶ୍ରୀରାଧା ଶ୍ରୀକୃଷ୍ଣଙ୍କ ଶରୀରରେ ଲୀନ ହୋଇ ଯାଇଥିଲେ।■

ଅଧ୍ୟାପକ
ବ୍ରାହ୍ମଣ ଝରିଲୋ ମହାବିଦ୍ୟାଳୟ
କଟକ

ସମ୍ପାଦକଙ୍କୁ ପତ୍ର

## ଓଡ଼ିଆ ବ୍ୟାକରଣ ପାଠ୍ୟକ୍ରମରେ ପୁନଃପ୍ରଚଳନ ହେଉ

ବର୍ତ୍ତମାନ ଓଡ଼ିଆ ମାଧ୍ୟମ ଶିକ୍ଷା ବ୍ୟବସ୍ଥାରେ ଷଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ଥିବା ପାଠ୍ୟକ୍ରମରେ ଓଡ଼ିଆ ବ୍ୟାକରଣ ପ୍ରାୟତଃ ପଢ଼ାଯାଉ ନାହିଁ। ଇଂରାଜୀ ଭାଷା ଶିକ୍ଷା ସମୟରେ ଉଭୟ ବାପା-ମା' ଓ ପିଲାମାନେ ଯେମିତି ବ୍ୟାକରଣଗତ ଶୁଦ୍ଧତା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି, ଓଡ଼ିଆ ଭାଷା ଶିକ୍ଷା ବେଳକୁ ସେଥିରେ ଶିଥିଳତା ପରିଲକ୍ଷିତ ହେଉଛି। ସମସ୍ତେ ଭାବନ୍ତି ମାତୃଭାଷା ତ, ଆପେ ଠିକ୍ ହୋଇଯିବ। କିନ୍ତୁ ଧୀରେ ଧୀରେ ସାମାନ୍ୟ ଅବହେଳାରୁ ପିଲାମାନଙ୍କର ଉଭୟ ଲେଖା ଓ କଥାରେ ବ୍ୟାକରଣଗତ ତ୍ରୁଟି ପରିଲକ୍ଷିତ ହେଉଛି। ଉଦାହରଣ ସ୍ୱରୂପ, ତୁମକୁ କ'ଣ ଶୁଭୁଛି କହିବା ଜାଗାରେ ଆମେ ତୁମକୁ କ'ଣ ଶୁଭା ଯାଉଛି ବୋଲି କୁହନ୍ତି ଯାହା ବ୍ୟାକରଣ ଦୃଷ୍ଟିକୋଣରୁ ତ୍ରୁଟିପୂର୍ଣ୍ଣ। ପୂର୍ବରୁ ବ୍ୟାକରଣରେ ଶୁଦ୍ଧତା ଆଣିବା ପାଇଁ 'ଠିକ୍ ପଢ଼ ଠିକ୍ ଲେଖ' ବହିଟିଏ ପ୍ରଚଳିତ ହେଉଥିଲା, ଯାହା ବର୍ତ୍ତମାନ ଆଉ ପ୍ରାୟତଃ ଉପଲବ୍ଧ ନୁହେଁ। ତେଣୁ ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ଚତୁର୍ଥ କିମ୍ବା ପଞ୍ଚମ ଶ୍ରେଣୀରୁ ଧୀରେ ଧୀରେ ଓଡ଼ିଆ ବ୍ୟାକରଣ ଶିକ୍ଷା ପ୍ରଚଳନ ଆରମ୍ଭ କରିବା ପାଇଁ ଅନୁରୋଧ।

ଡକ୍ଟର ସୀତାକାନ୍ତ ତ୍ରିପାଠୀ, ଅର୍ଣ୍ଣପାଳ, ଭଦ୍ରକ

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

ନିତିଦିନ NITIDIN



## ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ କର୍କଟ ଦିବସ



**କେନ୍ଦ୍ରାପଡ଼ା,୫।୨/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଶ୍ୱ କର୍କଟ ଦିବସ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କ୍ୟାନସର ବା କର୍କଟ ଏକ ଭୟାବହ ରୋଗ। ଯାହା ହସଖୁସିର ପରିବାରକୁ ଉଜାଡି ଦେଇଥାଏ। ଯେଉଁମାନେ ନିକୋଟିନ ବହୁଳ ପ୍ରଚୁର ମଦ୍ୟପାନ, ଗୁଟଖା, ଖଇନି, ତମ୍ବାଖୁ ସେବନ କରନ୍ତି ସେମାନେ ଏହି ରୋଗେ ଆକ୍ରାନ୍ତ ହୋଇଥାନ୍ତି। ଡେତେକ କ୍ଷେତ୍ରରେ ଏକା ଖାଦ୍ୟପେୟର ନିୟନ୍ତ୍ରଣ ନ ରଖିବା ଏବଂ ଦୂଷିତ ବାୟୁ ସେବନ ଦ୍ୱାରା କର୍କଟ ରୋଗର ମାତ୍ରା ବଢିଥାଏ । ମୁଖ ଗହ୍ୱର କ୍ୟାନସର ପୁରୁଷଙ୍କ ଠାରେ ଓ ସ୍ତନ ଏବଂ ସର୍ଭିକ୍ସ କ୍ୟାନସର ମହିଳାଙ୍କ କ୍ଷେତ୍ରରେ ବଢିଚାଲିଛି। ଏଣୁ ସୁସ୍ଥ ଜୀବନ, ସୁସ୍ଥ ସମାଜ ଓ କର୍କଟ ମୁକ୍ତ ପରିବାର ବଜାୟ ରଖିବାକୁ ହେଲେ ନିଶା ଦ୍ରବ୍ୟର ମାରାତ୍ମକ ପରିଣାମ ଉପରେ ସଚେତନତା ହେବା ଓ ବର୍ଜନ କରିବା ଏବଂ ଖାଦ୍ୟ ପେୟରେ ସଂଯମତା ରଖିପାରିଲେ କର୍କଟ ମୁକ୍ତ କରିପାରିବ ବୋଲି ଉପସ୍ଥିତ ଥିବା ଡାକ୍ତରମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କର୍କଟ ରୋଗୀଙ୍କୁ ସଚେତନତା କରାଉଥିବା, କେମୋ ଦେଉଥିବା ତଥା ଜିଲ୍ଲା କର୍କଟ ରୋଗ ଅଧିକାରୀ ଭେଷଜ ବିଶେଷଜ୍ଞ ବରିଷ୍ଠ ଡାକ୍ତର ଶ୍ରୀକାନ୍ତ ସ୍ୱାଇଁ ଏବଂ କଳ୍ପନା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଆୟୋଜିତ ଏହି କର୍କଟ ଦିବସରେ ଅତିରିକ୍ତ ଜିଲ୍ଲାପାଳ କିଶୋର ଚନ୍ଦ୍ର ମିଶ୍ର, ସୁପରିଟେଣ୍ଡେଣ୍ଟ (ଡିପିଏଚଓ) ଡା ଗୌରାଙ୍ଗ ଚରଣ ଗିରି, ପ୍ରଶାସନିକ ଅଧିକାରୀ ଦିଲିପ କୁମାର ନାୟକଙ୍କ ସମେତ ଆଶୁତୋଷ ତ୍ରିପାଠୀ, ଶୁଭ ନାରାୟଣ ନାୟକଙ୍କ ସମେତ ଏଏନ୍‌ଏମ୍‌ଟିସିର ଅଧ୍ୟକ୍ଷ ଏବଂ ଛାତ୍ରଛାତ୍ରୀ, ଆଶାକର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

## ଚାଷୀଙ୍କ ଠାରୁ ଧାନ ନେଉଥିବା ମିଲ୍‌ରେ ଚଢ଼ଉ



**କେନ୍ଦ୍ରାପଡ଼ା,୫।୨/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ନିକଟରେ କେତେକ ମିଲ୍ ମାଲିକ ଚାଷୀମାନଙ୍କ ଠାରୁ ଧାନ ନେଉଥିବା ଅଭିଯୋଗ ହେବାପରେ ତାଙ୍କ ନିର୍ଦ୍ଦେଶରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଇନ୍ଦୁପୁର ନୋଳସାହି ଠାରେ ଥିବା ଏଗ୍ରି ଇଣ୍ଡିଆ ରାଇସ ମିଲ ଉପରେ ଚଢାଉ କରିଥିବା ଜଣାପଡିଛି। ଉପଜିଲ୍ଲାପାଳ ଶ୍ରୀ ନାୟକ ମିଲରେ ପହଞ୍ଚିବା ପରେ ମିଲରେ ବ୍ୟାପକ ପରିମାଣରେ ଧାନ ଥିବା ଏବଂ କେତେକ ଚାଷୀ ଏହି ମିଲରେ ଧାନ ଦେଉଥିବା ଦେଖିବାକୁ ପାଇଥିଲେ। ତେବେ ଚାଷୀମାନଙ୍କୁ କୌଣସି ଅସୁବିଧାରେ ନ ପକାଇ ସେମାନଙ୍କ ଠାରୁ ଧାନ ନ ନେବା ପାଇଁ ଉପଜିଲ୍ଲାପାଳ ଶ୍ରୀ ନାୟକ ମିଲ ମାଲିକଙ୍କୁ ତାଗିଦା କରିଥିବା ଜଣାପଡିଛି। ଜିଲ୍ଲାର ସମସ୍ତ ଚାଷୀ ପଞ୍ଜିକରଣ କରିଥିବା ପ୍ୟାକ୍ସ ଗୁଡିକରେ ଧାନ ଦେବା ସହିତ ସରକାରୀ ରେଟ୍‌ରେ ଟଙ୍କା ନେବାକୁ ଚାଷୀଙ୍କୁ ଅନୁରୋଧ କରିଛନ୍ତି ।

## ଆଳି-କନିକା ଠିକାଦାର ସଂଘର ବୈଠକ

**ଆଳି,୫।୨/ଏନ୍‌ଏନ୍‌ଏସ୍:** ଗୁରୁବାର ଆଳି ବହୁମୁଖୀ ଆଶ୍ରୟସ୍ଥଳୀ ପରିସରରେ ଆଳି କନିକା ଠିକାଦାର ସଙ୍ଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସରକାରଙ୍କ ପକ୍ଷରୁ ଏବେ ଟେଣ୍ଡର ପ୍ରକ୍ରିୟାରେ ଯେଉଁ ନୂଆ ନିୟମ କରାଯାଇଛି। ସେହି ନିୟମରେ ଯଦି କାର୍ଯ୍ୟ କରାଯାଏ ତେବେ ଠିକାଦାରଙ୍କ ସହ ସରକାର କ୍ଷତି ସହିବେ। ଏପରିକି ଯେଉଁ ପ୍ରକଳ୍ପ କାର୍ଯ୍ୟ ହେବ ତାହାର ସ୍ଥାୟିତ୍ୱ ମଧ୍ୟ ନିମ୍ନମାନର ହେବ। ତେଣୁ ସରକାର ନୂଆ ନିୟମ ପରିବର୍ତ୍ତନ କରି ଟେଣ୍ଡର ପ୍ରକ୍ରିୟାରେ ଏକ ନିର୍ଦ୍ଦିଷ୍ଟ ହାର ସ୍ଥିର କରିବା ଆବଶ୍ୟକ ବୋଲି ଦାବି ହୋଇଥିଲା। ଏଭଳି କରାନଗଲେ ସଠିକ ଭାବେ କାର୍ଯ୍ୟ କରିବା ମଧ୍ୟ କଷ୍ଟକର ହୋଇପଡିବ। ଠିକାଦାର ସଂଘର ନିଷ୍ପତିକ ସମସ୍ତ ଠିକାଦାରମାନେ ମାନିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ଏହି ବୈଠକରେ ଶରତ କୁମାର ଦାସ, ସୁକାନ୍ତ ରାଉତ, ସୁବ୍ରତ କୁମାର ଦାଶ,ସଂଗ୍ରାମ ସାମଲ, ସାରଳା ପ୍ରସାଦ ଦାସ,ଦିପ୍ତୀରଞ୍ଜନ ବାରିକ, ହଳଧର ସାହୁ, ସମ୍ରାଟ କୁମାର ବେହେରା ପ୍ରମୁଖଙ୍କ ସହ ୩୦ରୁ ଉର୍ଦ୍ଧ୍ୱ ଠିକାଦାର ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକ ପରିଚୟପତ୍ର ବଣ୍ଟନ

**ମାର୍ଶାଘାଇ,୫।୨/ଏନ୍‌ଏନ୍‌ଏସ୍:** ମାର୍ଶାଘାଇ ବ୍ଲକ୍ ବରିଷ୍ଠ ନାଗରିକ ମଞ୍ଚ ଓ ସ୍ଥାନୀୟ ଥାନାର ମିଳିତ ସହଭାଗିତାରେ ମାର୍ଶାଘାଇ ଜଳ ନିଷ୍କାସନ ଡାକବଙ୍ଗଳା ପରିସରରେ ବରିଷ୍ଠ ନାଗରିକ ପରିଚୟ ପତ୍ର ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ନାଗରିକ ମଞ୍ଚର ସଭାପତି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ଥାନା ଅଧିକାରୀ ତପନ କୁମାର ନାୟକ ମୁଖ୍ୟ ଅତିଥି, ଉପ ଆରକ୍ଷୀ ନିରୀକ୍ଷିକା ଧରିତ୍ରୀ ଜେନା, ସମାଜସେବୀ ପ୍ରମୋଦ କୁମାର ରଥ, ତ୍ରୈଲୋକ୍ୟନାଥ ବେଉରା, ପ୍ରମୋଦ କୁମାର ଚୌଧୁରୀ, କାମପାଳ ରାଉତ, ଦେବେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପରିବର୍ତ୍ତିତ ସମାଜରେ ବରିଷ୍ଠ ନାଗରିକଙ୍କୁ ସାହାଯ୍ୟ, ସମ୍ମାନ, ସେବା ଓ ସୁରକ୍ଷା ଦିଗରେ ନାଗରିକ ମଞ୍ଚର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଶ୍ରୀ ନାୟକ ୧୩୦ଜଣଙ୍କୁ ବରିଷ୍ଠ ନାଗରିକ ପରିଚୟ ପତ୍ର ବଣ୍ଟନ କରିଥିଲାବେଳେ କାର୍ଯ୍ୟକାରୀ ସଭାପତି ଭାରତୀ କାନୁନ୍‌ଗୋ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ଅରୁଣ କୁମାର ଲେଙ୍କା, ସହ ସମ୍ପାଦକ ପ୍ରଦୀପ୍ତ କୁମାର ସ୍ୱାଇଁ, ଉପଦେଷ୍ଟା ଚନ୍ଦ୍ରମଣି ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଡେରାବିଶ ଯୁବ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

**ଟାଙ୍ଗୋଲ,୫।୨/ଏନ୍‌ଏନ୍‌ଏସ୍:** ଡେରାବିଶ ବ୍ଲକ୍ କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ମିନିଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଡେରାବିଶ ଯୁବ ମହୋତ୍ସବ ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳାର ଆଜିଥିଲା ଚତୁର୍ଥ ସନ୍ଧ୍ୟା। ଯୁବ ମହୋତ୍ସବର ଅଧ୍ୟକ୍ଷ ତେଜେଶ୍ୱର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଜିର ସାରସ୍ୱତ କାର୍ଯ୍ୟକ୍ରମରେ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କ ହୃଦୟକୁ ଛୁଇଁଲା ଭଳି ସଙ୍ଗୀତ ଓ ବରଗଡ଼ର ସରଗମଲ୍ଲୀ ନାଟ୍ୟାନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ସମ୍ବଲପୁରୀ ନୃତ୍ୟ ଉପସ୍ଥିତ ଦର୍ଶକଙ୍କ ମଧ୍ୟରେ ଶୀତୁଆ ସନ୍ଧ୍ୟାରେ ଉଷ୍ମତା ଭରିଦେଇଥିଲା। ଏହି ଅବସରରେ ନହଙ୍ଗ ପଞ୍ଚାୟତର ଜନସାଧାରଣଙ୍କ ତରଫରୁ ବରିଷ୍ଠ ନାଗରିକ ନାରାୟଣ ଲେଙ୍କା ଶ୍ରୀ ପରିଡ଼ାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ଏହି ଯୁବ ମହୋତ୍ସବ କାର୍ଯ୍ୟକ୍ରମ ପାଇଁ ସମ୍ବର୍ଦ୍ଧିତ କରିଥିଲେ। ପରେ ଶ୍ରୀ ପରିଡ଼ା ସମସ୍ତ କଣ୍ଠଶିଳ୍ପୀଙ୍କୁ ପରିବେଶର ସୁରକ୍ଷା ପାଇଁ ଚାରା ଗଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଡେରାବିଶ ବ୍ଲକ୍ ବିପିଏମ୍ ଅମୀୟ ରାଉତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଓରମାସ ଓ ମିଶନ ଶକ୍ତି ପକ୍ଷରୁ ହୋଇଥିବା ଷ୍ଟଲମାନଙ୍କରେ ଲୋକମାନେ ବିଭିନ୍ନ ସ୍ୱଦେଶୀ ସାମଗ୍ରୀ କ୍ରୟ କରୁଥିବା ବେଳେ ଷ୍ଟାଡିୟମ ବାହାରେ ରହିଥିବା ବିଭିନ୍ନ ଫାଷ୍ଟଫୁଡ୍ ଦୋକାନମାନଙ୍କରେ ଭିଡ଼ ପରିଲକ୍ଷିତ ହୋଇଥିବା ଦେଖିବାକୁ ମିଳିଛି। ଆଜିର କାର୍ଯ୍ୟକ୍ରମକୁ ମହୋତ୍ସବ କମିଟିର ସଦସ୍ୟମାନେ ପରିଚାଳନା କରିଥିଲେ।

## ମାନସିକ ଭାରସ୍ୟାମ ହରାଇ ମହିଳାଙ୍କ ଆତ୍ମହତ୍ୟା

**ନାଉଗାଁ,୫।୨/ଏନ୍‌ଏନ୍‌ଏସ୍:** ମାନସିକ ଭାରସ୍ୟାମ ହରାଇ ନିଜ ବାପଘର ଗ୍ରାମରେ ମହିଳାଙ୍କ ଆତ୍ମହତ୍ୟା। ଆଜି ଏପରି ଘଟଣା ଦେଖିବାକୁ ମିଳିଛି ନାଉଗାଁ ଥାନା ଅଞ୍ଚଳର ନାଉଗାଁ ଗ୍ରାମରେ। ଏହି ଗ୍ରାମରେ ୪୫ ବର୍ଷୀୟ ବବିଲତା ଗମାଙ୍ଗ ଦହୀପାଳ ଗ୍ରାମ ନିବାସୀ ଗଣପତି ଗମାଙ୍ଗଙ୍କୁ ଦୀର୍ଘ ବର୍ଷ ପୂର୍ବେ ବିବାହ କରିଥିଲେ। ତେବେ କିଛି ଦିନ ଧରି ବବିଲତା ମାନସିକ ଦୁଶ୍ଚିନ୍ତା ରହି ଆସୁଥିବା ବେଳେ ଗତ କିଛି ଦିନ ତଳେ ସେ ତାଙ୍କ ବାପାଘର ନାଉଗାଁ ଗ୍ରାମକୁ ଆସିଥିବା ବେଳେ ଆଜି ହଠାତ ସକାଳୁ ସେହି ଗ୍ରାମର ଥିବା ଏକ ଗଛରେ ନିଜ ପିନ୍ଧା ଲୁଗା ସାହାଯ୍ୟରେ ଆତ୍ମହତ୍ୟା କରିଥିବାର ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଅନ୍ୟପଟେ ଗ୍ରାମବାସୀମାନେ ଏହାର ସୂଚନା ନାଉଗାଁ ପୁଲିସକୁ ଦେବାପରେ ଘଟଣାସ୍ଥଳରେ ନାଉଗାଁ ପୁଲିସ ପହଞ୍ଚି ମୃତଦେହକୁ ଜବତ କରିବା ପରେ, ମୃତ ମହିଳାଙ୍କ ପୁଅ ବିଶ୍ୱଜିତ ଗମାଙ୍ଗଙ୍କ ଅଭିଯୋଗ ଆଧାରରେ ଏକ ଅପମୃତ୍ୟୁ ମାମଲା ୨/୨୦୨୬ ଦାୟର କରାଯାଇ ମୃତଦେହକୁ ବ୍ୟବଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ନଇ ନାଉଗାଁ ଥାନା ଅଧିକାରୀ ପ୍ରଦୀପ୍ତ କୁମାର କାନୁନ୍‌ଗୋ ସୂଚନା ଦେଇଛନ୍ତି।

## ପରଜଙ୍ଗ ଗସ୍ତରେ ବିଧାୟକ

**ପରଜଙ୍ଗ,୫।୨/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ୍‌କୁ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଦିନିକିଆ ଗସ୍ତରେ ଆସି ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଅନେକ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ପ୍ରଥମେ ବିଧାୟକ କଙ୍କିଳି ଗ୍ରାମର ଚଉତୁଣ୍ଡି ଚେକ୍ ଡ୍ୟାମର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ଯୌତୁକ ପଶି ଗ୍ରାମର କୋଠଘର ଲୋକାର୍ପଣ କରିବା ସହିତ ବଡ଼ଝରା ଗ୍ରାମର ଗୋଷ୍ଠୀ ଶୌଚାଳୟ, ସାଂସ୍କୃତିକ କାର୍ଯ୍ୟଗୃହ, ସତ୍ୟ ନାରାୟଣ ଯୁବଗୋଷ୍ଠୀ ଗୃହ ଏବଂ ବହୁମୁଖି ଶୀତଳ ଭଣ୍ଡାର ଲୋକାର୍ପଣ ସହିତ ସିଦ୍ଧେଶ୍ୱର ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବଡଝରା ନୂଆ ସାହିର କାର୍ତ୍ତିକେଶ୍ୱର ଶିବ ମନ୍ଦିର ଏବଂ ତାହାର ପାଚେରୀ ଫାଟକର ମଧ ବିଧାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ସେଠାରୁ ଫେରି ବିଧାୟକ ବାରୀହାପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେବା ସହ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧ୍ୟକ୍ଷା ଯଶସ୍ୱିନି ରାଉତ, ଉକ୍ତ ଚାରି ପଞ୍ଚାୟତର କାର୍ଯ୍ୟକ୍ରମରେ ସରପଞ୍ଚ ଓ ସମିତି ସଭ୍ୟ ପ୍ରଭୃତି ଉପସ୍ଥିତ ଥିଲେ।

## ବାଇକ୍‌କୁ ଧକ୍କା ଦେଲା କାର୍, ୨ ଗୁରୁତର

**ପରଜଙ୍ଗ,୫।୨/ଏନ୍‌ଏନ୍‌ଏସ୍:** ପରଜଙ୍ଗ ଥାନା ଅଧିନସ୍ଥ ସରାଙ୍ଗ ଫାଣ୍ଡି ୫୩ ନମ୍ବର ଜାତୀୟ ରାଜପଥ ଜଟିଆ ଗ୍ରାମ ବ୍ରାହ୍ମଣୀ ପୁରୁଣା ପୋଲ ଉପରେ ବାଇକ୍‌କୁ ଧକ୍କା ଦେଲା କାର୍। ଦୁଇଜଣ ଯୁବକ ଗୁରୁତର ଅବସ୍ଥାରେ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ ଦୁଇ ଜଣ ଯୁବକ ଏକ ମୋଟରସାଇକେଲ ଯୋଗେ ତାଳଚେର ଆଡୁ ପରଜଙ୍ଗ ଅଭିମୁଖେ ଯାଉଥିବା ବେଳେ ବ୍ରାହ୍ମଣୀ ନଦୀ ନୂଆ ପୋଲରେ ଭାରିଯାନ ସମ୍ପୂର୍ଣ୍ଣ ଭାବେ ଜାମ୍ ଥିବାରୁ କାର୍‌ଟି ପୁରୁଣା ପୋଲ ଉପରେ ତାଳଚେର ଆଡ଼କୁ ଯାଉଥିବା ସମୟରେ ପୋଲ ଉପରେ ଉଭୟ କାର ଓ ମୋଟରସାଇକେଲ ମୁହାଁମୁହିଁ ଧକ୍କା ହୋଇଥିଲା।

**ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ଅଭିଯୋଗ**

# ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍



**କେନ୍ଦ୍ରାପଡ଼ା,୫।୨/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ବ୍ଲକରେ ଗ୍ରାମୀଣ ଗୃହନିର୍ମାଣ ଯୋଜନାରେ ଗରିବ ଏବଂ ବାସହରା ଲୋକମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁସବୁ ଘର ମଂଜୁର କରାଯାଉଛି ସେଗୁଡିକ ହିତାଧିକାରୀମାନଙ୍କୁ ଦିଆଯାଉନଥିବାରୁ ସେମାନେ ବର୍ଷବର୍ଷଧରି ଶୀତକାକର ଓ ଖରାବର୍ଷାରେ ପଡିରହିଛନ୍ତି। ଏହି ବ୍ଲକରେ କାର୍ଯ୍ୟରତ ବ୍ଲକ ପ୍ରକଳ୍ପ ସଂଯୋଜକ ଏବଂ ବ୍ଲକ ପ୍ରକଳ୍ପ ସହାୟକଙ୍କ ଦାୟିତ୍ୱ ହେଉଛି ତାଲିକାରେ ଥିବା ହିତାଧିକାରୀମାନଙ୍କୁ ଘର ନିର୍ମାଣ ପାଇଁ ଓ୍ୱାର୍କଅର୍ଡର ଦେବା ଏବଂ ଯେଉଁମାନେ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି ସେମାନଙ୍କୁ କିସ୍ତିଟଙ୍କା ଦେବା। ଏମାନେ ଗୋଟିଏ ଗୋଟିଏ ବ୍ଲକରେ ୫/୬ ବର୍ଷରୁ ଅଧିକ ରହିବା ଫଳରେ ଏହି ସମସ୍ୟା ଦେଖାଦେଇଛି। ତୁରନ୍ତ ଏମାନଙ୍କୁ ବଦଳି କରାନଗଲେ ୨୦୨୬ ଆଧିକ ବର୍ଷରେ ଯୋଗ୍ୟ ହିତାଧିକାରୀ ତାଲିକାରୁ ବଞ୍ଚିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। କିନ୍ତୁ ଯେଉଁମାନେ ଓ୍ୱାର୍କଅର୍ଡର ପାଇଛନ୍ତି ସେମାନଙ୍କୁ କିସ୍ତି ଟଙ୍କା ଦେଉନଥିବାରୁ ସେମାନଙ୍କ ଘର ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି। ଯେଉଁମାନେ ଗୋଟିଏ ବ୍ଲକରେ ୩ ବର୍ଷରୁ ଅଧିକ ସମୟ ରହିଲେଣି ସେମାନଙ୍କୁ ବଦଳି କରିବା ପାଇଁ ରାଜ୍ୟ ସରକାର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ସତ୍ୱେ ଏହି ବ୍ଲକରେ ତାହା କାର୍ଯ୍ୟକାରୀ ହେଉନାହିଁ। ଦାୟିତ୍ୱରେ ଥିବା ଅଧିକାରୀମାନେ ୫/୬ ବର୍ଷରୁ ଅଧିକ ସମୟ ରହିବା ଫଳରେ ଗରିବ ଲୋକଙ୍କୁ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ଘରର ଓ୍ୱାର୍କ ଅର୍ଡରଦେବା କିମ୍ବା କିସ୍ତିଟଙ୍କା ଦେବାରେ ଅହେତୁକ ବିଳମ୍ବ କରୁଛନ୍ତି। ଆବାସଯୋଜନାରେ ଯୋଗ୍ୟ ହିତାଧିକାରୀ ଚୟନରେ ବ୍ଲକ ସଂଯୋଜକ ଏବଂ ବ୍ଲକ ସହାୟକ ନାମରେ ଲାଞ୍ଚ କାରବାର ହେଉଥିବା ଅଭିଯୋଗ ହେଉଛି। ଗୋଟିଏ ଗୋଟିଏ ବ୍ଲକରେ ଏମାନେ ବହୁଦିନଧରି ରହିବାଦ୍ୱାରା ଏହି ସମସ୍ୟା ଦେଖାଦେଇଛି। ଏମାନଙ୍କୁ ବଦଳି କରାନଗଲେ ଆଗକୁ ଯୋଗ୍ୟ ହିତାଧିକାରୀ ଚୟନରେ ଲାଞ୍ଚ କାରବାର ହେବାର ଯଥେଷ୍ଟ ସମ୍ଭାବନା ରହିଛି। ସେମାନେ ଗୋଟିଏ ବ୍ଲକରେ ଅଧିକ ବର୍ଷ ରହିଥିବାରୁ ଗରିବ ଲୋକଙ୍କପ୍ରତି ସହାନୁଭୂତିଶୀଳ ହେଉନଥିବା ଅଭିଯୋଗ ହେଉଛି। ସେମାନେ ମନମୁଖି କାର୍ଯ୍ୟ କରୁଥିବା ସତ୍ୱେ ବ୍ଲକ ଉନ୍ନୟନ ଅଧିକାରୀ କିମ୍ବା ଜିଲାପାଳ ସେମାନଙ୍କ ପ୍ରତି କୋହଳ ମନୋବୃତ୍ତି ପ୍ରଦର୍ଶନ କରୁଥିବାରୁ ଏବଂ ସେମାନଙ୍କ ବିରୋଧରେ ଅଭିଯୋଗଗୁଡିକୁ ତଦନ୍ତ କରାଯାଉନଥିବାରୁ ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଏମାନଙ୍କ ମନମୁଖି କାର୍ଯ୍ୟ ଫଳରେ କେନ୍ଦ୍ରାପଡା ବ୍ଲକରେ ଏକ ହଜାରରୁ ଅଧିକ ହିତାଧିକାରୀ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ନପାଇ କିମ୍ବା କାର୍ଯ୍ୟାଦେଶ ପାଇ କିସ୍ତିଟଙ୍କାନପାଇ ହଇରାଣ ହରକତ ହେଉଛନ୍ତି। ତେଣୁ ଏମାନଙ୍କୁ ଅନ୍ୟତ୍ର ବଦଳି କରାଯାଇ ଏମାନଙ୍କ ସ୍ଥାନରେ ନୂତନ ଅଧିକାରୀମାନଙ୍କୁ ଅବସ୍ଥାପିତ କରିବା ପାଇଁ ଗରିବ ହିତାଧିକାରୀମାନେ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଏହା କରାଗଲେ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ଗୃହ ଯୋଗାଣରେ କୌଣସି ଅସୁବିଧା ହେବନାହିଁ ଏବଂ ସରକାରଙ୍କ ଗୃହ ନିର୍ମାଣ ଯୋଜନା ସଫଳ ହେବବୋଲି ସେମାନେ ଜିଲାପାଳଙ୍କୁ ଅବଗତ କରିଛନ୍ତି। ଅନ୍ତୋଦୟ ଗୃହ ଯୋଜନାରେ ଅନେକ ଯୋଗ୍ୟ ହତାଧିକାରୀମାନଙ୍କୁ ବାଦ୍‌ଦିଆଯାଇ ଅଯୋଗ୍ୟ ହିତାଧିକାରୀମାନଙ୍କୁ ଗୃହର କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏ ସଂପର୍କରେ ଜିଲାପାଳଙ୍କ ନିକଟରେ ଶ୍ୟାମସୁନ୍ଦରପୁର ପଞ୍ଚାୟତର ଆଶାଲତା ରାଉତ ଜିଲାପାଳଙ୍କ ଜନଶୁଣାଣି ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ ଅନ୍ତୋଦୟ ଗୃହ ଯୋଜନାରେ କେଶପୁର, ପୁରୁଷୋତ୍ତମପୁର, ନିକିରାଇ, ଏବଂ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ବ୍ଲକ ପ୍ରକଳ୍ପ ସଂଯୋଜକ ଏବଂ ସହାୟକଙ୍କ ବଦଳି ପାଇଁ ସାଧାରଣରେ ଦାବି ହେଉଛି। କେନ୍ଦ୍ରାପଡାଜିଲାରେ ୯ଟି ବ୍ଲକରେ ବ୍ଲକ ପ୍ରକଳ୍ପ ସଂଯୋଜକମାନେ ୫/୬ ବର୍ଷରୁ ଅଧିକ ରହିବା ଫଳରେ ସେମାନଙ୍କ ମନମାନୀ ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଜିଲାପାଳ ରଘୁରାମ ଆର. ଆୟରଙ୍କ ମତାମତ ନିଆଯିବାରୁ ସେ କହିଲେ ଯେ କେବଳ କେନ୍ଦ୍ରାପଡା ବ୍ଲକ ନୁହେଁ ଜିଲାର ୯ଟିଯାକ ବ୍ଲକରେ ଏହିଭଳି ଅବ୍ୟବସ୍ଥା ଲାଗିରହିଛି। ଯଦି ଏମାନଙ୍କୁ ବଦଳି କରାନଯାଏ ଆଗକୁ ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନରେ ଯୋଗ୍ୟହିତାଧିକାରୀମାନେ ବାଦପଡିବାର ସମ୍ଭାବନା ରହିଛି। ଯାହାଫଳରେକି ଗରିବ ଲୋକମାନେ ସେମାନଙ୍କର ସମସ୍ତ ଯୋଗ୍ୟତାଥାଇ ମଧ୍ୟ ସେମାନେ ପକ୍କାଘର ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି।

## ତାଳଚେର ଧରମପୁରରେ ବିଶାଳ ହିନ୍ଦୁ ସମ୍ମିଳନୀ

**ତାଳଚେର,୫।୨/ଏନ୍‌ଏନ୍‌ଏସ୍:** ହିନ୍ଦୁ ସମାଜରେ ସଚେତନତା ଓ ଜାଗରଣ ପାଇଁ ତାଳଚେର ଧରମ ପୁର ଠାରେ ବିଶାଳ ହିନ୍ଦୁ ସମ୍ମିଳନୀର ମଙ୍ଗଳବାର ସନ୍ଧ୍ୟା ରେ ଆୟୋଜନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବିଭାଗ କାର୍ଯ୍ୟବାହ ଚନ୍ଦ୍ରଶେଖର ବେହେରା ଯୋଗଦେଇ ହିନ୍ଦୁ ସମାଜ ଜାଗ୍ରତ ହେବାର ସମୟ ଆସିଛି ବୋଲି କହିଥିଲେ। ହିନ୍ଦୁ ଧର୍ମ ତଥା ସନାତନ ଧର୍ମ ବସୁଧେବ କୁଟୁମ୍ବକମ କଥା ଚିନ୍ତା କରେ ସର୍ବେ ଭବନ୍ତୁ ସୁଖିନଃ ସମଗ୍ର ବିଶ୍ୱର କଲ୍ୟାଣ ପାଇଁ ପ୍ରାର୍ଥନା କରେ ସମସ୍ତ ଙ୍କର କଲ୍ୟାଣ ପାଇଁ କାର୍ଯ୍ୟ କରେ ବୋଲି ସେ କହିଥିଲେ ।ଉକ୍ତ କାର୍ଯ୍ୟକ୍ରମରେ ଧରମପୁର ଗ୍ରାମସଭାପତି ଶ୍ରୀପତି ପ୍ରଧାନ, ଅବସର ପ୍ରାପ୍ତ ଶିକ୍ଷକ ତଥାଆର୍ଯ୍ୟ ସମାଜ ର ଜିଲ୍ଲା ସାଧାରଣ ସମ୍ପାଦକ ହରେଶ ଚନ୍ଦ୍ର ସାହୁ,ଗାୟତ୍ରୀ ପରିବାର ତାଳଚେର ଶାଖାର ସରୋଜ ଶତପଥୀ ଓ ଶ୍ରଦ୍ଧେୟା ଗାୟତ୍ରୀ ପଣ୍ଡା ଓ ଅନୁଗୁଳ ଜିଲ୍ଲା କାର୍ଯ୍ୟବାହ ଅନୀଲ କୁମାର ମହାନ୍ତି ମଞ୍ଚ ରେ ଉପବେଶନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ହେମନ୍ତ ଘଡେଇ ଓ ସହ ସଂଯୋଜକ ନିର୍ଭୟ କୁମାର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ । ଅତିଥି ଗଣ ହିନ୍ଦୁ ସମାଜର ବିବିଧତା ରେ ଏକତା, ଭାରତୀୟ ଶାସ୍ତ୍ର ର ବୈଜ୍ଞାନିକତା , ଉନ୍ନତ ଜୀବନଶୈଳୀ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଦୀପପଞ୍ଜ , ହନୁମାନ ଚାଳିଶା ପାଠ, ତ୍ରିନାଥ ମେଳା ସହିତ ଶଙ୍ଖ, ହରିବୋଲ, ହୁଳହୁଳି ଧ୍ୱନି ରେ ଆତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ତତ୍ ସହିତ ହିନ୍ଦୁ ସମାଜର ଜନ୍ମ ନିୟନ୍ତ୍ରଣ ହ୍ରାସ ମୁଣ୍ଡ ବିନ୍ଧାର କାରଣ ବୋଲି ଦୁଃଖ ବ୍ୟକ୍ତ କରିଥିଲେ । ବଟମହାବୀର କମିଟିର ସଦସ୍ୟଗଣ ଏବଂ ଗ୍ରାମର ସହ ସଂଯୋଜକ ଅମିତ କୁମାର ଦାସ, ଅଜୟ ସାହୁ, ଦୀପକ ଗଡ଼ନାୟକ, ଖଇରା ପ୍ରଧାନ, ସୁଶାନ୍ତ ପ୍ରଧାନ, ପରଶୁରାମ ସାହୁ, ପ୍ରକାଶ ବେହେରା, ରମେଶ ବେହେରା, ବିଷ୍ଣୁ ମହାପାତ୍ର ଓ ଅନ୍ୟାନ୍ୟ ଶୁଭେଚ୍ଛୁ ମାନଙ୍କର ଅକୁଣ୍ଠିତ ସହଯୋଗରେ କାର୍ଯ୍ୟକ୍ରମଟି ସଂ'ଳ ହୋଇଥିଲା । ବହୁ ସ୍ୱୟଂ ସେବକ ଉପସ୍ଥିତ ଥିଲେ ।

## ପାଣି ଟାଙ୍କି ନିର୍ମାଣରେ ଦୁର୍ନୀତି ଅଭିଯୋଗ



**ନାଉଗାଁ,୫।୨/ଏନ୍‌ଏନ୍‌ଏସ୍:** ସୁନ୍ଦକଣ୍ଟି ଗ୍ରାମରେ ନିମ୍ନମାନର ପାଣିଟାଙ୍କି ନିର୍ମାଣକୁ ନେଇ ସ୍ଥାନୀୟଲୋକଙ୍କ ତୀବ୍ର ବିରୋଧ। ନିର୍ମାଣ କାର୍ଯ୍ୟକୁ ବନ୍ଦ କଲେ ଗ୍ରାମବାସୀ। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ନାଉଗାଁ ବ୍ଲକ୍ ଅଧିନ ନୂଆଗାଁ ପଞ୍ଚାୟତର ସୁନ୍ଦକଣ୍ଟି ଗ୍ରାମରେ। ଏହି ଗ୍ରାମରେ ଗ୍ରାମୀଣ ଜଳ ଯୋଗାଣ ବିଭାଗର ବସୁଧା ଯୋଜନ ଅଧିନରେ ୭୦ ହଜାର କ୍ଷମତା ବିଶିଷ୍ଟ ଏକ ପାଣି ଟାଙ୍କି ନିର୍ମାଣ କରାଯାଉଛି। ଯେଉଁ ପାଣି ଟାଙ୍କି ନିର୍ମାଣର କୌଣସି ରହିଛି ସୂଚନା ଫଳକ ନା ଉପସ୍ଥିତ ରହୁଛନ୍ତି କାର୍ଯ୍ୟ ନିର୍ବାହୀ ଅଧିକାରୀ। ଜାହାର ସୁଯୋଗ ନେଇ ଠିକାଦାରଙ୍କ ଦେଖିବାକୁ ମିଳିଛି ମନମାନୀ, ୭୦ପ୍ରତିଶତ ବାଲି ଓ ୩୦ପ୍ରତିଶତ ସିମେଣ୍ଟରେ ନିର୍ମାଣ କାର୍ଯ୍ୟ ହେଉଥିବା ନେଇ ଅଭିଯୋଗ ଆଣିଛନ୍ତି ସ୍ଥାନୀୟଲୋକେ। ଅପରପକ୍ଷେ ଏହି ପାଣି ଟାଙ୍କିର ରକ୍ଷଣାବେକ୍ଷଣ ଓ ଏହାକୁ ଅପେରଟିଙ୍ଗ କରିବା ପାଇଁ ନିର୍ମାଣ ହେଉଥିବା ଘର ମଧ୍ୟ ସମ୍ପୂର୍ଣ୍ଣ ନିମ୍ନମାନର ଦେଖାଯାଇଛି। ଯେଉଁଠି କଂକ୍ରିଟ ପିଲର ହେବାର ମଧ ତିନି ଦିନ ବିତି ଯାଇଥିଲେ ମଧ ଏହା ହାତରେ ସମ୍ପୂର୍ଣ୍ଣ ଭାବେ ଗୁଣ୍ଡ ହୋଇଯାଉ ଥିବାର ମଧ ଦେଖାଯାଇଛି। ଯାହାକୁ କେନ୍ଦ୍ର କରି ଆଜି ସ୍ଥାନୀୟ ବାସୀ କାର୍ଯ୍ୟକୁ ବନ୍ଦ କରିବା ସହିତ ବିଭାଗୀୟ ବରିଷ୍ଠ ଅଧିକାରୀ ଏହାକୁ ତୁରନ୍ତ ତଦନ୍ତ କରି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଠିକାଦାରଙ୍କ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି ସ୍ଥାନୀୟ ବାସୀ।

## ପ୍ରାକ୍ତନ ପ୍ରଧାନଶିକ୍ଷକଙ୍କ ଦେହାନ୍ତ



**ରାଜନଗର,୫।୨/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ ହାତୀନା ପଞ୍ଚାୟତ ଅନ୍ତର୍ଗତ ଏଣ୍ଡୁଳାପୁର ଗ୍ରାମରେ ପ୍ରାକ୍ତନ ପ୍ରଧାନଶିକ୍ଷକ ଜୟକୃଷ୍ଣ ରାଉତ (୮୨)ଙ୍କର ଗୁରୁବାର ସନ୍ଧ୍ୟା ୬ଟାରେ ଦେହାନ୍ତ ହୋଇଯାଇଛି। ଦୀର୍ଘଦିନ ଧରି ସେ ଶଯ୍ୟାଶାୟୀ ଥିଲେ। ସ୍ୱର୍ଗତ ରାଉତ ହାତୀନା ଗ୍ରାମ ସ୍ଥିତ ଲକ୍ଷ୍ମୀବରାହ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ ଦୀର୍ଘଦିନ କାର୍ଯ୍ୟ କରିଥିଲେ। ଜଣେ ଛାତ୍ର ବତ୍ସଳ ଶିକ୍ଷକ ଭାବେ ସାଧାରଣରେ ଆଦରଣୀୟ ଥିଲେ। ନିମ୍ନ ମାଧମିକ ଶିକ୍ଷକ ସଂଘର ବ୍ଲକ୍ ସଭାପତି ଭାବେ ଦୀର୍ଘ ବର୍ଷ ଧରି ଦାୟିତ୍ୱ ନିର୍ବାହ କରିଥିଲେ। ଏତଦ୍ ବ୍ୟତୀତ ସେ ଠାକୁର ନିଗମାନନ୍ଦଙ୍କର ସମର୍ପିତ ସେବକ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବସଭାବନରେ ପହଞ୍ଚି ଶୋକବ୍ୟକ୍ତ କରିବା ସହ ପରିବାରକୁ ସମବେଦନା ଜଣାଇଥିଲେ।

## ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ୪୦ତମ ପୁଷ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ



**ପାରାଦୀପ,୫।୨/ଏନ୍‌ଏନ୍‌ଏସ୍:** ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ସ୍ଥାନୀୟ ଅଫିସର୍ସ କ୍ଲବ ପରିସରରେ ଗୁରୁବାର ଦିନ ଉଦଘାଟିତ ହୋଇଯାଇଛି। ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ, ଉପାଧ୍ୟକ୍ଷ ଟି.ଭେନୁ ଗୋପାଲ, ମୁଖ୍ୟ ଯନ୍ତ୍ରୀ ହିମାଂସୁ ଶେଖର ରାଉତ ଏବଂ ବନ୍ଦରର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ପରିବେଶଗତ ସୁରକ୍ଷା ସହିତ ଶିଳ୍ପ ଅଭିବୃଦ୍ଧିକୁ ସମନ୍ୱିତ କରିବା ପାଇଁ ପାରାଦୀପ ବନ୍ଦରର ନିରନ୍ତର ପ୍ରୟାସ ଏବଂ ଭାରତର ଏକ ପ୍ରମୁଖ ସବୁଜ ବନ୍ଦର ଭାବରେ ପାରାଦୀପକୁ ବିକଶିତ କରିବାର ଦୃଷ୍ଟିକୋଣକୁ ପ୍ରତିଫଳିତ କରିଛି କ୍ଷଚଳିତ ବର୍ଷ ପ୍ରଦର୍ଶନୀରେ ଅଂଶଗ୍ରହଣରେ ଉଲ୍ଲେଖନୀୟ ବୃଦ୍ଧି ରେକର୍ଡ କରାଯାଇଛି, ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ ୧୫୦ରୁ ଉର୍ଦ୍ଧ୍ୱ ପ୍ରଦର୍ଶନୀ ସ୍ଥାନ ପାଇଛି। ଯାହା କର୍ମଚାରୀ ଏବଂ ସ୍ଥାନୀୟ ସମ୍ପ୍ରଦାୟଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ସାହକୁ ଉଲ୍ଲେଖ କରିଛି। ପ୍ରଦର୍ଶନୀରେ ୪୮ଟି ପ୍ରତିଯୋଗିତା ବର୍ଗରେ ଫୁଲ, ଅଳଙ୍କାରିକ ଉଦ୍ଭିଦ, ବନସାଇ ଏବଂ ପନିପରିବାର ଏକ ପ୍ରଭାବଶାଳୀ ପରିସର ପ୍ରଦର୍ଶିତ ହୋଇଥିଲା। ବନ୍ଦର କର୍ମଚାରୀ, ଅନ୍ତେବାସୀ ଏବଂ ସ୍ଥାନୀୟ ଉଦ୍ୟାନ କୃଷି ଉତ୍ସାହୀମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ, ଯାହା ପରିଦର୍ଶକଙ୍କ ପାଇଁ ଏକ ଆକର୍ଷଣୀୟ ଏବଂ ରଙ୍ଗୀନ ଅଭିଜ୍ଞତା ସୃଷ୍ଟି କରିଥିଲା। ବହୁ ସଂଖ୍ୟାରେ ଜନସାଧାରଣ ପ୍ରଦର୍ଶନୀ ପରିଦର୍ଶନ କରି ଏହାର ପ୍ରଶଂସା କରିଥିଲେ ଏବଂ ସ୍ଥାୟୀ ଉଦ୍ୟାନ ପ୍ରଣାଳୀ ବିଷୟରେ ଅଭିଜ୍ଞତା ହାସଲ କରିଥିଲେ। ଏହି ଉତ୍ସବର ଅଂଶ ସ୍ୱରୂପ, ଅଧ୍ୟକ୍ଷ ଏବଂ ବରିଷ୍ଠ ଅଧିକାରୀମାନେ ପୋର୍ଟ ଟାଉନସିପ୍‌ରେ ବିକଶିତ ୨୪ଟି ସାଧାରଣ ଉଦ୍ୟାନ ପରିଦର୍ଶନ କରିଥିଲେ। ଏହି ଉଦ୍ୟାନଗୁଡ଼ିକ ସବୁଜ ସ୍ଥାନ ବୃଦ୍ଧି କରିବା ଏବଂ ଟାଉନସିପ୍ ବାସିନ୍ଦାଙ୍କ ଜୀବନଜମାନ ଉନ୍ନତ କରିବା ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରେ। ସୁରକ୍ଷିତ ଉଦ୍ୟାନଗୁଡ଼ିକ ବନ୍ଦର ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ଋତୁକାଳୀନ ଉଦ୍ଭିଦ ଏବଂ ଭୂଦୃଶ୍ୟ ପଦକ୍ଷେପକୁ ପ୍ରଦର୍ଶିତ କରେ। ଏହି ଅବସରରେ ଅଧ୍ୟକ୍ଷ ଶ୍ରୀ ହରନାଧ ବନ୍ଦରର ବ୍ୟାପକ ସବୁଜୀକରଣ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ କେନ୍ଦ୍ରୀୟ ମଧ୍ୟମା, ଗାଡ଼ି ରାସ୍ତା ଏବଂ ଟାଉନସିପ୍ ଅଞ୍ଚଳରେ ଗତ ଚାରି ବର୍ଷ ମଧ୍ୟରେ ପ୍ରାୟ ପାଞ୍ଚ ଲକ୍ଷ ଗଛ ଲଗାଯାଇଛି। ସେ ଆହୁରି ଘୋଷଣା କରିଥିଲେ ଯେ ପାରାଦୀପ ବନ୍ଦର ଚଳିତ ବର୍ଷ ଜୁନ୍-ଜୁଲାଇ ସୁଦ୍ଧା ଦଶ ଲକ୍ଷର ଏକ ବିଶାଳ ବୃକ୍ଷ ରୋପଣ ଅଭିଯାନ ହାତକୁ ନେବାକୁ ଲକ୍ଷ୍ୟ ରଖିଛି। ଏହା ଏକ ଐତିହାସିକ ସଫଳତା ଯାହା ପାରାଦୀପ ବନ୍ଦରକୁ ଏତେ ବ୍ୟାପକ ସବୁଜ କଭରେଜ୍ ହାସଲ କରିବାରେ ଭାରତର ପ୍ରଥମ ବନ୍ଦର ହେବ। ସେ ଆହୁରି ମଧ୍ୟ କହିଥିଲେ ଯେ ଷଣ୍ଡକୁଦରୁ ହନୁମାନ ମନ୍ଦିର ପର୍ଯ୍ୟନ୍ତ ବିକଶିତ ସବୁଜ ବଳୟ କେବଳ ଏହି ଅଞ୍ଚଳର ଦୃଶ୍ୟ ଆକର୍ଷଣକୁ ବୃଦ୍ଧି କରେ ନାହିଁ ବରଂ ଘୂର୍ଣ୍ଣିଝଡ଼ ବିରୁଦ୍ଧରେ ଏକ ପ୍ରାକୃତିକ ପ୍ରତିବନ୍ଧକ ଭାବରେ କାର୍ଯ୍ୟ କରେ। ପରିବେଶଗତ ସ୍ଥିରତା ଏବଂ ସାମୁଦାୟିକ ସୁରକ୍ଷାକୁ ସୁଦୃଢ଼ କରେ।

## କ୍ଲଷ୍ଟରସ୍ତରୀୟ ମାସିକ ବୈଠକ

**କୁଆଖିଆ,୫।୨/ଏନ୍‌ଏନ୍‌ଏସ୍:** ରସୁଲପୁର ବ୍ଲକ୍ ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଶୁଳିଆରେ କଳଣ କ୍ଲଷ୍ଟରସ୍ତରୀୟ ପ୍ରଧାନଶିକ୍ଷକ ଓ ଏଫ୍ଏଲ୍ଏନ୍ ମାସିକ ବୈଠକ ସିଆର୍‌ସିସି ବିରଜା ଲକ୍ଷ୍ମୀ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଦ୍‌ଘାଟକ ଭାବେ ମଧୁପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ କୁଶମଣୀ ପଣ୍ଡା ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନେ ସର୍ବଶ୍ରୀ ଗୁରୁକୁଳ ହାଇସ୍କୁଲ ପ୍ରଧାନଶିକ୍ଷକ ସଞ୍ଜୟ କୁମାର ନାୟକ, ସରପଞ୍ଚ ଜିତେନ୍ଦ୍ର କୁମାର ପାତ୍ର, ଏମ୍‌ଇ ସ୍କୁଲ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ଶତପଥୀ, ପ୍ରାଥମିକ ପ୍ରଧାନଶିକ୍ଷକ ପ୍ରତାପ କୁମାର ରାଉତ, ଏସଏମ୍‌ସି ସଭାପତି ଶୁଭେନ୍ଦୁ କୁମାର ସାହୁ, ଜୟନ୍ତ କୁମାର ସାହୁ, ଯୋଗଦେଇ ସପ୍ତମ ସହାଭାଗିତାରେ ବାର୍ଷିକ ପରୀକ୍ଷା, ମୂଲ୍ୟାୟନ, ଏଫ୍ଏଲଏନ୍, ବିଭିନ୍ନ ପ୍ରକାର ଏକ୍ସଟ୍ରା ଆକଟିଭିଟି ଉପରେ ଆଲୋଚନା ହୋଇଥିଲା। ଏହାକୁ ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ପାଣିଗ୍ରାହୀ, ସାବିତ୍ରୀ ଲତା ସାହୁ, ଜ୍ୟୋତିର୍ମୟୀ ମିଶ୍ର, ଦିପ୍ତିରଞ୍ଜନ ଦାଶ, ସୁଶାନ୍ତ କୁମାର ସାହୁ ଓ ଅନ୍ୟ ଶିକ୍ଷକ ମିଶିକି ପରିଚାଳନା କରିଥିଲେ।

## ତୈଳିକ ବୈଶ୍ୟ ସମାଜର ବାର୍ଷିକ ଅଧିବେଶନ

**ବାଲିଅନ୍ତା,୫।୨/ଏନ୍‌ଏନ୍‌ଏସ୍:** ଶ୍ରୀଶ୍ରୀ ଲକ୍ଷେଶ୍ୱର ତୈଳିକ ବୈଶ୍ୟ ସମାଜ, ନଖରାର ୫୨ତମ ବାର୍ଷିକ ଅଧିବେସନ ପୁରୁଣା କାଚରାମାଳଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଡଃ. ଅନନ୍ତଚରଣ ସାହୁ, ନିଧି ସାହୁ, ଦୟାନିଧି ପୃଷ୍ଟି, ହରିହର ସାହୁ, ଶଙ୍କର ସାହୁ, ଭାଗୀରଥି ସାହୁ, ବନ୍ଦା ସାହୁ, ଉଷାରାଣୀ ସାହୁ, ଉର୍ବଶୀ ସାହୁ, ଗୁରୁ କିଙ୍କର ଜେଠୀ ପ୍ରମୁଖ ଯୋଗଦେଇ ତୈଳିକ ବୈଶ୍ୟ ସମାଜର ଆଭିମୁଖ୍ୟ ଓ ଉଦେଶ୍ୟ ଓ ସାଂଗଠନିକ ସମସ୍ୟା ବାବଦରେ ଆଲୋକପାତ କରିଥିଲେ। ଏହି ଅବସରରେ ବୈଶ୍ୟ ସମାଜର ବରିଷ୍ଠ ସଦସ୍ୟ, କର୍ମକର୍ତ୍ତା ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ରବୀନ୍ଦ୍ର ସାହୁ, ହୃଷିକେଶ ସାହ. ବାବାଜୀ ସାହୁ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରଥମ ପୃଷ୍ଠାରୁ

### ନିଜକୁ ଗୁଳି ମାରିଲେ ...

ପାଇଁ ପଠାଯାଇଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ସେ ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ଦୀର୍ଘ ଦିନରୁ ଦୁହେଁ ପରସ୍ପରକୁ ଭଲ ପାଉଥିଲେ। ଯୁବତୀ ଜଣଙ୍କ ତାଙ୍କର ସମ୍ପର୍କୀୟ। ସେଥିପାଇଁ ସେମାନଙ୍କ ସମ୍ପର୍କକୁ ସୁନୀଲ ସେଠୀଙ୍କ ପରିବାର ଲୋକେ ଗ୍ରହଣ କରିବାକୁ ରାଜି ନଥିଲେ। ସେମାନେ ଏହାକୁ ବିରୋଧ କରୁଥିଲେ। ଏହି କଥାକୁ ନେଇ ସୁନୀଲ ସେଠୀ ବହୁତ ଚିନ୍ତିତ ଥିଲେ। ଏସ୍‌ପି ଆହୁରି କହିଛନ୍ତି ଯେ ତାଙ୍କ ମୋବାଇଲରୁ ଆମକୁ କିଛି ମେସେଜ ମିଳିଛି। ସେଗୁଡ଼ିକରୁ ଜଣାପଡ଼ିଛି ଯେ ସେ ଆତ୍ମହତ୍ୟା କରିଛନ୍ତି। ଉକ୍ତ ଯୁବତୀଙ୍କୁ ସେ ଶେଷ ମେସେଜଗୁଡ଼ିକ ପଠାଇବା ପରେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏହି ମେସେଜଗୁଡ଼ିକର ମଧ୍ୟ ଆଗକୁ ତଦନ୍ତ ହେବ। ଏହି ଘଟଣାରେ ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି। ତେବେ ଘରଲୋକେ ବାହାରରେ ସମ୍ବନ୍ଧ ଥିବାରୁ ଜାନୁଆରୀ ୨୧ ତାରିଖରେ ତା'ର ନିର୍ବନ୍ଧ କାର୍ଯ୍ୟ ଶେଷ ହୋଇଥିଲା ବୋଲି ସୁନୀଲଙ୍କ ମା' ଅହଲ୍ୟା ସେଠୀ କହିଛନ୍ତି। ଅନ୍ୟପକ୍ଷରେ ସୁନୀଲ ମୃତ୍ୟୁ ପୂର୍ବରୁ ଭଲ ପାଉଥିବା ଝିଅ ପାଖକୁ ଏକ ମେସେଜ ପଠାଇଥିଲେ ଯେ, ଆମ ଉପରେ କାହାର ନଜର ଲାଗିଗଲା, ତୁ ଖୁସି ରହ ମୁଁ ଯାଉଛି। ଏବଂ ଏହି ମେସେଜ ଉତ୍ତରରେ ସେ ଝିଅ ଲେଖିଥିଲେ ତୁମ ବିନା ମୁଁ ବଞ୍ଚି ପାରିବିନି। ଏଭଳି ପରିସ୍ଥିତିରେ ସୁନୀଲର ଆତ୍ମହତ୍ୟାକୁ ନେଇ କୌଣସି ସ୍ପଷ୍ଟତା ହୋଇପାରି ନଥିବା ବେଳେ ପୁଲିସ ଅଧିକ ଅନୁସନ୍ଧାନ ଚଳାଇଛି।

### ବଦଳିବ ୭ ଜିଲ୍ଲାର ...

ନାମରେ ବ୍ୟତିକ୍ରମ ଥିବା ଅନ୍ୟ ଜିଲ୍ଲାର ସଂଶୋଧନ ପାଇଁ ଦାବି ଉଠିବା ସହ ଅସନ୍ତୋଷ ବି ଦେଖାଦେଇଛି। ଛତ୍ରପୁରର ଇଂରାଜୀ ବନାନ ବରହମପୁର ବଦଳରେ ସଂଶୋଧନ କରି ଛତ୍ରପୁର କରିବାକୁ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା। ଅନ୍ୟ ପଟେ ସଂଶୋଧନ ପାଇଁ ପ୍ରସ୍ତାବ ଦିଆଯାଇଥିବା ଅଞ୍ଚଳର ବାସିନ୍ଦା ସରକାରଙ୍କୁ ଏନେଇ ଧନ୍ୟବାଦ ଦେବା ସହ ଯଥାଶୀଘ୍ର ନିଷ୍ପତ୍ତି ନେବାକୁ କହିଛନ୍ତି। ଓଡ଼ିଆ ଏବଂ ଇଂରାଜୀରେ ବନାନ ଭିନ୍ନ ଥିବାରୁ ଅନେକ ସମସ୍ୟା ଉପୁଜୁଛି। ବିଶେଷ କରି କେନ୍ଦ୍ରରେ ଅବା ଜାତୀୟ ସ୍ତରରେ କୌଣସି ଜିଲ୍ଲା କିମ୍ବା ଅଞ୍ଚଳର ନାମ ଉଚ୍ଚାରଣ ବେଳେ ଦ୍ୱନ୍ଦ୍ୱ ସୃଷ୍ଟି କରେ। କିନ୍ତୁ ବଡ଼ କଥା ହେଉଛି ନାମ ସଂଶୋଧନ ହେଲେ ରାଜସ୍ୱ ରେକର୍ଡ, ଆଧାର କାର୍ଡ ଏବଂ ଅନ୍ୟାନ୍ୟ ସରକାରୀ ଦଲିଲ ପତ୍ରରେ ସଂଶୋଧନ ପାଇଁ ସାଧାରଣ ଲୋକଙ୍କୁ ସମସ୍ୟା ଭୋଗିବାକୁ ପଡ଼ିବ ନାହିଁ ତ।

### ନକ୍ସଲମୁକ୍ତ ହେଲା କୋରାପୁଟ ...

ଡିଆଇଜି, କୋରାପୁଟରେ ଅବସ୍ଥାପିତ ବିଏସ୍‌ଏଫ ଡିଆଇଜି, କୋରାପୁଟ ଏସ୍‌ପି ଓ ପୁଲିସ୍ ଏବଂ ବିଏସ୍‌ଏଫର ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ମମତା ଆତ୍ମସମର୍ପଣ କରିଛନ୍ତି। ୨୬ ବର୍ଷୀୟା ମମତା ପୋଡ଼ିଆମୀ ନକ୍ସଲ ସଂଗଠନରେ ଏସିଏମ୍ ରାଙ୍କରେ କାର୍ଯ୍ୟ କରୁଥିଲେ। ତାଙ୍କ ଘର ଛତିଶଗଡ଼ର ବିଜାପୁର ଜିଲ୍ଲାର ଲିଙ୍ଗାପୁରମ ଗାଁରେ। ସେ ଓଡ଼ିଶା ଓ ଛତିଶଗଡ଼ରେ ଅନେକ ନକ୍ସଲ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିଲେ। ସେ ଗୋଟିଏ ୭.୬୨ ଏମ୍‌ଏମ୍‌ଏସ୍‌ଏଲଆର ରାଇଫଲ ଓ ୧୦ଟି ଗୁଳି ସହିତ ଆତ୍ମସମର୍ପଣ କରିଛନ୍ତି। ରାଜ୍ୟ ସରକାରଙ୍କ ପୁନର୍ବାସ ନୀତି ଅନୁଯାୟୀ ଆତ୍ମସମର୍ପଣ କରିଥିବା କ୍ୟାଡର ନକ୍ସଲ ମମତା ପୋଡିଆମିଙ୍କୁ ୫ ଲକ୍ଷ ୫୦ ହଜାର ଟଙ୍କା ମିଳିବ। ଏସିଏମ୍ ରାଙ୍କର ହୋଇଥିବାରୁ ତାଙ୍କୁ ୫ ଲକ୍ଷ ୫୦ ହଜାର ଟଙ୍କା ମିଳିବ। ତା' ସହିତ ନୂଆ ଆତ୍ମସମର୍ପଣ-ପୁନର୍ବାସ ନୀତି ଅନୁଯାୟୀ ସେ ଏକ ଏସ୍‌ଏଲଆର ସହିତ ଆତ୍ମସମର୍ପଣ କରିଥିବାରୁ ଅତିରିକ୍ତ ୧ ଲକ୍ଷ ୬୫ ହଜାର ଟଙ୍କା ପାଇବେ। ଏହିପରି ମୋଟ ୭ ଲକ୍ଷ ୧୫ ହଜାର ଟଙ୍କା ସେ ପାଇବେ। ଅନ୍ତରୀଣ ସହାୟତା ବାବଦକୁ ତାଙ୍କୁ ଏବେ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହା ସହିତ ସରକାର ପୁନର୍ବାସ ନୀତି ଅନୁଯାୟୀ ଥିବା ଅନ୍ୟାନ୍ୟ ସମସ୍ତ ସୁବିଧା ସେ ପାଇବେ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

### ୧୮ ଶ୍ରମିକ ମୃତ ...

ଭାବେ ଖନନ କାର୍ଯ୍ୟ କରାଯାଉଥିବା ବେଳେ ଏଥିପାଇଁ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତ କରାଯାଉଥିଲା। ଏପରିକି ପ୍ରତିଦିନ ଖଣି ଭିତରକୁ ଖନନ କାର୍ଯ୍ୟ ପାଇଁ କେତେ ସଂଖ୍ୟକ ଶ୍ରମିକ ଯାଉଥିଲେ, କେତେ ଶ୍ରମିକ ବାହାରେ ରହୁଥିଲେ ସେନେଇ ମଧ୍ୟ କୌଣସି ସ୍ଥାୟୀ ରେକର୍ଡ ବ୍ୟବସ୍ଥା କରାଯାଉନଥିଲା। ସୁତରାଂ ଆଜିର ଏହି ଦୁର୍ଭାଗ୍ୟଜନକ ଘଟଣା ଘଟିବା ସମୟରେ ବାସ୍ତବରେ କେତେ ସଂଖ୍ୟକ ଶ୍ରମିକ ଖଣି ଭିତରେ ଥିଲେ ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ। ତଥାପି ଉଦ୍ଧାର ପ୍ରକ୍ରିୟା ଜାରି ରହିଛି। ଉଦ୍ଧାର କାର୍ଯ୍ୟ ପାଇଁ ଏସ୍‌ଡିଆର୍‌ଏଫ୍ ଏବଂ ଅଗ୍ନିଶମ ବାହିନୀକୁ ନିୟୋଜିତ କରାଯାଇଛି। ମୃତକଙ୍କ ମଧ୍ୟରୁ ଅଧିକାଂଶ ପଡ଼ୋଶୀ ଆସାମର ସ୍ଥାୟୀ ନାଗରିକ ଭାବେ ଚିହ୍ନଟ କରାଯାଇଛି। ଏପର୍ଯ୍ୟନ୍ତ ୧୮ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତଦନ୍ତ ପ୍ରକ୍ରିୟାରେ ବିସ୍ଫୋରର କାରଣ ମଧ୍ୟ ଖୋଜିବାକୁ ପୁଲିସ୍ ପ୍ରୟାସ ଜାରି ରଖିଛି ବୋଲି ସେ କହିଛନ୍ତି। ୨୦୧୪ ମସିହାରୁ ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲ ପରିବେଶ ଏବଂ ସୁରକ୍ଷା ଦୃଷ୍ଟିରୁ ମେଘାଳୟରେ 'ର୍ୟାଟ୍-ହୋଲ୍' କୋଇଲା ଖଣି ଖନନ ଉପରେ କଟକଣା ଜାରି କରିଛନ୍ତି। ଏହି ପଦ୍ଧତିରେ ଶ୍ରମିକମାନେ ମାତ୍ର ୩ ରୁ ୪ ଫୁଟ୍ ଉଚ୍ଚତାର ଅତି ସଂକୀର୍ଣ୍ଣ ଗାତ ବା ସୁଡ଼ଙ୍ଗ ଭିତରକୁ ପଶି କୋଇଲା ବାହାର କରିଥାନ୍ତି। ଏହି ସୁଡ଼ଙ୍ଗଗୁଡ଼ିକ ମୂଷା ଗାତ ଭଳି ଦେଖାଯାଉଥିବାରୁ ଏହାକୁ 'ର୍ୟାଟେ୍-ହୋଲ୍' କୁହାଯାଏ। ଏହା ଅତ୍ୟନ୍ତ ବିପଜ୍ଜନକ ବୋଲି ବିବେଚନା କରାଯାଏ। କେବଳ ମେଘାଳୟ ନୁହେଁ ଉତ୍ତର-ପୂର୍ବରେ ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ଏପ୍ରକାର ଘଟଣା ବାରମ୍ବାର ଘଟୁଥିବା ଦେଖିବାକୁ ମିଳୁଛି।

### ସହଜ ହେଲା ରାଜସ୍ୱ ...

ସମେତ ବିଭାଗକୁ ଧନ୍ୟବାଦ୍ ଦେଇ ଆଗାମୀ ଦିନରେ ଭାଗଚାଷୀ ମାନଙ୍କ ପାଇଁ ପ୍ରଚଳିତ ଥିବା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ଗୁରୁତ୍ୱ ଦେଇଥିଲେ। ଭାଗଚାଷୀଙ୍କ ଆଇନଗତ ଅଧିକାର ନଥିବାରୁ ସେମାନେ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଭାଗଚାଷୀ ଓ ଜମି ମାଲିକଙ୍କୁ ଆଇନଗତ ସୁରକ୍ଷା ଦିଆଯିବା ସହିତ ଯେପରି ଉଭୟଙ୍କ ସ୍ୱାର୍ଥ ରକ୍ଷା ହେବ, ସେ ଦିଗରେ ଆଇନ୍ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ ମନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ରାଜସ୍ୱ ବିଭାଗରେ ନିଆଯାଇଥିବା ବିଭିନ୍ନ ସଂସ୍କାର ମୂଳକ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ, ଆମ ସରକାର ଲୋକଙ୍କ ସରକାର। ନୀତିଗତ ଭାବେ ସମସ୍ତ ତହସିଲ୍‌ରେ ଉପନିବନ୍ଧନ କାର୍ଯ୍ୟାଳୟ ଖୋଲିବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ ଥିଲା। ଗତ ବର୍ଷ ନଭେମ୍ବର ମାସରେ ରାଜ୍ୟର ୧୩ଟି ଜିଲ୍ଲାର ୪୪ଟି ତହସିଲରେ ଉପନିବନ୍ଧନ କାର୍ଯ୍ୟାଳୟ ଖୋଲାଯାଇଥିଲା, ଆଜି ଅବଶିଷ୍ଟ ୧୭ଟି ଜିଲ୍ଲାର ୫୬ଟି ତହସିଲରେ ୫୭ଟି ଉପନିବନ୍ଧନ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ କରାଗଲା। ଏହାଦ୍ୱାରା ଜନସାଧାରଣ ଦୂରଦୂରାନ୍ତକୁ ଯାଇ ରେଜିଷ୍ଟ୍ରେସନ କରିବାର ଅସୁବିଧା ଓ ଖର୍ଚ୍ଚାନ୍ତରୁ ମୁକ୍ତି ପାଇବେ, ଜମି ଓ ସମ୍ପତ୍ତି ସମ୍ପର୍କିତ ସମସ୍ତ ଦସ୍ତାବିଜ୍ ଶୀଘ୍ର ଓ ସମୟୋପଯୁକ୍ତ ଭାବେ ରେଜିଷ୍ଟ୍ରେସନ ହେବ ଏବଂ ରେଜିଷ୍ଟ୍ରେସନ ପ୍ରକ୍ରିୟାରେ ମଧ୍ୟସ୍ଥଙ୍କ ହସ୍ତକ୍ଷେପ ହ୍ରାସ ପାଇବ। ଆଗାମୀ ଦିନରେ ସେବା ପାଇବାରେ ବିଳମ୍ବ ଘଟିଲେ, ଅଭିଯୋଗ ଗୁଡିକ ସିଧାସଳଖ ହ୍ୱାଟ୍ସଅପ୍ ମାଧ୍ୟମରେ ପଠାଯିବାର ବ୍ୟବସ୍ଥା କରାଯାଉଛି। ଆଭାସୀ ମାଧ୍ୟମରେ ଆୟୋଜନ ହୋଇଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲା ସଦର ମହକୁମା ଓ ବ୍ଲକ୍ ହେଡ୍ କ୍ୱାଟରରେ ମନ୍ତ୍ରୀ, ସାଂସଦ, ବିଧାୟକ ଓ ସରକାରୀ ପଦାଧିକାରୀମାନେ ଯୋଗଦେଇଥିଲେ। ଉନ୍ନୟନ କମିଶନର ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରଦେ ଓ ରଞ୍ଜନ କୁମାର ସିଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ, ଇନ୍‌ସପେକ୍ଟର ଜେନେରାଲ୍ ରେଜିଷ୍ଟ୍ରେସନ୍ ପି. ଅନ୍ୱେଷା ରେଡୀ ଧନ୍ୟବାଦ୍ ଦେଇଥିଲେ।

### ଏଥର ହେବ ଲୋକଙ୍କ ...

କରାଯାଉଛି। ତେଣୁ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ, ଯୋଜନା, ଘୋଷଣାକୁ ନେଇ ସମସ୍ତଙ୍କଠୁ ସୁଚିନ୍ତିତ ମତାମତ ଓ ପରାମର୍ଶ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଥିଲେ । ସେ ଆହୁରି କହିଥିଲେ ୨୦୨୬-୨୭ ବଜେଟ ପ୍ରସ୍ତୁତି ପାଇଁ ୱେବ୍ ପୋର୍ଟାଲ, ଇ-ମେଲ, ଏସ୍.ଏମ୍.ଏସ୍, ୱାଟସଅପ୍ ଜରିଆରେ ବହୁ ସଂଖ୍ୟାରେ ସୁଚିନ୍ତିତ ମତାମତ ଆସିବାରେ ଲାଗିଛି। ଲୋକଙ୍କ ସରକାରରେ ଲୋକଙ୍କ ମତାମତକୁ ଗୁରୁତ୍ୱ ଦିଆଯିବ ଏବଂ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ଯୋଜନା ପ୍ରସ୍ତୁତ କରାଯିବ । ଆଜି ଏହି ବୈଠକରୁ ଯେଉଁ ସବୁ ସୁଚିନ୍ତିତ ପରାମର୍ଶ ମିଳିଛି, ବିଭାଗ ତାକୁ ରେକର୍ଡ କରି ବିଚାର କରିବା ପାଇଁ ମୁଖ୍ୟମନ୍ତ୍ରୀ ବୈଠକରେ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ, ନିରଞ୍ଜନ ପୂଜାରୀ, ପୂର୍ବତନ ଅର୍ଥ ସଚିବ ଅର୍ଦ୍ଧେନ୍ଦୁ ଷଡ଼ଙ୍ଗୀ, ଏ.କେ. ତ୍ରିପାଠୀ, ଆର,ଏନ୍. ସେନାପତି, ଓଡ଼ିଶା ବ୍ୟବସାୟୀ ମହାସଂଘ, ଓଡ଼ିଶା ଯୁବ ଉଦ୍ୟୋଗୀ ସଂଘ, ଏନଜିଓ ସଦସ୍ୟ, ଫିନ୍‌ଟେକ୍‌ର ସିଇଓ, ବିଭିନ୍ନ କ୍ଷେତ୍ରର ସମାଜସେବୀ, କ୍ରେଡାଇର ଭାଇସ୍ ପ୍ରେସିଡେଣ୍ଟ , ବରିଷ୍ଠ ରାଜନେତା ସାରଦା ଶତପଥୀ, ସଜ୍ଜନ ଶର୍ମା, ମନୋଜ ମହାପାତ୍ରଙ୍କ ସମେତ ବିଭିନ୍ନ କ୍ଷେତ୍ରର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବିଶିଷ୍ଟ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ସଚିବ ସଞ୍ଜିବ କୁମାର ମିଶ୍ର ଏବଂ ଅର୍ଥ ବିଭାଗର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଚଳଚ୍ଚିତ୍ର ଗୋଦାନ ...

ରିଲିଜ ହେବାକୁ ଥିବା ସିନେମାର ଏହି ପ୍ରିମିୟରରେ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ଚଳଚ୍ଚିତ୍ରର ନିର୍ଦ୍ଦେଶକ ତଥା ପ୍ରଯୋଜକ ବିନୋଦ କୁମାର ଚୌଧୁରୀ, ବିଧାୟକଗଣ ଏବଂ ଅନ୍ୟାନ୍ୟ ସମ୍ମାନିତ ଅତିଥିମାନେ ଯୋଗ ଦେଇଥିଲେ।

# ଓବିସିସି ଦ୍ୱାରା ଶ୍ରୀମନ୍ଦିର ସମ୍ପର୍କିତ ପ୍ରକଳ୍ପର ସମୀକ୍ଷା



**ପୁରୀ,୫।୨/ଏନ୍‌ଏନ୍‌ଏସ୍:** ଓବିସିସି ଦ୍ୱାରା ଶ୍ରୀମନ୍ଦିର ନିର୍ମାଣ ସମ୍ପର୍କିତ ପ୍ରକଳ୍ପ ଗୁଡ଼ିକର ସମୀକ୍ଷା କରିଛନ୍ତି ମୁଖ୍ୟ ପ୍ରଶାସକ। ସମୀକ୍ଷା ରେ ନିର୍ମାଣଧିନ ଷ୍ଟାଫ କ୍ୱାର୍ଟରକାର୍ଯ୍ୟ ୧୦ ମାର୍ଚ୍ଚ ସୁଦ୍ଧା ଓ ଶ୍ରୀଗୁଣ୍ଡିଚା ମନ୍ଦିରର ନବୀକରଣ କାର୍ଯ୍ୟ ୧୫ ଏପ୍ରିଲ୍ ସୁଦ୍ଧା ଶେଷ କରାଯିବା ପାଇଁ ଓବିସିସି କୁ ଅନୁରୋଧ କରାଗଲା। ନରେନ୍ଦ୍ର କୋଣରେ ନିର୍ମାଣ କରାଯାଇଥିବା ଶୌଚାଳୟ ଶୁଦ୍ଧିକ୍ରିୟା ଗୃହ ଓ ମୁଣ୍ଡନ ଗୃହ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯିବ। ଏଥିସହିତ ଇନ୍ଦ୍ରଦ୍ୟୁମ୍ନ ଓ ମାର୍କଣ୍ଡେୟ ପୁଷ୍କରିଣୀର ଠାରେ ଶୌଚାଳୟ ଓ ଆଲୋକିକରଣ କରାଯିବ। ଅଭଡ଼ା ଯୋଜନାରେ ନୀଳାଦ୍ରି ଭକ୍ତ ନିବାସ ପାଶ୍ଚାତ ଭାଗରେ ଆଉ ଏକ ଭକ୍ତ ନିବାସ ନିର୍ମାଣ କରାଯିବା ସହ ଅନ୍ନପୂର୍ଣ୍ଣା ଥିଏଟର ଓ ପୁରାତନ ମଠ ମନ୍ଦିରର ଉନ୍ନତି କରଣ ତଥା ଦୋଳବେଦୀ ସଂରକ୍ଷଣ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆପତି ବିହୀନ ପ୍ରମାଣପତ୍ର (ଘଡଉ) ଦିଆଯିବା ପାଇଁ ପରିଚାଳନା କମିଟି ଙ୍କ ଅନୁମୋଦନ କ୍ରମେ ଘଡଉ ଦିଆଯିବା ବ୍ୟବସ୍ଥା ଗ୍ରହଣ କରାଯିବ। ଶ୍ରୀମନ୍ଦିର ବୈଷୟିକ ଦଳଙ୍କ ପରିଦର୍ଶନ ପରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ଓବିସିସି ଦ୍ୱାରା ନିର୍ମିତ ବିଦ୍ୟୁତ୍ ଗୃହ ସହ ଟ୍ରାନସଫର୍ମର ପ୍ୟାନେଲ ବୋର୍ଡ, ଶ୍ରୀଗୁଣ୍ଡିଚା ମନ୍ଦିର ଓ ଶ୍ରୀମନ୍ଦିରରେ ସଂସ୍ଥାପିତ ସିସିଟିଭି ଗୁଡ଼ିକ ଶ୍ରୀମନ୍ଦିରକୁ ହସ୍ତାନ୍ତର କରାଯିବ। ଏଥିସହ ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳ ଜମିରେ ଅସ୍ଥାୟୀ ଟିଣ ବାଡ଼ ସଂସ୍ଥାପନ ଓ ପ୍ରମୋଦ ଉଦ୍ୟାନ କାର୍ଯ୍ୟ ଆରମ୍ଭ କରାଯିବ। ଆସନ୍ତା ତା୧୫.୨.୨୦୨୬ ରିଖ ସୁଦ୍ଧା ଆଇଆଇଟି ବିଶେଷଜ୍ଞ ଙ୍କ ପରାମର୍ଶରେ ନାଟ ମଣ୍ଡପରେ ଶୃଙ୍ଖଳିତ ଦର୍ଶନ ପାଇଁ ହୋଇଥିବା କାଠ ରାମ୍ପ ର ଚୂଡାନ୍ତ ଡିଜାଇନ୍ ପ୍ରସ୍ତୁତି ଶେଷ କରିବାକୁ ନିଷ୍ପତ୍ତି ନିଆଗଲା। ଏଥିସହ ନୂତନ ରଘୁନନ୍ଦନ ଲାଇବ୍ରେରୀ ଏବଂ ସଂସ୍କୃତି ଇଣ୍ଟରପ୍ରିସନ୍ ଗୃହର ଚୂଡାନ୍ତ ପ୍ଲାନ୍ ପରିଚାଳନା କମିଟି ଙ୍କ ଅନୁମୋଦନ ପରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିବାକୁ ନିଷ୍ପତି ଗ୍ରହଣ କରାଗଲା। ଏଥିସହ ଓବିସିସି ଓ ଶ୍ରୀମନ୍ଦିର ବୈଷୟିକ କମିଟିଙ୍କ ପରାମର୍ଶରେ ଶ୍ରୀମାର୍ଗରେ ଯାତାୟାତ କରୁଥିବା ଶ୍ରଦ୍ଧାଳୁ ଙ୍କ ସୁବିଧା ନିମନ୍ତେ ଶୌଚାଳୟ ପାଇଁ ସ୍ଥାନ ନିରୂପଣ କରିବାକୁ ନିଷ୍ପତି ଗ୍ରହଣ କରାଗଲା। ବାସେଲି ସାହିରେ ନିର୍ମାଣଧିନ ୩୬୦୦ ବେଡ୍ ବିଶିଷ୍ଟ ଧର୍ମଶାଳାର ନିର୍ମାଣ କାର୍ଯ୍ୟ ଆସନ୍ତା ରଥଯାତ୍ରା ପୂର୍ବରୁ ଶେଷ କରିବାକୁ ପରାମର୍ଶ ଦେଇଛନ୍ତି ମୁଖ୍ୟ ପ୍ରଶାସକ। ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ,ଓବିସିସି ର ଚିଫ ଜେନେରାଲ ମ୍ୟାନେଜର ଙ୍କ ସମେତ ତିନିଜଣ ଜେନେରାଲ ମ୍ୟାନେଜର, ଓ ଶ୍ରୀମନ୍ଦିରର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଶେଷରେ ଉପରୋକ୍ତ ସମସ୍ତ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସଂପୂର୍ଣ୍ଣ କରିବାକୁ ଓବିସିସି ଅଫିସିଆଲସ ଙ୍କୁ ଅନୁରୋଧ କରିଛନ୍ତି ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ।

## ୬୧୩ ନିଖୋଜଙ୍କୁ ଉଦ୍ଧାରକରି ପୁରୀ ପୁଲିସ୍ ଓଡ଼ିଶାରେ ୧ ନମ୍ବର

**ପୁରୀ,୫।୨/ଏନ୍‌ଏନ୍‌ଏସ୍:** ପୁରୀ ପୋଲିସ୍ ୨୧ ଜାନୁଆରୀ ୨୦୨୬ରୁ ୩୦ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଚାଲିଥିବା ଅପରେସନ୍ ଅନ୍ୱେଷଣ ଅବସରରେ ସମୁଦାୟ ୬୧୩ ଜଣ ନିଖୋଜ ବ୍ୟକ୍ତିଙ୍କୁ ସଫଳତାର ସହିତ ଚିହ୍ନଟ ଓ ଉଦ୍ଧାର କରାଯାଇଛି। ଯାହା ପୋଲିସିଂ ଓ ଜନସେବା କ୍ଷେତ୍ରରେ ଏକ ବଡ଼ ସଫଳତା ଲାଭ କରିଛି। ପୁରୀ ଜିଲ୍ଲା ପୂର୍ବରୁ ଅପରେସନ୍ ଅନ୍ୱେଷଣ-୧ ସମୟରେ ୧ ନମ୍ବର ସ୍ଥାନ ହାସଲ କରିଥିଲା ଏବଂ ବର୍ତ୍ତମାନ ଲଗାତାର ଦ୍ୱିତୀୟ ଥର ପାଇଁ ଏହି ସ୍ଥାନ ଅଧିକାର କରି ପୁନର୍ବାର ଉତ୍କୃଷ୍ଟତା ପ୍ରମାଣ କରିଛି। ଅପରେସନ୍ ଅନ୍ୱେଷଣ-୨ ଜିଲ୍ଲାର ସମସ୍ତ ଥାନା ଓ ମେରାଇନ ପୋଲିସ୍ ଥାନା ମାନଙ୍କ ମଧ୍ୟରେ ମିଶନ୍ ମୋଡ୍ ?ରେ ଚାଲିଥିଲା। ବିଶେଷ ଟିମ୍ ?ଗୁଡ଼ିକ ଗଠନ କରାଯାଇ ନିଖୋଜ ମାମଲା ଗୁଡ଼ିକୁ ପୁନଃ ଖୋଲାଯାଇ ତଦନ୍ତ, ସୂଚନା ସଂଗ୍ରହ ଏବଂ ଅନ୍ୟାନ୍ୟ ଜିଲ୍ଲା ଓ ରାଜ୍ୟ ସହ ସମନ୍ୱୟ କରାଯାଇଥିଲା। ଏହି ଅଭିଯାନରେ ମୁଖ୍ୟ ଗୁରୁତ୍ୱ ଦିଆଯାଇଥିଲା ମହିଳା, ଶିଶୁ ଓ ସନ୍ନିହିତ ଶ୍ରେଣୀର ଲୋକଙ୍କୁ। ପ୍ରତିଦିନ ଏସ୍ପି ପୁରୀ ପ୍ରତୀକ ସିଂଙ୍କ ନିୟମିତ ସମୀକ୍ଷା ଦ୍ୱାରା ପ୍ରତ୍ୟେକ ମାମଲାକୁ ସକ୍ରିୟ ଭାବରେ ଅନୁସରଣ କରାଯାଇଥିଲା। ସିଂହଦ୍ୱାର ଥାନା ୧, ଟାଉନ ଥାନା ୨୫, କୁମ୍ଭାରପଡା ଥାନା ୧୨, ବାସେଲୀସାହି ଥାନା ୧, ବଲିଆପାଣ୍ଡା ଥାନା ୮, ସମୁଦ୍ରକୂଳ ଥାନା ୧୮, ତାଳବଣିଆ ଥାନା ୧୧, ସଦର ଥାନା ୨୭, ଚନ୍ଦନପୁର ଥାନା ୫୩, ବ୍ରହ୍ମଗିରି ଥାନା ୨୬, କୃଷ୍ଣପ୍ରସାଦ ଥାନା ୧, ଅରଖକୁଦା ଥାନା ୫, ପେଣ୍ଟକଟା ଥାନା ୧୩, ନିମାପଡା ଥାନା ୭୦, ଗୋପ ଥାନା ୨୪, ରାମଚଣ୍ଡୀ ଥାନା ୧୨, ଚନ୍ଦ୍ରଭାଗା ଥାନା ୧, କୋଣାର୍କ ଥାନା ୧୫, କାକଟପୁର ଥାନା ୨, ଚାରିଛକ ଥାନା ୮, ଅସ୍ତରଙ୍ଗ ଥାନା ୧୮, ଅସ୍ତରଙ୍ଗ ମେରାଇନୀ ଥାନା ୨, ପିପିଲି ଥାନା ୪୫, ସତ୍ୟବାଦୀ ଥାନା ୭୪, ଡେଲାଙ୍ଗ ଥାନା ୬୧, ବଳଙ୍ଗା ଥାନା ୨୪, ଗଡିସାଗଡା ଥାନା ୧୨। ଏହି ସଂଖ୍ୟାଗୁଡ଼ିକ ଜିଲ୍ଲାର ସମସ୍ତ ପୋଲିସ୍ କର୍ମଚାରୀଙ୍କ ଏକତ୍ର ପ୍ରୟାସ, ନିଷ୍ଠା ଓ ପରିଶ୍ରମରେ ହୋଇଛି। ଏହି ସଫଳତା ଏସ୍ପି ପୁରୀ ପ୍ରତୀକ ସିଂହଙ୍କ ଦୃଢ଼ ନେତୃତ୍ୱ ଓ ସମୀକ୍ଷା ଅଧୀନରେ ସମ୍ଭବ ହୋଇଛି। ସେ ସମସ୍ତ ଥାନାକୁ ନିଖୋଜ ମାମଲାକୁ ସର୍ବାଧିକ ପ୍ରାଥମ୍ୟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ନିୟମିତ ସମୀକ୍ଷା, କାର୍ଯ୍ୟଦକ୍ଷତା ନିରୀକ୍ଷଣ ଓ ସ୍ପଷ୍ଟ ନିର୍ଦ୍ଦେଶନା ଫଳରେ ଏହି ଅଭିଯାନ ସଫଳ ହୋଇପାରିଛି।ଏସଡିପିଓ, ଆଇଆଇସି ଓ ତଦନ୍ତକାରୀ ଅଧିକାରୀମାନେ ସମନ୍ୱୟରେ କାମ କରି ପ୍ରତ୍ୟେକ ମାମଲାର ସଠିକ ଅନୁସରଣ କରିଥିଲେ। ଜିଲ୍ଲା କଣ୍ଟ୍ରୋଲ୍ ରୁମ୍ ଓ ଟେକ୍ନିକାଲ୍ ଟିମ୍ ?ମାନେ ମଧ୍ୟ ସୂଚନା ବିନିମୟ ଓ ବିଶ୍ଳେଷଣରେ ମୁଖ୍ୟ ଭୂମିକା ନିଭାଇଥିଲେ। ଅପରେସନ୍ ଅନ୍ୱେଷଣ- କେବଳ ସଂଖ୍ୟା କିମ୍ବା ନମ୍ବର ନୁହେଁ, ଏହା ହେଉଛି ପରିବାରମାନଙ୍କୁ ଆଶା ଫେରାଇବାର ଅଭିଯାନ। ପ୍ରତ୍ୟେକ ଉଦ୍ଧାର ହୋଇଥିବା ବ୍ୟକ୍ତି ପଛରେ ରହିଛି ଏକ ଖୁସି ପରିବାର। ଉଦ୍ଧାର ପରେ ଆବଶ୍ୟକ ଆଇନ ଅନୁଯାଇ ପ୍ରକ୍ରିୟା ଅନୁସାରେ ପରିବାରଙ୍କ ହସ୍ତରେ ହସ୍ତାନ୍ତର କରାଯାଇଥିଲା। ଶିଶୁ, ମହିଳା, ବୃଦ୍ଧ ଓ ସନ୍ନିହିତ ବ୍ୟକ୍ତିମାନଙ୍କ ମାମଲାରେ ଶିଶୁ କଲ୍ୟାଣ ସମିତି ଓ ସାମାଜିକ ସଂଗଠନମାନଙ୍କ ସହ ସମନ୍ୱୟ କରାଯାଇ ବିଶେଷ ସତର୍କତା ଅବଲମ୍ବନ କରାଯାଇଥିଲା। ଲଗାତାର ଦୁଇଥର ୧ ନମ୍ବର ସ୍ଥାନ ଅଧିକାର କରି ପୁରୀ ପୋଲିସ୍ ପୁନର୍ବାର ନାଗରିକ ସୁରକ୍ଷା ଓ ସେନ୍ସିଟିଭ୍ ପୋଲିସିଂ ପ୍ରତି ନିଜର ପ୍ରତିବଦ୍ଧତା ପ୍ରକାଶ କରିଛି। ଆଗାମୀ ଦିନରେ ମଧ୍ୟ ନିଖୋଜ ମାମଲାକୁ ସର୍ବୋଚ୍ଚ ପ୍ରାଥମ୍ୟ ଦିଆଯିବ। ଯଦି କୌଣସି ନିଖୋଜ ବ୍ୟକ୍ତି ସମ୍ବନ୍ଧୀୟ ସୂଚନା ରହିଛି, ଦୟାକରି ନିକଟସ୍ଥ ପୋଲିସ୍ ଥାନା କିମ୍ବା ୧୧୨ ହେଲ୍ପଲାଇନ୍‌କୁ ତତ୍‌କ୍ଷଣାତ୍ ଜଣାନ୍ତୁ ବୋଲି ସାଧାରଣ ଲୋକମାନଙ୍କୁ ଅନୁରୋଧ କରାଯାଇଛି।

## 'ମାୟା ସାହିତ୍ୟ' ପକ୍ଷରୁ ବିଶେଷ ଅଧିବେଶନ




**ପୁରୀ,୫।୨/ଏନ୍‌ଏନ୍‌ଏସ୍:** ଶ୍ରୀକ୍ଷେତ୍ରର କବିମାନଙ୍କ କବିତାରେ ଏକ ନୀରବ ଆଭିଜାତ୍ୟ ଫୁଟି ଉଠି ଥିବାବେଳେ ଭାଷା ପ୍ରୟୋଗ ଓ ଶ୍ଳେଷ ମାଧ୍ୟମରେ ଭିନ୍ନ ସ୍ୱାଦର ପ୍ରତିବାଦୀ କବିତା ସୃଷ୍ଟି ହୋଇ ଚାଲିଛି। କେବଳ ଜଗନ୍ନାଥ ସଂସ୍କୃତି ନୁହେଁ, ଜୀବନର ଶୁଦ୍ଧ ସୌନ୍ଦର୍ଯ୍ୟକୁ ଆହରଣ କରିବା ଏକ ଅଦ୍ଭୁତ ପିପାସା ଶ୍ରୀକ୍ଷେତ୍ରର କବିମାନେ ଓଡ଼ିଆ ସାହିତ୍ୟକୁ ଦେଇଛନ୍ତି। ଏକ ଗଜପତୀୟ ଦର୍ପ ଅନ୍ୱେଷଣରେ ଶ୍ରୀକ୍ଷେତ୍ରର କବିତା ଓଡ଼ିଆ କବିତା ଭିତରେ ସ୍ୱତନ୍ତ୍ରତା ପ୍ରତିପାଦନ କରି ଆସୁଛି ବୋଲି 'ମାୟା ସାହିତ୍ୟ', ଭୁବନେଶ୍ୱର ପକ୍ଷରୁ ସ୍ଥାନୀୟ ୟୁଥ୍ ହଷ୍ଟେଲ ସଭାଗୃହରେ ଆୟୋଜିତ ବିଶେଷ ଅଧିବେଶନ ଓ ସାହିତ୍ୟ ଆଲୋଚନାରେ ଅତିଥି ଓ ଆଲୋଚକ ମାନେ ପ୍ରକାଶ କରିଛନ୍ତି। କଟକ କଳାବିକାଶ କେନ୍ଦ୍ର ର ସଭାପତି ଡକ୍ଟର ବିଜୟାନନ୍ଦ ସିଂହ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍ଘାଟନୀ ପର୍ବ ରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ର ପ୍ରାକ୍ତନ ନିର୍ଦ୍ଦେଶକ ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ ଏବଂ ପିଆଇବିର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଯୋଗ ଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ କବି ପ୍ରମୋଦ ପ୍ରଧାନ ସ୍ୱାଗତ ଭାଷଣ ଓ ସୂଚନା ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଓଡ଼ିଆ ସାହିତ୍ୟ ଭଣ୍ଡାରକୁ 'ଶ୍ରୀକ୍ଷେତ୍ର'ର କବିମାନଙ୍କ ଅବଦାନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏକାଡେମୀ ପୁରସ୍କାର ପ୍ରାପ୍ତ କବି ରକ୍ଷକ ନାୟକ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାରେ ବରିଷ୍ଠ କବି ଅଜୟ ପ୍ରଧାନ, କବି ଓ ସମାଲୋଚକ ଡକ୍ଟର ଦିଲୀପ କୁମାର ସ୍ୱାଇଁ, ସିଂହଦ୍ୱାର ସାହିତ୍ୟ ପତ୍ରିକାର ସମ୍ପାଦକ ଚିନ୍ମୟ ବିବେକ ଏବଂ ଅଭିନନ୍ଦନିକାର ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ପ୍ରମୁଖ ଆଲୋଚକ ଭାବେ ଯୋଗ ଦେଇଥିଲେ। ଉଦଯାପନୀ ଅଧିବେଶନରେ ନିମନ୍ତ୍ରିତ କବି ମାନଙ୍କୁ ନେଇ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ କବି ତଥା ଅନୁବାଦକ ସୂର୍ଯ୍ୟ ମିଶ୍ର ଏଥିରେ ସଭା ମୁଖ୍ୟ ରହିଥିବା ବେଳେ ଅତିଥି ଭାବେ ବିଶିଷ୍ଟ ଚିନ୍ତକ ପ୍ରଫେସର ଶ୍ରୀନିବାସ ପାଠି ଯୋଗ ଦେଇଥିଲେ। କବି କାମଦେବ ମହାରଣା ଏବଂ ବନ୍ଦନା ହରିଚନ୍ଦନ ଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ଡକ୍ଟର ଚିତ୍ତରଞ୍ଜନ ମିଶ୍ର ,ଶୈଳବାଳା ମହାପାତ୍ର, ମୀନକେତନ ମିଶ୍ର, ଉମାକାନ୍ତ ମହାପାତ୍ର, ବିପିନ ବିହାରୀ ଦଳାଇ, ସନ୍ନ୍ୟାସୀ ନାୟକ, ସର୍ବାଣୀ ଦାସ, ଅନନ୍ତ ପ୍ରଧାନ, ଆଲୋକ କୁମାର ପ୍ରଧାନ, କନକଲତା ଦାଶ, ପ୍ରିୟଦର୍ଶିନୀ ପଲେଇ, ସ୍ମୃତିକଳା ମହାନ୍ତି, ବିଜୟ କୁମାର ପୃଷ୍ଟି, ରଶ୍ମିରଞ୍ଜନ ପରିଡ଼ା ଓ ବିଶ୍ୱରୂପା ପାତ୍ର ପ୍ରମୁଖ କବିତା ଆବୃତ୍ତି କରିଥିଲେ।

## ଅଗ୍ନିକାଣ୍ଡରେ ୪ ବଖରା ପାଉଁଶ

**ଟାଙ୍ଗୀ,୫।୨/ଏନ୍‌ଏନ୍‌ଏସ୍:** ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଶାଳଗାଁ ପଞ୍ଚାୟତ ରାମଚନ୍ଦ୍ରପୁର ଗାଁରେ ବିଦ୍ୟୁତ୍ ସର୍ଟସର୍କିଟରେ ୪ବଖରା ଘର ଭସ୍ମୀଭୂତ ହୋଇଯିବା ସହ ନଗଦ ଦୁଇ ଲକ୍ଷ ଟଙ୍କା ସୁନା ଗହଣା ଓ ଘରର ସମସ୍ତ ଆସବାପତ୍ର ପୋଡି ପାଉଁଶ ହୋଇଯାଇଥିବା ଜଣା ପଡିଛି। ସୂଚନାରୁ ପ୍ରକାଶ ଯେ ଉକ୍ତ ଗ୍ରାମର ଗନ୍ଧର୍ବ ସ୍ୱାଇଁଙ୍କ ତିନି ପୁଅ ବାବୁଲି ସ୍ୱାଇଁ, ପିଣ୍ଟୁ ସ୍ୱାଇଁ, ବିଚିତ୍ରା ନନ୍ଦ ସ୍ୱାଇଁ ଘରେ କେହି ନଥିବା ବେଳେ ଦିନ ୧୨ଟା ସମୟରେ ହଠାତ୍ ଘର ଜଳୁଥିବା ସ୍ଥାନୀୟ ଲୋକେ ଦେଖି



ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ହେଲେ ନିଆଁର ବେଗ ଏତେ ଥିଲା ଯେ ଚାହୁଁ ଚାହୁଁ ୪ବଖରା ଘରକୁ ନିଆଁ ବ୍ୟାପି ଯିବା ସହ ସମସ୍ତ ଆସବା ପତ୍ର ନଗଦ ଟଙ୍କା ସୁନା ଗହଣା ସବୁ ନିଆଁରେ ପୋଡି ପାଉଁଶ ହୋଇଯାଇଛି। ଖବର ପାଇଁ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଘରଗୁଡିକ ସମ୍ପୂର୍ଣ୍ଣ ପୋଡି ସାରିଥିଲା। ତେବେ ଏଭଳି ବିପଦ ସମୟରେ ଟେଟ୍ରାହେଡନ୍ କଲେଜର ଅଧ୍ୟକ୍ଷ ତ୍ରିଦେବ ବେହେରା ପହଞ୍ଚି ସହାୟତା ର ହାତ ବଢାଇବା ସହ ଶୁଖିଲା ଖାଦ୍ୟ ବସ୍ତ୍ର ପ୍ରଧାନ କରିବା ସହ ଯାହା କରିହେବ ସେ ନିଶ୍ଚିତ କରିବେ ବୋଲି ଶ୍ରୀ ବେହେରା ମତ ପ୍ରକାଶ କରିଛନ୍ତି।

## ମୂର୍ତ୍ତି ଭଙ୍ଗା ଘଟଣାରେ ୩ ଗିରଫ

**ବୟାଳିଶମୌଜା,୫।୨/ଏନ୍‌ଏନ୍‌ଏସ୍:** କଟକ ସଦର ୪୨ ମୌଜା ଥାନା ଅନ୍ତର୍ଗତ ବ୍ରହ୍ମପୁର ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ଫାଟକ ସମ୍ମୁଖରେ ନିର୍ମାଣାଧୀନ ନର୍ତ୍ତକୀ ମୂର୍ତ୍ତି ଭଙ୍ଗା ଘଟଣାରେ ପୋଲିସ ୩ଜଣଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ଏ ବାବଦ ରେ ମନ୍ଦିର ପୂଜକ ଶ୍ରୀଧର ନାୟକ ୪୨ମୌଜା ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ଏ ମନ୍ଦିର ଗେଟର ମୂର୍ତ୍ତିକୁ ଭାଙ୍ଗି ଦେବା ଘଟଣାକୁ ନେଇ ଇଂ. ପ୍ରଦୀପ ବେହେରା ଓ ବ୍ରହ୍ମପୁର ଗ୍ରାମବାସୀମାନେ ଦୃଢ଼ ନିନ୍ଦା କରିଥିଲେ। ଏହି ଘଟଣାକୁ ଭିତ୍ତିକରି ଥାନାଧିକାରୀ ହେମନ୍ତ କୁମାର ସେଠୀ ଅନୁସନ୍ଧାନ ଜାରି ରଖି ୩ଜଣଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତମାନେ ହେଲେ ଦିବାଟି ଅଞ୍ଚଳର ଜଗନ ସାହୁ(୨୩), ବିକାଶ ଭୋଇ(୨୭) ଓ ଦୀପକ ଭୋଇ(୨୧)। ରାତିରେ ନିର୍ମାଣାଧୀନ ମୂର୍ତ୍ତି ଅଭିଯୁକ୍ତମାନେ ଭାଙ୍ଗିଦେଇଥିବା ପୁଲିସ ଆଗରେ ସ୍ୱୀକାର କରିଛନ୍ତି।

## ତୃତୀୟ, ପଞ୍ଚମ ବୃତ୍ତି ପରୀକ୍ଷାରେ ୩ ଛାତ୍ରଛାତ୍ରୀ କୃତକାର୍ଯ୍ୟ

**ସାକ୍ଷୀଗୋପାଳ,୫।୨/ଏନ୍‌ଏନ୍‌ଏସ୍:** ସତ୍ୟବାଦୀ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଦ୍ୱାରା ପ୍ରକାଶିତ ମେଧା ବୃତ୍ତି ତାଲିକାରେ ତୃତୀୟ ଓ ପଞ୍ଚମଶ୍ରେଣୀରୁ ଭୀମପୁର କ୍ଲଷ୍ଟରର ୩ଜଣ ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି। ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ଛାତ୍ରଛାତ୍ରୀ



ହେଲେ ପକ୍ଷୀମୁଣ୍ଡ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଜ୍ଞା ପରମିତା ପରିଡା(ପଞ୍ଚମ ଶ୍ରେଣୀ), ଡାହାଣ କୁମ୍ଭାରପଡା ଉପ୍ରା ବିଦ୍ୟାଳୟର ସାଇପ୍ରସାଦ ବରାଳ(ପଞ୍ଚମ ଶ୍ରେଣୀ) ଏବଂ ଲୁଣିଆ ଡିହପଡ଼ା ପ୍ରାଥମିକ ବିଦ୍ୟାଳୟର ତୃତୀୟଶ୍ରେଣୀ ଛାତ୍ର ଅନ୍ୱେଷ ଦାଶ, ଛାତ୍ରଛାତ୍ରୀମାନେ ଉକ୍ତ ସଫଳତାର ଶ୍ରେୟ ସେମାନଙ୍କ ଗୁରୁ, ଗୁରୁଜନ ଓ ଅଭିଭାବକ ମାନଙ୍କୁ ଦେବା ସହ ସମସ୍ତଙ୍କ ସହଯୋଗ, ଆଶୀର୍ବାଦ ଓ ନିଜର ଅଧ୍ୟାବସାୟ ବଳରେ ମିଳିପାରିଛି ବୋଲି ମତପୋଷଣ କରିଛନ୍ତି। ଏହି ସଫଳତାରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷିକା, ପରିଚାଳନା ସମିତିର ସଭ୍ୟସଭ୍ୟା ଓ ସିଆରସିସି ମେଧା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ସହ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

### କଂଗ୍ରେସ କେବଳ ...

ମୋଦୀ ଏହି ଅବସରରେ ଛିଡା ହୋଇ ସ୍ଲୋଗାନ୍ ଦେଉଥିବା ମଲ୍ଲିକାର୍ଜୁନ ଖର୍ଗେଙ୍କୁ କଟାକ୍ଷ କରି କହିଥିଲେ, ଖର୍ଗେ ଜୀ ଦୟାକରି ନିଜ ବୟସକୁ ଦେଖି ନିଜ ଆସନରେ ବସି ଯେତେ ଇଚ୍ଛା ନାରାବାଜି କରିବା କଥା କରନ୍ତୁ। ସେହିପରି ଦିନକ ପୂର୍ବେ ରାହୁଲ ଗାନ୍ଧୀ, କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ରଭନୀତ୍ ବିଟ୍ଟୁଙ୍କୁ ବିଶ୍ୱାସଘାତକ ବୋଲି କହିବା ସମ୍ପର୍କରେ ମଧ୍ୟ ମୋଦୀ କହିଛନ୍ତି। ଏତଦ୍‌ବ୍ୟତୀତ ମୋଦୀ ଦେଶର ଆର୍ଥିକ ସ୍ଥିତାବସ୍ଥା ଦ୍ରୁତଗତିରେ ଆଗକୁ ବଢୁଥିବା ସମ୍ପର୍କରେ ମଧ୍ୟ ନିଜ ଭାଷଣରେ କହିଛନ୍ତି। ଏତଦ୍‌ବ୍ୟତୀତ ନିକଟରେ ୟୁରୋପୀୟ ସଂଘ (ଇୟୁ) ସହ ଭାରତ ସ୍ୱାକ୍ଷରିତ କରିଥିବା ମୁକ୍ତବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ)ରୁ ଭାରତକୁ ମିଳିବାକୁ ଥିବା ଅନେକ ଲାଭ ସମ୍ପର୍କରେ ମଧ୍ୟ ମୋଦୀ ସୂଚନା ଦେଇଛନ୍ତି। ମୋଦୀ ଏହି ଅବସରରେ ପଶ୍ଚିମବଙ୍ଗ ସରକାର ଅର୍ଥାତ୍ ମମତା ବାନାର୍ଜୀଙ୍କ ସରକାରଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି। ମୋଦୀ କହିଛନ୍ତି, ପଶ୍ଚିମବଙ୍ଗରେ ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ଦେବା ପାଇଁ ଟିଏମ୍‌ସି ସରକାର ଏବେ ନ୍ୟାୟପାଳିକା ଉପରେ ଚାପ ପ୍ରୟୋଗ କରିବାକୁ ଚେଷ୍ଟା କରୁଛି। ନିର୍ବାଚନ ଆୟୋଗଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଆଣି ନିଜ ବେଆଇନ୍ ଭୋଟ୍‌ବ୍ୟାଙ୍କ୍‌କୁ ସୁରକ୍ଷା ଦେବାକୁ ଅପଚେଷ୍ଟା କରୁଛି। ଗୁରୁବାର ଲୋକସଭା ଆରମ୍ଭ ହେବା ମାତ୍ରେ, ବିରୋଧୀ ସାଂସଦମାନେ ସ୍ଲୋଗାନ ଦେଇଥିଲେ। ବାଚସ୍ପତି ପ୍ରଥମ ଥର ପାଇଁ ୬୫ ସେକେଣ୍ଡ ମଧ୍ୟରେ, ଦ୍ୱିତୀୟ ଥର ପାଇଁ ୫ ମିନିଟ୍ ମଧ୍ୟରେ ଏବଂ ତୃତୀୟ ଏବଂ ଚତୁର୍ଥ ଥର ପାଇଁ ୨ ମିନିଟ୍ ମଧ୍ୟରେ କାର୍ଯ୍ୟକୁ ମୁଲତବୀ ରଖିଥିଲେ। ଅପରାହ୍ନ ୩ଟାରେ ମଧ୍ୟ ହଟ୍ଟଗୋଳ ଜାରି ରହିବାରୁ ବାଚସ୍ପତି ଶୁକ୍ରବାର ସକାଳ ୧୧ଟା ପର୍ଯ୍ୟନ୍ତ ଦିନ ଲୋକସଭାକୁ ମୁଲତବୀ ଘୋଷଣା କରିଥିଲେ। ଅନ୍ୟପକ୍ଷେ ନିଲମ୍ବିତ କଂଗ୍ରେସ ସାଂସଦ ମାଣିକମ୍ ଟାଗୋର କହିଥିଲେ ଯେ ରାହୁଲ ଗାନ୍ଧୀଙ୍କୁ ଲୋକସଭାରେ କହିବାକୁ ଅନୁମତି ନ ମିଳିବା ପର୍ଯ୍ୟନ୍ତ ବିରୋଧୀ ଦଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଗୃହରେ କହିବାକୁ ଦେବେ ନାହିଁ।

### ଦେଓରଞ୍ଜନଙ୍କୁ ଖଣି ଓ ଇସ୍ପାତ ...

ବଶିଷ୍ଟଙ୍କୁ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗରୁ ବଦଳି କରାଯାଇଛି। ସେ ଏସ୍‌ଏସ୍‌ଇପିଡି ବିଭାଗର ପ୍ରମୁଖ ଶାସନ ସଚିବ ଭାବେ କାର୍ଯ୍ୟ କରିବେ। ବରିଷ୍ଠ ଆଇଏଏସ୍ ପ୍ରେମଚନ୍ଦ ଚୌଧୁରୀ ନୂଆ ମତ୍ସ୍ୟ ପଶୁ ସମ୍ପଦ ସଚିବ ଭାବେ କାର୍ଯ୍ୟ ସଂପାଦନ କରିବେ। ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମାଙ୍କୁ ବଦଳି କରାଯାଇ ଜଳସମ୍ପଦ ବିଭାଗର ନୂଆ ପ୍ରମୁଖ ସଚିବ ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ଏନ୍‌ବିଏସ୍ ରାଜପୁତ ନୂଆ ପରବହନ ପ୍ରମୁଖ ସଚିବ ଭାବେ ବଦଳି ହୋଇଛନ୍ତି। ସେ ମଧ୍ୟ ଓଏସ୍‌ଆର୍‌ଟିସି ଅତିରିକ୍ତ ଦାୟିତ୍ୱରେ ବି ରହିବେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ଶାସନ ସଚିବ ଗିରିଶ ଏସଏନ୍ ନିଜ ବିଭାଗ ସହିତ ଓଡ଼ିଶା ଖଣି ନିଗମରେ ଅଧ୍ୟକ୍ଷ ଭାବେ କାର୍ଯ୍ୟ ସଂପାଦନ କରିବେ। ନୂଆଦିଲ୍ଲୀରେ ଅବସ୍ଥାପିତ ରେସିଡେଣ୍ଟ କମିଶନର ମୃଣାଳିନୀ ଦର୍ଶୱାଲ ନୂଆ ମହିଳା ଶିଶୁ ବିକାଶ ବିଭାଗ ସଚିବ ଭାବେ ବଦଳି ହୋଇଥିବାବେଳେ ପର୍ଯ୍ୟଟନ ବିଭାଗର ସଚିବ ଥିବା ବଲୱନ୍ତ ସିଂହଙ୍କୁ ଓଡ଼ିଶା ହାଇୱେ ଅଥରିଟିର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ନୂଆ କୃଷି ସଚିବ ହୋଇଛନ୍ତି ସଚିନ ରାମଚନ୍ଦ୍ର ଯାଦବ। ଏଥିସହ ସେ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ଅତିରିକ୍ତ ଦାୟିତ୍ୱରେ କାର୍ଯ୍ୟ କରିବେ। ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ଶାସନ ସଚିବ ଅନୁପମ ଶାହଙ୍କୁ ନିଜ କାର୍ଯ୍ୟ ସହ ଓବିସିସି ଏମ୍‌ଡିର ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ଦକ୍ଷିଣାଞ୍ଚଳ ଆର୍‌ଡିସି ସଂଗ୍ରାମ କେଶରୀ ମହାପାତ୍ର ଦକ୍ଷିଣାଞ୍ଚଳ ଆରଡିସି ସହ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ସମ୍ପାଦନ କରିବେ। ରଶ୍ମିତା ପଣ୍ଡା ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ର ଉପାଧ୍ୟକ୍ଷ ଭାବେ କାର୍ଯ୍ୟ ସଂପାଦନ କରିବେ। ସୁଧାଂଶୁ ମୋହନ ସାମଲ କେନ୍ଦ୍ରାଞ୍ଚଳ ଆରଡିସି ହୋଇଛନ୍ତି। ଓଡ଼ିଶା ଖଣି ନିଗମ ଏମଡି ଦାୟିତ୍ୱରେ ବି ରହିବେ ସୁଧାଂଶୁ ମୋହନ। ସାଦୀକ୍ ଆଲମ କୁଟର ନୂଆ ଏମ୍‌ଡି ହୋଇଛନ୍ତି। ସାଧାରଣ ଉଦ୍ୟୋଗ ବିଭାଗର ସଚିବ ଦାୟିତ୍ୱରେ ବି ରହିବେ ସାଦୀକ୍ ଆଲମ। ଉଠା ଜଳସେଚନ ବିଭାଗର ପରିଚାଳନା ନିର୍ଦ୍ଦେଶିକା ମାନ୍‌ସୀ ନିମ୍ବାଲ ନୂଆ କରି ମିଶନ ଶକ୍ତି ବିଭାଗ ସଚିବ ଭାବେ ବଦଳି ହୋଇଛନ୍ତି।

### ଲୋକସଭାରେ ପ୍ରଧାନମନ୍ତ୍ରୀଙ୍କ...

ନଆସିବାକୁ ପରାମର୍ଶ ଦେଇଥିଲେ। ବାଚସ୍ପତି କହିଛନ୍ତି, 'ଗତକାଲି ଗୃହରେ କ'ଣ ଘଟିଥିଲା ତାହା ସମଗ୍ର ଦେଶ ଦେଖିଛି। କଂଗ୍ରେସ ସାଂସଦମାନେ ଗୃହରେ ପ୍ରଧାନମନ୍ତ୍ରୀଙ୍କ ଚୌକି ଆଡ଼କୁ ମାଡ଼ିଯାଇ ଘେରିଯାଇଥିଲେ। ଆଜି ଦିନରେ ମଧ୍ୟ ବିରୋଧୀ ଦଳର ମହିଳା ସାଂସଦମାନେ ଏପ୍ରକାର କିଛି କରିବାକୁ ଯୋଜନା କରିଥିବା ନେଇ ତାଙ୍କୁ ଆଶଙ୍କା ହୋଇଥିଲା। ଗତକାଲିର ଘଟଣା ସମଗ୍ର ଦେଶପାଇଁ ଅତ୍ୟନ୍ତ ନିନ୍ଦନୀୟ ଥିଲା। ତେବେ ଏପ୍ରକାର ଘଟଣା ଆଜି ଦିନରେ ମଧ୍ୟ ଯେପରି ପୁନରାବୃତ୍ତି ନହୁଏ ଏବଂ ପ୍ରଧାନମନ୍ତ୍ରୀଙ୍କ ପ୍ରତି କୌଣସି ପ୍ରକାର ଆକ୍ରମଣଜନିତ ଆଶଙ୍କାକୁ ଏଡାଇବା ପାଇଁ ଲୋକସଭାରେ ପ୍ରଧାନମନ୍ତ୍ରୀଙ୍କ ଭାଷଣକୁ ବାଦ୍ ଦେବାକୁ ଗୃହର ଅଧ୍ୟକ୍ଷ ଭାବେ ସେ ନିଷ୍ପତ୍ତି ନେଇଥିଲେ। ଏସମ୍ପର୍କରେ ସେ ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ଅବଗତ କରିଥିଲେ ଏବଂ ମୋଦୀ ତାଙ୍କ କଥାର ସମ୍ମାନ ରକ୍ଷା କରିବା ପୂର୍ବକ ଆଜି ଲୋକସଭାକୁ ଆସିନଥିଲେ। ଧନ୍ୟବାଦ ପ୍ରସ୍ତାବ ଉପରେ ମୋଦୀ ରାଜ୍ୟସଭାରେ ନିଜ ଭାଷଣ ରଖିଥିଲେ।

# ଆଜିର ଇତିହାସ

- ୧୯୧୮-୩୦ ବର୍ଷରୁ ଅଧିକ ବୟସର ମହିଳାମାନଙ୍କୁ ଭୋଟିଂର ଅଧିକାର ମିଳିଥିଲା।
- ୧୯୩୧-ମୋତିଲାଲ୍ ନେହେରୁଙ୍କର ଲକ୍ଷ୍ନୌ ଠାରେ ନିଧନ ହୋଇଥିଲା।
- ୧୯୮୩- କ୍ରିକେଟର୍ ଏସ୍ ଶ୍ରୀସାନ୍ତ ଏହି ଦିନ ଜନ୍ମଗ୍ରହଣ କରିଥିଲେ।
- ୨୦୦୮-ଉଦ୍ୟୋଗପତି ଏମ୍‌ପି ଜିନ୍ଦଲ୍‌ଙ୍କୁ 'ଉଦ୍ୟୋଗ ରତ୍ନ'ରେ ଭୂଷିତ କରାଯାଇଥିଲା।
- ୨୦୧୭-ଭିକେ ଶଶିକଳା ତାମିଲନାଡୁର ତୃତୀୟ ମହିଳା ମୁଖ୍ୟମନ୍ତ୍ରୀ ହୋଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ** – ବିବାଦରୁ ଦୂରରେ ରୁହନ୍ତୁ। ଭୌତିକ ସୁଖ-ସମ୍ପଦା ବୃଦ୍ଧି ହେବ। ପ୍ରେମରେ ତୁ ତୁ ମେଁ ମେଁ ରହିବ। ପିଲାଙ୍କ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ। ସ୍ୱାସ୍ଥ୍ୟ ନରମ-ଗରମ ରହିବ। ବ୍ୟାପାର ଖୁବ୍ ଭଲ ଚାଲିବ।

**ବୃଷ** – ପରାକ୍ରମ ସଫଳ ହେବ। ପ୍ରତିଦିନର ରୋଜଗାରରେ ଉନ୍ନତି ହେବ। ଭୌତିକ ସୁଖ-ସମ୍ପଦା ବୃଦ୍ଧି ହେବ। ସ୍ୱାସ୍ଥ୍ୟ ସ୍ଥିତି ମଧ୍ୟମ ରହିବ। ପ୍ରେମ ଓ ସନ୍ତାନ ସୁଖ ଭୋଗ କରିବେ। ବ୍ୟାପାର ସ୍ଥିତି ଖୁବ୍ ଭଲ ରହିବ।

**ମିଥୁନ** – ସ୍ୱାସ୍ଥ୍ୟରେ ସୁଧାର ହେବ। ଦିନଟି ଉତ୍ଥାନ-ପତନରେ ବିତିବ। ବ୍ୟାପାରିକ ଦୃଷ୍ଟିକୋଣରୁ ନୂଆ ଅବସର ରହିଛି। ସାମାଜିକ କାର୍ଯ୍ୟରେ ବଡ଼ ଦାୟିତ୍ୱ ମିଳିବ। ବାଣୀରେ ସଂଯମ ରଖନ୍ତୁ। ମାତା କାଳୀଙ୍କୁ ପୂଜା କରନ୍ତୁ।

**କର୍କଟ** – ପ୍ରତିଦିନ ପରି ଆଗକୁ ବଢ଼ିବେ। ସ୍ୱାସ୍ଥ୍ୟରେ ସୁଧାର ହେବ। ପ୍ରେମ ମାମଲାରେ ସଫଳ ହେବେ। ସନ୍ତାନ ପକ୍ଷରୁ ସୁଖବର ପାଇବେ। ବ୍ୟାପାରରେ ନୂଆ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଅତିକ୍ରମ କରିବେ। ଆଘାତ ଲାଗିପାରେ।

**ସିଂହ** – କୌଣସି କାର୍ଯ୍ୟକୁ କରିବା ପାଇଁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଅପେକ୍ଷା କରିବେ। ପରବର୍ତ୍ତୀ ଯୋଜନା ସୂର୍ଯ୍ୟାସ୍ତ ପରେ କରନ୍ତୁ। ସ୍ୱାସ୍ଥ୍ୟ ଖୁବ୍ ଭଲ ରହିବ। ସନ୍ତାନ ପକ୍ଷରୁ ସ୍ଥିତି ମଧ୍ୟମ ରହିବ। ବ୍ୟାପାର ସ୍ଥିତି ବଢ଼ିଆ ରହିବ।

**କନ୍ୟା** – ଆୟର ନୂଆ ରାସ୍ତା ଖୋଲିବ। ଖୁବ୍ ଭଲ ଖବର ପାଇବେ। ଭାଗୀଦାରୀରେ ଅଳ୍ପ ବିବାଦ ରହିବ। ସ୍ୱାସ୍ଥ୍ୟ ସ୍ଥିତି ମଧ୍ୟମ ରହିବ। ପ୍ରେମ କ୍ଷେତ୍ରରେ ସଫଳ ରହିବେ। ବ୍ୟାପାର ଭଲ ଚାଲିବ।

**ତୁଳା** – ଆଜି ବ୍ୟାପାର କ୍ଷେତ୍ରରେ ଲାଭ ଦେଖାଯାଉଛି। ସ୍ୱାସ୍ଥ୍ୟ ନରମ-ଗରମ ରହିବ। ପ୍ରେମ ମାମଲାରେ ସଫଳ ରହିବେ। ସନ୍ତାନ ପକ୍ଷରୁ ଶୁଭ ସମ୍ବାଦ ମିଳିପାରେ। ନୂଆ ବ୍ୟବସାୟର ଅବସର ରହିଛି।

**ବିଛା** – ଶାସନ-ସତ୍ତା ପକ୍ଷର ସହଯୋଗ ପାଇବେ। ଉଚ୍ଚ ଅଧିକାରୀଙ୍କ ଆଶୀର୍ବାଦ ମିଳିବ। ସ୍ୱାସ୍ଥ୍ୟ ଖୁବ୍ ଭଲ ରହିବ। ସନ୍ତାନ ପକ୍ଷରୁ ସୁଖବର ରହିଛି। ବ୍ୟାପାର ସ୍ଥିତି ଉତ୍ତମ ରହିବ।

**ଧନୁ** – ପରିସ୍ଥିତି ଆଜି ଅନୁକୂଳ ରହିବ। ସ୍ୱାସ୍ଥ୍ୟରେ ସୁଧାର ଦେଖାଦେବ। ପ୍ରେମ ମାମଲାରେ ଦିନଟି ଶୁଭ ନୁହେଁ। ସନ୍ତାନ ପକ୍ଷରୁ ବିପରୀତ ଖବର ପାଇବେ। ମନ ଖୁସି କରିବା ପରି ଖବର ନାହିଁ।

**ମକର** – ଆଘାତ ପାଇପାରନ୍ତି। କୌଣସି ସମସ୍ୟାରେ ପଡ଼ିପାରନ୍ତି। ଏହାକୁ ଅତିକ୍ରମ କରିବାକୁ ଚେଷ୍ଟା ଜାରି ରହିବ। ସ୍ୱାସ୍ଥ୍ୟ ସ୍ଥିତି ମଧ୍ୟମ ରହିବ। ବ୍ୟାପାରରେ ସୁ-ଅବସର ପାଇବେ। ଲାଲ୍ ବସ୍ତୁ ଦାନ କରନ୍ତୁ।

**କୁମ୍ଭ** – ଶତ୍ରୁ ଆଜି ପରାସ୍ତ ହେବେ। ଅଟକିଥିବା କାମ ଚାଲିବ। ସ୍ୱାସ୍ଥ୍ୟ ଖୁବ୍ ଭଲ ରହିବ। ସନ୍ତାନ ସ୍ଥିତିରେ ସୁଧାର ହେବାର ସମ୍ଭାବନା ରହିଛି। ପ୍ରେମ ପ୍ରସଙ୍ଗରେ ଉନ୍ନତି ହୋଇପାରେ। ବ୍ୟାପାର ସ୍ଥିତି ଉତ୍ତମ।

**ମୀନ** – ଭାବନାରେ ପ୍ରବାହିତ ହୁଅନ୍ତୁ ନାହିଁ। ଶତ୍ରୁଙ୍କ ଉପରେ ବିଜୟ ପାଇବେ। ପ୍ରେମ ମାମଲାରେ ଦୂରତା ରହିବ। ସନ୍ତାନ ସ୍ଥିତିରେ ସୁଧାର ହେବ। ବ୍ୟାପାର ସ୍ଥିତି ଖୁବ୍ ଭଲ ରହିଛି। ଧଳା ବସ୍ତୁ ପାଖରେ ରଖନ୍ତୁ।

# ନମସ୍କାର

## ଶ୍ରୀମଦ୍ ଭଗବଦ୍‌ଗୀତା

ଉଦାସୀନବଦାସୀନୋ ଗୁଣୈର୍ଯୋ ନ ବିଚାଲ୍ୟତେ।
ଗୁଣା ବର୍ତ୍ତନ୍ତ ଇତ୍ୟେବ ଯୋବତିଷ୍ଠତି ନେଙ୍ଗତେ। (୧୪/୨୩)



ଯିଏ ଉଦାସୀନଙ୍କ ପରି ଅବସ୍ଥାନ କରନ୍ତି, ସୁଖ ଦୁଃଖାଦି ଗୁଣମାନଙ୍କ କାର୍ଯ୍ୟରେ ବିଚଳିତ ହୁଅନ୍ତି ନାହିଁ, ଗୁଣମାନେ ନିଜ ନିଜ କାର୍ଯ୍ୟରେ ପ୍ରବୃତ୍ତ ହେଉଛନ୍ତି - ମୋର ସେମାନଙ୍କ ସହିତ କୌଣସି ସମ୍ପର୍କ ନାହିଁ - ଏପରି ଭାବି ଯିଏ ଚଞ୍ଚଳ ହୁଅନ୍ତି ନାହିଁ, ସେ ଗୁଣତୀତ ବୋଲି ବିବେଚିତ ହୁଅନ୍ତି। ପାହାଡ଼ରେ ଥିବା ଗଛ ବୃକ୍ଷ ଇତ୍ୟାଦି ଭୀଷଣ ବାତ୍ୟା ଦ୍ୱାରା ଖୁବ୍ ଜୋର୍‌ରେ ହଲନ୍ତି ଏବଂ ଭାଙ୍ଗି ପଡନ୍ତି କିନ୍ତୁ ପାହାଡ଼ର କିଛି କ୍ଷତି ହୁଏ ନାହିଁ କି ପ୍ରଭାବିତ ହୁଅନ୍ତି ନାହିଁ ସେପରି ଗୁଣତୀତ ବ୍ୟକ୍ତି ଏ ସଂସାରରେ ଉଦାସୀନ ହେଇ ରହନ୍ତି।

# 'ଆନିମଲ୍ ପାର୍କ' ଅପ୍‌ଡେଟ୍





ରନ୍‌ବୀର କପୁର କେବେ ବଡ଼ ପରଦାକୁ ଫେରିବେ ସେଥିପାଇଁ ତାଙ୍କର ପ୍ରଶଂସକମାନେ ଅପେକ୍ଷା କରି ରହିଛନ୍ତି। ଏ ବର୍ଷ ରନ୍‌ବୀରଙ୍କର ଦୁଇଟି ଫିଲ୍ମ ରିଲିଜ ହେବାର ଅଛି- ସଞ୍ଜୟ ଲୀଲା ଭଂସାଲୀଙ୍କ 'ଲଭ୍ ଆଣ୍ଡ୍ ୱାର୍' ଯାହା ଉପରେ ଏବେ ବି କାମ ଚାଲିଛି। ଅନ୍ୟଟି ହେଉଛି ଫିଲ୍ମ 'ରାମାୟଣ' ଯାହାର ପ୍ରଥମ ପାର୍ଟ ଦୀପାବଳିରେ ରିଲିଜ ହେବ। କିନ୍ତୁ ଏହାର ଦ୍ୱିତୀୟ ପାର୍ଟ ରିଲିଜ ହେବ ୨୦୨୭ରେ। କିନ୍ତୁ ରନ୍‌ବୀରଙ୍କ ଅଭିନୀତ ଯେଉଁ ଫିଲ୍ମର ପାର୍ଟ-୨ ଉପରେ ସମସ୍ତଙ୍କର ଦୃଷ୍ଟି ରହିଛି ତାହା ହେଉଛି 'ଆନିମଲ୍ ପାର୍କ' ଯାହାର କାମ ୨୦୨୭ରେ ଆରମ୍ଭ ହେବ। ବିଳମ୍ବ ହେବାର କାରଣ ସନ୍ଦୀପ ରେଡ୍ଡି ଭାଙ୍ଗା ଓ ପ୍ରଭାସଙ୍କ ଫିଲ୍ମ 'ସ୍ପିରିଟ୍'। ଏବେ 'ଆନିମଲ୍ ପାର୍କ' ଉପରେ କାମ ଆରମ୍ଭ ହୋଇନାହିଁ କିନ୍ତୁ ଏହାର ତୃତୀୟ ପାର୍ଟ ଉପରେ ଆସିଛି ବଡ଼ ଅପଡେଟ୍। ତୃତୀୟ ପାର୍ଟର ଭିଲେନଙ୍କୁ ନେଇ ବଡ଼ ହିଣ୍ଟ୍ ମିଳିଛି। ଖବର ଅନୁସାରେ ସନ୍ଦୀପ୍ ରେଡ୍ଡି ଭାଙ୍ଗାଙ୍କର ପ୍ରଥମ ପ୍ଲାନ୍ ଥିଲା ଫିଲ୍ମ 'ଆନିମଲ୍'ର କାହାଣୀକୁ ଦୁଇ ଭାଗରେ ବିଭକ୍ତ କରିବା ପାଇଁ। କିନ୍ତୁ ଦ୍ୱିତୀୟ ପାର୍ଟକୁ ଲେଖିବା ସମୟରେ ସେ ଅନୁଭବ କଲେ ଯେ ତାଙ୍କ ପାଖରେ ଅନେକଗୁଡ଼ିଏ ମ୍ୟାଟେରିଆଲ୍ ବଳି ପଡ଼ିଛି ଯାହାକୁ ନେଇ ଆଉ ଏକ ପାର୍ଟ କରାଯିବା ଉଚିତ। ଏହି କାରଣରୁ ପାର୍ଟ-୩ ଆଣିବା ପାଇଁ ସେ ଚିନ୍ତା କଲେ। 'ଆନିମଲ୍-୩'କୁ ନେଇ ପ୍ରଥମ ଅପ୍‌ଡେଟ୍ ହେଲା ଯଦି ଏହି ଯୋଜନା ଆଗକୁ ବଢ଼େ ତେବେ ରନ୍‌ବୀର କପୁର ଫିଲ୍ମରେ କମନ୍ ପାର୍ଟ ହୋଇ ରହିବେ ମୁଖ୍ୟ ଅଭିନେତା ଭାବରେ। ଦ୍ୱିତୀୟ ଖବର ହେଲା ତିନୋଟି ଫିଲ୍ମରେ ଏକାପରି ଭିଲେନ୍ ରହିପାରିବେ ନାହିଁ। ତେଣୁ 'ଆନିମଲ୍ ପାର୍କ'ରେ ନୂଆ ଭିଲେନ୍ ରହିପାରନ୍ତି। ନୂଆ ଭିଲେନ୍ ସହିତ ପ୍ରତି ଚାପ୍ଟରର କାହାଣୀକୁ ନୂଆ ଦିଗଗୁଡ଼ିକ ସହିତ ଏକ୍ସପ୍ଲୋର କରାଯିବ। ବର୍ତ୍ତମାନ 'ଆନିମଲ୍ ପାର୍କ'ର ଫାଇନାଲ୍ ସ୍କ୍ରିପ୍ଟ ଉପରେ ସବୁକିଛି ନିର୍ଭର କରୁଛି। କାହାଣୀ ଯଦି ସେଥିରେ ଶେଷ ହୋଇଯିବ ତେବେ ବୋଧହୁଏ ଆଗକୁ ପରବର୍ତ୍ତୀ ପାର୍ଟର ନିର୍ମାଣ ହୋଇ ନପାରେ। କିନ୍ତୁ ଯୋଜନା ଅନୁସାରେ ଯଦି ସନ୍ଦୀପ ତୃତୀୟ ପାର୍ଟର ନିର୍ମାଣ କରିବେ ତେବେ ରନ୍‌ବୀର କପୁର ଅସଲି ଧୂରନ୍ଧର ଭାବରେ ନଜର ଆସିବେ।

# ଜିନ୍ ବନାମ ଜୀବନଶୈଳୀ

ଆମେ କେତେ ବର୍ଷ ପର୍ଯ୍ୟନ୍ତ ଜୀବିତ ରହିପାରିବା ଏହି ପ୍ରଶ୍ନ ବର୍ଷ ବର୍ଷ ଧରି ଏକ ତର୍କର ବିଷୟ ହୋଇ ରହିଛି। ବୈଜ୍ଞାନିକମାନେ ମାନନ୍ତି ଯେ ଆମର ବୟସରେ ଜିନ୍‌ର ଭୂମିକା କେବଳ ୨୦-୨୫ ପ୍ରତିଶତ ଥାଏ ଓ ବାକି ସବୁକିଛି ନିର୍ଭର କରେ ଆମର ଜୀବନଶୈଳୀ ଓ ପର୍ଯ୍ୟାବରଣ ଉପରେ। କିନ୍ତୁ ଏକ ନୂଆ ଅଧ୍ୟୟନ ଏହି ଧାରଣାକୁ ଚ୍ୟାଲେଞ୍ଜ କରିଛି। ସ୍କାଣ୍ଡିନେଭିଆନ୍‌ର ଏକ ଯାଆଁଳା ପିଲା ଓ ଅଧିକ ବର୍ଷ ବଞ୍ଚି ରହୁଥିବା ପରିବାରଗୁଡ଼ିକ ଉପରେ ହୋଇଥିବା ଅଧ୍ୟୟନ ଅନୁସାରେ ଯଦି ଦୁର୍ଘଟଣା ଓ ସଂକ୍ରମଣଗୁଡ଼ିକ ପରି ବାହାରର ମୃତ୍ୟୁଗୁଡ଼ିକୁ ହଟାଇଦେବା ତେବେ ଜୀବନକାଳ ମଧ୍ୟରେ ଆନୁବଂଶିକ ଯୋଗଦାନ ୫୦-୫୫ ପ୍ରତିଶତ ପର୍ଯ୍ୟନ୍ତ ଯାଇପାରିବ। ଏହି ପ୍ରତିଶତ ପୂର୍ବରୁ କମ୍ ଥିବାର କାରଣ ଲୋକମାନେ ସେ ସମୟରେ ବାହ୍ୟ କାରଣଗୁଡ଼ିକ ପାଇଁ ଅଧିକ ମୃତ୍ୟୁବରଣ କରୁଥିଲେ। କିନ୍ତୁ ଆଜି ବିକଶିତ ସମାଜରେ ଅଧିକାଂଶ ମୃତ୍ୟୁ ଶରୀରର ଆଭ୍ୟନ୍ତରୀଣ କାରଣରୁ ଯଥା-ବାର୍ଦ୍ଧକ୍ୟଜନିତ ରୋଗ, ଡିମେନ୍‌ସିଆ ବା



ହୃଦୟ ରୋଗ ଦ୍ୱାରା ହେଉଛି। ପର୍ଯ୍ୟାବରଣ ଯେମିତି ସୁରକ୍ଷିତ ହେଉଛି ଆମର ବୟସକୁ ସ୍ଥିର କରିବାରେ ଆମର ଡିଏନ୍‌ଏର ଭୂମିକା ଗଣିତୀୟ ଦୃଷ୍ଟିରୁ ବଡ଼ ଜଣାପଡୁଛି। ଏହାର ଅର୍ଥ ନୁହେଁ ଯେ ଜିନ୍ ଅଚାନକ ଶକ୍ତିଶାଳୀ ହୋଇଗଲା। ଶହ ଶହ ବର୍ଷ ପୂର୍ବରୁ ପର୍ଯ୍ୟାପ୍ତ ପରିମାଣର ଭୋଜନ ନମିଳିବାରୁ ଲୋକମାନଙ୍କର ଉଚ୍ଚତା କମ୍ ରହୁଥିଲା। କିନ୍ତୁ ଆଜି ପୋଷଣ କାରଣରୁ ପ୍ରତି ଲୋକ ଆନୁବଂଶିକ କ୍ଷମତାକୁ ପ୍ରାପ୍ତ କରୁଛନ୍ତି। ଏବେ ଉଚ୍ଚତାରେ ପାର୍ଥକ୍ୟର ମୂଳ କାରଣ ହେଉଛି ଜିନ୍। ଏହି ନିୟମ ଲାଗୁ ହେଉଛି ଜୀବନକାଳ ଉପରେ। ଯେପରି ଯେପରି ପ୍ରଦୂଷଣ କମ୍ ହେବ, ସ୍ୱାସ୍ଥ୍ୟ ସେବାଗୁଡ଼ିକୁ ଆପଣାଇବା ସହିତ ପର୍ଯ୍ୟାବରଣର ନକାରାତ୍ମକ ପ୍ରଭାବଗୁଡ଼ିକ କମ୍ କରାଇଲେ ଜିନ୍‌ର ପ୍ରଭାବ ସ୍ପଷ୍ଟ ଦେଖାଯିବ। ଜଣେ ବ୍ୟକ୍ତି ଖୁବ୍ ଭଲ ଜିନ୍ ସହିତ ଖରାପ ଜୀବନଶୈଳୀ ଦ୍ୱାରା ନିଜ ବୟସକୁ କମ୍ କରାଇଥାଏ। ସେହିପରି ସୁସ୍ଥ ଆହାର ଓ ବ୍ୟାୟାମ ଦ୍ୱାରା ଜଣେ ଦୀର୍ଘଜୀବୀ ମଧ୍ୟ ହୋଇପାରିବ।

# ବାୟୁ ଦୋଷ ଓ ଗରୁଡ଼ ମୁଦ୍ରା

ଆଜିର ପରିବର୍ତ୍ତନୀୟ ଜୀବନଶୈଳୀ, ଅନିୟମିତ ଦିନଚର୍ଯ୍ୟା ଓ ବୃଦ୍ଧି ପାଉଥିବା ମାନସିକ ଚାପ ଲୋକମାନଙ୍କର ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକଉଛି। ଦୀର୍ଘ ସମୟ ଧରି ବସି ରହି କାମ କରିବା, ଶାରୀରିକ ଗତିବିଧି କମ୍ କରିବା, ମୋବାଇଲ୍ ଓ ସ୍କ୍ରିନ୍ ସହିତ ଅଧିକ ସମୟ କାମ କରିବା ଆଦି ଅଭ୍ୟାସ କମ୍ ବୟସରେ ବି କ୍ଲାନ୍ତି, ସୁସ୍ତି, ଚିଡ଼ଚିଡ଼ାପଣ, ନିଃଶ୍ୱାସ ନେବାରେ ସମସ୍ୟାଗୁଡ଼ିକୁ ଜନ୍ମ ଦେଉଛି। ଅନେକ ଲୋକ ଦିନସାରା କାମ କରିବା ପରେ ବି ନିଜକୁ ଉର୍ଜାହୀନ ଅନୁଭବ କରନ୍ତି। ଏପରି ସମସ୍ୟାଗୁଡ଼ିକ ଉର୍ଜା ସ୍ତର ଓ ପଞ୍ଚତତ୍ତ୍ୱର ଅସନ୍ତୁଳନ କାରଣରୁ ହୋଇଥାଏ। ବିଶେଷ କରି ଶରୀରର ବାୟୁ ତତ୍ତ୍ୱ ସନ୍ତୁଳନରୁ ବାହାରକୁ ଚାଲିଯାଏ ଓ ମଣିଷ ଶୀଘ୍ର କ୍ଲାନ୍ତ ହୋଇଯାଏ, ମନ ଅସ୍ଥିର ରହେ, ଶରୀରରେ ସୁସ୍ତିପଣ ରହେ। ଏପରି ସ୍ଥଳେ ଯୋଗ ଓ ହସ୍ତ ମୁଦ୍ରା ଶରୀର ଓ ମନକୁ ସନ୍ତୁଳିତ କରି ରଖିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଏହି ସରଳ ଓ ପ୍ରଭାବୀ ଯୋଗ ଅଭ୍ୟାସଗୁଡ଼ିକ ମଧ୍ୟରୁ ଅନ୍ୟତମ ଗରୁଡ଼ ମୁଦ୍ରା।



**ଗରୁଡ଼ ମୁଦ୍ରା**-ଏହା ବାୟୁ ତତ୍ତ୍ୱ ସହିତ ଜଡ଼ିତ ଥାଏ। ଏହାର ନିୟମିତ ଅଭ୍ୟାସ ଶରୀରର ସକ୍ରିୟତା ବୃଦ୍ଧି କରିବାରେ ସାହାଯ୍ୟ କରେ, ରକ୍ତ ସଂଚାରକୁ ଉତ୍କୃଷ୍ଟ କରାଏ। ଏହି ମୁଦ୍ରା ଅଫିସ୍‌ରେ ବସି କାମ କରୁଥିବା ଲୋକମାନଙ୍କ ପାଇଁ ବିଶେଷ ଲାଭକାରୀ ପ୍ରମାଣିତ ହୋଇଛି। ହାତ-ପାଦର ଥଣ୍ଡାପଣ, ଶୂନ୍ୟପଣ ଓ ଦୁର୍ବଳତା ପରି ସମସ୍ୟାଗୁଡ଼ିକୁ କମ୍ କରାଇବାରେ ଏହା ସହାୟକ ହୋଇଥାଏ। ରକ୍ତ ପ୍ରବାହ ଶରୀରର ସମସ୍ତ ଅଙ୍ଗଗୁଡ଼ିକୁ ସଠିକ୍ ଭାବରେ ପୋଷଣ ପହଞ୍ଚାଇଥାଏ ଯେଉଁ କାରଣରୁ ବ୍ୟକ୍ତି ନିଜକୁ ଉର୍ଜାବାନ ଅନୁଭବ କରିଥାଏ। ମହିଳାମାନଙ୍କର ସ୍ୱାସ୍ଥ୍ୟ ସମସ୍ୟା ଦୃଷ୍ଟିରୁ ଗରୁଡ଼ ମୁଦ୍ରାକୁ ଉପଯୋଗୀ ବୋଲି କୁହାଯାଏ। ମାସିକଧର୍ମ ସମୟରେ ହେଉଥିବା ବ୍ୟଥା, ଟାଇଟ୍‌ନେସ୍ ଓ ଅସହଜତା କମ୍ କରାଇବାରେ ଏହା ସହାୟକ ହୋଇଥାଏ। ନିଃଶ୍ୱାସ-ପ୍ରଶ୍ୱାସ ସହିତ ଜଡ଼ିତ ସମସ୍ୟାଗୁଡ଼ିକରୁ ମଧ୍ୟ ମୁକ୍ତି ଦିଏ ଗରୁଡ଼ ମୁଦ୍ରା। ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଗରୁଡ଼ ମୁଦ୍ରାର ସକାରାତ୍ମକ ପ୍ରଭାବ ଦେଖିବାକୁ ମିଳେ। ଯେଉଁମାନଙ୍କର ମୁଡ୍ ବାରମ୍ବାର ବଦଳୁଥାଏ, ଚିଡ଼ଚିଡ଼ାପଣ, ଭୟ ଓ ଅସ୍ତବ୍ୟସ୍ତ ଲାଗିବା ପରି ସମସ୍ୟା ଥାଏ ସେମାନେ ନିୟମିତ ଭାବରେ ଗରୁଡ଼ ମୁଦ୍ରାର ଅଭ୍ୟାସ କଲେ ମନ ଶାନ୍ତ ରହିବ, ଏକାଗ୍ରତା ବୃଦ୍ଧି ହେବ ଓ ଆତ୍ମବିଶ୍ୱାସ ମଜଭୁତ ହେବ।

# ଦିବ୍ୟ ଦ୍ୱାର

ବିନ୍ଧ୍ୟାଞ୍ଚଳ ପର୍ବତ ଶୃଙ୍ଖଳା ଦ୍ୱାରା ଘେରି ରହିଥିବା ବୁନ୍ଦେଲଖଣ୍ଡର ଲଳିତପୁର ଜିଲ୍ଲାରେ ରହିଛି ଭଗବାନ ବିଷ୍ଣୁଙ୍କର ଏକ ପ୍ରାଚୀନ ମନ୍ଦିର। ବେତବା ନଦୀ କୂଳରେ ସ୍ଥିତ ଏହି ଦଶାବତାର ମନ୍ଦିର ଭଗବାନ ବିଷ୍ଣୁଙ୍କୁ ସମର୍ପିତ ଏକ ଗୁପ୍ତକାଳୀନ ମନ୍ଦିର ଯେଉଁଠାରେ ପାଦ ରଖିବା ମାତ୍ରେ ମନେହେବ ଯେପରି ସମୟ ନିଜ ଗତିକୁ ରୋକି ଆପଣଙ୍କୁ ହଜାର ହଜାର ବର୍ଷ ପଛକୁ ନେଇଯାଉଛି। ଏହି ମନ୍ଦିରଟି ଗୁପ୍ତକାଳର ଐତିହ୍ୟକୁ ନିଜ ଭିତରେ ସାଉଁଟି ରଖିଛି। ପଞ୍ଚମ ଓ ଷଷ୍ଠ ଶତାବ୍ଦୀରେ ନିର୍ମିତ ଏହି ମନ୍ଦିରଟି ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣର ସଂରକ୍ଷଣରେ ରହିଛି। ଦଶାବତାର ମନ୍ଦିର ଗୁପ୍ତକାଳର ବାସ୍ତୁକଳାର ଏକ ଜ୍ୱଳନ୍ତ ଉଦାହରଣ ଯାହାକୁ ପଞ୍ଚାୟତନ ଶୈଳୀର ସବୁଠାରୁ ପ୍ରାରମ୍ଭିକ ଜ୍ଞାତ ପ୍ରମାଣ ଭାବରେ ନିଆଯାଏ। ହଜାର ହଜାର ବର୍ଷର ବିଭିନ୍ନ ପ୍ରକାରର ପ୍ରାକୃତିକ ବିପର୍ଯ୍ୟୟକୁ ସହ୍ୟ କରି ମନ୍ଦିରଟି ଆଜି ବି ଅନେକ ସୂକ୍ଷ୍ମ କାରୁକାର୍ଯ୍ୟ ଓ ମୂର୍ତ୍ତିଗୁଡ଼ିକୁ ଜୀବନ୍ତ କରି ରଖିଛି। ଏହି ଗୋଟିଏ ସ୍ଥାନରେ ଭଗବାନ ବିଷ୍ଣୁଙ୍କର ଦଶ ଅବତାରକୁ ଦର୍ଶନ କରିପାରିବେ। ପଶ୍ଚିମାଭିମୁଖୀ ଏହି ମନ୍ଦିରର ଗର୍ଭଗୃହ ବର୍ତ୍ତମାନ ଖାଲି ରହିଛି ଯେଉଁଠାରେ ପୂର୍ବରୁ ଭଗବାନ ବିଷ୍ଣୁଙ୍କର ଏକ ମୂର୍ତ୍ତି ସହିତ ଶିବଲିଙ୍ଗ ବିରାଜମାନ ଥିଲେ। ଗର୍ଭଗୃହ ଖାଲି ଥିବାରୁ ସେଠାରେ ନିୟମିତ ପୂଜାପାଠ କରାଯାଏ ନାହିଁ କିନ୍ତୁ ଶ୍ରଦ୍ଧାଳୁ ଓ ପ୍ରତ୍ନତତ୍ତ୍ୱପ୍ରେମୀମାନେ ବଡ଼ ସଂଖ୍ୟାରେ ସେଠାକୁ ଯାଇ ମନ୍ଦିରର ଭବ୍ୟତା ଓ ଭଗବାନ ଦଶାବତାରଙ୍କୁ ଦର୍ଶନ କରିଥାନ୍ତି।



## ଆଜି ବି ରହିଛି ସତ୍ୟଯୁଗ

ଉତ୍ତରପ୍ରଦେଶର ବୃନ୍ଦାବନରେ ସ୍ଥିତ ଟଟିୟାକୁ କଳିଯୁଗରୁ ମୁକ୍ତ ଏକ ସ୍ଥାନ ଭାବରେ ପରିଭାଷିତ କରାଯାଏ। ସେଠାକୁ ଯାଉଥିବା ଶ୍ରଦ୍ଧାଳୁମାନେ ସତ୍ୟଯୁଗ କିମ୍ବା ଦ୍ୱାପରଯୁଗରେ ପହଞ୍ଚି ଯାଇଛନ୍ତି ବୋଲି ମନେକରନ୍ତି। ସହରର ଭିଡ଼, ଦ୍ରୁତ ଜୀବନଶୈଳୀ ଓ ଆଧୁନିକ ଜୀବନ ଠାରୁ ଦୂରରେ ଥିବା ସେଠିକାର ପରିବେଶ ମନକୁ ଶାନ୍ତ ରଖିବା ସହିତ ଆତ୍ମିକ ଶାନ୍ତି ପ୍ରଦାନ କରିଥାଏ ଯାହାକୁ ଆଜିର ସମୟରେ ଦୁର୍ଲଭ ବୋଲି କହିପାରିବା। ଟଟିୟା ସ୍ଥାନରେ ବିଜୁଳି, ପଙ୍ଖା, ବଲ୍‌ବ, ମୋବାଇଲ୍ କିମ୍ବା ଅନ୍ୟ କୌଣସି ଆଧୁନିକ ଟେକ୍‌ନିକ୍‌ର ଉପଯୋଗ କରାଯାଏ ନାହିଁ। ଆରତି ସମୟରେ ମଧ୍ୟ ଭଗବାନଙ୍କୁ ଡ଼ୋରି ପଙ୍ଖାରେ ବିଞ୍ଚାଯାଏ। ଏହି କାରଣରୁ ସେହି ସ୍ଥାନକୁ କଳିଯୁଗ ଠାରୁ ଅଲଗା ଏକ ଯୁଗ ଭାବରେ ଦେଖାଯାଏ। ସେଠିକାର ଜୀବନ ଖୁବ୍ ସରଳ ଓ ପ୍ରାକୃତିକ। ସ୍ୱାମୀ ହରିଦାସଙ୍କ ଅନୁଗାମୀମାନେ ଏହାର ସ୍ଥାପନା କରିଥିଲେ। ସ୍ୱାମୀ ହରିଦାସ ଥିଲେ ବାଙ୍କେ ବିହାରୀଙ୍କ ଅନନ୍ୟ ଭକ୍ତ ଯିଏ ସଂଗୀତ, ପ୍ରେମ ଓ ପ୍ରକୃତି ମାଧ୍ୟମରେ ଭକ୍ତି ମାର୍ଗର ଚୟନ କରିଥିଲେ। ଟଟିୟା ସ୍ଥାନରେ ଆଜି ବି ପୁରୁଣା ପରମ୍ପରାଗୁଡ଼ିକ ଜୀବିତ ଅଛନ୍ତି ଯେଉଁଠାରେ ସାଧୁ-ସନ୍ଥମାନେ ସାଂସାରିକ ମୋହମାୟାରୁ ଦୂରରେ ରୁହନ୍ତି। ପୂରା ଧାମ ବାଉଁଶରେ ତିଆରି ହୋଇଥିବାରୁ ଏହାକୁ ସ୍ଥାନୀୟ ଭାଷାରେ ଟଟିୟା ବୋଲି କୁହାଯାଏ। ଏହାର ବିଶେଷ ଗଠନ ଶୈଳୀ କାରଣରୁ ସେ ସ୍ଥାନର ନାମ ଟଟିୟା ରଖାଯାଇଥିଲା ଯାହା ଆଜି ବି ନିଜ ପରିଚୟକୁ ବଞ୍ଚେଇ ରଖିଛି। ଟଟିୟାକୁ କୌଣସି ଆଧୁନିକ ବସ୍ତୁ ଯଥା- ମୋବାଇଲ୍ ଆଦି ନେବା ପାଇଁ ଅନୁମତି ନାହିଁ। ସେଠାରେ ନା ରହିଛି ଦାନପେଟି ନା କୌଣସି ବ୍ୟବସାୟିକ ଗତିବିଧି। ସାଧୁ-ସନ୍ଥମାନେ ଦାନ-ଦକ୍ଷିଣାକୁ ସ୍ୱୀକାର କରନ୍ତି ନାହିଁ। ମହିଳାମାନେ ମୁଣ୍ଡରେ ଲୁଗା ଦେଇ ପ୍ରବେଶ କରନ୍ତି ଯାହା ଅନୁଶାସନ, ମର୍ଯ୍ୟାଦା ଓ ଆଧ୍ୟାତ୍ମିକ ବାତାବରଣକୁ ବଜାୟ ରଖିଥାଏ। କୁହାଯାଏ ଯେ ସେଠିକାର ଗଛ-ପତ୍ରରେ ରାଧା ନାମ ଲେଖାଯାଇଥାଏ। ଏପରି ଦିବ୍ୟ ବାତାବରଣରେ ପ୍ରବେଶ କରିବା ମାତ୍ରେ କୌଣସି ଅଲୌକିକ ଯୁଗରେ ପ୍ରବେଶ କରିବା ପରି ମନେହେବ।



# ମୋଣ୍ଟି ହଲ୍ ସମସ୍ୟା




ମନେକରନ୍ତୁ ଆପଣ ଏକ ଗେମ୍ ଶୋ'ରେ ଅଛନ୍ତି ଓ ଆପଣଙ୍କୁ ତିନୋଟି ଦ୍ୱାର ମଧ୍ୟରୁ ଗୋଟିଏର ଚୟନ କରିବାକୁ କୁହାଯିବ। ଗୋଟିଏ ଦ୍ୱାର ପଛରେ ରହିଛି ଗାଡ଼ି ଓ ବାକି ଦୁଇଟି ଦ୍ୱାର ପଛରେ ରହିଛନ୍ତି ଛେଳି। ଆପଣ ଏକ ନମ୍ବର ଦ୍ୱାରର ଚୟନ କରିବେ। ହୋଷ୍ଟ ଦ୍ୱାରା ନମ୍ବର ୩ ଖୋଲିବା ପରେ ଛେଳିକୁ ଦେଖିବେ। ସେ ପୁଣି ଥରେ ପ୍ରଶ୍ନ ପଚାରିବେ-ଆପଣ କ'ଣ ଦ୍ୱାର ନମ୍ବର-୨ର ଚୟନ କରିବେ କି ? ଏହାର ଚୟନ କଲେ ଆପଣଙ୍କର ଜିତିବାର ସମ୍ଭାବନା ବୃଦ୍ଧି ପାଇବ କି ? ଏହିଠାରେ ଆପଣ ମନ ପରିବର୍ତ୍ତନ କରିବେ କି। ହୃଦୟ ଓ ମନ ମଧ୍ୟରେ ଥିବା ଏହି ଦ୍ୱନ୍ଦ୍ୱକୁ ମୋଣ୍ଟି ହଲ୍ ସମସ୍ୟା କୁହାଯାଏ ଯାହା ଦଶକ ଦଶକ ହେଲାଣି ଗଣିତଜ୍ଞମାନଙ୍କୁ ଆକର୍ଷିତ କରି ରଖିଛି। ଆମର ମସ୍ତିଷ୍କ ଓ ମନ କିପରି କାମ କରେ ବିଶେଷ କରି ଯେତେବେଳେ ଆମେ ଆମର ମନ ପରିବର୍ତ୍ତନ କରନ୍ତି ତାହା ଉପରେ ଏହା ଆଲୋକପାତ କରିଥାଏ। ମନୋବିଜ୍ଞାନ ଅନୁସାରେ ମନ ବଦଳିବାର ପ୍ରକ୍ରିୟାକୁ ବୁଝିବା ପାଇଁ ମେଟାକଗ୍ନିସନ୍‌ର ଅବଧାରଣାର ଉପଯୋଗ କରାଯାଏ। ସରଳ ଅର୍ଥରେ କହିବାକୁ ଗଲେ ମେଟାକଗ୍ନିସନ୍ ହେଉଛି ସେହି ମାନସିକ ଓ ଜୈବିକ ପ୍ରକ୍ରିୟା ଯାହା ଆମକୁ ଜଣାଇଦିଏ ଯେ ଆମେ କୌଣସି କାର୍ଯ୍ୟକୁ କେତେ ସଠିକତାର ସହିତ କରୁଛନ୍ତି। ଯେପରି ଆମ ଭିତରୁ ଏକ ସ୍ୱର କହିଥାଏ- କିଛି ଗଡ଼ବଡ଼ ଅଛି ବା ସବୁ ଠିକ୍ ଚାଲିଛି। ସାଧାରଣତଃ ଆମର ପ୍ରଥମ ପସନ୍ଦ ଉପରେ ଆମେ କମ୍ ଭରସା କରନ୍ତି। ସେତେବେଳେ ଆମ ମନ ପରିବର୍ତ୍ତନ ହୁଏ। କିନ୍ତୁ ଅଧ୍ୟୟନ କହୁଛି ଯେ ଆମେ ଯେମିତି ଚିନ୍ତା କରନ୍ତି ସେତେ ଥର ମନ ପରିବର୍ତ୍ତନ ହୁଏ ନାହିଁ ଯଦିଓ ଆମ ମନ ପସନ୍ଦକୁ ନେଇ ଆମେ ଦ୍ୱନ୍ଦ୍ୱରେ ରହିଥାନ୍ତି। ଏହା ମଧ୍ୟ ଠିକ୍ ଯେ ଆମେ ମନ ପରିବର୍ତ୍ତନ କଲେ ପ୍ରାୟତଃ ସଠିକ୍ ନିର୍ଣ୍ଣୟ ନେଇଥାନ୍ତି। ଏହି ନିର୍ଣ୍ଣୟ ନେବାର କ୍ଷମତାକୁ ମେଟାକଗ୍ନିଟିଭ୍ ସେନ୍ସିଟିଭିଟି କୁହାଯାଏ। ଅଧ୍ୟୟନରେ ଏହା ମଧ୍ୟ କୁହାଯାଇଛି ଯେ ଲୋକମାନଙ୍କ ପାଖରେ ଯେତେବେଳେ ସମୟର ଅଭାବ ଥାଏ, ସେ ସମୟରେ ସେମାନଙ୍କୁ ନିଷ୍ପତ୍ତି ନେବାକୁ ପଡ଼ିଥାଏ। ସେତେବେଳେ ସେମାନେ ଖୁବ୍ ଭଲ ଚିନ୍ତାଧାରା ସହିତ ନିର୍ଣ୍ଣୟ ନେଇଥାନ୍ତି ଯେ ମନ ପରିବର୍ତ୍ତନ ହେବା ଉଚିତ ନା ନାହିଁ।

# ଆଇନ ସଚେତନତା ଶିବିର




**ସୋର,୫।୨/ଏନ୍‌ଏନ୍‌ଏସ୍:** ସୋର କୋର୍ଟ ତାଲୁକ ଆଇନ ସହାୟତା କମିଟି ପକ୍ଷରୁ କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯାତନା ସମ୍ବନ୍ଧୀୟ ଆଇନ୍ ଓ ଏହାର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସୋର ତାଲୁକ ଆଇନ୍ ସହାୟତା କମିଟିର ଅଧ୍ୟକ୍ଷା ତଥା ଅତିରିକ୍ତ ଜିଲ୍ଲା ଜଜ୍ ମିନାକ୍ଷୀ ଦାସ ଯୋଗଦେଇ ଉପସ୍ଥିତ ଥିବା ସମସ୍ତ କର୍ମଚାରୀଙ୍କୁ ଉକ୍ତ ଆଇନ୍ ସୁରକ୍ଷା ଓ ପ୍ରତିକାର ବିଷୟରେ ଅବଗତ କରାଇଥିଲେ। ଏଥିରେ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ରାଜେଶ କୁମାର ଦାସ, ସିଭିଲ୍ ଜଜ୍ ରାକେଶ କୁମାର ସାହୁ, ଆଇନଜୀବୀ ଚିତ୍ତରଞ୍ଜନ ମହାପାତ୍ର, ଧୀରେନ୍ଦ୍ର କୁମାର ଦାସ ଓ ଭବ ଶଙ୍କର ଦାସ ଏହାର ଆଇନଗତ ଅଧିକାର ଏବଂ ନ୍ୟାୟ ବିଷୟରେ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ଆଇନଜୀବୀ କାହ୍ନୁଚରଣ ବେହେରା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ କୋର୍ଟ କର୍ମଚାରୀ ଜ୍ୟୋତି ପ୍ରକାଶ ସେଠୀ ଓ ବିଶ୍ୱ ରଞ୍ଜନ ବାରିକ୍, ସ୍ୱେଚ୍ଛାସେବୀ ଦେବାଶିଷ ଦାସ, ସନତ ପାତ୍ର, ତପସ୍ୱିନୀ ପତ୍ର, ସୁକାନ୍ତି ସାହୁ ଓ ଅଜିତାଭ ନାୟକ ସହଯୋଗ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ୍ ଅଫିସର୍ କାଶୀନାଥ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ୩ ମନ୍ଦିରରୁ ସିରିଜ୍ ଚୋରି

**ସୋର,୫।୨/ଏନ୍‌ଏନ୍‌ଏସ୍:** ସୋର ଥାନା ସବିରା ପଞ୍ଚାୟତ କୃଷ୍ଣନଗରରେ ଥିବା ୩ଟି ମନ୍ଦିରରୁ ବୁଧବାର ବିଳମ୍ବିତ ରାତିରେ ସିରିଜ୍ ଚୋରି ହୋଇଥିବା ଜଣାପଡ଼ିଛି। ଏହି ଗ୍ରାମରେ ଥିବା ହନୁମାନ ମନ୍ଦିର, ଶିରିଡ଼ି ସାଇ ମନ୍ଦିର ଓ ଠାକୁରାଣୀ ମନ୍ଦିରର ଚାବି ଭାଙ୍ଗି ମନ୍ଦିର ମଧ୍ୟରେ ପଶି ଦୁର୍ବୃତ୍ତମାନେ ଚୋରି କରିନେଇଥିଲେ। ଗୁରୁବାର ସକାଳେ ମନ୍ଦିର ପୂଜକ ପୂଜା କରିବାକୁ ଆସିବାରୁ ମନ୍ଦିରର ଚାବି ଭଙ୍ଗାଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ପରେ ମନ୍ଦିରରୁ ରୁପା ମୁକୁଟ ଓ ରୁପା ହାର ସମେତ ପିତ୍ତଳ ସାମଗ୍ରୀ ଚୋରି ହୋଇଥିବା ଜାଣିବାକୁ ପାଇ ସୋର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗପାଇ ସୋର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ପଣ୍ଡିତ ରହିଦାସ ସିଂ ନାଗଙ୍କ ଜୟନ୍ତୀ



**ବାରିପଦା,୫।୨/ଏନ୍‌ଏନ୍‌ଏସ୍:** ମୁଣ୍ଡାରୀବାନି ଲିପିର ସ୍ରଷ୍ଟା ଅଲଗୁରୁ ପଣ୍ଡିତ ରହିଦାସ ସିଂ ନାଗଙ୍କ ଜୟନ୍ତୀ ମୁଣ୍ଡା ଯୁବ ସଂଗଠନ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ସଂଗଠନର ସଦସ୍ୟମାନେ ରହିଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଏବଂ ଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ସମାଜସେବୀ ତଥା ମୁଣ୍ଡା ଯୁବ ସଂଗଠନର ଉପଦେଷ୍ଟା ରାକେଶ ସିଂ, କାର୍ଯ୍ୟକାରୀ ସମ୍ପାଦକ ଛାଟିଆ ସିଂ ଓ ମନୋରଞ୍ଜନ ସିଂ, ଗବେଷଣାତ୍ମକ ଛାତ୍ର ବୁଧୁ ସିଂ, ମୁଣ୍ଡା ଯୁବ ସଂଗଠନର ସଦସ୍ୟ ପ୍ରତିମା ସିଂ, ତପସ୍ୱିନୀ ସିଂ, ସୁଭଦ୍ରା ସିଂ, ସ୍ୱାତୀ ସିଂ, ଲକ୍ଷ୍ମୀପ୍ରିୟା ସିଂ, ରିତା ସିଂ, ରଶ୍ମିତା ସିଂ ପ୍ରମୁଖ ଯୋଗଦେଇ ମୁଣ୍ଡାରୀ ଭାଷା ଏକ ବହୁ ପୁରାତନ ଭାଷା ଯାହା ସିନ୍ଧୁ ସଭ୍ୟତା ମହେଞ୍ଜୋଦାରୋ ହରପ୍ପା ଇତିହାସରେ ମଧ୍ୟ ପରିଲକ୍ଷିତ ହୁଏ। ରୋହିଦାସଙ୍କ ଆଦର୍ଶ ଓ ଚିନ୍ତାଧାରା ଆଜିର ଯୁବପିଢ଼ି ପାଇଁ ପଥପ୍ରଦର୍ଶକ ଭାବେ କାମ କରୁଛି ବୋଲି ଉପସ୍ଥିତ ଅତିଥିବୃନ୍ଦ କହିଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ସଦସ୍ୟମାନେ ତାଙ୍କ ପ୍ରଦର୍ଶିତ ପଥରେ ଚାଲିବା, ସମାଜସେବାରେ ନିଜକୁ ନିୟୋଜିତ କରିବା, ଯୁବକଙ୍କ ମଧ୍ୟରେ ନୈତିକ ମୂଲ୍ୟବୋଧ ବୃଦ୍ଧି କରିବା ଓ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ମୁଣ୍ଡାରୀ ଭାଷାକୁ ସାମିଲ୍ କରିବା ନିମନ୍ତେ ଲଢ଼େଇ କରିବା ପାଇଁ ଶପଥଗ୍ରହଣ କରିଥିଲେ।

# କେନ୍ଦୁଝରରେ ଖୋଲିଲା ୫ ସବ୍-ରେଜିଷ୍ଟ୍ରେସନ୍ କାର୍ଯ୍ୟାଳୟ




**କେନ୍ଦୁଝର,୫।୨/ଏନ୍‌ଏନ୍‌ଏସ୍:** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ୧୭ଟି ଜିଲ୍ଲାର ୫୬ଟି ତହସିଲ୍‌ରେ ୫୭ଟି ନୂଆ ସବ୍-ରେଜିଷ୍ଟ୍ରେସନ୍ କାର୍ଯ୍ୟାଳୟ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ଆଜିଠାରୁ ରାଜ୍ୟର ସମସ୍ତ ୩୧୭ଟି ତହସିଲ୍‌ରେ ସବ୍-ରେଜିଷ୍ଟ୍ରେସନ୍ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜସ୍ୱ ସେବା ପ୍ରଦାନ ପାଇଁ କାର୍ଯ୍ୟକ୍ଷମ ଥିବା ହ୍ୱାଟ୍ସଆପ୍ ଚାଟ୍‌ବୋଟ୍‌ରେ ଆଉ ୧୧ଟି ପ୍ରମୁଖ ରାଜସ୍ୱ ସେବାକୁ ସାମିଲ୍ କରିଥିଲେ। ଏଣିକି ଜନସାଧାରଣ ହ୍ୱାଟ୍ସଆପ୍ ନଂ- ୯୪୩୭୨୯୨୦୦୦ ନମ୍ବର ଜରିଆରେ ମ୍ୟୁଟେସନ୍ ମାମଲା, କୃଷି ଜମି କିସମ ପରିବର୍ତ୍ତନ, ବାସିନ୍ଦା ପ୍ରମାଣପତ୍ର, ଜାତି ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ଜନଜାତି ପ୍ରମାଣପତ୍ର, ଓବିସି ପ୍ରମାଣପତ୍ର, ଏସ୍‌ଇବିସି ପ୍ରମାଣପତ୍ର, ଲିଗାଲ୍ ହେୟାର ପ୍ରମାଣପତ୍ର, ଇନ୍‌କମ୍ ଆଣ୍ଡ ଆସେଟ୍ ପ୍ରମାଣପତ୍ର ଓ ଗାଡିଆନ୍‌ସିପ୍ ପ୍ରମାଣପତ୍ର ଭଳି ୧୧ଟି ଗୁରୁତ୍ୱପୂର୍ଣ୍ଣ ସେବା ହ୍ୱାଟ୍ସଆପ୍ ମାଧ୍ୟମରେ ଦରଖାସ୍ତ କରିପାରିବେ।

ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲାରେ ନୂତନ ଭାବେ ୫ଟି ନୂତନ ଉପନିବନ୍ଧନ କାର୍ଯ୍ୟାଳୟ ପାଟଣା, ସାହାରପଡ଼ା, ଝୁମ୍ପୁରା, ବାଂଶପାଳ ଓ ହରିଚନ୍ଦନପୁରରେ ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଶାଲ ସିଂହ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, ଜିଲ୍ଲା ନିବନ୍ଧକ ଗଜାନନ ପ୍ରଧାନ, ଜିଲ୍ଲାର ସମସ୍ତ ତହସିଲଦାର୍ ଓ ରାଜସ୍ୱ ଅଧିକାରୀ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସହ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଏହାସହ ତେଲକୋଇ ବିଧାୟକ ଡ଼ ଫକିରମୋହନ ନାଏକ ବାଂଶପାଳରେ ନୂତନ ଭାବେ ଉଦ୍‌ଘାଟିତ ଉପନିବନ୍ଧକ କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ।

**ସିଦ୍ଧି ବିନାୟକ ପବ୍ଲିକ୍ ସ୍କୁଲ୍‌ର ବାର୍ଷିକୋତ୍ସବ**

# 'ପିଲାର ଭବିଷ୍ୟତ ପାଇଁ ୩ ବାହୁର ମିଳିତ ଉଦ୍ୟମ ଲୋଡ଼ା'



**ଖଇରା,୫।୨/ଏନ୍‌ଏନ୍‌ଏସ୍:** ଯେଉଭଳି ୩ଟି ବାହୁର ସମ୍ମିଶ୍ରଣରେ ତ୍ରିଭୁଜ ସୃଷ୍ଟି ହୋଇଥାଏ ସେଭଳି ଗୋଟିଏ ପିଲାର ଭବିଷ୍ୟତ ଗଠନ ପାଇଁ ପରିଚାଳନା କମିଟି, ଶିକ୍ଷକ ଶିକ୍ଷୟିତ୍ରୀ ଓ ମାତାପିତାଙ୍କ ମିଳିତ ଉଦ୍ୟମ ଆବଶ୍ୟକ। ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ ଅନ୍ତର୍ଗତ କୋଟିଆକୋଇଲିସ୍ଥିତ ସିଦ୍ଧି ବିନାୟକ ଆଇଡିଅଲ୍ ପବ୍ଲିକ୍ ସ୍କୁଲ୍‌ର ବାର୍ଷିକୋତ୍ସବରେ ଯୋଗ ଦେଇଥିବା ବକ୍ତାମାନେ ଆଲୋକପାତ କରିଥିଲେ। ସ୍କୁଲ୍ ନିର୍ଦ୍ଦେଶକ ଧର୍ମେନ୍ଦ୍ର ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲେଶ୍ୱର ସିଦ୍ଧି ବିନାୟକ ସ୍କୁଲ୍‌ର ଅଧ୍ୟକ୍ଷ ସୁଧାଂଶୁ ପଣ୍ଡା ମୁଖ୍ୟଅତିଥି, ଖଇରା ମହାବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମୀଧର ନାୟକ ମୁଖ୍ୟବକ୍ତା, ପଦାର୍ଥ ବିଜ୍ଞାନ ଅଧ୍ୟାପକ ଶଶିକାନ୍ତ ପଣ୍ଡା, ଜୀବ ବିଜ୍ଞାନ ଅଧ୍ୟାପକ ରାମଚନ୍ଦ୍ର ଉପାଧ୍ୟାୟ, ଓଡ଼ିଆ ଅଧ୍ୟାପିକା ଡା. ଆଭାରାଣୀ ବଳ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବୁଦ୍ଧିରାମ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି। ଅଧ୍ୟକ୍ଷା ସସ୍ମିତା ନାୟକ ସ୍ୱାଗତ ଭାଷଣ, ସମ୍ପାଦକ ବନିତା ନାୟକ ବିବରଣୀ ପାଠ ଓ ଗାୟତ୍ରୀ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପିଲାଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ, ସ୍ୱାଗତ ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ତହସିଲ୍ ପକ୍ଷରୁ ବାଲି ଗାଡ଼ି ଜବତ

**ସୋର,୫।୨/ଏନ୍‌ଏନ୍‌ଏସ୍:** ସୋର ତହସିଲ୍ ପକ୍ଷରୁ ଚଢ଼ଉ କରାଯାଇ ଏକ ବାଲି ବୋଝେଇ ହାଇୱା ଜବତ କରାଯାଇଛି। ଗୁରୁବାର ସକାଳେ ଚୋରା ବାଲି ଚାଲାଣ ହେଉଥିବା ଖବରପାଇ ସୋର ତହସିଲଦାର୍ ଦୈତାରୀ ମଲ୍ଲିକ ଏକ ଟିମ୍ ସହ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥରେ ଚଢ଼ଉ କରିଥିଲେ। ଏହି ସମୟରେ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ ବାଲି ବୋଝେଇ ହାଇୱାକୁ ଜବତ କରିଥିବାବେଳେ ଏହାର ଚାଳକ ଫେରାର୍ ହୋଇଯାଇଥିଲା। ଚଢ଼ଉ ହେଉଥିବା ଜାଣିପାରି ଅନେକ ବାଲି ଗାଡ଼ି ରାସ୍ତା ବଦଳାଇ ଫେରାର୍ ହୋଇଯାଇଥିବାବେଳେ ଜବତ ବାଲି ଗାଡ଼ିକୁ ସୋର ତହସିଲ୍‌ରେ ରଖାଯାଇଥିବା ଜଣାପଡ଼ିଛି।



# ଜିଲ୍ଲାସ୍ତରୀୟ ସ୍କାଉଟ୍ସ ଓ ଗାଇଡ୍ସ ଶିବିର ଉଦ୍‌ଯାପିତ

**କେନ୍ଦୁଝର,୫।୨/ଏନ୍‌ଏନ୍‌ଏସ୍:** ପିଏମ୍‌ଶ୍ରୀ ସନ୍ତଭେଞ୍ଜ ସରକାରୀ ଉଚ୍ଚବିଦ୍ୟାଳୟରେ ୩୮ତମ ଜିଲ୍ଲାସ୍ତରୀୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସ ଶିବିର ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ କେନ୍ଦୁଝର ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସଭାପତିତ୍ୱ ଓ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ରାମକୃଷ୍ଣ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସମାଜସେବୀ ଶୁକଦେବ ମହାନ୍ତ ଯୋଗଦେଇ ପିଲାଙ୍କୁ ସ୍କାଉଟ୍ସ ଓ ଗାଇଡ୍ସ ମାଧ୍ୟମରେ ସଫଳତା ପାଇବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ସତ୍ୟନାରାୟଣ ମହାନ୍ତ, ରୁଦ୍ରନାରାୟଣ ସାମଲ, ଡିଏନ୍ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରବୀର କୁମାର ମହାନ୍ତି, ସଦର ଗୋଷ୍ଠୀ ଶିକ୍ଷା କମିଶନର ଗାଇଡ୍ସ ସନ୍ତୋଷିନୀ ସେଠୀ, ଲୀଳା ପଡ଼ିଆରୀ ଯୋଗଦେଇ ସ୍କାଉଟ୍ ଓ ଗାଇଡ୍ସଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିର ଦ୍ୱିତୀୟ ଦିବସରେ ଜାତୀୟ ଉପସଭାପତି ତଥା ରାଜ୍ୟ କମିଶନର୍ ସ୍କାଉଟ୍ସ ଓ ଗାଇଡ୍ସ କାଳୀପ୍ରସାଦ ମିଶ୍ର ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ମହାନ୍ତ ଧନ୍ୟବାଦ ଦେଇଥିଲେ।

# ଫ୍ଲୋରାଇଡ୍‌ମୁକ୍ତ ପାନୀୟଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟିତ



**ବାଲେଶ୍ୱର,୫।୨/ଏନ୍‌ଏନ୍‌ଏସ୍:** ଜିଲ୍ଲାର ରେମୁଣା ବ୍ଲକ୍ ଅନ୍ତର୍ଗତ ପତ୍ରିପାଳ ପଞ୍ଚାୟତର ବାହାର୍ଦ୍ଦା ନୋଡାଲ୍ ସ୍କୁଲ୍‌ରେ ଏକ ଫ୍ଲୋରାଇଡ୍‌ମୁକ୍ତ ପାନୀୟଜଳ ଯୋଗାଣ ପ୍ରକଳ୍ପ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଶକୁନ୍ତଳା ରୁମାଟୋଲୋଜି ହସ୍ପିଟାଲ୍ ଓ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ସହଦେବଖୁଣ୍ଟା ଓ ଇଣ୍ଡୋ-ସୁଇଡିଶ୍ ରୁମାଟୋଲୋଜି ଫାଉଣ୍ଡେସନ୍ ଓ ସୁଇଡେନ୍‌ର ଏଚ୍‌ଭିଆର୍‌ର ମିଳିତ ସହଯୋଗରେ ଉକ୍ତ ପ୍ରକଳ୍ପ ସ୍ଥାପିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିସିଆସିସିର ସଭାପତି ସଞ୍ଜୟ କୁମାର ଦାସ ଯୋଗଦେଇ ପ୍ରୟାସକୁ ପ୍ରଶଂସା କରିବା ସହ ସହଯୋଗର ହାତ ବଢ଼େଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟତମ ଅତିଥିଭାବେ ଇର୍ସାଦ ଉଲ୍ଲା ଖାନ୍, ଏଚ୍‌ଭିଆୟର ପ୍ରକଳ୍ପ ଅଧିକାରୀ ଉପସ୍ଥିତ ଥିବାବେଳେ ଟେକ୍ନିସିଆନ୍ ବବୁଲୀ ବାନାର୍ଜୀ ଯୋଗଦେଇ ପ୍ରକଳ୍ପକୁ ଆଗେଇ ନେବା ପାଇଁ ଗ୍ରାମବାସୀଙ୍କୁ ନିବେଦନ କରିଥିଲେ। ଶକୁନ୍ତଳା ରୁମାଟୋଲୋଜି ହସ୍ପିଟାଲ୍ ଓ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍‌ର ମୁଖ୍ୟ ଡା. ରବିନାରାୟଣ ଦାଶ ସରଳ ଓ ସୁନ୍ଦର ଭାବେ ଆଭିମୁଖ୍ୟ ରଖିଥିବାବେଳେ ସ୍ଥାନୀୟ ସରପଞ୍ଚ ବିଦ୍ୟାସ୍ମିତା ମହାଲିକ ସହଯୋଗ କରିଥିଲେ। ଶିକ୍ଷୀ କେଶୁ ଦାସ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ୍ ଅଫ୍ ବାଲେଶ୍ୱର ସଭାପତି ଦେବାଶିଷ ଦାସ ଓ ସଦସ୍ୟ, ନୋସିର କାର୍ଯ୍ୟକାରୀ ନିର୍ଦ୍ଦେଶକ କମଳାକାନ୍ତ ମୁଦୁଲି, ଟିପିଓଏନ୍‌ଏଲ୍‌ର ଏଚ୍‌ଆର୍ ରଞ୍ଜନ ଶର୍ମା, ଆର୍‌ଡିଏଫ୍‌ର ମୁଖ୍ୟ ହରିଶ୍ଚନ୍ଦ୍ର ରାଜ, ପ୍ରଭାକର ଦାସ, ଗଦାଧର ପ୍ରଧାନ ପ୍ରମୁଖଙ୍କ ସମେତ ବହୁ ସମାଜସେବୀ, ଅନୁଷ୍ଠାନର କର୍ମକର୍ତ୍ତା ଓ ସ୍ଥାନୀୟ ଗ୍ରାମବାସୀ ଯୋଗ ଦେଇଥିଲେ। ଇଂ ସୌରଭ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# ଜିଲ୍ଲାସ୍ତରୀୟ ଦକ୍ଷତା ବିକାଶ ତାଲିମ୍ ଶିବିର



**ବାଲେଶ୍ୱର,୫।୨/ଏନ୍‌ଏନ୍‌ଏସ୍:** ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଉଦ୍ୟମରେ ଜିଲ୍ଲାସ୍ତରୀୟ ଦକ୍ଷତା ବିକାଶ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକ (ସାଧାରଣ) ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବା ସହିତ ତାଲିମ୍ ଶିବିରର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। ନିମନ୍ତ୍ରିତ ଅତିଥିଭାବେ ସହକାରୀ ପ୍ରକଳ୍ପ ନିର୍ଦ୍ଦେଶିକା ଡା. ମଧୁସ୍ମିତା ସାମନ୍ତରାୟ, ଅତିରିକ୍ତ ଶିକ୍ଷାଧିକାରୀ ପୂର୍ଣ୍ଣିମା ଦାସ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଖୁସିରାମ ଗୋହିରାଙ୍କ ସମେତ ଅନ୍ୟ ଅଧିକାରୀମାନେ ମଧ୍ୟ ମଞ୍ଚାସୀନ ହୋଇ କିଶୋରୀଙ୍କ ଉଜ୍ଜ୍ୱଳ ଏବଂ ସୁରକ୍ଷିତ ଭବିଷ୍ୟତ ପାଇଁ ବିଭିନ୍ନ ପ୍ରକାରର ଦକ୍ଷତା ବିକାଶର ଆବଶ୍ୟକତା ରହିଛି ବୋଲି ଦର୍ଶାଇଥିଲେ। ଏହି ତାଲିମ୍ କାର୍ଯ୍ୟକ୍ରମ ୧୦ରୁ ୧୯ ବର୍ଷ ବୟସର କିଶୋରୀଙ୍କ ପାଇଁ ଆୟୋଜନ କରାଯାଇଥିଲା। ଏଥିରେ ୪୦ରୁ ଉର୍ଦ୍ଧ୍ୱ କିଶୋରୀ ଭାଗ ନେଇଥିଲେ । ଏଠାରେ ମୌଳିକ କମ୍ପ୍ୟୁଟର୍ ଶିକ୍ଷା, ଇଣ୍ଟରନେଟ୍ ବ୍ୟବହାର, ଇମେଲ୍ ସେଟ୍‌ଅପ୍, ସୁରକ୍ଷିତ ଡିଜିଟାଲ୍ ଅଭ୍ୟାସ, ପ୍ରଭାବଶାଳୀ ଯୋଗାଯୋଗ ଦକ୍ଷତା, ଉପସ୍ଥାପନା ଦକ୍ଷତା ସହିତ ବ୍ୟବହାରିକ ତାଲିମ୍ ଓ ଏକ ଛୋଟ ପ୍ରକଳ୍ପର ପ୍ରସ୍ତୁତି ଆଦି ଉପରେ ତାଲିମ୍ ଦିଆଯାଇଥିଲା। ସରକାରୀ ଆଇଟିଆଇ କଲେଜର ଆଇଟି ମୁଖ୍ୟ, କଲେଜର ଇଂରାଜୀ ଅଧ୍ୟାପକ, ନିଯୁକ୍ତି କାର୍ଯ୍ୟାଳୟର ପ୍ରଶିକ୍ଷକ ଏବଂ ଲିଡ୍ ବ୍ୟାଙ୍କ୍‌ର ମୁଖ୍ୟ ଉପସ୍ଥିତ ରହି ତାଲିମ୍ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଶିଶୁ ପ୍ରକଳ୍ପ ଅଧିକାରୀ, କିଶୋରୀ, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଓ ଜିଲ୍ଲା ମହିଳା ସଶକ୍ତିକରଣ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ପ୍ରୋଟେକ୍ସନ୍ ଅଧିକାରୀ ଯୁଥିକାରାଣୀ ରାୟ ଧନ୍ୟବାଦ ଦେଇଥିଲେ।

**ଦିଲ୍ଲୀ ପବ୍ଲିକ୍ ସ୍କୁଲ୍ ଗ୍ଲୋବାଲ୍‌ର ପୁରସ୍କାର ବିତରଣ ଉତ୍ସବ**

# 'ପରିବାର ଓ ବିଦ୍ୟାଳୟର ମିଳିତ ଚେଷ୍ଟା ହିଁ ଶିଶୁଙ୍କୁ ଶୃଙ୍ଖଳିତ ନାଗରିକ କରିଥାଏ'




**ବାରିପଦା,୫।୨/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ମହୁଲିଆସ୍ଥିତ ଦିଲ୍ଲୀ ପବ୍ଲିକ୍ ସ୍କୁଲ୍ ଗ୍ଲୋବାଲ୍‌ର ଚତୁର୍ଥ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ.ପୁଷ୍ପା ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଡ.ବନଜା ମହାନ୍ତି, ମୁଖ୍ୟବକ୍ତା ଭାବେ ଏମ୍‌ଏସ୍‌ସିବି ୟୁନିଭର୍ସିଟିର ପ୍ରାକ୍ତନ ଏନ୍‌ଏସ୍‌ଏସ୍, ଜିଲ୍ଲା ସଂଯୋଜିକା ଉଷା ଶତପଥୀ ଓ ରାଇରଙ୍ଗପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ସୁନିଲ କୁମାର ଜେନା ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତ୍ୟେକ ବିଦ୍ୟାଳୟ ତା'ର ଶିକ୍ଷାଦାନ, ଶିକ୍ଷଣ ଓ ପାଠ୍ୟକ୍ରମ ଆଦାନ ପ୍ରଦାନ ପ୍ରକ୍ରିୟାର ଯଥାର୍ଥ ଆକଳନ ନିମନ୍ତେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଆୟୋଜନ କରିବା ଅପରିହାର୍ଯ୍ୟ ହୋଇଥିବାବେଳେ ପରିବାର ଓ ବିଦ୍ୟାଳୟର ମିଳିତ ପ୍ରଚେଷ୍ଟା ହିଁ ଶିଶୁଙ୍କୁ ଶୃଙ୍ଖଳିତ ନାଗରିକ କରି ଗଢ଼ି ତୋଳିବାର ପ୍ରକୃଷ୍ଟ ଭିତ୍ତିଭୂମି ବୋଲି କହିଥିଲେ। ପ୍ରାକ୍ତନ ଅଧ୍ୟକ୍ଷ ସଞ୍ଜୟ କୁମାର ସେନ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ୨୦୨୫-୨୬ ଶିକ୍ଷାବର୍ଷରେ ସାମଗ୍ରିକ ଦକ୍ଷତାର ଶ୍ରେଷ୍ଠ ବିବେଚିତ ୪ ଜଣ ଶିକ୍ଷାର୍ଥୀ ଖୁସଜିତ ମହାନ୍ତ, ଯତିନ୍ଦ୍ର ସିଂହ, ସ୍ୱିଟି ମୁର୍ମୁ ଓ ସୁବାସିନୀ ସେନାପତି ତଥା ଶୈକ୍ଷିକ ଦକ୍ଷତା ନିମନ୍ତେ ନିହାର ରଞ୍ଜନ ଧଳ ଓ ବିଗତ ଶିକ୍ଷାବର୍ଷର ଇଂରାଜୀ ଓ ଗଣିତ ଆଲମ୍ପିଆଡ୍ ପରୀକ୍ଷାରେ ପ୍ରଥମ ବିବେଚିତ ଛାତ୍ରୀ ପୂର୍ବଜା ମଣ୍ଡଳଙ୍କୁ ସିଦ୍ଧି -୨୦୨୬ ବିଶେଷ ସମ୍ମାନ ସହ ପଦକ ଦେଇ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ନିର୍ଦ୍ଦେଶନା ପରିଷଦ ପକ୍ଷରୁ ପ୍ରତ୍ୟେକ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ବିଦ୍ୟାଳୟର ପ୍ରଗତି ଦିଗରେ ସେମାନଙ୍କ ସାଧନା ଓ ଏକାଗ୍ରତା ହେତୁ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ ପରିଷଦର ଉପସଭାପତି କୁମୁଦିନୀ ଲିମା ଧନ୍ୟବାଦ ଦେଇଥିଲେ।

# ଗୋରୁ ମାଂସ ବୋଝେଇ କାର୍ ଦୁର୍ଘଟଣାଗ୍ରସ୍ତ, ଚାଳକ ମୃତ



**ଧାମନଗର,୫।୨/ଏନ୍‌ଏନ୍‌ଏସ୍:** ଧାମନଗର ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ଚିଙ୍ଗୁଡ଼ିପୁର ଛକ ନିକଟରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ହେଲେ ଧାମନଗରର ସେକ୍ ମୁସ୍ତାକ୍। ଧାମନଗରରୁ ଗୁରୁବାର ସକାଳ ୫ଟାରେ ଏକ କାର୍‌ରେ ଗୋରୁ ମାଂସ ନେଇ ମୁସ୍ତାକ୍ କଲିକତା ଅଭିମୁଖେ ୧୬ନଂ ଜାତୀୟ ରାଜପଥରେ ଯାଉଥିବା ସମୟରେ ଭାରସାମ୍ୟ ହରାଇ ଚିଙ୍ଗୁଡ଼ିପୁର ଛକ ନିକଟରେ ଏକ ୧୨ ଚକିଆ ଟ୍ରକ୍‌ର ପଛ ପଟକୁ ପିଟିଥିଲେ। ଫଳରେ କାର୍‌ର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗିଯିବା ସହିତ ମୁସ୍ତାକ୍‌ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ଧାମନଗର ପୁଲିସ୍ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଭଦ୍ରକ ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା। ଏହାସହ ଉକ୍ତ କାର୍‌କୁ ଜବତ କରି ଥାନାକୁ ଆଣି ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ନିତିଦିନ NITIDIN

● ବ୍ୟାଡ୍‌ମିଣ୍ଟନ୍ ଏସିଆ ଟିମ୍ ଚାମ୍ପିଅନ୍‌ଶିପ୍

# କ୍ୱାର୍ଟର୍ ଫାଇନାଲ୍‌ରେ ଭାରତ



**ନୂଆଦିଲ୍ଲୀ,୫/୨/ଏଜେନ୍ସି:** ଯୁବ ଶଟ୍‌ଲର୍ ତନ୍‌ଭୀ ଶର୍ମାଙ୍କ ଚମତ୍କାର ପ୍ରଦର୍ଶନ ସତ୍ତ୍ୱେ ଡିଫେଣ୍ଡିଂ ଚାମ୍ପିଅନ୍ ଭାରତ ବ୍ୟାଡ୍‌ମିଣ୍ଟନ୍ ଏସିଆ ଟିମ୍ ଚାମ୍ପିଅନ୍‌ଶିପ୍ ଗ୍ରୁପ୍-ୱାଇର ଦ୍ୱିତୀୟ ମ୍ୟାଚ୍‌ରେ ଗୁରୁବାର ଥାଇଲାଣ୍ଡଠାରୁ ୨-୩ରେ ପରାଜିତ ହୋଇଛି। ଏହି ପରାଜୟ ସତ୍ତ୍ୱେ ଭାରତ କ୍ୱାର୍ଟର୍ ଫାଇନାଲ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି। ମ୍ୟାଁମାର୍‌କୁ ପ୍ରଥମ ମ୍ୟାଚ୍‌ରେ ୫-୦ରେ ହରାଇବା ପରେ ଭାରତ ଗ୍ରୁପ୍‌ରେ ଥାଇଲାଣ୍ଡ ପରେ ଦ୍ୱିତୀୟ ସ୍ଥାନରେ ରହିଛି। ବିଶ୍ୱର ୪୨ତମ ଖେଳାଳି ତଥା ୨୦୨୪ରେ ଐତିହାସିକ ସ୍ୱର୍ଣ୍ଣ ପଦକ ବିଜେତା ଭାରତୀୟ ଟିମ୍ ସଦସ୍ୟ ତନ୍‌ଭୀ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୧୬ଶ ସ୍ଥାନରେ ଥିବା ବୁସାନନ୍ ଓଙ୍ଗାମରୁନଙ୍ଗଫାନ୍‌ଙ୍କୁ ୨-୧୪, ୧୭-୨୧, ୨୧-୧୮ରେ ହରାଇ ଦେଇଥିଲେ। ଏହାପରେ ଗାୟତ୍ରୀ ଗୋପୀଚାନ୍ଦ ଓ ତ୍ରିସା ଜଲିଙ୍କ ଯୋଡ଼ି ମହିଳା ଡବଲ୍‌ସରେ ଟି କ୍ଲିବାୟିସୁନ୍ ଏବଂ ନୱାମୋନ୍ ଲେଇସୁଆନ୍‌ଙ୍କ ଯୋଡ଼ିକୁ ୨୧-୧୪, ୨୦-୨୨, ୨୧-୧୧ରେ ହରାଇଥିଲା। ତେବେ ରକ୍ଷିତା ରାମରାଜ ସିଙ୍ଗଲ୍‌ସରେ ୨୦୨୩ ବିଶ୍ୱ ଜୁନିୟର୍ ଚାମ୍ପିଅନ୍ ପିଚାମୋନ୍ ଓମାତ୍ନିପୁତଙ୍କଠୁ ୧୯-୨୧, ୧୭-୨୧ରେ ହାରି ଯାଇଥିଲେ। ଦ୍ୱିତୀୟ ଡବଲ୍‌ସ ମ୍ୟାଚ୍‌ରେ ତନୀଷା କ୍ରାଷ୍ଟୋ ଓ ଶ୍ରୁତି ମିଶ୍ରଙ୍କୁ ଏଚ୍ ମିଜାଦ୍ ଓ ନାପାପାକୋର୍ନ ତୁଙ୍ଗକାସାତାନ୍ ୧୯-୨୧, ୨୧-୧୪, ୨୧-୧୫ରେ ମାତ୍ ଦେଇଥିଲେ। ଏହା ପୂର୍ବରୁ ପ୍ରଥମ ସିଙ୍ଗଲ୍‌ସରେ ପୋର୍ନପିଚା ଚୋଇକିୱାଙ୍ଗ୍ ୨୧-୧୮, ୨୧-୧୪ରେ ମାଳବିକା ବନ୍‌ସୋଡ୍‌ଙ୍କୁ ହରାଇ ଦେଇଥିଲେ।

ଡବ୍ଲ୍ୟୁପିଏଲ୍: ଦିଲ୍ଲୀ କ୍ୟାପିଟାଲ୍ସ ପୁଣି ହତାଶ

# ଆର୍‌ସିବି ଦ୍ୱିତୀୟ ଥର ଚାମ୍ପିଅନ୍

**ବଡ଼ୋଦରା,୫/୨/ଏଜେନ୍ସି:** ମହିଳା ପ୍ରିମିୟର୍ ଲିଗ୍ (ଡବ୍ଲ୍ୟୁପିଏଲ୍) ୨୦୨୬ ସିଜନ୍‌ର ଫାଇନାଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୬ ୱିକେଟ୍‌ରେ ହରାଇ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଚାମ୍ପିଅନ୍ ହୋଇଛି। ସ୍ଥାନୀୟ କୋଟାମ୍ବୀ ଷ୍ଟାଡିୟମ୍‌ରେ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଆର୍‌ସିବିକୁ ୨୦୪ ରନ୍‌ର ଲକ୍ଷ୍ୟ ଦେଇଥିଲା। ଏହାକୁ ଆର୍‌ସିବି ଶେଷ ଓଭର୍‌ରେ ହାସଲ କରିନେଇଛି। ଏହା ଡବ୍ଲ୍ୟୁପିଏଲ୍‌ରେ ଆର୍‌ସିବିର ଦ୍ୱିତୀୟ ଟାଇଟଲ୍। ଏହା ପୂର୍ବରୁ ଟିମ୍ ୨୦୨୪ରେ ଏହି ଟାଇଟଲ୍ ଜିତିବାରେ ସଫଳ ହୋଇଥିଲା। ଅନ୍ୟପକ୍ଷରେ ଦିଲ୍ଲୀ କ୍ୟାପିଟାଲ୍ସ ପୁଣିଥରେ ଟାଇଟଲ୍ ଜିତିବାରେ ବିଫଳ ହୋଇଛି। ଦିଲ୍ଲୀ କ୍ୟାପିଟାଲ୍ସ ଚାରିଟି ଯାକ ସିଜନ୍‌ର ଫାଇନାଲ୍‌ରେ ପ୍ରବେଶ କରିଥିଲେ ମଧ୍ୟ ଟିମ୍‌କୁ ନିରାଶ ହେବାକୁ ପଡ଼ିଛି। ମୁମ୍ବାଇ ଇଣ୍ଡିଆନ୍ସ ୨୦୨୩ ଓ ୨୦୨୫ରେ ଟାଇଟଲ୍ ନିଜ ନାମରେ କରିଥିଲେ।



୨୦୪ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ଆର୍‌ସିବି ପ୍ରଥମରୁ ହିଁ ଓପ୍ନର୍ ଗ୍ରେସ୍ ହାରିସ୍‌ଙ୍କ ୱିକେଟ୍ ହରାଇଥିଲା। ହାରିସ୍ ୯ ରନ୍ କରିଥିବା ବେଳେ ଚିନେଲି ହେନ୍‌ରୀଙ୍କ ବଲ୍‌ରେ ବୋଲ୍ଡ ହୋଇଥିଲେ। ଏହାପରେ କ୍ୟାପ୍‌ଟେନ୍ ସ୍ମୃତି ମନ୍ଧାନା ଓ ଜର୍ଜିୟା ବୋଲ୍ ଦ୍ୱିତୀୟ ୱିକେଟ୍ ପାଇଁ ୯୨ ବଲ୍‌ରେ ୧୬୫ ରନ୍‌ର ଜବରଦସ୍ତ ପାର୍ଟନରଶିପ୍ କରିଥିଲେ। ଏହା ମହିଳା ପ୍ରିମିୟର୍ ଲିଗ୍‌ରେ କୌଣସି ୱିକେଟ୍ ପାଇଁ ସର୍ବାଧିକ ପାର୍ଟନରଶିପ୍। ବୋଲ୍ ୫୪ ବଲ୍‌ରେ ୧୪ ଚୌକା ସହାୟତାରେ ୭୯ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ ରିଚା ଘୋଷ ମାତ୍ର ୬ ରନ୍ କରି ଫେରିଥିଲେ। ରିଚାଙ୍କ ଆଉଟ୍ ପରେ ଚେନେଲେ ହେନ୍‌ରୀ ମନ୍ଧାନାଙ୍କ ଇନିଂସ୍‌ର ଅନ୍ତ ଘଟାଇଥିଲେ। ମନ୍ଧାନା ୪୧ ବଲ୍‌ରେ ୧୨ ଚୌକା ଓ ତିନି ଛକା ସହାୟତାରେ ସର୍ବାଧିକ ୮୭ ରନ୍ କରିଥିଲେ। ପରେ ନାଦିନ ଡି କ୍ଲର୍କ (୭*) ଓ ରାଧା ଯାଦବ (୧୨*) ଟିମ୍‌କୁ ୧୯.୪ ଓଭର୍‌ରେ ବିଜୟୀ କରାଇଥିଲେ। ଦିଲ୍ଲୀ ପକ୍ଷରୁ ଚେନେଲେ ହେନ୍‌ରୀ ୨ଟି ୱିକେଟ୍ ନେଇଥିବା ବେଳେ ନନ୍ଦନୀ ଶର୍ମା ଓ ମିନୁ ରାଣୀଙ୍କୁ ୧-୧ ସଫଳତା ମିଳିଥିଲା।

ଏହା ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଥିବା ଦିଲ୍ଲୀ କ୍ୟାପିଟାଲ୍ସ କ୍ୟାପ୍‌ଟେନ୍ ୪ ୱିକେଟ୍‌ରେ ୨୦୩ ରନ୍ କରିଥିଲା। ଟିମ୍ ପକ୍ଷରୁ କ୍ୟାପ୍‌ଟେନ୍ ଜେମିମା ରଡ୍ରିଗ୍ସ ସର୍ବାଧିକ ୩୭ ବଲ୍‌ରେ ୫୭ ରନ୍ କରିଥିଲେ। ଏଥିରେ ୮ ଚୌକା ସାମିଲ ଥିଲା। ସେହିପରି ଲୌରା ୱୋଲ୍‌ଭର୍ଡଟ୍ ୩ ଚୌକା ଓ ଦୁଇ ଛକା ବଳରେ ୨୫ ବଲ୍‌ରେ ୪୪ ରନ୍‌ର ଯୋଗଦାନ ଦେଇଥିଲେ। ୱିକେଟ୍‌କିପର୍ ବ୍ୟାଟର୍ ଲିଜେଲ୍ ଲି ମଧ୍ୟ ବିସ୍ଫୋରକ ବ୍ୟାଟିଂ କରିଥିଲେ। ସେ ତିନିଟି ଲେଖାଏଁ ଚୌକା ଓ ଛକା ସହାୟତାରେ ୩୦ ବଲ୍‌ରେ ୩୭ ରନ୍‌ର ଇନିଂସ୍ ଖେଳିଥିଲେ। ଚିନେଲେ ହେନ୍‌ରୀ ୪ ଚୌକା ଓ ଦୁଇ ଛକା ସହାୟତାରେ ମାତ୍ର ୧୫ ବଲ୍‌ରେ ୩୫ ରନ୍ କରିଥିଲେ। ଆର୍‌ସିବି ପକ୍ଷରୁ ନାଦିନ୍ ଡି କ୍ଲର୍କ, ସୟାଲୀ ସତଘରେ ଏବଂ ଅରୁନ୍ଧତି ରେଡ୍ଡୀ ୧-୧ ୱିକେଟ୍ ହାସଲ କରିଥିଲେ।

ସୁପ୍ରିମ୍‌କୋର୍ଟରେ ଅନୁରାଗ ଠାକୁରଙ୍କୁ ଆଶ୍ୱସ୍ତି

# ହଟିଲା ନଅବର୍ଷ ପୁରୁଣା ବ୍ୟାନ୍



ଏବେ ବିସିସିଆଇ ବ୍ୟାପାରରେ ନେଇପାରିବେ ଭାଗ

**ନୂଆଦିଲ୍ଲୀ,୫/୨/ଏଜେନ୍ସି:** ବିସିସିଆଇର ପୂର୍ବତନ ସଭାପତି ତଥା ବିଜେତା ଲୋକସଭା ସାଂସଦ ଅନୁରାଗ ଠାକୁରଙ୍କୁ ସୁପ୍ରିମ୍‌କୋର୍ଟରୁ ବଡ଼ ଆଶ୍ୱସ୍ତି ମିଳିଛି। ସର୍ବୋଚ୍ଚ କୋର୍ଟ ଗୁରୁବାର ନିଜ ୯ ବର୍ଷ ପୁରୁଣା ଆଦେଶ ବଦଳାଇ ଦେଇଛନ୍ତି। ନିୟମ ଏବଂଠାକୁରଙ୍କ ଉପରେ ଲାଗିଥିବା ଲାଇଫ୍ ଟାଇମ୍ ବ୍ୟାନ୍ ହଟାଇ ଦେଇଛନ୍ତି। ଏବେ ସେ ଭାରତୀୟ କ୍ରିକେଟ୍‌ର ସଞ୍ଚାଳନ ବୋର୍ଡର ବ୍ୟାପାରରେ ସାମିଲ ହୋଇପାରିବେ।

ଲୋଢ଼ା କମିଶନ୍ ସୁପାରିସ କାର୍ଯ୍ୟକାରୀ କରିନଥିବାରୁ ସୁପ୍ରିମ୍‌କୋର୍ଟ ୨୦୧୭ ଜାନୁଆରୀ ୨ ତାରିଖରେ ଠାକୁରଙ୍କୁ ବିସିସିଆଇ ଠାରୁ ଦୂରେଇ ରହିବାକୁ କହିଥିଲେ। କୋର୍ଟ କହିଛନ୍ତି ତାଙ୍କ ବିରୋଧରେ ଲାଇଫ୍ ଟାଇମ୍ ବ୍ୟାନ୍ ଲଗାଇବା ଠିକ୍ ନଥିଲା କିମ୍ବା ଏହାର କୌଣସି ଉଦ୍ଦେଶ୍ୟ ଥିଲା। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ବେଞ୍ଚ୍ କହିଛନ୍ତି, ଏହା ଆନୁପାତିକତା ସିଦ୍ଧାନ୍ତ ଲାଗୁ କରିବାର ଠିକ୍ ମାମଲା। ଏବେ ସେ ବିସିସିଆଇ ବ୍ୟାପାରରେ ଅଂଶଗ୍ରହଣ କରିବାକୁ ସମ୍ପୂର୍ଣ୍ଣ ମୁକ୍ତ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଓ ବିଚାର ଜୟମାଲ୍ୟ ବାଗ୍‌ଚୀଙ୍କ ବେଞ୍ଚ୍ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଅନୁରାଗ ଠାକୁର ପୂର୍ବରୁ ହିଁ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିସାରିଛନ୍ତି ଏବଂ କୋର୍ଟ ମଧ୍ୟ ଏହାକୁ ସ୍ୱୀକାର କରିନେଇଥିଲା।

■ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ପାଇଁ ଭାରତୀୟ ଟିମ୍ ଘୋଷିତ

# ଓଡ଼ିଶାର ରୋସନ୍ କୁଜୁର୍ ନୂଆ ମୁହଁ



ଭାରତୀୟ ହନୂଆଦିଲ୍ଲୀ,୫/୨/ଏଜେନ୍ସି: ଏଫ୍‌ଆଇଏଚ୍ ପୁରୁଷ ପ୍ରୋ ଲିଗ୍ ୨୦୨୫-୨୬ ଟୁର୍ଣ୍ଣାମେଣ୍ଟର ରାଉରକେଲା ଚରଣ ପାଇଁ ହକି ଇଣ୍ଡିଆ ଗୁରୁବାର ୨୪ ଜଣିଆ ଭାରତୀୟ ଟିମ୍ ଘୋଷଣା କରିଛି। ଟୁର୍ଣ୍ଣାମେଣ୍ଟ ଫେବୃଆରୀ ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ରାଉରକେଲାର ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଆୟୋଜିତ ହେବ। ଏଥିରେ ଆୟୋଜକ ଭାରତ ବ୍ୟତୀତ ଆର୍ଜେଣ୍ଟିନା ଓ ବେଲ୍‌ଜିୟମ୍ ଟିମ୍ ଅଂଶଗ୍ରହଣ କରିବେ। ଟିମ୍‌ରେ ୨୧ ବର୍ଷୀୟ ଓଡ଼ିଶା ଖେଳାଳି ରୋସନ୍ କୁଜୁରଙ୍କୁ ନୂଆ ମୁହଁ ଭାବେ ସାମିଲ କରାଯାଇଛି। ରୋସନ୍ କୁଜୁର୍ ଚେନ୍ନାଇରେ ଆୟୋଜିତ ଏଫ୍‌ଆଇଏଚ୍ ଜୁନିୟର୍ ବିଶ୍ୱକପ୍ ୨୦୨୫ରେ ବ୍ରୋଞ୍ଜ୍ ପଦକ ଜିତିଥିବା ଭାରତୀୟ ଟିମ୍‌ର ସଦସ୍ୟ ଥିଲେ। ଏହା ବ୍ୟତୀତ ସେ ହିରୋ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଚ୍) ୨୦୨୫-୨୬ ଟାଇଟଲ୍ ଜିତିଥିବା ବେଦାନ୍ତ କଳିଙ୍ଗ ଲାନ୍ସର୍ସ ପକ୍ଷରୁ ପ୍ରମୁଖ ଭୂମିକା ତୁଲାଇଥିଲେ। ସେହିପରି ଜୁନିୟର୍ ବିଶ୍ୱକପ୍ ବ୍ରୋଞ୍ଜ୍ ପଦକ ବିଜେତା ଭାରତୀୟ ଟିମ୍‌ର ସଦସ୍ୟ ଥିବା ମନମିତ୍ ସିଂହଙ୍କୁ ମଧ୍ୟ ଟିମ୍‌ରେ ସ୍ଥାନ ମିଳିଛି। ଟୁର୍ଣ୍ଣାମେଣ୍ଟରେ ଭାରତ ଫେବୃଆରୀ ୧୧ରେ ବେଲ୍‌ଜିୟମ୍ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ଏହାପରେ ୧୨ ତାରିଖରେ ଆର୍ଜେଣ୍ଟିନାକୁ ଭେଟିବ। ସେହିପରି ଫେବୃଆରୀ ୧୪ରେ ପୁଣିଥରେ ବେଲ୍‌ଜିୟମ୍‌କୁ ଏବଂ ୧୫ରେ ଆର୍ଜେଣ୍ଟିନାକୁ ଭେଟିବ। ସମସ୍ତ ମ୍ୟାଚ୍ ସନ୍ଧ୍ୟା ସାଢ଼େ ୭ଟା ବେଳେ ଆରମ୍ଭ ହେବ।

**ଭାରତୀୟ ଟିମ୍:** ଗୋଲ୍‌କିପର୍- ସୁରଜ କେରକେଟା, ପୱନ୍। ଡିଫେଣ୍ଡର୍- ଅମିତ ରୋହିଦାସ, ଜର୍ମନ୍‌ପ୍ରୀତ୍ ସିଂହ, ଜୁଗରାଜ ସିଂହ, ହରମନ୍‌ପ୍ରୀତ୍ ସିଂହ, ସୁମିତ, ସଞ୍ଜୟ, ନିଲମ୍ ସଞ୍ଜୀପ୍ ଖେସ୍, ଅମନଦୀପ୍ ଲାକ୍ରା। ମିଡ୍‌ଫିଲ୍ଡର- ରାଜିନ୍ଦର ସିଂହ, ମନମିତ୍ ସିଂହ, ବିବେକ ସାଗର ପ୍ରସାଦ, ହାର୍ଦ୍ଦିକ ସିଂହ, ମୋଇରାଙ୍ଗଥେମ୍ ରବିଚନ୍ଦ୍ର ସିଂହ, ନୀଳକାନ୍ତ ଶର୍ମା, ରୋସନ୍ କୁଜୁର୍। ଫରୱାର୍ଡ- ଅଭିଷେକ, ସୁଖଜିତ୍ ସିଂହ, ଶିଳାନନ୍ଦ ଲାକ୍ରା, ସେଲ୍‌ଭାନ୍ କାର୍ତ୍ତି, ମନଦୀପ୍ ସିଂହ, ଅରାଇଜିତ୍ ସିଂହ ହୁଣ୍ଡାଲ୍, ଆଦିତ୍ୟ ଅର୍ଜୁନ୍ ଲାଲାଗେ।

କ୍ୟାପ୍‌ଟେନ୍ ସୂର୍ଯ୍ୟକୁମାରଙ୍କ ବଡ଼ ବୟାନ

# ପାକିସ୍ତାନ ସହ ମ୍ୟାଚ୍ ପାଇଁ ଆମେ ପ୍ରସ୍ତୁତ



**ମୁମ୍ବାଇ,୫/୨/ଏଜେନ୍ସି:** ଟି-୨୦ ବିଶ୍ୱକପ୍‌ରେ ପାକିସ୍ତାନ ବିପକ୍ଷ ମ୍ୟାଚ୍‌କୁ ନେଇ ଚାଲିଥିବା ଚର୍ଚ୍ଚା ମଧ୍ୟରେ ଭାରତୀୟ କ୍ୟାପ୍‌ଟେନ୍ ସୂର୍ଯ୍ୟକୁମାର ଯାଦବ ଟିମ୍ ଇଣ୍ଡିଆ ଦୃଷ୍ଟିକୋଣ ସ୍ପଷ୍ଟ କରିଛନ୍ତି। ଗୁରୁବାର ମୁମ୍ବାଇରେ ଆୟୋଜିତ କ୍ୟାପ୍‌ଟେନ୍ସ ଡେ଼ ଅବସରରେ ସୂର୍ଯ୍ୟା କହିଛନ୍ତି, ଭାରତ ମ୍ୟାଚ୍ ଖେଳିବ। ବିପକ୍ଷ ଟିମ୍ ଖେଳିବାକୁ ନଚାହିଁବା ତା ଇଚ୍ଛା। ସୂର୍ଯ୍ୟା କହିଛନ୍ତି, 'ଆମ ମାଇଣ୍ଡସେଟ୍ ବିଲ୍‌କୁଲ୍ ସ୍ପଷ୍ଟ। ଆମେ ଖେଳିବାକୁ ମନା କରିନାହୁଁ, ସେପଟୁ ମନା କରାଯାଇଛି। ଆଇସିସି ମ୍ୟାଚ୍ କାର୍ଯ୍ୟସୂଚୀ ସ୍ଥିର କରିଛି ଏବଂ ଆମେ ଖେଳିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛୁ। ଆମର ଟିକେଟ୍ ମଧ୍ୟ ବୁକ୍ ସରିଛି ଏବଂ ଆମେ ଦିଲ୍ଲୀ ପରେ କଲମ୍ବୋ ଯିବୁ।' ଟି-୨୦ ବିଶ୍ୱକପ୍ ଫେବୃଆରୀ ୭ରୁ ଆରମ୍ଭ ହେବାକୁ ଯାଉଛି। ଫେବୃଆରୀ ୧୫ ତାରିଖରେ ଭାରତ ଓ ପାକିସ୍ତାନ ମୁକାବିଲା ରହିଛି, ମାତ୍ର ପାକିସ୍ତାନ ସରକାର ଏହି ମ୍ୟାଚ୍ ବହିଷ୍କାର ଘୋଷଣା କରିଛନ୍ତି।

କ୍ୟାପ୍‌ଟେନ୍ସ ଡେ' ଗୁରୁବାର ଦୁଇଟି ସହର ମୁମ୍ବାଇ ଓ କଲମ୍ବୋରେ ଆୟୋଜିତ ହୋଇଛି। ଏଥିରେ ଅଂଶଗ୍ରହଣକାରୀ ସମସ୍ତ ଟିମ୍‌ର କ୍ୟାପ୍‌ଟେନ୍‌ମାନେ ଭାଗ ନେଇଛନ୍ତି। ମୁମ୍ବାଇରେ କଥାବାର୍ତ୍ତା ବେଳେ ସୂର୍ଯ୍ୟକୁମାର ଯାଦବ ଡ୍ରେସିଂ ରୁମ୍‌ରେ ଟିମ୍ ଇଣ୍ଡିଆ କୋଚ୍ ଗୌତମ ଗମ୍ଭୀରଙ୍କ ପ୍ରଭାବ ସମ୍ପର୍କରେ କହିଛନ୍ତି। ସେ କହିଛନ୍ତି, ଗମ୍ଭୀର ଟିମ୍ ଭିତରେ ଯେଉଁ ପରିବେଶ ସୃଷ୍ଟି କରିଛନ୍ତି, ତାହା ବହୁ ସକାରାତ୍ମକ। ଡ୍ରେସିଂ ରୁମ୍‌ର ପରିବେଶ ମଧ୍ୟ ବହୁ ସହଜ ରହୁଛି।

## ଦେଶ ବିଦେଶ

### ଗଦ୍ଦାଫିଙ୍କ ପୁଅଙ୍କୁ ଗୁଳିକରି ହତ୍ୟା

**ତ୍ରିପୋଲି, ୫/୨/ଏଜେନ୍ସି:** ଲିବ୍ୟାର ପୂର୍ବତନ ଏକଛତ୍ରବାଦୀ ମୁଅମ୍ମର ଗଦ୍ଦାଫିଙ୍କ ପୁଅ ସୈଫ୍ ଅଲ୍-ଇସଲାମ ଗଦ୍ଦାଫିଙ୍କୁ ମଙ୍ଗଳବାର ଗୁଳି କରି ହତ୍ୟା କରାଯାଇଛି। ସେ ଲିବ୍ୟାରେ ଅନୁଷ୍ଠିତ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ଅନ୍ୟତମ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପ୍ରସ୍ତୁତି ଚଳାଇଥିବା ବେଳେ ତାଙ୍କୁ ଜିଣ୍ଟାନ୍ ସହରରେ ଥିବା ତାଙ୍କ ଘର ସମ୍ମୁଖରେ ହିଁ ଗୁଳିକରି ହତ୍ୟା କରାଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ୍ ମୁତାବକ ୪ ମୁଖାଧାରୀ ସଶସ୍ତ୍ର ବ୍ୟକ୍ତି ହଠାତ୍ ଆସି ସୈଫ୍ ଗଦ୍ଦାଫିଙ୍କ ଘର ଉପରେ ଗୁଳିମାଡ଼ କରିଥିଲେ ଏହାପରେ ସେମାନେ ଘର ଭିତରକୁ ମଧ୍ୟ ପ୍ରବେଶ କରି ଗୁଳି ଚଳାଇଥିବାର ଶବ୍ଦ ଶୁଣିବାକୁ ମିଳିଥିଲା। ପ୍ରକାଶ, ସୈଫ୍ ଅଲ୍-ଇସଲାମ ଗଦ୍ଦାଫିଙ୍କ ବିରୋଧରେ ଅନେକ ଅପରାଧିକ ମାମଲା ଥିବାରୁ ତାଙ୍କୁ ୨୦୧୫ରେ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ତେବେ ୨୦୧୭ରେ ସେ କ୍ଷମାପ୍ରାର୍ଥନା କରିବା ପରେ ତାଙ୍କୁ ମୁକ୍ତ କରାଯାଇଥିଲା।

୩୦୦ କର୍ମଚାରୀଙ୍କୁ ଛଟେଇ କଲା ୱାଶିଂଟନ୍ ପୋଷ୍ଟ

# ଚାକିରି ହରାଇଲେ ଶଶି ଥରୁର୍‌ଙ୍କ ପୁଅ



**ୱାଶିଂଟନ ଡିସି, ନୂଆଦିଲ୍ଲୀ, ୫/୨/ଏଜେନ୍ସି:** ବିଶ୍ୱର ଅନ୍ୟତମ ପ୍ରତିଷ୍ଠିତ ସମ୍ବାଦଭିତ୍ତିକ ଦୈନିକ ଖବରକାଗଜ 'ୱାଶିଂଟନ୍ ପୋଷ୍ଟ' ବୁଧବାର ଦିନ ଆକସ୍ମିକ ଭାବେ ପ୍ରାୟ ୩୦୦ କାର୍ଯ୍ୟରତ ସାମ୍ବାଦିକଙ୍କୁ କାର୍ଯ୍ୟରୁ ଛଟେଇ କରିଛି। ଛଟେଇ ହୋଇଥିବା ସାମ୍ବାଦିକଙ୍କ ମଧ୍ୟରେ ଭାରତୀୟ ନାଗରିକ ଈଶାନ୍ତ ଥରୁର ମଧ୍ୟ ସାମିଲ ଅଛନ୍ତି। ପ୍ରକାଶ, ଈଶାନ୍ ଥରୁର, କଂଗ୍ରେସର ବରିଷ୍ଠ ସାଂସଦ ଶଶି ଥରୁର୍‌ଙ୍କ ପୁଅ ଅଟନ୍ତି। ସେ ୱାଶିଂଟନ୍ ପୋଷ୍ଟରେ ଜଣେ ସ୍ତମ୍ଭକାର ଭାବେ କାର୍ଯ୍ୟ କରିଆସୁଥିଲେ। ୱାଶିଂଟନ୍ ପୋଷ୍ଟର ଏପ୍ରକାର ଛଟେଇ ସମ୍ପର୍କରେ ଈଶାନ ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ'ରେ ସୂଚନା ଦେଇଛନ୍ତି।

ୱାଶିଂଟନ୍ ପୋଷ୍ଟର କାର୍ଯ୍ୟନିର୍ବାହୀ ସମ୍ପାଦକ ମ୍ୟାଟ୍ ମୁରେ କହିଛନ୍ତି ଯେ, କମ୍ପାନୀର କ୍ଷତିକୁ ଦୃଷ୍ଟିରେ ରଖି ଏପ୍ରକାର ନିଷ୍ପତ୍ତି ନିଆଯାଇଛି। ଗତ ୨ ବର୍ଷ ମଧ୍ୟରେ ୱାଶିଂଟନ ପୋଷ୍ଟକୁ ପ୍ରାୟ ୧୫୦୦ କୋଟିରୁ ଅଧିକ ପରିମାଣର କ୍ଷତି ସହ୍ୟ କରିବାକୁ ପଡ଼ିଛି। ଫଳରେ ସମ୍ବାଦପତ୍ରର ପରିଚାଳନା ଟିମ୍ ତାଙ୍କ ସମେତ ପ୍ରାୟ ୩୦୦ ଅନ୍ତର୍ଜାତୀୟସ୍ତରୀୟ ସାମ୍ବାଦିକଙ୍କୁ ଛଟେଇ କରିଛି। ଏହା ନ୍ୟୁଜରୁମ୍ ପାଇଁ ଏକ ଅତ୍ୟନ୍ତ ଦୁଃଖଦ ଦିନ କିନ୍ତୁ ଏପ୍ରକାର କଷ୍ଟକର ନିଷ୍ପତ୍ତି ନେବାକୁ କମ୍ପାନୀ ବାଧ୍ୟ ହୋଇଛି। ତେବେ ଏହି ଛଟେଇର ଅଂଶ ଭାବରେ କ୍ରୀଡା ବିଭାଗ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି, ଯଦିଓ କିଛି ରିପୋର୍ଟର ଫିଚର୍ସ ବିଭାଗକୁ ସ୍ଥାନାନ୍ତରିତ ହେବେ ଏବଂ କ୍ରୀଡା ସଂସ୍କୃତି କଭରେଜ୍ ଜାରି ରଖିବେ। ସେହିପରି ସ୍ଥାନୀୟ ଖବର ବିଭାଗ ହ୍ରାସ କରାଯିବ, ପୁସ୍ତକ ବିଭାଗ ବନ୍ଦ କରାଯିବ, ଏବଂ ଦୈନିକ ଖବର ପଡକାଷ୍ଟ 'ପୋଷ୍ଟ ରିପୋର୍ଟ' ମଧ୍ୟ ବନ୍ଦ କରାଯିବ। ତାଙ୍କ କହିବାନୁସାରେ ସମ୍ବାଦପତ୍ରକୁ ପରିବର୍ତ୍ତନଶୀଳ

ବନ୍ଦ ହେଲା କ୍ରୀଡ଼ା ବିଭାଗ, ଭାରତୀୟ ଟିମ୍

ପ୍ରଯୁକ୍ତିବିଦ୍ୟା ଏବଂ ପାଠକ ଅଭ୍ୟାସ ସହିତ ଖାପ ଖୁଆଇବାକୁ ପଡିବ। ସମ୍ବାଦପତ୍ରର ଧ୍ୟାନ ମୁଖ୍ୟତଃ ଜାତୀୟ ଖବର, ରାଜନୀତି, ବ୍ୟବସାୟ ଏବଂ ସ୍ୱାସ୍ଥ୍ୟ ଉପରେ ରହିବ, ଯେତେବେଳେ ଅନ୍ୟ କ୍ଷେତ୍ରରେ କଭରେଜ୍ ଯଥେଷ୍ଟ ହ୍ରାସ ପାଇବ।

ୱାଶିଂଟନ୍ ପୋଷ୍ଟ ମଧ୍ୟପ୍ରାଚ୍ୟ, ଭାରତ ଏବଂ ଅଷ୍ଟ୍ରେଲିଆରେ ଅନେକ ରିପୋର୍ଟର ଏବଂ ସମ୍ପାଦକମାନଙ୍କୁ ମଧ୍ୟ ଛଟେଇ କରିଛି। ଯେଉଁ କର୍ମଚାରୀମାନଙ୍କୁ ଛଟେଇ କରାଯାଇଛି ସେମାନେ ଏପ୍ରିଲ ୧୦ ପର୍ଯ୍ୟନ୍ତ କମ୍ପାନୀରେ ରହିବେ, ଯଦିଓ ସେମାନଙ୍କୁ କାମ କରିବାର ଆଶା କରାଯିବ ନାହିଁ। ସେମାନେ ୬ ମାସ ପାଇଁ ସ୍ୱାସ୍ଥ୍ୟ ବୀମା ଲାଭ ପାଇବା ଜାରି ରଖିବେ ବୋଲି କମ୍ପାନୀ କହିଛି। ସୂଚନାଯୋଗ୍ୟ, ୱାଶିଂଟନ୍ ପୋଷ୍ଟ ହେଉଛି ଏକ ପ୍ରସିଦ୍ଧ ଆମେରିକୀୟ ଖବରକାଗଜ, ଯାହା ୧୮୭୭ ମସିହାରେ ପ୍ରତିଷ୍ଠିତ ହୋଇଥିଲା। ଏହାକୁ ଯୁକ୍ତରାଷ୍ଟ୍ରର ସବୁଠାରୁ ପ୍ରଭାବଶାଳୀ ଖବରକାଗଜ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ। ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସ୍ ୨୦୧୩ରେ ୱାଶିଂଟନ୍ ପୋଷ୍ଟ କିଣିଥିଲେ।

ଚାଇନିଜ୍ ମାଞ୍ଜା ସୂତା ମାମଲାରେ ଯୋଗୀଙ୍କ ବଡ଼ କାର୍ଯ୍ୟାନୁଷ୍ଠାନ

# ଏପ୍ରକାର ଘଟଣାକୁ ଏଣିକି ହତ୍ୟା ଭାବେ ବିବେଚନା କରାଯିବ: ମୁଖ୍ୟମନ୍ତ୍ରୀ

**ଲକ୍ଷ୍ନୌ, ୫/୨/ଏଜେନ୍ସି:** ରାଜ୍ୟରେ ଚାଇନିଜ୍ ମାଞ୍ଜା ସୁତା ଯୋଗୁ ବଢୁଥିବା ମୃତ୍ୟୁ ଘଟଣାକୁ ନେଇ ରାଜ୍ୟ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ରିପୋର୍ଟ ଅନୁସାରେ ନିଷିଦ୍ଧ ଚାଇନିଜ୍ ମାଞ୍ଜା ସୁତା ଦ୍ୱାରା ହେଉଥିବା ଯେକୌଣସି ମୃତ୍ୟୁକୁ ଏଣିକି ହତ୍ୟା ଭାବରେ ବିବେଚନା କରାଯିବ ବୋଲି ଆଜି ଘୋଷଣା କରିଛନ୍ତି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ। ଯୋଗୀ ରାଜ୍ୟ ପୁଲିସ୍ ପ୍ରଶାସନକୁ ଏନେଇ ରାଜ୍ୟୱାରୀ ଏକ ବ୍ୟାପକ ଚଢ଼ଉ ଅଭିଯାନ ମଧ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯୋଗୀ କହିଛନ୍ତି ଏହି ଘଟଣା ଉପରେ ନିୟମିତ ବ୍ୟବଧାନରେ ଏକ ଉଚ୍ଚସ୍ତରୀୟ ବୈଠକ କରାଯିବ ଏବଂ ଏଥିରେ ଘଟଣା ତଥା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସମୀକ୍ଷା କରାଯିବ। ଦିନକ ପୂର୍ବେ ଅର୍ଥାତ୍ ବୁଧବାର ଲକ୍ଷ୍ନୌରେ ଚାଇନିଜ୍ ମାଞ୍ଜା ସୁତାରେ ଜଣେ ବ୍ୟକ୍ତିଙ୍କର ଗଳା କଟିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଚେତାବନୀ ଦିଆଯାଇଛି। ପ୍ରକାଶ, ଗତ ୬ ମାସ ମଧ୍ୟରେ, ରାଜ୍ୟବ୍ୟାପୀ ସମାନ ଘଟଣାରେ ପ୍ରାୟ ୭ଜଣ ପ୍ରାଣ ହରାଇଛନ୍ତି। ସେହିପରି ଅନେକ ଲୋକ ଗୁରୁତର ଭାବେ ଆହତ ହୋଇଥିବା ନେଇ ମଧ୍ୟ ସୂଚନା ରହିଛି। ବୁଧବାର ବାଇକ୍ ଚଲାଉଥିବାବେଳେ ଚାଇନିଜ୍ ମାଞ୍ଜା ସୂତାରେ ଗଳା କଟି ଜଣେ ବ୍ୟକ୍ତି ଗୁରୁତର ହୋଇଥିଲେ। ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ମହମ୍ମଦ ସୋଏବ(୩୩) ବୋଲି ଜଣାପଡିଛି। ପୂର୍ବରୁ ମଧ୍ୟ ବାରମ୍ବାର ଏଭଳି ଘଟଣା ସାମ୍ନାକୁ ଆସିଛି। ସୁତରାଂ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ଚାଇନିଜ୍ ମାଞ୍ଜା ସୁତାର ବିକ୍ରୟ ଏବଂ ବ୍ୟବହାର ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଘୋଷଣା କରିଛନ୍ତି।

# କେରଳରୁ ୧୮ ହଜାର ଜେଲେଟିନ୍ ଷ୍ଟିକ୍ ଜବତ

**ଥିରୁଅନନ୍ତପୁରମ୍, ୫/୨/ଏଜେନ୍ସି:** କେରଳରେ ପୁଳା ପୁଳା ବିସ୍ଫୋରକ ଜବତ କରାଯାଇଥିବା ନେଇ ସୂଚନା ମିଳିଛି। ରିପୋର୍ଟ ଅନୁସାରେ ପାଲକ୍କଡ ପୁଲିସ୍ ଏକ ସନ୍ଦିଗ୍ଧ ସ୍ଥାନରୁ ପ୍ରାୟ ଶହେଟି ବକ୍ସ ଜବତ କରିଥିବା ବେଳେ ଏଥିରୁ ପ୍ରାୟ ୧୮ ହଜାର ବିସ୍ଫୋରକ ଜେଲେଟିନ୍ ଷ୍ଟିକ୍ ଏବଂ ୪ହଜାର ୮ଶହ ଡେଟୋନେଟର ମିଳିଥିଲା। ଏସବୁ ବିସ୍ଫୋରକ ସାମଗ୍ରୀକୁ ତରଭୁଜ ପେଟିରେ ପ୍ୟାକ୍ କରି ଏକ ମିନି ଟ୍ରକ୍‌ରେ ବୋଝେଇ କରି ଚୋରା ଚାଲାଣ କରାଯାଉଥିଲା। ବୁଧବାର ରାତି ପ୍ରାୟ ୯ଟାରେ ପାଲକ୍କଡ ସରକାରୀ ମେଡିକାଲ କଲେଜ ନିକଟ ୟକ୍କାରା ସର୍ଭିସ ରୋଡରେ ଏହି ବିସ୍ଫୋରକଗୁଡ଼ିକୁ ଜବତ କରାଯାଇଛି। ଏହି ଘଟଣାରେ, ପୁଲିସ ଲରି ଡ୍ରାଇଭର ସେନ୍ଥିଲ କୁମାରଙ୍କୁ ଅଟକ ରଖିଛି, ଯିଏ ତାମିଲନାଡୁର ବାସିନ୍ଦା ବୋଲି ଜଣାପଡ଼ିଛି।

ପୁଲିସ କହିବା ଅନୁଯାୟୀ, ସାଉଥ୍ ଇନ୍ସପେକ୍ଟର ବିପିନ କୁମାରଙ୍କ ଦ୍ୱାରା ମିଳିଥିବା ସୂଚନା ଆଧାରରେ ଏହି ଅପରେସନ୍ କରାଯାଇଥିଲା। ଯାଞ୍ଚ ସମୟରେ ଏକ ମିନି ଟ୍ରକ୍‌କୁ ଅଟକାଇବାକୁ ଚେଷ୍ଟା କରାଯାଇଥିଲା, କିନ୍ତୁ ଡ୍ରାଇଭର ଗାଡ଼ିକୁ ଅଟକାଇନଥିଲା। ତା'ପରେ ପୁଲିସ ଏହି ଟ୍ରକ୍‌କୁ ପିଛା କରିଥିଲା ଓ ଶେଷରେ ସର୍ଭିସ ରୋଡରେ ଗାଡ଼ିକୁ ଅଟକାଇବାରେ ସଫଳ ହୋଇଥିଲା। ଭଲଭାବେ ଯାଞ୍ଚ କରିବା ପରେ ଏଥିରୁ ପ୍ରାୟ ୧୮ ହଜାର ଜେଲେଟିନ୍ ଷ୍ଟିକ୍ ଏବଂ ୪ହଜାର ୮ଶହ ଡେଟୋନେଟର ଜବତ କରାଯାଇଥିଲା। ତେବେ କେରଳରେ ଏହା ପ୍ରଥମ ଘଟଣା ନୁହେଁ। ଗତ ବର୍ଷ ମଧ୍ୟ ପାଲକ୍କଡ ଓ କୋଏମ୍ବାଟୁର ପୁଲିସ ମିଳିତ ଭାବରେ ତାମିଲନାଡୁରୁ କେରଳକୁ ଅଣାଯାଉଥିବା ୪୦ ହଜାରରୁ ଅଧିକ ଜେଲେଟିନ୍ ଷ୍ଟିକ୍ ଓ ପ୍ରାୟ ୫ହଜାର ଡେଟୋନେଟର ଜବତ କରିଥିଲା।

ଅନ୍ତରୀଣ ବଜେଟ୍ ଉପସ୍ଥାପନ କଲା ମମତା ସରକାର

# ଲକ୍ଷ୍ମୀ ଭଣ୍ଡାର ଯୋଜନାରେ ଭତ୍ତା ରାଶି ୫୦୦ ଟଙ୍କା ବଢ଼ିଲା

**କୋଲକାତା,୫/୨/ଏଜେନ୍ସି:** ଗୁରୁବାର ପଶ୍ଚିମବଙ୍ଗ ବିଧାନସଭାରେ ରାଜ୍ୟ ବଜେଟ୍ ଉପସ୍ଥାପିତ ହୋଇଛି। ପଶ୍ଚିମବଙ୍ଗ ଅର୍ଥମନ୍ତ୍ରୀ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ମୋଟ୍ ୪.୦୬ ଲକ୍ଷ କୋଟି ଟଙ୍କାର ଅନ୍ତରୀଣ ବଜେଟ୍ ଉପସ୍ଥାପନ କରିଛନ୍ତି। ତେବେ ଏହି ଅନ୍ତରୀଣ ବଜେଟ୍‌ରେ, ମମତା ବାନାର୍ଜୀଙ୍କ ସରକାର ମୁଖ୍ୟତଃ ମହିଳା ଏବଂ ଗିଗ୍ କର୍ମଚାରୀଙ୍କୁ ଅଧିକ ଫୋକସ୍‌ରେ ରଖିଥିବା ପ୍ରତୀତ ହୋଇଛି। ମମତା ସରକାର ରାଜ୍ୟରେ ପ୍ରଚଳିତ ହୋଇଆସୁଥିବା 'ଲକ୍ଷ୍ମୀ ଭଣ୍ଡାର' ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କୁ ମିଳୁଥିବା ଭତ୍ତା ରାଶିରେ ୫୦୦ ଟଙ୍କା ବୃଦ୍ଧି କରିଛନ୍ତି, ଯାହା ଦ୍ୱାରା ମୋଟ ୨୪.୨ ନିୟୁତ ମହିଳା ଉପକୃତ ହୋଇଛନ୍ତି। ପୂର୍ବରୁ ଏହି ଯୋଜନା ଅନ୍ତର୍ଗତ ସାଧାରଣ ବର୍ଗର ମହିଳାଙ୍କୁ ମାସିକ ୧ ହଜାର ଟଙ୍କା ମିଳୁଥିବା ବେଳେ ଏସ୍‌ସି/ଏସ୍‌ଟି ବର୍ଗର ହିତାଧିକାରୀ ୧୨୦୦ ଟଙ୍କା ପାଉଥିଲେ। ଏବେ ଏହା ଯଥାକ୍ରମେ ୧୫୦୦ ଏବଂ ୧୭୦୦କୁ ବୃଦ୍ଧି ପାଇବ। ତେବେ ବର୍ଦ୍ଧିତ ପରିମାଣ ଫେବୃଆରୀ ୨୦୨୬ରୁ କାର୍ଯ୍ୟକାରୀ ହେବ। ସେହିପରି ଗିଗ୍ କର୍ମଚାରୀ, ଅର୍ଥାତ ଜୋମାଟୋ ଏବଂ ସ୍ୱିଗି ଭଳି ପ୍ଲାଟଫର୍ମରେ କାମ କରୁଥିବା ଲୋକଙ୍କୁ ଏଣିକି 'ସ୍ୱାସ୍ଥ୍ୟ ସାଥୀ' ଭଳି ସାମାଜିକ ସୁରକ୍ଷା ଯୋଜନା ଯୋଗାଇ ଦିଆଯିବ। ଏହା ବ୍ୟତୀତ, ମମତା ବାନାର୍ଜୀ ସରକାର ଅଙ୍ଗନୱାଡି କର୍ମୀଙ୍କ ମୃତ୍ୟୁ କ୍ଷେତ୍ରରେ ସେମାନଙ୍କ ପିଲାମାନଙ୍କୁ ୫ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦେବାକୁ ମଧ୍ୟ ବଜେଟ୍‌ରେ ଘୋଷଣା କରିଛନ୍ତି। ଏତଦ୍‌ବ୍ୟତୀତ ରାଜ୍ୟ ସରକାର ବେକାର ଯୁବକ



ଯୁବତୀମାନଙ୍କୁ (୨୧ରୁ ୪୦ ବର୍ଷ) ୧,୫୦୦ ଟଙ୍କା ଲେଖାଏ ମାସିକ ଭତ୍ତା ପ୍ରଦାନ କରିବା ପାଇଁ ଏକ ନୂତନ ଯୋଜନା ମଧ୍ୟ ଘୋଷଣା କରିଛନ୍ତି। ସେହିପରି ସରକାରୀ କର୍ମଚାରୀଙ୍କ ପାଇଁ ମଧ୍ୟ ମହଙ୍ଗା ଭତ୍ତାକୁ ୪% ବୃଦ୍ଧି କରିଛନ୍ତି। ଯଦିଓ ମମତା ବାନାର୍ଜୀ ସରକାରଙ୍କ ଏହି ପଦକ୍ଷେପକୁ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ଏକ ନୂତନ ରଣନୀତି ଭାବରେ ବିବେଚନା କରାଯାଉଛି, କିନ୍ତୁ ମମତା କହିଛନ୍ତି ଏହା କେବଳ ରାଜ୍ୟବାସୀଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତିର ଅଂଶବିଶେଷ, ନିର୍ବାଚନୀ ଘୋଷଣା ନୁହେଁ। ସେହିପରି ମମତା କହିଛନ୍ତି, ଆଜି ଘୋଷଣା କରାଯାଇଥିବା ମାସିକ ଭତ୍ତାଗୁଡ଼ିକ ଆସନ୍ତା ଅଗଷ୍ଟ ମାସରୁ ଲାଗୁହେବ ଯଦି ତାଙ୍କ ଦଳ ଟିଏମ୍‌ସି ପୁଣିଥରେ ସରକାର ଗଢ଼ିବାରେ ସଫଳ ହୁଏ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra